# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୭/୨୦୨୬ (୧୬ ପୃଷ୍ଠା) | Bhubaneswar, Wednesday, January 7/2026 | Page 16 | ₹ 7.00

୫୨ଶ ଭାଗ ୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 45 | ମୂଲ୍ୟ ₹୭/-


DSPL - 458





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ରାଜ୍ୟରେ ୧୧୮ଟି
# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ଆଇନ, ପୂର୍ତ୍ତ, ଅବକାରୀ, ଓଡ଼ିଶା

**ଡଃ ସମ୍ବିତ ପାତ୍ର**
ସାଂସଦ, ପୁରୀ, ଓଡ଼ିଶା

**ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ**
ବିଧାୟକ, ଖୋର୍ଦ୍ଧା, ଓଡ଼ିଶା

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର, ଭୁବନେଶ୍ୱର, ଓଡ଼ିଶା

**୭ ଜାନୁଆରୀ ୨୦୨୬ । ପୂର୍ବାହ୍ନ ୧୧.୦୦ଘଟିକା । ପଲଟଣ ପଡ଼ିଆ, ବାଣପୁର, ଖୋର୍ଦ୍ଧା**

OIPR-27068/13/0095/2526

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

## ହସ୍ପିଟାଲରେ ସୋନିଆ

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଶ୍ୱାସଜନିତ ଅସୁବିଧାର ସମ୍ମୁଖୀନ ହେବାରୁ ତାଙ୍କୁ ମଙ୍ଗଳବାର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ୭୯ ବର୍ଷୀୟା ସୋନିଆଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି ଏବଂ ସେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିଛନ୍ତି କଂଗ୍ରେସ ସୂତ୍ରରୁ ପ୍ରକାଶ।



ପ୍ରୟାଗରାଜରେ ମଙ୍ଗଳବାର ମାଘମେଳା ଚାଲିଥିବାବେଳେ ସଙ୍ଗମସ୍ଥଳରେ ନୌକାଗୁଡ଼ିକୁ ବନ୍ଧାଯାଇଛି।

## ବିଜୟଙ୍କୁ ସିବିଆଇ ଡାକରା

ଚେନ୍ନାଇ,୬।୧



ତାମିଲ ଅଭିନେତାରୁ ରାଜନେତା ସାଜିଥିବା ବିଜୟଙ୍କୁ କରୁର ଦଳାଚକଟା ଘଟଣାରେ ଜେରା କରିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ସମନ କରାଯାଇଛି। ଚଳିତବର୍ଷ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଗତ ସେପ୍ଟେମ୍ବର ୨୭ରେ କରୁର ସହରସ୍ଥିତ ଭେଲୁସାମିପୁରମ୍‌ରେ ତାମିଲାଗା ଭେଟ୍ରି କାଝାଗାମ୍ (ଟିଭିକେ) ସୁପ୍ରିମୋ ବିଜୟଙ୍କ ରାଲିରେ ଦଳାଚକଟା ହୋଇଥିଲା। ଏଥିରେ ୯ ଶିଶୁଙ୍କ ସମେତ ୪୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଆସନ୍ତା ୧୨ରେ ପଚରାଉଚରା ପାଇଁ ନୂଆଦିଲ୍ଲୀସ୍ଥିତ ସିବିଆଇ ଅଫିସରେ ହାଜର ହେବା ଲାଗି ଏଥିରେ ନିର୍ଦ୍ଦେଶ ରହିଛି।

## ଜେଏନ୍‌ୟୁରେ ମୋଦି, ଶାହା ବିରୋଧୀ ସ୍ଲୋଗାନ

ନୂଆଦିଲ୍ଲୀ,୬।୧(ପି.ଟି.)

୨୦୨୦ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଉମର ଖାଲିଦ ଓ ଶର୍ଜିଲ ଇମାମଙ୍କୁ ସୁପ୍ରିମକୋର୍ଟ ଜାମିନ ଦେବାକୁ ମନା କରିଦେବା ପରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ଆପତ୍ତିଜନକ ସ୍ଲୋଗାନ ଦିଆଯାଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଦିଲ୍ଲୀ ପୋଲିସ ତଦନ୍ତ ଆରମ୍ଭ କରିଛି। ଜେଏନ୍‌ୟୁ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, କ୍ୟାମ୍ପସ୍‌ରେ କୌଣସି ପ୍ରକାର ଦେଶବିରୋଧୀ କିମ୍ବା ବେଆଇନ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ। ଏନେଇ ସୋମବାର ଏଫ୍‌ଆଇଆର୍ କରାଯାଇଛି। ଆପତ୍ତିଜନକ ସ୍ଲୋଗାନ ଦେଇଥିବା ଛାତ୍ରୀଛାତ୍ର ଧରାପଡ଼ିଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଟାରିଫ୍‌କୁ ନେଇ ମୋଦି ମୋ ଉପରେ ଖୁସି ନୁହନ୍ତି: ଟ୍ରମ୍ପ୍

ୱାଶିଂଟନ୍,୬।୧(ପି.ଟି.)

ରୁଷୀୟ ତୈଳ କ୍ରୟ ବାବଦକୁ ୱାଶିଂଟନ୍ ନୂଆଦିଲ୍ଲୀ ଉପରେ ଉଚ୍ଚ ଟାରିଫ୍ ଲଗାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଉପରେ ଖୁସି ନୁହନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି। ହାଉସ୍ ଜିଓପି ମେମ୍ବର ରିଟ୍ରିଟ୍‌କୁ ମଙ୍ଗଳବାର ସମ୍ବୋଧିତ କରି ଟ୍ରମ୍ପ୍ କହିଛନ୍ତି, ମୋଦି ତାଙ୍କୁ ଦେଖିବାକୁ ଯାଇଥିଲେ। ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି। କିନ୍ତୁ ଟାରିଫ୍‌କୁ ନେଇ ମୋଦି ତାଙ୍କ ଉପରେ ଖୁସି ନ ଥିବା ଟ୍ରମ୍ପ୍ କହିଛନ୍ତି। ତେବେ ଭାରତ ରୁଷିଆଠାରୁ ପୂର୍ବାପେକ୍ଷା ତୈଳ କ୍ରୟ ବହୁ ପରିମାଣରେ କମ୍ କରିଥିବା ସେ କହିଛନ୍ତି।

## ଚିଠା ତାଲିକାରୁ କଟିଲେ ୨.୮୯ କୋଟି ଭୋଟର

### ୟୁପି ଏସ୍‌ଆଇଆର୍

ଲକ୍ଷ୍ନୌ/ନୂଆଦିଲ୍ଲୀ,୬।୧

ଉତ୍ତର ପ୍ରଦେଶରେ ନିର୍ବାଚନ କମିଶନ ଚଳାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚିଠା ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଉକ୍ତ ତାଲିକାରେ ୧୨.୫୫ କୋଟି ଭୋଟର ସ୍ଥାନ ପାଇଥିବାବେଳେ ୨.୮୯ କୋଟିଙ୍କୁ ହଟାଯାଇଛି।

ୟୁପିରେ ପୂର୍ବରୁ ମୋଟ ୧୫.୪୪ କୋଟି ଭୋଟର ପଞ୍ଜୀକୃତ ହୋଇଥିଲେ। ଏସ୍‌ଆଇଆର୍ ପ୍ରକ୍ରିୟାରେ ସେମାନଙ୍କ ମଧ୍ୟରୁ ୧୮.୭୦% ଅର୍ଥାତ୍ ୨.୮୯ କୋଟି ମତଦାତାଙ୍କୁ ହଟାଇ ଦିଆଯାଇଛି। ୪୬.୨୩ ଲକ୍ଷ ଭୋଟରଙ୍କ ମୃତ୍ୟୁ



ଘଟିଥିବାବେଳେ ୨.୧୭ କୋଟି ମତଦାତା ସ୍ଥାୟୀ ଭାବେ ଅନ୍ୟତ୍ର ପଳାୟନ କରିଛନ୍ତି। ୨୫.୪୭ ଲକ୍ଷ ଭୋଟର ଏକାଧିକ ସ୍ଥାନରେ ନିଜ ନାମ ପଞ୍ଜୀକରଣ କରିଛନ୍ତି। ଏହି କାରଣରୁ ସେମାନଙ୍କ ନାମକୁ ଚିଠା ତାଲିକାରୁ ବାଦ୍ ଦିଆଯାଇଥିବା ବିଷୟ ୟୁପି ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନବଦୀପ ରିନ୍‌ୱା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଚୂଡ଼ାନ୍ତ ଭୋଟର ତାଲିକା ମାର୍ଚ୍ଚ ୬ରେ ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଏସ୍‌ଆଇଆର୍ ପ୍ରକ୍ରିୟା ପରେ ପ୍ରକାଶିତ ଚିଠା ଭୋଟର ତାଲିକାକୁ ନେଇ ବିରୋଧୀ ଦଳଗୁଡ଼ିକ ଉଭୟ ନିର୍ବାଚନ କମିଶନ ଓ ଭାଜପାକୁ ସମାଲୋଚନା କରିଛନ୍ତି। ୟୁପି କଂଗ୍ରେସ ସଭାପତି ଅଜୟ ରାୟ କହିଛନ୍ତି, ଏସ୍‌ଆଇଆର୍ ପାଇଁ ଦିଆଯାଇଥିବା ସମୟ ପର୍ଯ୍ୟାପ୍ତ ନ ଥିଲା। ଏହା ଏକ ଅତି ତରବରିଆ ନିଷ୍ପତ୍ତି। ଯେଉଁଳି ଭାବେ ଏସ୍‌ଆଇଆର୍ ଆରମ୍ଭ କରାଯାଇଥିଲା, ଉତ୍ତର ପ୍ରଦେଶ ଭଳି ବଡ଼ ରାଜ୍ୟ ପାଇଁ ମାସେ ସମୟ ଦେବା ଅଯୌକ୍ତିକ। ସେହିପରି ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ତାଙ୍କ ସ୍ତ୍ରୀ ଡିମ୍ପଲ ଯାଦବଙ୍କ ସଂସଦୀୟ ଆସନ ମୈନପୁରୀରେ ନିର୍ବାଚନ କମିଶନ ବୈଧ ଭୋଟରଙ୍କ ନାମ କାଟିଦେଇଛନ୍ତି। ଭୋଟର ବିକ୍ଷୋଭ କରିବା ପୂର୍ବରୁ କମିଶନ ନିଜ ଭୁଲ୍ ସୁଧାରନ୍ତୁ। ନଚେତ୍ ପରିଣତି ଭଲ ହେବ ନାହିଁ ବୋଲି ଅଖିଳେଶ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଦେଶର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ୟୁପିରେ ୨୦୨୫ ଅକ୍ଟୋବର ୨୭ରେ ଏସ୍‌ଆଇଆର୍ କରାଯିବା ନେଇ ଘୋଷଣା କରାଯାଇଥିଲା। ତାଲିକାରୁ ଅଧିକ ସଂଖ୍ୟକ ଭୋଟରଙ୍କ ନାମ ହଟାଯାଇଥିବା ନେଇ ରାଜନୈତିକ ଦଳଗୁଡ଼ିକ ଚିନ୍ତା ପ୍ରକଟ କରିବା ପରେ ଏସ୍‌ଆଇଆର୍ ଅବଧିକୁ ୩ ଥର ବଢ଼ାଯାଇଥିଲା।

## ବାଂଲାଦେଶରେ ଆଉ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା



**ଢାକା,୬।୧:** ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ଉଗ୍ରରୂପ ଧାରଣ କରିଥିବାବେଳେ ଆଉ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି। ୪୦ ବର୍ଷୀୟ ଗ୍ରୋସେରି ଦୋକାନୀ ମୋନି ଚକ୍ରବର୍ତ୍ତୀ ନରସିଂଦି ଜିଲାର ବାସିନ୍ଦା ଥିଲେ। ସୋମବାର ରାତି ୧୧ଟାରେ ସେ ଚାରସିନ୍ଦୂର ବଜାରରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ଅଜ୍ଞାତ ବ୍ୟକ୍ତିମାନେ ଧାରୁଆ ଅସ୍ତ୍ରରେ ହାଣି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ବାଂଲାଦେଶରେ କିଛି ସପ୍ତାହ ଧରି ହିଂସାତ୍ମକ ଆନ୍ଦୋଳନ ଚାଲିଥିବାବେଳେ ଏହା ହେଉଛି ହିନ୍ଦୁଙ୍କୁ ହତ୍ୟା କରିବାର ଚତୁର୍ଥ ଘଟଣା।

## ଆମ ରାଷ୍ଟ୍ରପତିଙ୍କୁ ମୁକ୍ତ କର

### ଭେନେଜୁଏଲାରେ ମାଦୁରୋ ସପକ୍ଷବାଦୀଙ୍କ ରାଲି

କାରାକାସ୍/ୱାଶିଂଟନ୍,୬।୧

ଭେନେଜୁଏଲାର ଗାଦିଚ୍ୟୁତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ମୁକ୍ତି ପାଇଁ ରାଜଧାନୀ କାରାକାସ୍ ସମେତ ଦେଶର ବିଭିନ୍ନ ଭାଗରେ ଆନ୍ଦୋଳନ ମୁଣ୍ଡ ଟେକିଛି। ମାଦୁରୋ ସମର୍ଥକମାନେ ତାଙ୍କ ସପକ୍ଷରେ ଓ ଆମେରିକା



ମାରିଆ କୋର୍ନିଆ ମାଚାଡୋ



ଭେନେଜୁଏଲାର ଗାଦିଚ୍ୟୁତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ସମର୍ଥକମାନେ କାରାକାସ୍‌ସ୍ଥିତ ନ୍ୟାଶନାଲ ଆସେମ୍ବ୍ଲି ବାହାରେ ତାଙ୍କ ଫଟୋ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନୂଆ ସଂସଦର ଶପଥ ଗ୍ରହଣ ବେଳେ ଖବର ସଂଗ୍ରହ କରୁଥିବା ୧୪ ଖବରଦାତାଙ୍କୁ ଅଟକ ରଖାଯାଇଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି। ଉପରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗୁଏଜ୍ କାର୍ଯ୍ୟକାରୀ ରାଷ୍ଟ୍ରପତି ରୂପେ ଶପଥ ନେଇଥିବାବେଳେ ଦେଶର ସାର୍ବଭୌମତ୍ୱ ଓ ସ୍ୱାର୍ଥ ରକ୍ଷା ଉଦ୍ୟମକୁ ରୁଷିଆ ସମର୍ଥନ ଜଣାଇଛି। ଇତିମଧ୍ୟରେ ଭେନେଜୁଏଲାର ମୁଖ୍ୟ ବିରୋଧୀ ଦଳ ନେତ୍ରୀ ମାରିଆ କୋର୍ନିଆ ମାଚାଡୋ ତାଙ୍କ ଶତ୍ରୁ ମାଦୁରୋଙ୍କୁ କ୍ଷମତାରୁ ହଟାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ଏଥିସହ ସେ ନିଜେ ରାଷ୍ଟ୍ରପତି ନିର୍ବାଚନ ଲଢ଼ି ବିଜୟୀ ହେବାକୁ ଆଶାବାଦୀ ଥିବା କହିଛନ୍ତି। ନୋବେଲ ଶାନ୍ତି ପୁରସ୍କାର ଗ୍ରହଣ କରିବା ପାଇଁ ଛଦ୍ମବେଶରେ ଭେନେଜୁଏଲାରୁ ପଳାୟନ କରିଥିବା ୫୮ ବର୍ଷୀୟା ମାଚାଡୋ କହିଛନ୍ତି, ସେ ଯଥାଶୀଘ୍ର ସମ୍ଭବ ନିଜ ଦେଶକୁ ଫେରିବା ପାଇଁ ଆଗ୍ରହୀ। ମୁକ୍ତ ଓ ଅବାଧ ନିର୍ବାଚନ ହେଲେ ସେ ୯୦%ରୁ ଅଧିକ ଭୋଟ ପାଇ କ୍ଷମତାକୁ ଆସିବେ ବୋଲି ଆଶାବାଦୀ ଥିବା ମାଚାଡୋ କହିଛନ୍ତି।

## ହରିୟାଣାରେ ଗଡ଼ିବ ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍

ନୂଆଦିଲ୍ଲୀ,୬।୧

ଦେଶର ପ୍ରଥମ ଉଦ୍‌ଜାନ ଚାଳିତ ଟ୍ରେନ୍ ହରିୟାଣାରେ ଧାଇଁବ। ନର୍ଦ୍ଦର୍ନ ରେଲୱେ ପକ୍ଷରୁ ଚଳାଚଳ କରିବାକୁ ଥିବା ଏହି ଟ୍ରେନ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତମାସରେ ଉଦ୍‌ଘାଟନ କରିବେ। ଏହି ପ୍ରକଳ୍ପ ଜିନ୍ଦ୍-ସୋନିପତ୍ ରୁଟ୍‌ରେ ଚଳାଚଳ କରିବ, ଯାହାକି ବର୍ତ୍ତମାନ ପ୍ରସ୍ତୁତିର ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।

ଜିନ୍ଦ୍‌ସ୍ଥିତ ହାଇଡ୍ରୋଜେନ୍ ଉତ୍ପାଦନ କେନ୍ଦ୍ରରେ ଏକ ସ୍ଥିର ତଥା ନିରନ୍ତର ୧୧କେଭି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଥିରୁ ଉକ୍ତ ଟ୍ରେନ୍‌କୁ ଇନ୍ଧନ ଯୋଗାଇ ଦିଆଯିବ। ହରିୟାଣା ମୁଖ୍ୟ ଶାସନ ସଚିବ ଅନୁରାଗ ରୋସ୍ତଗୀ ଦକ୍ଷିଣ ହରିୟାଣା ବିଜୁଳି ବିତରଣ ନିଗମ ଅଧିକାରୀମାନଙ୍କ ସହ ଏକ



ହାଇବ୍ରିଡ୍ ବୈଠକରେ ଏହି ପ୍ରକଳ୍ପର ଶକ୍ତି ବନ୍ଦୋବସ୍ତ ଉପରେ ସମୀକ୍ଷା କରିଛନ୍ତି। ଟ୍ରେନ୍ ଚଳାଚଳ ବେଳେ ଯେପରି କୌଣସି ବ୍ୟାଘାତ ନ ଘଟେ ସେଥିଲାଗି ନିୟମିତ ସମୀକ୍ଷା କରିବାକୁ ସେ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାରୀମାନେ କହିଛନ୍ତି, ୩,୦୦୦ କେ.ଜି. ସଂରକ୍ଷଣ ସୁବିଧା ବିଶିଷ୍ଟ ଭାରତର ସର୍ବବୃହତ୍ ହାଇଡ୍ରୋଜେନ୍ ପ୍ଲାଣ୍ଟ ଜିନ୍ଦ୍‌ରେ ପ୍ରତିଷ୍ଠା କରାଯାଇଛି। ଏଥିରେ ୧୨୦ କୋଟି ଟଙ୍କାର ନିବେଶ ହୋଇଥିବା ଉକ୍ତ ବୈଠକରୁ ଜଣାପଡ଼ିଛି।

## ସୁରେଶ କାଲମାଡ଼ିଙ୍କ ପରଲୋକ

ପୁଣେ,୬।୧

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ସୁରେଶ କାଲମାଡ଼ିଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ହୋଇଥିଲା। ଦୀର୍ଘଦିନ ଧରି ଅସୁସ୍ଥ ଥିବା ସୁରେଶ ମହାରାଷ୍ଟ୍ରର ପୁଣେସ୍ଥିତ ଦୀନାନାଥ ମଙ୍ଗେସ୍କର ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଆଖିବୁଜି ଦେଇଥିବା ଜଣାପଡ଼ିଛି। ୧୯୪୪ ମେ' ୧ରେ ପୁଣେରେ ଜନ୍ମିତ ସୁରେଶ ପୂର୍ବରୁ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ୍ (ଓଏଲ୍‌ଏ) ଅଧ୍ୟକ୍ଷ ଥିଲେ। ସେ ପୁଣେ ସଂସଦୀୟ ଆସନରୁ ଅନେକ ଥର ଜିତି ଲୋକ ସଭାରେ ପ୍ରତିନିଧିତ୍ୱ କରିଥିଲେ। ରାଜନୀତିକୁ ଆସିବା ପୂର୍ବରୁ ସୁରେଶ ୧୯୬୪ରୁ ୧୯୭୨ ପର୍ଯ୍ୟନ୍ତ ଭାରତୀୟ ବାୟୁସେନାରେ ପାଇଲଟ୍ ଭାବେ କାର୍ଯ୍ୟ କରିଥିଲେ। ୧୯୯୫ରୁ ୧୯୯୬ ମଧ୍ୟରେ ସେ କଂଗ୍ରେସ ସରକାର ଅମଳରେ ରେଳ ରାଷ୍ଟ୍ରମନ୍ତ୍ରୀ ଥିଲେ। ୨୦୧୦ରେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ଦୁର୍ନୀତିରେ ଛନ୍ଦିହୋଇ ୨୦୧୧ରେ ସେ ଜେଲ ଯାଇଥିଲେ। ଏଥିଯୋଗୁ କଂଗ୍ରେସ ତାଙ୍କୁ ନିଲମ୍ବନ କରିଥିଲା।



## ହରିଦ୍ୱାରରେ ଅଣହିନ୍ଦୁଙ୍କ ପ୍ରବେଶ କଟକଣା

### ଉତ୍ତରାଖଣ୍ଡ ସରକାରଙ୍କ ଯୋଜନା

ଡେରାଡୁନ୍,୬।୧

ହରିଦ୍ୱାରରେ ଥିବା ୧୦୫ଟି ଘାଟକୁ ଅଣହିନ୍ଦୁଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ପାଇଁ ଉତ୍ତରାଖଣ୍ଡ ସରକାର ବିଚାର କରୁଥିବା ଜଣାପଡ଼ିଛି। ସେହିପରି ହରିଦ୍ୱାର ଓ ଋଷିକେଶକୁ ପବିତ୍ର ସହର ରୂପେ ଘୋଷଣା କରିବା ନେଇ ମଧ୍ୟ ସରକାରଙ୍କ ଯୋଜନା ରହିଛି। ହର-କି-ପୌରି ଘାଟର ଦେଖାଶୁଣା କରୁଥିବା କେତେଜଣ ଧାର୍ମିକ ନେତା ଓ ଏକ ସଙ୍ଗଠନ ପକ୍ଷରୁ ଏପରି ଦାବି କରାଯିବା ପରେ ଉତ୍ତରାଖଣ୍ଡ ସରକାର ଏହି ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏପରି କଟକଣା ଜାରି ପାଇଁ ଉଦ୍ଦିଷ୍ଟ ୧୯୧୬ ମସିହାର ଏକ ଚୁକ୍ତି ଉପରେ ମଧ୍ୟ ରାଜ୍ୟ ସରକାର ସମୀକ୍ଷା କରୁଥିବା ଜଣାପଡ଼ିଛି। ୨୦୨୭ରେ ପଡୁଥିବା ଅର୍ଦ୍ଧକୁମ୍ଭ ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇପାରେ।

ହରିଦ୍ୱାରର ୧୨୦ ବର୍ଗ କି.ମି. ବିସ୍ତୃତ ଅଞ୍ଚଳରେ ଥିବା ୧୦୫ ଘାଟକୁ ଅଣହିନ୍ଦୁଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରିବା ପାଇଁ କେତେଜଣ ସାଧୁସନ୍ଥ ଦାବି କରିଛନ୍ତି। ହର-କି-ପୌରି ଘାଟର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଗଙ୍ଗା ସଭା ସଙ୍ଗଠନ ମଧ୍ୟ ଅନୁରୂପ ଦାବି କରିଛି। ଏହା ପରେ ଉତ୍ତରାଖଣ୍ଡର ଭାଜପା ସରକାର ହରିଦ୍ୱାର ଓ ଋଷିକେଶକୁ 'ସନାତନ ପବିତ୍ର ସହର' ରୂପେ ଘୋଷଣା କରିବାକୁ ଯୋଜନା ଚଳାଇଛନ୍ତି। ୨୦୨୭ ଜାନୁଆରୀ ୧୪ ମକର ସଂକ୍ରାନ୍ତିରେ ଆରମ୍ଭ ହେବାକୁ ଥିବା ଅର୍ଦ୍ଧକୁମ୍ଭ ମେଳାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ୧୯୧୬ରେ ଭାରତରତ୍ନ ପଣ୍ଡିତ ମଦନ ମୋହନ ମାଳବ୍ୟ ଓ ବ୍ରିଟିଶ ସରକାର ମଧ୍ୟରେ ସମ୍ପାଦନ ହୋଇଥିବା ଏ ସଂକ୍ରାନ୍ତ ଚୁକ୍ତିନାମାର



ବିବରଣୀକୁ ମଧ୍ୟ ସରକାର ଅନୁଧ୍ୟାନ କରୁଛନ୍ତି। ମାଳବ୍ୟ ଗଙ୍ଗାସଭାର ପ୍ରଥମ ଅଧ୍ୟକ୍ଷ ଥିଲେ। ଗଙ୍ଗାନଦୀର ପ୍ରବାହରେ ଯେପରି ବାଧା ନ ଉପୁଜେ ତାହା ସୁନିଶ୍ଚିତ କରି ହରିଦ୍ୱାରର ପବିତ୍ରତାକୁ ବଜାୟ ରଖିବା ପାଇଁ ଉକ୍ତ ଚୁକ୍ତିନାମାରେ ସହମତି ପ୍ରକାଶ ପାଇଥିଲା। ସେହିପରି ହରିଦ୍ୱାର ସହରକୁ ଅଣହିନ୍ଦୁମାନଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ନେଇ ସର୍ତ୍ତ ରଖାଯାଇଥିଲା। ଋଷିକେଶ ଓ ହରିଦ୍ୱାରରେ ଅଣହିନ୍ଦୁମାନେ ସ୍ଥାୟୀ ବାସିନ୍ଦା ହୋଇପାରିବେ ନାହିଁ ଏବଂ ସେମାନେ କେବଳ କାର୍ଯ୍ୟ ପାଇଁ ସେଠାକୁ ଯାଇପାରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ସୂତ୍ରରୁ ଜଣାପଡ଼ିଛି ଯେ, ରାଜ୍ୟ ସରକାର ଗମ୍ଭୀରତାର ସହ ମୂଳ ଚୁକ୍ତିନାମାର ନିୟମଗୁଡ଼ିକୁ ଫେରାଇ ଆଣିବା ପାଇଁ ଚିନ୍ତା କରୁଛନ୍ତି।

ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏନେଇ କହିଛନ୍ତି, ଦେବଭୂମିର ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦେବା ପାଇଁ ସରକାର ସବୁ ଜରୁରୀ ପଦକ୍ଷେପ ନେବେ। ସନାତନ ବିଶ୍ୱାସୀଙ୍କ ପାଇଁ ଉତ୍ତରାଖଣ୍ଡ ହେଉଛି ଆସ୍ଥାର କେନ୍ଦ୍ରସ୍ଥଳ। ହରିଦ୍ୱାର ଓ ଋଷିକେଶକୁ ସନାତନ ସହର ରୂପେ ଘୋଷଣା କରିବା ପାଇଁ ବିଚାର ଚାଲିଛି।

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୭/୨୦୨୬ | Bhubaneswar, Wednesday, January 7/2026 | ପୃଷ୍ଠା-୧




**ଷ୍ଟିଭ ସ୍ମିଥ୍‌ଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ପଞ୍ଚମ ଆଶେସ ଟେଷ୍ଟରେ ୧୨୯ ରନ କରି ଅପରାଜିତ ରହିଛନ୍ତି ଅଷ୍ଟ୍ରେଲିଆ ବ୍ୟାଟର ଷ୍ଟିଭ ସ୍ମିଥ୍।

୧୪

୦୮

**କାର୍ତ୍ତିକଙ୍କ ଜୀବନରେ 'ମିଷ୍ଟ୍ରି ଗର୍ଲ'ଙ୍କ ଏଣ୍ଟ୍ରି**

ଅଭିନେତ୍ରୀ ଶ୍ରୀଲୀଲାଙ୍କ ସହ ନାମ ଯୋଡ଼ାଯିବା ପରେ ଏବେ ଜଣେ ବିଦେଶୀ 'ମିଷ୍ଟ୍ରି ଗର୍ଲ'ଙ୍କ ସହ କାର୍ତ୍ତିକ ଆର୍ଯ୍ୟନଙ୍କ ଲିଙ୍କଅପ ଖବର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।






କଳା ବିକାଶ କେନ୍ଦ୍ର ଅଡିଟୋରିୟମ୍‌ରେ ମଙ୍ଗଳବାର କଟକ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ: ରାଜକିଶୋର ମହାନ୍ତି)

## ପାକିସ୍ତାନ ପାଇଁ ଗୁପ୍ତଚର: ପଠାନ୍‌କୋଟ୍‌ରୁ ନାବାଳକ ଗିରଫ

ପଠାନ୍‌କୋଟ,୬।୧

ପାକିସ୍ତାନୀ ଇଣ୍ଟେଲିଜେନ୍ସ ହେଣ୍ଡଲର୍ସଙ୍କୁ ଭାରତର ପ୍ରତିରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଯୋଗାଇବା ଅଭିଯୋଗରେ ପଞ୍ଜାବର ପଠାନ୍‌କୋଟ୍‌ରେ ଜଣେ ୧୫ ବର୍ଷୀୟ ନାବାଳକ ଗିରଫ ହୋଇଛନ୍ତି। ୨୦୨୫ ମେ'ରେ ଅପରେଶନ୍ ସିନ୍ଦୂର କରାଯିବା ପରଠୁ ଏତେ ସ୍ୱଳ୍ପ ବୟସର କୌଣସି ବ୍ୟକ୍ତି ଧରାପଡ଼ିବାରେ ଏହା ହେଉଛି ପ୍ରଥମ ଘଟଣା। ଏନେଇ ପଠାନ୍‌କୋଟ୍ ଏସ୍‌ଏସ୍‌ପି ଦଲଜିନ୍ଦର ସିଂ ଧିଲୋନ୍ କହିଛନ୍ତି, ସ୍ୱଳ୍ପବୟସ୍କ ବାଳକଙ୍କୁ ସୋସିଆଲ ମିଡିଆ ଜରିଆରେ କିଛିବର୍ଷ ହେଲା ଆତଙ୍କବାଦର ପାଠ ପଢ଼ାଯାଉଥିଲା। ସେ ପାକିସ୍ତାନର ସାମରିକ ଅଧିକାରୀ, ଆଇଏସ୍‌ଆଇ ଏଜେଣ୍ଟ ଏବଂ ଆତଙ୍କବାଦୀମାନଙ୍କ ଯୋଗସୂତ୍ରରେ ଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସୋମବାର ତାଙ୍କୁ ଧରାଯାଇଛି। କାରିଗରିରେ ନିପୁଣ ଏହି ନାବାଳକ ତଥ୍ୟ ହାସଲ ପାଇଁ ନିଜ ମୋବାଇଲ ଫୋନ୍‌କୁ କ୍ଲୋନ୍ କରିବାରେ ସଫଳ ହୋଇଥିଲେ। କ୍ଲୋନିଂ ଜରିଆରେ ହେଣ୍ଡଲରମାନେ ତାଙ୍କ ଡିଭାଇସ୍‌ରୁ ପ୍ରତ୍ୟକ୍ଷ ଭାବେ ତଥ୍ୟ ନେଇପାରୁଥିଲେ। ସେ ସମ୍ବେଦନଶୀଳ ସ୍ଥାନଗୁଡ଼ିକର ଭିଡିଓଗ୍ରାଫି କରିଛନ୍ତି। ତାଙ୍କ ଫୋନ୍‌କୁ ସେହି ପ୍ରକାର ହ୍ୟାକ୍ କରାଯାଇଥିଲେ, ସୂଚନା ମଧ୍ୟ ସେମାନଙ୍କ ହସ୍ତଗତ ହୋଇଥିବ ବୋଲି ଏସ୍‌ଏସ୍‌ପି କହିଛନ୍ତି।

ତଦନ୍ତରୁ ଜଣାପଡ଼ିଛି ଯେ, ବର୍ଷକ ତଳେ ଜମ୍ମୁ-କଶ୍ମୀର ବାସିନ୍ଦା ଏହି ନାବାଳକଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ତେବେ ନାବାଳକ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଥିବା ମନେକରୁଥିଲେ। ଏହି ଧାରଣା ତାଙ୍କ ମନସ୍ତତ୍ତ୍ୱକୁ ପ୍ରଭାବିତ କରିଥିବାରୁ ସୋସିଆଲ ମିଡିଆ ଜରିଆରେ ପାକିସ୍ତାନୀ ଏଜେନ୍ସିଗୁଡ଼ିକ ଦ୍ୱାରା ବିଛାଯାଇଥିବା ଜାଲରେ ସହଜରେ ସେ ଫସିଯାଇଥିଲେ। ଉଲ୍ଲେଖଯୋଗ୍ୟ, ପଠାନ୍‌କୋଟ୍‌ରେ ଭାରତୀୟ ବାୟୁସେନାର ଏକ ରଣନୈତିକ ଘାଟି ରହିଛି। ୨୦୧୬ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ ଉକ୍ତ ଘାଟି ଉପରେ ଆକ୍ରମଣ କରିବା ପରଠୁ ଏହା ହାଇଆଲର୍ଟରେ ରହିଛି।

## ଝାରସୁଗୁଡ଼ାରେ ୭୨ବର୍ଷର ରେକର୍ଡ ଭାଙ୍ଗିଲା ତାପମାତ୍ରା

### ପୁଣି ଲେଉଟିଲା ଶୀତ

ଭୁବନେଶ୍ୱର,୬।୧(ବନ୍ଦନା ସେଠୀ)

ରାଜ୍ୟକୁ ପୁଣି ଲେଉଟିଲା ଶୀତ। ଗତ ୨ଦିନ ହେବ ଶୀତ ସାମାନ୍ୟ କମ୍ ଥିବାବେଳେ ମଙ୍ଗଳବାରଠାରୁ ଶୀତ ପ୍ରକୋପ ପୁଣି ବୃଦ୍ଧି ପାଇଛି। ଆଗାମୀ ୪ଦିନରେ ଏହା ଆହୁରି ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆଗାମୀ ୪ଦିନରେ ରାତି ତାପମାତ୍ରା ୧ରୁ ୨ଡିଗ୍ରୀ ହ୍ରାସ ପାଇବା ସହିତ ଅଧିକ ଥଣ୍ଡା ଅନୁଭୂତ ହେବ। ଏହାପରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଆଗାମୀ ୩ଦିନ ଅର୍ଥାତ୍ ଶୁକ୍ରବାର ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, କଟକ, ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

୧୦୫ ଘାଟ

## ବରଗଡ଼ରେ ଶିଶୁକନ୍ୟାଙ୍କୁ ବଳାତ୍କାର, ହତ୍ୟା ମାମଲା

# ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳରେ ୨୦୨୪ ନଭେମ୍ବର ୧୫ରେ ଜଣେ ୬ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ଅତି ନିର୍ମମଭାବେ ହତ୍ୟା କରିବା ମାମଲାରେ ଅଭିଯୁକ୍ତଙ୍କୁ ପୋକ୍‌ସୋ ଅଦାଲତ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିଛନ୍ତି। ଘଟଣାକୁ ବିରଳରୁ ଅତି ବିରଳତମ ଦର୍ଶାଇ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଇଛି। ସମାଜରେ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧକୁ ରୋକିବାରେ ଏହି ଦଣ୍ଡାଦେଶ ଏକ ଉଦାହରଣ ସୃଷ୍ଟି କରିବ ବୋଲି କୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ହେଲେ ଫାଶୀଦଣ୍ଡ ପାଉଥିବା ଅଭିଯୁକ୍ତମାନେ ପରବର୍ତ୍ତୀ ସମୟରେ ଆଇନର ସୁବିଧା ନେଇ ଉପର ଅଦାଲତଙ୍କ ଦ୍ୱାରସ୍ଥ ହେଉଛନ୍ତି। ମାମଲାକୁ ଅନେକ ଦିନ ପର୍ଯ୍ୟନ୍ତ ଗଡ଼ାଇବା ସହ କେତେକ କ୍ଷେତ୍ରରେ ଦଣ୍ଡକୁ କୋହଳ ମଧ୍ୟ କରାଯାଉଥିବା ଦେଖିବାକୁ ମିଳୁଛି। ଆମ ରାଜ୍ୟରେ ତଳ କୋର୍ଟରେ ମୃତ୍ୟୁଦଣ୍ଡ ପାଇଥିବା କୌଣସି ଅଭିଯୁକ୍ତଙ୍କୁ ଗତ ୩ଦଶନ୍ଧି ମଧ୍ୟରେ ଫାଶୀଖୁଣ୍ଟରେ ଝୁଲାଯାଇପାରି ନାହିଁ। ତଥ୍ୟ ଅନୁସାରେ ୧୯୯୪ରେ ଶେଷଥର ପାଇଁ ବଳାତ୍କାର ଏବଂ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲରେ ଫାଶୀଖୁଣ୍ଟରେ ଝୁଲାଯାଇଥିଲା। ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳୁ ନ ଥିବାରୁ ଦୋଷୀ ସାବ୍ୟସ୍ତ ହୋଇ ମଧ୍ୟ ଆଇନର ଗଳାବାଟ ଦେଇ ଖସିଯାଉଥିବାରୁ ଅନ୍ୟ ଅପରାଧୀଙ୍କ ମନରେ ଅପରାଧ ଘଟାଇବା ପାଇଁ ଭୟ ସୃଷ୍ଟି ହେଉନାହିଁ। ଗତ ୧୦ବର୍ଷ ମଧ୍ୟରେ ବିଭିନ୍ନ ମାମଲାରେ ତଳ କୋର୍ଟଙ୍କ ଦ୍ୱାରା ଫାଶୀ ଦଣ୍ଡାଦେଶ ପାଇଥିବା ୧୩ ଅଭିଯୁକ୍ତଙ୍କ ଦଣ୍ଡାଦେଶକୁ ହାଇକୋର୍ଟ କୋହଳ କରିଥିବା ଜଣାପଡ଼ିଛି।

ବରଗଡ଼,୬।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳରେ ୨୦୨୪ ନଭେମ୍ବର ୧୫ରେ ସଂଘଟିତ ଶିଶୁକନ୍ୟା(୬)ଙ୍କୁ ଅପହରଣକରି ନେଇ ବଳାତ୍କାର ପରେ ହତ୍ୟା ଘଟଣାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ବରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ ଅଦାଲତର ସ୍ୱତନ୍ତ୍ର ବିଚାରପତି ଡ. କିରଣ କୁମାର ପ୍ରଧାନ ଏହି ମାମଲାର ଶୁଣାଣିକରି ଅଭିଯୁକ୍ତ ପାଇକମାଳ ଥାନା ମହୁଲପାଲି ଗ୍ରାମର ପ୍ରଶାନ୍ତ ବାଗ ଓରଫ୍ ବରିହା(୨୫)ଙ୍କୁ ମୃତ୍ୟୁ ଦଣ୍ଡାଦେଶ କରିଛନ୍ତି। ୩୭ଜଣଙ୍କ ସାକ୍ଷ୍ୟ ଗ୍ରହଣ, ୫୫ ଦସ୍ତାବିଜ ଏବଂ ୨୭ ବିଭିନ୍ନ ସାମଗ୍ରୀକୁ ଆଧାରକରି ବିଚାରପତି ଏହି ରାୟ ଦେଇଛନ୍ତି। ଏହାସହ ମୃତ ଶିଶୁକନ୍ୟାଙ୍କ ପରିବାର ଲୋକଙ୍କୁ ୧୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଗଠନହେବା ଦିନଠାରୁ ବରଗଡ଼ରେ ମୃତ୍ୟୁ ଦଣ୍ଡାଦେଶ ପ୍ରଥମ ହୋଇଥିବାବେଳେ ଏଭଳି ଏକ ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତତ୍କାଳୀନ ସରକାରୀ ଓକିଲ(ଭାରପ୍ରାପ୍ତ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର) ଦ୍ୱିତୀଶ କୁମାର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।



ଅଭିଯୁକ୍ତ ପ୍ରଶାନ୍ତ ବାଗ

ପ୍ରକାଶ ଯେ, ୨୦୨୪ ନଭେମ୍ବର ୧୫ ପୂର୍ବାହ୍ନ ପ୍ରାୟ ୯ଟାରେ ଶିଶୁକନ୍ୟା ତାଙ୍କ ଜେଜେବାପାଙ୍କ ସହ ଘରେ ଥିବାବେଳେ ଅଭିଯୁକ୍ତ ପ୍ରଶାନ୍ତ ମଧ୍ୟ ତାଙ୍କ ସହିତ ଉପସ୍ଥିତ ଥିଲେ। ଶିଶୁକନ୍ୟାଙ୍କ ମା'ବାପା କ୍ଷେତକୁ ଧାନକାଟିବାକୁ ଯାଇଥିଲେ। ତେବେ ଅଭିଯୁକ୍ତ ମାଛ ଧରିବା ଆଳଦେଖାଇ ଶିଶୁକନ୍ୟାଙ୍କୁ ଘରୁ ଡାକି ନେଇଥିଲେ। ଏହାପରେ ଶିଶୁକନ୍ୟାଙ୍କ ଜେଜେବାପା ମଧ୍ୟ ଧାନ କାଟିବାକୁ କ୍ଷେତକୁ ଯାଇଥିଲେ। ମଧ୍ୟାହ୍ନ ୧୨ଟାରେ କ୍ଷେତରୁ ଧାନ କାଟି ସାରି ଶିଶୁକନ୍ୟାଙ୍କ ଜେଜେବାପା ଘରକୁ ଫେରିଥିଲେ। ମାତ୍ର ସେତେବେଳେ ଅଭିଯୁକ୍ତ ପ୍ରଶାନ୍ତ କେବଳ ଘରେ ଥିଲେ। ଶିଶୁକନ୍ୟାଙ୍କୁ ଘରେ ଦେଖିବାକୁ ନ ପାଇ ଜେଜେବାପା ତାଙ୍କ ନାତୁଣୀଙ୍କ ସମ୍ପର୍କରେ ପ୍ରଶାନ୍ତଙ୍କୁ ପଚାରିଥିଲେ। ମାତ୍ର ପ୍ରଶାନ୍ତ କିଛି ଜାଣି ନ ଥିବା କହିଥିଲେ।

ଏହାପରେ ପରିବାର ଲୋକେ ଶିଶୁକନ୍ୟାଙ୍କୁ ଖୋଜାଖୋଜି କରିଥିଲେ ଏବଂ ଗାଁ ନିକଟ ଜଙ୍ଗଲରେ ଉଲଗ୍ନ ଅବସ୍ଥାରେ ଶିଶୁକନ୍ୟାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଏନେଇ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଚଳାଇଥିଲା। ତଦନ୍ତରେ ପ୍ରଶାନ୍ତଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଅଧିକ ପଚରାଉଚରା ☞ପୃଷ୍ଠା-୨

## ମାର୍ଚ୍ଚ ୮ ସୁଦ୍ଧା ବାଳିକାଙ୍କ ଶୌଚାଳୟ ସଜାଡ଼: ଅନୁ ଗର୍ଗ

### ୩ ବିଭାଗକୁ ସରକାରଙ୍କ ଟାର୍ଗେଟ୍

ଭୁବନେଶ୍ୱର,୬।୧(ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ବାଳିକା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମାର୍ଚ୍ଚ ୮ ପୂର୍ବରୁ ଯେପରି ଶୌଚାଳୟ ସୁନିଶ୍ଚିତ ହେବ ସେନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସଂପୃକ୍ତ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆଦିଲ୍ଲୀଠାରେ ଡିସେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟସ୍ତରୀୟ ମୁଖ୍ୟ ଶାସନ ସଚିବ ସମ୍ମିଳନୀର ନିଷ୍ପତ୍ତିକୁ ନେଇ ମୁଖ୍ୟ ଶାସନ ସଚିବ ଗର୍ଗ ୩ଟି ବିଭାଗକୁ ଏପରି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିମଧ୍ୟରେ ମହିଳା ଓ ଶିଶୁ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ରହିଛି। ସମ୍ପୃକ୍ତ ୩ ବିଭାଗକୁ କୁହାଯାଇଛି, ବିକଶିତ ଭାରତ ପାଇଁ ମାନବ ସମ୍ବଳର ସର୍ବାଧିକ ଗୁରୁତ୍ୱ ରହିଛି। ଏହି ଦୃଷ୍ଟିରୁ ☞ପୃଷ୍ଠା-୯

## ଗାନ୍ଧୀଙ୍କ ନାଁରେ ରାଜନୈତିକ ଫାଇଦା ପାଇଁ ହୋଇଥିଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୧(ସୁନିତ୍ ମିଶ୍ର)

ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ(ଭିବି ଜି ରାମ ଜି) ବିଲ୍ ସଂସଦରେ ପାସ୍ ହୋଇ ଆଇନରେ ପରିଣତ ହୋଇଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଏହି ଯୋଜନାର ଲକ୍ଷ୍ୟ। ଉକ୍ତ ଆଇନର ନାମକରଣ ଜରିଆରେ ବିକଶିତ ଭାରତର ଲକ୍ଷ୍ୟକୁ ଯୋଡ଼ାଯାଇଛି। ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରୋଜଗାର ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇପାରିବ, ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ। କେବଳ ଗାନ୍ଧୀଙ୍କ ନାମକୁ ବ୍ୟବହାରକରି ରାଜନୈତିକ ଫାଇଦା ଉଠାଇବା ଆମର ଲକ୍ଷ୍ୟ ନୁହେଁ। ବିରୋଧୀ ଦଳଗୁଡ଼ିକ ବିଭିନ୍ନ ଅପପ୍ରଚାର କରୁଛନ୍ତି। ଏହାକୁ କୃଷକ ଓ ଗରିବ ବିରୋଧୀ ବୋଲି ଦର୍ଶାଉଛନ୍ତି। ଏନ୍‌ଆର୍‌ଇଜିଏସ୍ ଯୋଜନାରେ ମହାତ୍ମା ଗାନ୍ଧୀଙ୍କ ନାମକୁ ଯୋଡ଼ି ୨୦୦୯ରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ନାମିତ କରାଯାଇଥିଲା। ଗାନ୍ଧୀଙ୍କ ନାମକୁ ବ୍ୟବହାରକରି ରାଜନୈତିକ ଫାଇଦା ଉଠାଇବାକୁ ଉପା ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର କୃଷକ ଓ ଗରିବଙ୍କ ରୋଜଗାର ବୃଦ୍ଧି ପାଇଁ ସ୍ୱାଧୀନତା ପୂର୍ବରୁ ଓ ପରେ ଅନେକ ଥର ପ୍ରୟାସ କରାଯାଇଛି। ୧୮୭୬ରୁ ୧୮୭୮ ମଧ୍ୟରେ ଭାରତରେ ଦୁର୍ଭିକ୍ଷ ହୋଇଥିଲା। ଏହା ପରବର୍ତ୍ତୀ ଅବସ୍ଥାରେ ବ୍ରିଟିଶ ଶାସନ ସମୟରେ ୧୮୮୦ରେ ଦୁର୍ଭିକ୍ଷ ବୋର୍ଡ ପ୍ରସ୍ତୁତ କରାଯାଇଥିଲା। ଏଥିରେ ଲୋକଙ୍କୁ ସହାୟତା ଦେବା ପାଇଁ କାମ ବାଧ୍ୟତାମୂଳକ ଥିଲା। କିନ୍ତୁ ଲୋକଙ୍କର କୌଣସି ଅଧିକାର ନ ଥିଲା। ସ୍ୱାଧୀନତା ପରେ ସମ୍ବିଧାନର ଧାରା ୪୧ ଅନୁଯାୟୀ ଦେଶର ଆର୍ଥିକ ସମ୍ବଳକୁ ଦୃଷ୍ଟିରେ ରଖି ଲୋକଙ୍କୁ କାମ ଯୋଗାଇବା ଏକ ନୈତିକ ଦାୟିତ୍ୱ ବୋଲି କେନ୍ଦ୍ର ସରକାର ସେତେବେଳେ ହୃଦୟଙ୍ଗମ କରିଥିଲେ। ମାତ୍ର ଏହାକୁ କାର୍ଯ୍ୟକାରୀ କରାଇବା ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଥିଲେ। ୧୯୬୦ ଏବଂ ୧୯୭୧ରେ ଗ୍ରାମୀଣ ରୋଜଗାର ପାଇଁ ନୂଆ ଯୋଜନା କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା, ଯଦି କାମ ଥିବ ତେବେ ସେମାନଙ୍କୁ କାମ ଯୋଗାଇ ଦିଆଯିବ। ମାତ୍ର ଲୋକଙ୍କ ପାଇଁ ଆଦୌ କର୍ମନିଯୁକ୍ତି ସୃଷ୍ଟି କରାଯାଉ ନ ଥିଲା। ଗଳାବାଟ ଥିବା ଯୋଗୁ ଗରିବ ଚାଷୀ, ମୂଲିଆ ଶୋଷିତ ହେଉଥିଲେ। ସେହିପରି ପ୍ରଶାସନିକ କାର୍ଯ୍ୟାନ୍ୱୟନରେ ମଧ୍ୟ ବିଫଳତା ଯୋଗୁ ଏସବୁ ଯୋଜନା ଅନେକ ସମୟରେ ଅସଫଳ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏଭଳି ଅନେକ ଯୋଜନା କରାଯାଇଥିଲେ ମଧ୍ୟ ତାହା ସବୁ ବିଫଳ ହୋଇଥିଲା। ଲକ୍ଷ୍ୟହୀନତା, ଦୁର୍ବଳ ବିକେନ୍ଦ୍ରୀକରଣ ଓ ଦୁର୍ନୀତି ☞ପୃଷ୍ଠା-୨

## ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର,୬।୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'X'ରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ପରିଶ୍ରମୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜନ୍ମଦିନର ଶୁଭେଚ୍ଛା। ସେ ଓଡ଼ିଶାର ବିକାଶ ପଥକୁ ବୃଦ୍ଧିକରିବା ଏବଂ ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତକରିବା ପାଇଁ ଉଲ୍ଲେଖନୀୟ ପ୍ରୟାସ କରିଛନ୍ତି। ଲୋକଙ୍କ ସେବାରେ ତାଙ୍କର ଦୀର୍ଘ ଏବଂ ସୁସ୍ଥ ଜୀବନ ☞ପୃଷ୍ଠା-୨

## ସରକାର ଲଗାଇଲେ 'ଏସ୍ମା'

### ଡାକ୍ତରଙ୍କ ଆନ୍ଦୋଳନ

ଭୁବନେଶ୍ୱର,୬।୧(ରବିନାରାୟଣ ଜେନା)

ରାଜ୍ୟରେ ଡାକ୍ତର ସଂଘ(ଓମ୍‌ସା) ପକ୍ଷରୁ ଜାରି ରହିଥିବା ଆନ୍ଦୋଳନକୁ ପ୍ରଶମିତ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର କଠୋର କାର୍ଯ୍ୟାନୁଷ୍ଠାନସ୍ୱରୂପ ଜରୁରୀ ସେବା ପରିଚାଳନା ଆଇନ(ଏସ୍ମା) ଲାଗୁ କରାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିରେ ସଚିବ ଦର୍ଶାଇଛନ୍ତି, ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଡାକ୍ତର, ନର୍ସିଂ ଅଫିସର, ଫାର୍ମାସୀ ଅଫିସର, ଅନ୍ୟାନ୍ୟ ପାରାମେଡିକାଲ କର୍ମଚାରୀ, ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସରସ୍ୱତୀ ଶିକ୍ଷା ମନ୍ଦିରର ୨୦ତମ ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନହରକଣ୍ଟା ସ୍ଥିତ ଉଦୟବେଦ କଲେଜ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ପକ୍ଷରୁ ୪ର୍ଥ ବାର୍ଷିକ ରାଜ୍ୟସ୍ତରୀୟ ଅଧିବେଶନ, ସ୍ଥାନ: ଭଞ୍ଜ କଳା ମଣ୍ଡପ, ସମୟ: ସକାଳ ୯ଟା ୩୦।
- ଶ୍ରୀ ପିତିପାବନ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ବାଲିଅନ୍ତା ବ୍ଲକର କାଳରୁଦ୍ରପୁରସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସଂସ୍କୃତି ବିହାର, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଉପଖଣ୍ଡସ୍ତରୀୟ କୃଷି ଓ ଯନ୍ତ୍ରପାତି ମେଳା, ସ୍ଥାନ: ବାଲିଅନ୍ତା ବ୍ଲକର ଉଞ୍ଚାଗଡ଼ାସ୍ଥିତ ଶ୍ରୀ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ୱେଲଫେୟାର ଆସୋସିଏଶନ୍ ଏବଂ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ଆସୋସିଏଶନ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୁମ୍ବିନୀ ହଲ୍, ହୋଟେଲ ଶାଲେ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଯାଜପୁର ରୋଡ୍–ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୪୫।
- ପିଏମ୍ ଶ୍ରୀ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟର ୧୩ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକର ବେଗୁନିଆପଡ଼ା ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

**କଟକ**
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଶିଳାନ୍ୟାସ, ସ୍ଥାନ: ସରକାରୀ ହାଇସ୍କୁଲ, ମୁଣ୍ଡଳି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଅନ୍‌ଲାଇନ ସେଫଟି ଓ ସାଇବର ସଚେତନତା ଅଭିଯାନ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଖୋର୍ଦ୍ଧା**
- ରାଜ୍ୟର ୧୧୮ଟି ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ପଲାଶ ପଡ଼ିଆ, ବାଣପୁର, ସମୟ: ପୂର୍ବାହ୍ନ ୧୧ଟା।
- ଗିନି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

**ପୁରୀ**
- ଆରଣ୍ୟ ମହୋତ୍ସବ ପକ୍ଷରୁ ବୈଠକ, ସ୍ଥାନ: ଫେଟ୍ ଫାଇବର ମାଲଖାନା ରୁମ୍, ବେଦୀ ଘାଟ, ସମୟ: ମଧ୍ୟାହ୍ନ ୧୨ଟା।
- ବିଦ୍ୟୁତ୍ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ରୟାଲ ମଣ୍ଡପ, ଅଠରନଳା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀକ୍ଷେତ୍ର ପୁସ୍ତକ ମେଳା, ସ୍ଥାନ: ଭୋଲାନାଥ ବିଦ୍ୟାପୀଠ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା–୨୦୨୬, ସ୍ଥାନ: ଫିଲ୍ଲା, ବାଲେଶ୍ୱର, ସମୟ: ସକାଳ ୯ଟା।
- ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କାଳିଆଖିଆ ସରକାରୀ ବିଦ୍ୟାଳୟ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ, ସ୍ଥାନ: ରେଳ ଷ୍ଟେସନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ୬ ଧାନମଣ୍ଡିର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସେବା ସମବାୟ ସମିତି ପରିସର, ସମୟ: ମଧ୍ୟାହ୍ନ ୧୨ଟା।

**ଭଦ୍ରକ**
- କଂଗ୍ରେସର ବଞ୍ଚୁମିଳନ ସମାରୋହ, ସ୍ଥାନ: ଡିଗିପୋଖରୀ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଗାନ୍ଧୀନଗର, ପଲିଆବିନ୍ଧା, ନିଶ୍ଚନ୍ତପୁର, ମଙ୍ଗଳପୁର, ବାସୁଦେବପୁର, ଚାନ୍ଦବାଲି ସମବାୟ ସମିତି କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଗଣେଶ୍ୱର ଅର୍ପଣିବେଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଭଦ୍ରକ ସାଂସ୍କୃତିକ ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା, ସ୍ଥାନ: ଏଆରଟିଓ କାର୍ଯ୍ୟାଳୟ, ବଡ଼ବିଲ, ସମୟ: ସକାଳ ୭ଟା।

**ମୟୂରଭଞ୍ଜ**
- ଷ୍ଟେସନ ଆଥଲେଟିକ ଆସୋସିଏସନ ପକ୍ଷରୁ ରଘୁନାଥ ପ୍ରମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଷ୍ଟେସନବଜାର ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ସ୍ନାତକ ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, କୁସୁମୀ, ସମୟ: ପୂର୍ବାହ୍ନ ୧୦ଟା।
- ମାଡସିଙ୍ଗା ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ, ମାଡସିଙ୍ଗା ଜଶିପୁର, ଗୋପବନ୍ଧୁନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମୋହନପୁର ଆଶ୍ରମ ବିଦ୍ୟାଳୟ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- କିୟାପଡ଼ା ଏଡ଼ୁଏଡ଼ି ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କିୟାପଡ଼ା, ଆରପଟା, ଗୋପବନ୍ଧୁନଗର, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ 'ଉମଙ୍ଗ'–୨୦୨୬, ସ୍ଥାନ: ପିଡ଼ିପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦା, ସମୟ: ଅପରାହ୍ନ ୪ଟା।

**ବ୍ରହ୍ମପୁର**
- ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଗୋପାଳ କୃଷ୍ଣ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୪୫।

**ଗଞ୍ଜାମ**
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବୁଗୁଡ଼ା ବ୍ଲକ ତାଳସାକର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ସୌରଭ ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା, ମା ମାଳିଖୋଲା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

**କନ୍ଧମାଳ**
- ମଶାଲ ଶୋଭାଯାତ୍ରା, ସ୍ଥାନ: ଫୁଲବାଣୀ ନାରାୟଣୀ ମନ୍ଦିର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ, ସ୍ଥାନ: ଫୁଲବାଣୀସ୍ଥିତ କରୋନେଶନ ପଡିଆ, ସମୟ: ସକାଳ ୯ଟା।
- ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ : ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଡ଼ଗାଁ, ବାଲିଗୁଡ଼ା,ସମୟ: ପୂର୍ବାହ୍ନ ୧୧ଟା।
- କନ୍ଧମାଳ ମହୋତ୍ସବ, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

**ଢେଙ୍କାନାଳ**
- ନବଜ୍ୟୋତି ଯୁବକ ସଂଘର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ:ଅନନ୍ତପୁର କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ ଟା।

**ଜଗତ୍‌ସିଂହପୁର**
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଥରବନ୍ଧ ନେହେରୁବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ନୋଡାଲଉଚ୍ଚ ବିଦ୍ୟାଳୟ, କୋରୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାନ: ବୋଧେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶ୍ରୀଚନ୍ଦନପୁର, ମହାକାଳପଡ଼ା, ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବେଲାରପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡ଼ିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଟାଉନ ପ୍ରଶାସନିକ ଭବନ ପଡ଼ିଆ,ସମୟ: ପୂର୍ବାହ୍ନ ୧୦ଟା।
- ଆମ ବଡ଼ଚଣା ମହୋତ୍ସବ ଉଦ୍‌ଘାଟୀନ ଉତ୍ସବ, ସ୍ଥାନ: ବଡ଼ଚଣା ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୫ଟା।

**ନୟାଗଡ଼**
- ନୟାଗଡ଼ ଜିଲାସ୍ତରୀୟ ୭ମ ସ୍କାଉଟ୍ ଗାଇଡ୍ କ୍ୟାମ୍ପୋର ଉଦ୍‌ଯାପନ ଦିବସ, ସ୍ଥାନ:ନୂଆଗାଁ ବ୍ଲକ ଡିମିରିପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ଦିବସରେ ତମାଣ୍ଡୋ କ୍ରିକେଟ କ୍ଲବ ବନାମ ବ୍ରହ୍ମପୁର କ୍ରିକେଟ କ୍ଲବ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ବଡ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟର ଜଟଣୀ ବନାମ ଭୁବନେଶ୍ୱର, ସ୍ଥାନ:ଖଣ୍ଡପଡା ବ୍ଲକ ଅଫିସ ସମ୍ମୁଖ ପଡିଆ, ସମୟ:ଅପରାହ୍ନ ୩ଟାରୁ ରାତ୍ର ୮ଟା।
- ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ସୋରଣ ବନାମ ଇଟାମାଟି, ସ୍ଥାନ:ଖଣ୍ଡପଡା ବ୍ଲକ ଅଫିସ ସମ୍ମୁଖ ପଡିଆ, ସମୟ:ଅପରାହ୍ନ ୪ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ଼ ନିଉଟାଉନ ସ୍ଥିତ ପିଡବ୍ଲୁଡି ଲେନ୍‌ର ନୟାଗଡ଼ ପ୍ୟାଲେସ, ସମୟ:ଅପରାହ୍ନ ୪ଟା।
- ରଣପୁର ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ରଣପୁର ବାଘ ସାମନ୍ତ ପଡିଆ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଚନ୍ଦ୍ରପୁର, କଦମା, ସମୟ: ପୂର୍ବାହ୍ନ ୧୦ଟା।
- ଲିଭିଙ୍ଗ ଫାର୍ମସ ପକ୍ଷରୁ ଖାଦ୍ୟ ମେଳା, ସ୍ଥାନ: ଝୁରିଗାଁ, କାଶିପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

**ନବରଙ୍ଗପୁର**
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡ଼ାସ୍ଥିତ ସରକାରୀ ୟୁଜିଏଚ୍ ବିଦ୍ୟାଳୟ, ସ୍ଥାନ: ରାଇଘର, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ନବରଙ୍ଗପୁର ମଣ୍ଡେଇ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡାବୁଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଡାବୁଗାଁସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନନ୍ଦପୁର ବ୍ଲକ ଖମରା ପ୍ରାଥମିକ ବିଦ୍ୟାଳୟ, ସ୍ଥାନ: କୁନ୍ଦୁରା ବ୍ଲକ କେରିମିଟି ଉଚ୍ଚ ବିଦ୍ୟାଳୟ , ରାଣୀଗୁଡ଼ା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଯ୍ୟଟନ ବିକାଶ ପରିଷଦର ଚତୁର୍ଥ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ଅପରାହ୍ନ ୨ଟା।
- ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା ୩୦।
- ପିଏମ ଶ୍ରୀ ଉତ୍ସବ, ସ୍ଥାନ: ବାଳିକା ଉଚ୍ଚ ଆବାସିକ ବିଦ୍ୟାଳୟ କାଉଡିଆଗୁଡା, ସାଗରଗୁଡା, ସମୟ: ଅପରାହ୍ନ ୫ଟା।
- ପୁଷପୁନି ମହୋତ୍ସବ ଉଦଯାପନୀ ସମାରୋହ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ପଡ଼ିଆ, ସାଗରଗୁଡ଼ା, ସମୟ: ସନ୍ଧ୍ୟା ୭ଟା।

**ମାଲକାନଗିରି**
- ମାଲ୍ୟବନ୍ତ ମହୋତ୍ସବ ତାରିଖ ନିର୍ଦ୍ଧାରଣ ସମ୍ବନ୍ଧୀୟ ବୈଠକ, ସ୍ଥାନ: ମାଲକାନଗିରି ଡିଆରଡିଏ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**
- ପିଏମ୍‌ଶ୍ରୀ ମେଳା, ସ୍ଥାନ: କୁସୁମୀ ବଳରାମ ହାଇସ୍କୁଲ, କୁଚିଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦର ପ୍ରସ୍ତୁତି ବୈଠକ, ସ୍ଥାନ: କୁମ୍ଭାରପଡାସ୍ଥିତ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀର ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୧ଟା।
- ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ପାରୁଆଭାଡି ନୋଡାଲ ହାଇସ୍କୁଲ, କୁଚିଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପଲ୍ଲିଶ୍ରୀ ମେଳା, ସ୍ଥାନ : ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

**ବଲାଙ୍ଗୀର**
- ଜିଲାସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ତେଣ୍ଡାପଦର, ପାଟଣାଗଡ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଞ୍ଚଳିକ ନୋଡାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।

**ସୁନ୍ଦରଗଡ଼**
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ଲେଫ୍ରିପଡା ବ୍ଲକ ଦର୍ଲିପାଲି ସ୍ଥିତ ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ:୧୧ଟା।
- ଜିଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ମାଦ୍ରିକାଲୋ ଭବନ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

**ବରଗଡ଼**
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ହାଇସ୍କୁଲ, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ବ୍ଲକ ମେଦିନୀପୁର, ସମୟ: ଅପରାହ୍ନ ୫ଟା।

**ବୌଦ୍ଧ**
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭେଜିଗୋରା, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ସୁଜନ ନାଗ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।
- ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୫ଟା ୩୦।

**ନୂଆପଡ଼ା**
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଘାଟନ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନୂଆପଡା ସଦର ବ୍ଲକ କଲ୍ୟାଣପୁର, ମାଗୁରପାଣି ଓ ବୂଳାଭାଟ ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ରଙ୍କ ସହିତ କେତୁ ଯୁକ୍ତ ହୋଇଥିବାରୁ ସନ୍ତାନଙ୍କ ଯୋଗୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଜୀବନରେ ଅଶାନ୍ତି ଉପୁଜିପାରେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହିତ ସ୍ଥଗିତ କାମକୁ ଆରମ୍ଭ କରିପାରନ୍ତି। ବିଶେଷତଃ ଦ୍ୱିଜା ନକ୍ଷତ୍ର ଆଜି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ**
ପାପଗ୍ରହ ଅଷ୍ଟମସ୍ଥ ହୋଇ ଧନଭାବକୁ ପ୍ରଭାବିତ କରୁଥିବାରୁ ଟଙ୍କା ପଇସା ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ। ବନ୍ଧୁଙ୍କ ଅସୁବିଧାକୁ ସୁଧାରିବା ପରିପ୍ରେକ୍ଷୀରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ରହିପାରନ୍ତି। ତୃତୀୟସ୍ଥାନ ରାହୁଙ୍କ ଦୃଷ୍ଟିରେ ଥିବାରୁ ଭ୍ରାତୃ ସମ୍ପର୍କରେ ସମସ୍ୟା ସୃଷ୍ଟିହେବ।

**ମିଥୁନ**
ଧନାଧିପ ତୃତୀୟରେ ପାପଯୁକ୍ତ କାରଣରୁ ଅର୍ଥସମ୍ପର୍କୀୟ କଳହଜନିତ ମନ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଘର ଖର୍ଚ୍ଚ ଦି'ଗୁଣା ହୋଇପାରେ। ମୃଗଶିରା ନକ୍ଷତ୍ର ସକାଶେ ଋଣ କରାଇଦେବା ପାଇଁ ଜଣେ ବନ୍ଧୁ ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ**
ଷଷ୍ଠାଧିପ ଦ୍ୱାଦଶସ୍ଥ ଯୋଗୁ ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିପାରେ। ଅଶ୍ଳେଷା ନକ୍ଷତ୍ରର ସ୍ୱାସ୍ଥ୍ୟ ଅବସ୍ଥା ନିମ୍ନଗାମୀ ହେବା କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସମସ୍ୟା ରହିଥିଲେ ମଧ୍ୟ ଆପଣଙ୍କ କର୍ମପ୍ରବାହ ଆଗକୁ ଗଡ଼ି ଚାଲିବାରେ କୌଣସି ପ୍ରତିବନ୍ଧକ ରହିବନାହିଁ। ପାରିବାରିକ ସୌହାର୍ଦ୍ଦ୍ୟ, ସାମାଜିକ ସମ୍ମାନ ଓ ଆର୍ଥିକସ୍ଥିତି ମନ୍ଦ ହେବନାହିଁ।

**ସିଂହ**
ଶନିଙ୍କ ଦୃଷ୍ଟିଜନିତ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ନ ହୋଇପାରେ। ପରିବାରରେ ସନ୍ତାନଙ୍କ ସମସ୍ୟା, ପରୀକ୍ଷାରେ ସାକ୍ଷାତ୍‌କାରଜନିତ ସାମୟିକ ମାନସିକ ଅସ୍ଥିରତା ସୃଷ୍ଟିହେବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ବିବାଦୀୟ ପରିସ୍ଥିତି ନିୟନ୍ତ୍ରଣରେ ରହିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାର ସୁଯୋଗ ମିଳିବ। ବୈଷୟିକ ଅଭିବୃଦ୍ଧି ଘଟିବ।

**କନ୍ୟା**
ଚତୁର୍ଥଭାବରେ ଏକାଧିକ ଗ୍ରହ ପାରିବାରିକ ଜୀବନରେ ହଟଚମଟ ସୃଷ୍ଟି କରିପାରନ୍ତି। ଗାଡ଼ିମୋଟର ଚାଳନାରେ, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ, ନିର୍ମାଣକ୍ଷେତ୍ରରେ ସତର୍କ ରହିବା ଭଲ ହେବ। ଲାଭାଧିପ ବ୍ୟୟଭାବରେ ଅବସ୍ଥାନ କରୁଥିବାରୁ କିଛି ପାଇବାକୁ ଯାଇ କିଛି ହରାଇବାକୁ ପଡ଼ିପାରେ।

**ତୁଳା**
ଆପଣଙ୍କ ରାଶି ପାଇଁ ଆଜିର ଗ୍ରହସ୍ଥିତି ଅନୁକୂଳ ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ। ନିଜ ଲୋକଙ୍କ ଅପେକ୍ଷା ବାହାର ଲୋକଙ୍କ ସହ ସମ୍ପର୍କ ଦୃଢୀଭୂତ ହେବ। ସାହିତ୍ୟ, ସଙ୍ଗୀତ, ମନୋରଞ୍ଜନ କାର୍ଯ୍ୟରେ ପ୍ରଶଂସିତ ହେବେ। କିନ୍ତୁ ସ୍ୱାତୀ ନକ୍ଷତ୍ର ଦୂରଯାତ୍ରାରୁ ଦୂରେଇ ରହିବାକୁ ମନସ୍ଥ କରିପାରନ୍ତି।

**ବିଛା**
ଉଚ୍ଚାରୋହୀ ମଙ୍ଗଳଙ୍କ ଯୋଗୁ ଆଜି ଦୈହିକ, ମାନସିକ ଓ ଆର୍ଥିକ ଦିଗଟି ଭଲ ରହିବ। କିନ୍ତୁ ସ୍ୱଜନ ବିବାଦ, ପଡ଼ୋଶୀଙ୍କ ଅପପ୍ରଚାର ଏବଂ କର୍ମକ୍ଷେତ୍ରରେ ଉଦାସୀନତା ଲାଗିରହିବ। ଅନ୍ୟମାନଙ୍କ ସକାଶେ ନିଜକୁ ସନ୍ତୁଳିତ ହେବାକୁ ପଡ଼ିପାରେ। ସାଙ୍ଗଠନିକ କାର୍ଯ୍ୟରେ, ରାଜନୀତିରେ, ଆନୁଷ୍ଠାନିକ କାମରେ ପ୍ରଶଂସିତ ହୋଇପାରନ୍ତି।

**ଧନୁ**
ଆଜିର ଗ୍ରହଯୋଗ ଆପଣଙ୍କୁ ବିବାଦ ସମାଧାନରେ, କ୍ରୟବିକ୍ରୟର ମଧ୍ୟସ୍ଥତାରେ ସଫଳତା ପ୍ରଦାନ କରିବ। ଚନ୍ଦ୍ର ଓ କେତୁ ପ୍ରଭାବରେ କୂଟନୈତିକ ଆଲୋଚନାରେ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ। ଅନାବଶ୍ୟକ କଥାବାର୍ତ୍ତା ବିବାଦର କାରଣ ହେବ। ଦୈହିକ ସୁସ୍ଥତା, ଆର୍ଥିକ ଅଭିବୃଦ୍ଧି ଓ  ଲକ୍ଷ୍ୟହାସଲରେ ଆନନ୍ଦ ଅନୁଭବ କରିପାରନ୍ତି।

**ମକର**
ରବିଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରେ ବିଶିଷ୍ଟବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ଶୁକ୍ରଙ୍କ ଶୁଭଦୃଷ୍ଟିରୁ ମନୋରଞ୍ଜନର ମଉକା ଜୁଟିପାରେ। ପ୍ରତ୍ୟାବର୍ତ୍ତନ ପଥରେ ମୂଲ୍ୟବାନ ଜିନିଷ କିଣିବାକୁ ମନ ବଳାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସଙ୍ଗକୁ ସହଜରେ କାମ ମଧ୍ୟ ହାସଲ କରିପାରିବେ।

**କୁମ୍ଭ**
ଏକାଦଶସ୍ଥ ପାପଗ୍ରହ ଆପଣ ଠିକ୍ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପକାଇପାରନ୍ତି। ବିଶେଷ ଶ୍ରମ ଓ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ହୋଇପାରେ। କର୍ମକ୍ଷେତ୍ରରେ ଭାବିଚିନ୍ତି ସତର୍କତାମୂଳକ ପଦକ୍ଷେପ ନ ନେଲେ ପରେ ପସ୍ତେଇବାକୁ ପଡ଼ିବ। ବ୍ୟବସାୟିକ ଉତ୍କର୍ଷତା ସହ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବାର ସୌଭାଗ୍ୟ ଅର୍ଜନ କରିବେ।

**ମୀନ**
ବୃହସ୍ପତିଙ୍କ ସୁପ୍ରଭାବରେ ଆରୋଗ୍ୟଲାଭ, କାର୍ଯ୍ୟସିଦ୍ଧି, ସଫଳ ଆଲୋଚନା ମାନସିକ ସ୍ଥିତିକୁ ଦୃଢୀଭୂତ କରିବ। କର୍ମ କ୍ଷେତ୍ରରେ ନିଚଜାତିର ବ୍ୟକ୍ତିଙ୍କ ସହ ଉଚ୍ଚବାଚ ଘଟିପାରେ। ଆଜିର ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ରାଜନୈତିକ, ସାମାଜିକ, ପ୍ରଶାସନିକ ଓ ଅର୍ଥନୈତିକ ସ୍ଥିତି ବାଧାପ୍ରାପ୍ତ ହେବନାହିଁ।

ଆଜି ଜନୁଆରୀ ୭ ତାରିଖ, ମାଘ କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ବୁଧବାର। ରାଶିନକ୍ଷତ୍ର–ଦିବା ଘ.୧୧.୫୭ମି. ଗତେ, ପୂର୍ବାଫାଲଗୁନୀ/ସିଂହ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୬ମି. ଗତେ ଘ.୦୮.୩୭ମି. ମଧ୍ୟେ, ଘ.୧୦.୪୭ମି. ଗତେ ଘ.୧୧.୫୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୧୪ମି. ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅବେଳରେ ଆଲିଙ୍ଗନ
ଚାହିଁଲେ ପତି
ଦିନବେଳେ ଲଜ୍ଜାକର
କହିଲେ ସତୀ।**

ଦାମ୍ପତ୍ୟ ଜୀବନରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ଯେତେ ନିବିଡ଼ ହେଲେ ସୁଦ୍ଧା ତାହା ଦିନବେଳେ ସମ୍ପାଦିତ ହେବା ଅତ୍ୟନ୍ତ ଲଜ୍ଜାକର ହୋଇଥାଏ। ସତୀ ଏବଂ ସାଧ୍ୱୀ ପତ୍ନୀ ଏହାକୁ ଆଦୌ ପ୍ରଶ୍ରୟ ଦିଅନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଇଲା ସଂକ୍ରାନ୍ତି ନାନୀ
ସାଙ୍ଗରେ ପୁନିଅଁ ପରବ ଘେନି।**

ରଜକୁ ଏଠାରେ ସଂକ୍ରାନ୍ତି ନାନୀ ବୋଲି ଦର୍ଶାଯାଇଛି। ସାଧାରଣତଃ ରଜ ସଂକ୍ରାନ୍ତି ପରେ ବର୍ଷର ପୁନେଇଁ ପରବ ଆରମ୍ଭ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ଦୋଷୀଙ୍କୁ ମୃତ୍ୟୁ...

କରିଥିଲା। ପ୍ରଶାନ୍ତ ଶିଶୁକନ୍ୟାଙ୍କୁ ବଳାତ୍କାର ଏବଂ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ସେ ପ୍ରଥମେ ଏକ ବେଲ୍ଟରେ ଶିଶୁକନ୍ୟାଙ୍କୁ ଶ୍ୱାସରୁଦ୍ଧ କରିଥିଲେ। କାଳେ ବଞ୍ଚିଯାଇଥିବେ ଭାବି ପୁଣି ଏକ ବଡ଼ ପଥର ପୀଡ଼ିତାଙ୍କ ମୁଣ୍ଡ ଉପରେ କଚାଡ଼ି ହତ୍ୟା କରିଥିବା ସେ ସ୍ୱୀକାର କରିଥିଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଶିଶୁକନ୍ୟାଙ୍କ ଜେଜେବାପାଙ୍କ ଏତଲାକୁ ଭିତ୍ତିକରି ପୋଲିସ ପୋକ୍ସୋ ଆକ୍ଟରେ ଏକ ମାମଲା(ନଂ.୨୮୮/୨୦୨୪) ରୁଜୁକରି ଅଧିକ ତଦନ୍ତ ଚଳାଇଥିଲା। ବରଗଡ଼ ଏସ୍‌ପି ପି.ଏସ୍. ମୀନା ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ତତ୍କାଳୀନ ପଦ୍ମପୁର ଥାନା ଅଧିକାରୀ ମମତା ନାଏକ ତଦନ୍ତ ଅଧିକାରୀଭାବେ ରହିଥିଲେ। ଘଟଣା ଘଟିବାର ୨୦ଦିନ ମଧ୍ୟରେ ପୋଲିସ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା ଏବଂ ପରେ ବିଚାର ପ୍ରକ୍ରିୟା ଆଗେଇ ଚାଲିଥିଲା। ସାକ୍ଷ୍ୟ ଗ୍ରହଣ ସହ ବଳିଷ୍ଠ ପ୍ରମାଣ ମିଳିବା ପରେ ଗତ ଡିସେମ୍ବର ୨୬ରେ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ମଙ୍ଗଳବାର ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ କୋର୍ଟ ଶୁଣାଇଥିଲେ। କୋର୍ଟଙ୍କ ରାୟକୁ ସମସ୍ତେ ସ୍ୱାଗତ କରିଛନ୍ତି। ଏନେଇ ଶିଶୁକନ୍ୟାଙ୍କ ମା' କହିଛନ୍ତି, ଝିଅକୁ ଅମାନୁଷିକଭାବେ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିବା ଯୋଗୁ ବିଚାରପତିଙ୍କୁ ଜୁହାର। ଯେଉଁଦିନ ଅଭିଯୁକ୍ତଙ୍କୁ ଫାଶୀ ଦିଆଯିବ, ସେହିଦିନ ତାଙ୍କ ଝିଅର ଆତ୍ମାକୁ ଶାନ୍ତି ମିଳିବ ବୋଲି କାନ୍ଦିକାନ୍ଦି ଶିଶୁକନ୍ୟାଙ୍କ ମା' କହିଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ଦିଲୀପ ବେହେରା କହିଛନ୍ତି, ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦେବାକୁ ଅଞ୍ଚଳବାସୀ ଆରମ୍ଭରୁ ଦାବି କରି ଆସିଥିଲେ। ଆଜି ନ୍ୟାୟ ମିଳିଛି।

## ଗାନ୍ଧୀଙ୍କ ନାଁରେ...

ଯୋଗୁ ବିଭିନ୍ନ ସମୟରେ ଏହିସବୁ ଯୋଜନା ସଫଳ ହୋଇପାରିନାହିଁ। ଗରିବ ଓ ଶ୍ରମିକଙ୍କ ପାଇଁ ଏହା କେବେ ଫଳପ୍ରଦ ହୋଇପାରି ନ ଥିଲା। ୨୦୦୫ରେ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା (ଏନ୍‌ଆର୍‌ଇଜିଏସ୍) ଆରମ୍ଭ କରାଯାଇଥିଲା। ଗତ ୨୦ ବର୍ଷ ଧରି ସାରା ଦେଶରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ୨୦୦୯ରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତ ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ନାମିତ କରାଯାଇଥିଲା। ମାତ୍ର ଏହାର ମୌଳିକ ଢାଞ୍ଚାରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା। ଗାନ୍ଧୀଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବାକୁ ଉପା ସରକାର ଏହି ଯୋଜନା କାର୍ଯ୍ୟ କରିଥିଲା। ଏଥିରେ ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ଦେବା ପାଇଁ ନିୟମ ଥିଲେ ମଧ୍ୟ ବାସ୍ତବରେ କେବଳ ୫୦ ଦିନ କାମ ମିଳୁଥିଲା। ସେହିପରି ଯେଉଁ ଭତ୍ତା ଦିଆଯାଉଥିଲା ତାହା ଅତ୍ୟନ୍ତ ନଗଣ୍ୟ ଥିଲା। ଉକ୍ତ ଯୋଜନାରେ ବିଭିନ୍ନ ରାଜ୍ୟରେ ସେତେବେଳେ ଦୁର୍ନୀତି ମଧ୍ୟ ଦେଖିବାକୁ ମିଳିଥିଲା। ମିଛ ମଷ୍ଟରରୋଲ୍ ଦେଖାଇ ମୃତ ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଯୋଡ଼ିଦିଆଯାଇଥିଲା। ମଜୁରି ପ୍ରଦାନରେ ବ୍ୟାପକ ଅନିୟମିତତା ଦେଖିବାକୁ ମଧ୍ୟ ମିଳିଥିଲା। ଉପା ସରକାର ସମୟରେ ଯୋଜନାବଦ୍ଧ ଭାବେ ଏସବୁ ଦୁର୍ନୀତି ହୋଇଥିଲା। ବିହାରରେ ୬,୦୦୦ କୋଟି ଓ ଉତ୍ତରପ୍ରଦେଶରେ ୧୦ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିଲା। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ି ନ ଥିଲା। ୨୦୧୨ରେ ସମ୍ବଲପୁରରେ କେତେଜଣ ମୃତବ୍ୟକ୍ତି, ରୋଗୀ ଏବଂ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ନାମରେ ମଜୁରି ଟଙ୍କା ଉଠାଯାଇଥିଲା। ମଷ୍ଟରରୋଲ୍‌ରେ ମିଛ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥିଲା। କିଛି ରାସ୍ତା କାମ ଆଦୌ କରା ନ ଯାଇ ଅର୍ଥ ହଡ଼ପ କରାଯାଇଥିଲା। ଏନ୍‌ଆର୍‌ଇଜିଏସ୍‌ରେ ଋତୁକାଳୀନ ସମସ୍ୟା ଉପରେ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିଲା ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ଟେକ୍ନୋଲୋଜିକୁ ବ୍ୟବହାରକରି ଏସବୁ ଦୁର୍ନୀତି ରୋକିବା ଏବଂ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଭିବି ଜି ରାମ ଜି ବିଲ୍' ପ୍ରଣୟନ କରିଛନ୍ତି। ଗ୍ରାମ ସ୍ୱରାଜ ଆଣିବା ପାଇଁ ଗାନ୍ଧୀଙ୍କ ଯେଉଁ ସ୍ୱପ୍ନ ଥିଲା ତାକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ବିକଶିତ ଆଡ଼କୁ କିପରି ଅଗ୍ରସର ହେବା ସେନେଇ ନୂତନ ଯୋଜନାରେ ବ୍ୟବସ୍ଥା କରାଯାଇଛି। କର୍ମନିଯୁକ୍ତିର ଅବଧିକୁ ୧୦୦ ଦିନରୁ ବୃଦ୍ଧି କରାଯାଇ ୧୨୫ ଦିନ କରାଯାଇଛି। ଆର୍ଥିକ ଦୁର୍ବଳ ଗ୍ରାମାଞ୍ଚଳର ଏକ ପରିବାର ଏବେ ୧୨୫ ଦିନ ନିଯୁକ୍ତି ପାଇବାକୁ ହକ୍‌ଦାର ବୋଲି ସ୍ପଷ୍ଟ କରାଯାଇଛି। କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚାଷ ସମୟରେ ଓ ଅମଳ ସମୟରେ ଏହିକାମ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏହାଦ୍ୱାରା କୃଷିକ୍ଷେତ୍ରରେ ଶ୍ରମିକ ଅଭାବ ସମସ୍ୟା ଦୂରହେବ ଏବଂ ଅଯଥା ମଜୁରି ବଢ଼ିବା ସମସ୍ୟା ବନ୍ଦ ହେବ। ଫଳରେ ଆଉ କେହି ବି ଠିକ ସେହି ସମୟରେ କାମ ହେଉଛି ବୋଲି କହି ଦୁର୍ନୀତି କରିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ରବି ନାରାୟଣ ନାୟକ, ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ବିଧାୟକ ବାବୁ ସିଂ, ଆଶ୍ରିତ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର...

ପାଇଁ ପ୍ରାର୍ଥନା କରୁଛି। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ତାଙ୍କ 'X'ରେ ଲେଖିଛନ୍ତି, ଆପଣଙ୍କ ଶୁଭେଚ୍ଛା ପାଇଁ ଧନ୍ୟବାଦ। ଆପଣଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନ ଅଧିକ ଉତ୍ସର୍ଗୀକୃତ ଭାବରେ ଓଡ଼ିଶାବାସୀଙ୍କ ସେବା କରିବାରେ ତାଙ୍କ ସଂକଳ୍ପକୁ ଅଧିକ ଦୃଢ଼ କରିଚାଲିଛି ବୋଲି ସେ ଲେଖିଛନ୍ତି।

## ସରକାର ଲଗାଇଲେ...

ଟେକ୍ନିସିଆନ, ଶ୍ରେଣୀ–୩ ଓ ୪ କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ରାଜ୍ୟର ସରକାରୀ ହସ୍ପିଟାଲ ଓ ଡିସ୍‌ପେନ୍‌ସେରିରେ ଚିକିତ୍ସା ସେବା ଓ ପରିଚାଳନା ସହ ସଂପୃକ୍ତ ସେବା/ନିଯୁକ୍ତିରେ କାମ ବନ୍ଦ କରି ଆନ୍ଦୋଳନ କରିବାକୁ ନିଷେଧ କରିଛନ୍ତି, ଯାହାଦ୍ୱାରା ରାଜ୍ୟର ସ୍ୱାସ୍ଥ୍ୟସେବା ଅବ୍ୟାହତ ରହିବ ଏବଂ ଲୋକେ ବିଶେଷ ଭାବେ ଉପକୃତ ହୋଇପାରିବେ। ମାତ୍ର ଡାକ୍ତରୀ ସଂଘ ପକ୍ଷରୁ କେତେକ ଦାବି ନେଇ ଏବେ ଆନ୍ଦୋଳନ ଚାଲୁରହିଛି। ଏହାଦ୍ୱାରା ଜନସାଧାରଣ ସ୍ୱାସ୍ଥ୍ୟସେବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଓଡ଼ିଶା ଜରୁରୀ ସେବା ଆଇନ–୧୯୮୮ (ଓଡ଼ିଶା ଆଇନ–୯, ୧୯୯୨)ର ଧାରା–୩ର ଉପଧାରା(୧) ସହ ଧାରା–୨ ଦ୍ୱାରା ପ୍ରଦତ୍ତ କ୍ଷମତାର ବ୍ୟବହାର କରିଛନ୍ତି। ଫଳରେ ଉପରୋକ୍ତ ବର୍ଗର ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀମାନେ ଯେପରି ଆନ୍ଦୋଳନକୁ ନ ଓହ୍ଲାଇବେ ତାହାକୁ ଦୃଷ୍ଟିରେ ରଖି ଏହି ଜରୁରୀ ନିର୍ଦ୍ଦେଶନାମା ଜାରି କରାଯାଉଛି। ଏହି ଆଦେଶ ଆସନ୍ତା ୬ ମାସ ପାଇଁ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ ସ୍ୱତନ୍ତ୍ର ସଚିବ ଦର୍ଶାଇଛନ୍ତି।

## ଦମନ ନୀତି ଚଳିବନି: ଓମ୍‌ସା

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଡାକ୍ତରଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଯେଉଁ ଅତ୍ୟାବଶ୍ୟକ ସେବା ଆଇନ(ଏସ୍‌ମା) ଲାଗୁ କରାଯାଇଛି, ଏହାକୁ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏଶନ(ଓମ୍‌ସା) ନିନ୍ଦା କରିଛି। ଓମ୍‌ସା ସଭାପତି କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି, ସରକାରଙ୍କ ଏହି ଦମନ ନୀତି ଚଳିବ ନାହିଁ। ସରକାରଙ୍କ ଏହି ନିର୍ଦ୍ଦେଶନାମା ଅସହିଷ୍ଣୁତାର ପରିଚୟ ଦେଉଛି। ଏନେଇ ଖୁବ୍‌ଶୀଘ୍ର ସଂଘ ପକ୍ଷରୁ ବୈଠକ କରାଯିବ। ସରକାରଙ୍କ ସହ ଆଲୋଚନା ବିଫଳ ପରେ ଡାକ୍ତର ସଂଘ ପକ୍ଷରୁ ପ୍ରତୀକାତ୍ମକ ପ୍ରତିବାଦ କରାଯାଇଥିଲା। ଏହା ଭିତରେ ସରକାର ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିବା ଠିକ୍ ହୋଇନାହିଁ ବୋଲି ସେ କହିଛନ୍ତି।

पेट्रोलियम एवं प्राकृतिक गैस मंत्रालय
भारत सरकार
MINISTRY OF PETROLEUM AND NATURAL GAS
GOVERNMENT OF INDIA
सत्यमेव जयते

# ଭାରତ ଆରମ୍ଭ କରିଛି ନିଜର ହାଇଡ୍ରୋକାର୍ବନ୍ ସାମର୍ଥ୍ୟକୁ ବିସ୍ତାରିତ କରିବାର ଯୁଗ

## ଓପନ୍ ଏକରେଜ୍ ଲାଇସେନ୍ସିଂ ପ୍ରୋଗ୍ରାମ୍ (ଓଏଲ୍‌ପି), ଡିସ୍କଭର୍ଡ ସ୍ମଲ୍ ଫିଲ୍ଡ୍ସ (ଡିଏସ୍‌ଏଫ୍) ଏବଂ କୋଲ୍ ବେଡ୍ ମିଥେନ୍ (ସିବିଏମ୍) ବ୍ଲକ୍‌ଗୁଡ଼ିକ ଲାଗି ବିଡ୍ ଦାଖଲ ସମ୍ପର୍କିତ ଘୋଷଣା





"ଭାରତ କେବଳ ଯେ ନିଜର ବିକାଶକୁ ଆଗକୁ ବଢ଼ାଉଛି ତାହା ନୁହେଁ ବରଂ ଦୁନିଆର ବିକାଶର ମଧ ନେତୃତ୍ୱ ନେଉଛି, ଯେଉଁଥିରେ ଶକ୍ତି କ୍ଷେତ୍ରର ଭୂମିକା ମହତ୍ତ୍ୱପୂର୍ଣ୍ଣ ।"

**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

## ଐତିହାସିକ ସଂସ୍କାର

- ସବୁ ପ୍ରକାର ମିନେରାଲ ଅଏଲ୍ ଅପରେଶନ୍ ତଥା ସ୍ୱେଶାଲ ପେଟ୍ରୋଲିୟମ୍ ଲିଜ୍ ପାଇଁ ଏକକ ଲିଜ୍
- ୩୦ ବର୍ଷ ପର୍ଯ୍ୟନ୍ତ ଅବଧି ଯାଏ ଲିଜ୍, ଯାହାକୁ ଫିଲ୍ଡର ଅର୍ଥନୈତିକ ଜୀବନ ପର୍ଯ୍ୟନ୍ତ ବଢ଼ାଯାଇପାରିବ
- ସାଧାରଣ ଭିତ୍ତିଭୂମିର ବିକାଶ ଏବଂ ଶେୟାରିଂ
- ସମୟବଦ୍ଧ ସ୍ୱୀକୃତି ସହ ସହଜ ପ୍ରକ୍ରିୟା
- ବ୍ୟାପକ ଶକ୍ତି ପ୍ରକଳ୍ପଗୁଡ଼ିକର ବିକାଶ ପାଇଁ ଅନୁମତି
- ଆଇନ ବଦଳିବା କ୍ଷେତ୍ରରେ ସୁରକ୍ଷା
- ବୈଦେଶିକ ନିବେଶକଙ୍କ ସହ ମଧ୍ୟସ୍ଥତା ଯୋଗୁ ନିରପେକ୍ଷ ଫୋରମ୍
- ଅଣ-ଅପରାଧକରଣ - କାରାଦଣ୍ଡର ବ୍ୟବସ୍ଥା ନାହିଁ
- ବିବାଦ ସମାଧାନ ପାଇଁ ଏକ ପ୍ରଭାବୀ ବ୍ୟବସ୍ଥା

## ବିଡିଂ ରାଉଣ୍ଡ

### ଓଏଲ୍‌ପି ବିଡ୍ ରାଉଣ୍ଡ - X

**୧୩ଟି ସେଡିମେଣ୍ଟ୍ରି ବେସିନ୍‌ରେ ୨୫ଟି ବ୍ଲକ୍,**
୧.୮୩ ଲକ୍ଷ ବର୍ଗ କିମିରେ ବ୍ୟାପ୍ତ ଅଧିକାଂଶ ଅଫ୍‌ଶୋର୍ ।

### ଡିସ୍କଭର୍ଡ ସ୍ମଲ୍ ଫିଲ୍ଡ ରାଉଣ୍ଡ - IV

**୯ଟି କଣ୍ଟ୍ରାକ୍ଟ ଏରିଆରେ ୫୫ଟି ଡିସ୍କଭରି,**
~୨୦୦ ମିଲିୟନ୍ ଟନ୍ ତୈଳ ସମତୁଲ୍ୟ (ଏମ୍‌ଏମ୍‌ଟିଓଇ)

### ସ୍ୱେଶାଲ କୋଲ୍ ବେଡ୍ ମିଥେନ୍ ବିଡ୍ ରାଉଣ୍ଡ ୨୦୨୫ ଏବଂ ୨୦୨୬

**୫,୬୨୦ ବର୍ଗ କିମିରେ ବ୍ୟାପ୍ତ ୧୬ଟି ବ୍ଲକ୍,**
ଆନୁମାନିକ ସମ୍ବଳ: ~୨୭୪ ବିଲିୟନ କ୍ୟୁବିକ୍ ମିଟର (ବିସିଏମ୍)

IEW

**ଇଣ୍ଡିଆ ଏନର୍ଜି ୱିକ୍, ଗୋଆରେ**
ଡିଜିଏଚ୍ ଷ୍ଟଲ୍ ପରିଦର୍ଶନ କରନ୍ତୁ
(୨୭-୩୦ ଜାନୁଆରୀ, ୨୦୨୬)



ଭାରତର ଶକ୍ତି ବିକାଶ ଗାଥାରେ ଯୋଗ ଦିଅନ୍ତୁ

**ଅନ୍ୱେଷଣ | ଆବିଷ୍କାର | ଉତ୍ପାଦନ**

For more information, visit mopng.gov.in or dghindia.gov.in

For more information, visit
mopng.gov.in -or- dghindia.gov.in

DGH

Follow us at :

“ ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ। ତା' ସହ ବିଶ୍ୱ-ଐକ୍ୟ ଓ ସଂହତି ଆଣିବାରେ ତତ୍ପର ହେବାକୁ ପଡିବ। ମଣିଷ ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। ମଣିଷକୁ ତା'ର ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ଚାଲିବାକୁ ହେବ। ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। -ଶ୍ରୀଅରବିନ୍ଦ



# ୧୦୫ ଘାଟ

ଭାରତରେ ଗତ କିଛି ବର୍ଷ ହେବ ସୃଷ୍ଟି କରାଯାଇଥିବା ସାମାଜିକ, ଅର୍ଥନୈତିକ, ଧାର୍ମିକ ଓ ରାଜନୈତିକ ବିଭାଜନ ବିଷୟରେ ୬ ଜାନୁଆରୀ ଏହି ସ୍ତମ୍ଭରେ 'ଶିକ୍ଷିତ ଦେଶବିରୋଧୀ' ଶୀର୍ଷକରେ ଲେଖା ପ୍ରକାଶ କରିଥିଲୁ। ଏହି ଦିନ ଆଉ ଏକ ବିଭାଜନ ନେଇ ଉତ୍ତରାଖଣ୍ଡରୁ ଖବର ମିଳିଛି। ତାହା ହେଲା ଜଳଘାଟ ବିଭାଜନ। କେତେକ ସନ୍ନ୍ୟାସୀ ଓ ଶ୍ରୀଗଙ୍ଗା ସଭାର କର୍ମକର୍ତ୍ତା ଉଠାଇଥିବା ଦାବି ପରିପ୍ରେକ୍ଷୀରେ ଏବେ ଉତ୍ତରାଖଣ୍ଡ ସରକାର ତୀର୍ଥକ୍ଷେତ୍ର ହରିଦ୍ୱାର ଓ ତା'ର ଆଖପାଖ ଅଞ୍ଚଳରେ ଅଣହିନ୍ଦୁମାନଙ୍କ ପ୍ରବେଶ ଉପରେ ନିଷେଧାଦେଶ ଲଗାଇବା ଲାଗି ଚିନ୍ତା କରୁଛନ୍ତି। ଗଙ୍ଗାନଦୀ କୂଳରେ ଥିବା ହରିଦ୍ୱାରରୁ ଋଷିକେଶ ପର୍ଯ୍ୟନ୍ତ ୧୦୫ ଘାଟ ଅଛି। ୨୦୨୭ ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତିରୁ ଅର୍ଦ୍ଧ-କୁମ୍ଭ ଥିବାରୁ ତା' ପୂର୍ବରୁ ନଗରର ପବିତ୍ରତା ବଜାୟ ରଖିବା ପାଇଁ ଏଭଳି ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଛି। ତେବେ ଏଠାକୁ କେଉଁ ଅଣହିନ୍ଦୁ ଯାଆନ୍ତି, ତାହାର କୌଣସି ତଥ୍ୟ ମିଳିପାରୁ ନାହିଁ। ଉପରଲିଖିତ ନିଷ୍ପତ୍ତିକୁ ସିଦ୍ଧ କରିବା ଲାଗି ଇତିହାସର ସାହାରା ମଧ୍ୟ ନିଆଯାଇଛି। କୁହାଯାଉଛି ଋଷିକେଶ ଓ ହରିଦ୍ୱାରର ପବିତ୍ରତା ରକ୍ଷା କରିବା ଉଦ୍ଦେଶ୍ୟରେ ପଣ୍ଡିତ ମଦନମୋହନ ମାଲବ୍ୟ ଓ ବ୍ରିଟିଶ୍ ସରକାରଙ୍କ ମଧ୍ୟରେ ୧୯୧୬ରେ ହୋଇଥିବା ଏକ ଚୁକ୍ତି ଅନୁଯାୟୀ ବର୍ତ୍ତମାନ ତାହାକୁ ଅନୁସରଣ କରାଯିବ। ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ବୋଲି ଏବେକାର ଭାଜପା ରାଜ୍ୟ ସରକାର ଦାବି କରୁଛନ୍ତି। ଆଜିର ପରିସ୍ଥିତିରେ ସରକାରଙ୍କର ସବୁ ବିବୃତିକୁ ବିଶ୍ୱାସ କରିଗଲେ ପରବର୍ତ୍ତୀ ସମୟରେ ତାହା ଅସତ୍ୟ ବୋଲି ପ୍ରମାଣ ହୋଇପାରେ। ଇଣ୍ଟରନେଟ୍‌ରେ ଅନେକ ଖୋଜିବା ସତ୍ତ୍ୱେ ଉତ୍ତରାଖଣ୍ଡ ସରକାରଙ୍କ ଦ୍ୱାରା ଉଲ୍ଲିଖିତ ଏହି ୧୯୧୬ ଚୁକ୍ତି ସମ୍ପର୍କରେ କୌଣସି ବାସ୍ତବ ତଥ୍ୟ ଆମର ହସ୍ତଗତ ହୋଇପାରି ନାହିଁ। ତଥାପି ଯଦି ଆଜିର ସରକାରଙ୍କ ଦାବିକୁ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରାଯାଏ, ତା' ହେଲେ ଉପୁଜୁଥିବା ପରିସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇପାରେ। ଯଦି ଚିନ୍ତା କରାଯାଉଥିବା ସରକାରଙ୍କ ନିୟମକୁ କାର୍ଯ୍ୟକାରୀ କରାଯାଏ, ତେବେ ସମ୍ପୃକ୍ତ ଅଞ୍ଚଳରେ ସାମାଜିକ ଅସଙ୍ଗତି ସୃଷ୍ଟି ହେବାର ଆଶଙ୍କା ରହୁଛି।

ଉପରଲିଖିତ ଖବରରୁ ଖିଅଟାଣି ଆଲୋଚନା କଲେ ଯାହା ସମସ୍ତଙ୍କ ପାଇଁ ଚିନ୍ତା ସୃଷ୍ଟି କରିବା କଥା, ତାହା ହେଲା ଯୋଜନା କରିଦେଉଥିବା ବର୍ଗ ଭବିଷ୍ୟତକୁ ଅନିଷା କରୁନାହାନ୍ତି। ସମ୍ଭବତଃ ସେଥିପାଇଁ ଦେଶବାସୀଙ୍କୁ କ୍ଷତି ସହିବାକୁ ପଡୁଛି। କେନ୍ଦ୍ରରେ କଂଗ୍ରେସ ସରକାର ଅମଳରେ ଅନେକ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଅଘଟଣ ପରେ ରେଡ୍ ଆଲର୍ଟ ଜାରି କରାଯାଉଥିଲା, ହେଲେ ପରବର୍ତ୍ତୀ ସମୟରେ ତାହାର କିଛି ପ୍ରଭାବ ପଡୁ ନ ଥିଲା। ଆତଙ୍କବାଦୀ କାର୍ଯ୍ୟରେ ମୁସଲମାନଙ୍କ ସମ୍ପୃକ୍ତି ଥିଲେ ମଧ୍ୟ ନେତୃତ୍ୱ ନେଉଥିବା ମୁସଲମାନ ନେତା ତାହାକୁ ବିରୋଧ କରିବାକୁ ଆଗେଇ ଆସୁ ନ ଥିଲେ। ଫଳରେ ଆତଙ୍କବାଦୀ କାର୍ଯ୍ୟରେ ବିରାମ ଲାଗୁ ନ ଥିଲା। ଉପା ସରକାରର ପତନ ପରେ ମୁସଲମାନ ସମ୍ପ୍ରଦାୟକୁ ଭାରତରେ ଅନେକ ବିପଦ ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ପଡ଼ୋଶୀ ବାଂଲାଦେଶରେ ଦୀର୍ଘ ଶାସନ କରିଥିବା ଆୱାମି ଲିଗ୍ ଦଳ ଓ ତା'ର ନେତା ଶେଖ୍ ହାସିନାଙ୍କ ରାଜୁତି ସମୟରେ ସେଠାକାର ସଂଖ୍ୟାଲଘୁ ହିନ୍ଦୁ ନାଗରିକ ବାଂଲାଦେଶ ମୁସଲମାନଙ୍କ ଉପରେ ଯଥେଷ୍ଟ ଚାପ ପକାଇବା ସହିତ ହିଂସା ମଧ୍ୟ ଘଟାଉଥିଲେ। ହାସିନାଙ୍କର ବାଂଲାଦେଶରୁ ପଳାୟନ ପରେ ସେଠାକାର ସଂଖ୍ୟାଲଘୁ ହିନ୍ଦୁ ଏବେ ଅସୁରକ୍ଷିତ ପରିସ୍ଥିତିରେ ପଡ଼ିଯାଇଛନ୍ତି। ଏହି ପରିସ୍ଥିତିକୁ ଅଧିକ ଜଟିଳ କରିବାରେ ଭାରତର ଭୂମିକା ଗୌଣ ନୁହେଁ। ବାଂଲାଦେଶ ହିନ୍ଦୁଙ୍କର ଦୌରାତ୍ମ୍ୟ ପଛରେ ଭାରତର ଶକ୍ତି ମନୋବଳ ଯୋଗାଉଥିଲା। ଆଜିର ପରିସ୍ଥିତିରେ ସେମାନଙ୍କୁ ସୁରକ୍ଷା ଦେବାର ଶକ୍ତି ଭାରତ ପାଖରେ ନାହିଁ। ଅନ୍ୟପଟେ ବାଂଲାଦେଶରେ ଘୃଣିତ ଶେଖ୍ ହାସିନାଙ୍କୁ ଭାରତରେ କେନ୍ଦ୍ର ସରକାର ଖୋଲାଖୋଲି ଆଶ୍ରୟ ଦେଇଛି। ଏହି ପରିପ୍ରେକ୍ଷୀରେ ସଦ୍ୟ ଆଉ ଏକ ଘଟଣାକୁ ଦେଖାଯାଉ। ବାଂଲାଦେଶ କ୍ରିକେଟର ମୁସ୍ତାଫିଜୁର ରହମନଙ୍କୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଆଇପିଏଲ୍ ପାଇଁ ନିଲାମ କରି ନେଇଥିଲା। ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ହେଉଥିବାରୁ ତାଙ୍କୁ ତୁରନ୍ତ ଟିମ୍‌ରୁ ବାହାର କରାଯାଉ ବୋଲି ଚାପ ପଡ଼ିବା ପରେ ଏହାର ମାଲିକ ଶାହରୁଖ୍ ଖାନ୍ କ୍ରିକେଟର ମୁସ୍ତାଫିଜୁରଙ୍କୁ ଅବ୍ୟାହତି ଦେଇଛନ୍ତି। ଏଠି ପ୍ରଶ୍ନ ଉଠୁଛି, ଶାହରୁଖ ସିଧାସଳଖ ମୁସ୍ତାଫିଜୁରଙ୍କୁ ତାଙ୍କ ଦଳ ପାଇଁ କିଣି ନ ଥିଲେ। ସମସ୍ତ ଖେଳାଳି ବୋର୍ଡ ଅଫ୍ କଣ୍ଟ୍ରୋଲ ଫର୍ କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ) ପାଖରେ ପଞ୍ଜୀକୃତ ହୋଇଥାଆନ୍ତି। ସେମାନଙ୍କ ମଧ୍ୟରୁ ପ୍ରତିଭାବାନ୍ ଖେଳାଳିଙ୍କୁ ଦଳଗୁଡ଼ିକ ବାଛିଥାଆନ୍ତି। ଏବେ ବିସିସିଆଇର ସଭାପତି ମିଥୁନ ମାନହସ ଅଛନ୍ତି। ତେବେ ମୁସ୍ତାଫିଜୁରଙ୍କୁ ଭାରତରେ ଖେଳିବା ପାଇଁ କାହାର ହାତ ଥିବ ତାହା ସମସ୍ତେ ଜାଣିଛନ୍ତି। ବାଂଲାଦେଶରେ ହିନ୍ଦୁବିରୋଧୀ କାଣ୍ଡରେ ସମ୍ପୃକ୍ତ କ୍ରିକେଟରଙ୍କୁ ଟାଣିବା ଗ୍ରହଣୀୟ ହେଉ ନାହିଁ। ଯଦି ଜଣେ ଖେଳାଳିଙ୍କ ପାଇଁ ଏଭଳି ଚାପ ପଡୁଛି, ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହାସିନାଙ୍କୁ ଭାରତରେ ସୁରକ୍ଷିତ ରଖିବା ଅନାବଶ୍ୟକ ବୋଲି କେତେକ ମହଲରେ ଆଲୋଚନା ହେଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ମୁସ୍ତାଫିଜୁରଙ୍କୁ ଖେଳରୁ ବାଦ୍ ଦେବା ପରେ ବାଂଲାଦେଶ ସରକାର ସେଠାରେ ଆଇପିଏଲ୍ ପ୍ରସାରଣକୁ ବନ୍ଦ କରିବା ସହ ଆସନ୍ତା ଫେବୃଆରୀରେ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତ ମାଟିରେ ଖେଳିବ ନାହିଁ ବୋଲି କହିଛି। ଜଣେ ଖେଳାଳି ପାଇଁ ବାଂଲାଦେଶ ତତ୍କ୍ଷଣାତ୍ ବଡ଼ ନିଷ୍ପତ୍ତି ନେଇଯାଉଥିବା ବେଳେ ଭାରତ ଅନେକ କ୍ଷେତ୍ରରେ ଦୃଢ଼ତାର ସହ କିଛି ପଦକ୍ଷେପ ନେଇପାରୁ ନ ଥିବାରୁ ଅନ୍ତର୍ଜାତୀୟ ସ୍ତରରେ ନିଜର ଶକ୍ତି ଦେଖାଇପାରୁ ନାହିଁ। ଯଦି ଭାରତ ପ୍ରକୃତ ଉନ୍ନତି ଦିଗରେ ସଘନ ପ୍ରୟାସ କରି ଆଗକୁ ଯାଇପାରନ୍ତା, ସବୁ ପଡ଼ୋଶୀ ରାଷ୍ଟ୍ର ଭାରତକୁ ଅନୁସରଣ କରିବାକୁ ବାଧ୍ୟ ହୁଅନ୍ତେ। ଅପରପଟେ ଭାରତ ତା'ର ସଂକୀର୍ଣ୍ଣ ଓ ପିଲାଳିଆମି ମାନସିକତା ପ୍ରଦର୍ଶନ କରୁଥିବାରୁ କ୍ଷୁଦ୍ର ପଡ଼ୋଶୀ ରାଷ୍ଟ୍ର ମଧ୍ୟ ନାଲିଆଖି ଦେଖାଇପାରୁଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | 6 | |
| 7 | 8 | 3 | | | | | | |
| | 2 | | | | | | | |
| | | | 4 | | 5 | 6 | | |
| | | | | | 9 | | | |
| | 4 | 1 | 8 | | | | 5 | |
| | | 2 | | | 6 | | 1 | 9 |
| | 1 | | | 4 | | | | 8 |
| | 5 | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 6 | 7 | 8 | 2 | 3 | 9 | 4 |
| 8 | 2 | 4 | 3 | 9 | 1 | 5 | 6 | 7 |
| 9 | 3 | 7 | 5 | 6 | 4 | 2 | 1 | 8 |
| 6 | 8 | 5 | 2 | 3 | 7 | 9 | 4 | 1 |
| 4 | 1 | 3 | 9 | 5 | 8 | 6 | 7 | 2 |
| 7 | 9 | 2 | 1 | 4 | 6 | 8 | 3 | 5 |
| 5 | 6 | 8 | 4 | 1 | 3 | 7 | 2 | 9 |
| 3 | 7 | 1 | 8 | 2 | 9 | 4 | 5 | 6 |
| 2 | 4 | 9 | 6 | 7 | 5 | 1 | 8 | 3 |

ଗତକାଲିର ଉତ୍ତର

# ପ୍ରମୁଖ ଲେଖନୀରୁ ନାରୀସ୍ୱର



ଡ. ସାରଦା ପ୍ରସାଦ କର

ସାହିତ୍ୟ ଆକାଶର ପ୍ରାଜ୍ଞ, ବିଜ୍ଞ, ବିଶେଷଜ୍ଞଗଣ- ଉଇଲିଅମ ସେକ୍ସପିଆର, ଲିଓ ଟଲଷ୍ଟୟ, ଅରନେଷ୍ଟ ହେମିଙ୍ଗ୍‌ୱେ କିମ୍ବା, ଭାରତୀୟ ଆଦର୍ଶ ଚେତନ ଭଗତ ପ୍ରମୁଖଙ୍କ ଲେଖାରେ ମହିଳା ସ୍ୱରକୁ ଯେଉଁ ଢଙ୍ଗରେ ସଂକଳନ କରାଗଲା ତାହା ସବୁ ସଂକ୍ଷିପ୍ତ ସଂସ୍କରଣ ହୋଇଗଲା। କିନ୍ତୁ ମହିଳା ଜଣେ ଯେତେବେଳେ ମହିଳାର କଥା ଲେଖନୀ ମାଧ୍ୟମରେ ପ୍ରକାଶ କଲା ତା' ଭିତର ସଂଗୁପ୍ତ ବ୍ୟଥା-ବେଦନା ଧରାପଡ଼ିଲା।

ନାରୀ ସ୍ୱରର ଉପସ୍ଥାପିକା ଭାବରେ ଆମେ ମାରୀ ଓଲଷ୍ଟନ କ୍ରାଫ୍ଟଙ୍କୁ ବିଶ୍ୱର ବରିଷ୍ଠ ଲେଖିକା ବିଜୟ ଟିକା ପିନ୍ଧାଇସାରିଛୁ। ୧୭୯୨ ମସିହାରୁ ମାରୀ କ୍ରାଫ୍ଟଙ୍କ ପୁସ୍ତକ 'ଏ ଭିଣ୍ଡିକେଶନ ଅଫ୍ ଦ ରାଇଟ୍ସ ଅଫ୍ ଓମେନ'କୁ ନାରୀ ସ୍ୱରର ଆଦ୍ୟ ଝଙ୍କାର ହିସାବରେ ଗ୍ରହଣ କରିସାରିଛୁ। କିନ୍ତୁ ମୋର ଅନ୍ତର୍ଦୃଷ୍ଟିରେ ତତ୍କାଳୀନ ପୁରୁଷକୈନ୍ଦ୍ରିକ ଇଂରେଜୀ ସମାଜରେ ଓ ମୋର ଭାବନା ପଥରେ ଯେଉଁ ନାରୀ ଚରିତ୍ରଟି ପଥାରୂଢ଼ ହୋଇ ଠିଆ ହୁଅନ୍ତି ସେ ହେଉଛନ୍ତି ଆନି ଏଲିଅଟ୍, ଜାନେ ଅଷ୍ଟିନ ମହୀୟସୀଙ୍କ ୧୮୧୭ ମସିହାର ଶେଷ ଉପନ୍ୟାସ 'ପର୍ଶୁଏସନ' ମାଧ୍ୟମରେ। ପୁରୁଷ କହିଲେ, କ୍ଷମତାର ଧ୍ରୁବୀକରଣ ଆଉ ମହିଳା କହିଲେ, ଚାରିକାନ୍ଥ ଆବଦ୍ଧ ବେସାହାରା ଦରିଦ୍ର ମାନସିକତାଟିଏ। ଜାନେ ଅଷ୍ଟିନ୍ ପୁଣି ଆନିଙ୍କ ମାଧ୍ୟମରେ ସୂଚାଇଦେଲେ, ଯଦି ତାଙ୍କୁ କେହି ଜଣଙ୍କ ସ୍ୱରଟିଏ ଦିଆଯାଆନ୍ତା ତେବେ ସେ ପୁରୁଷର ନାରୀଟିଏ ପ୍ରତି ରହିଥିବା ମାନସିକତାରେ ପରିବର୍ତ୍ତନ କରିପାରନ୍ତେ। ଯେଉଁ ସମୟରେ ଏ କଥାଟି ଲେଖିଲେ ସେହି ସମୟରେ ନାରୀକୁ ଚର୍ଚ୍ଚର ଅନୁମତି ପତ୍ରର ଆବଶ୍ୟକତା ଥିଲା। ଏ କଥାଟି ଛୋଟିଆ ହୋଇପାରେ ହେଲେ କୌଣସି ସ୍ୱାଧୀନତା ସଂଗ୍ରାମର ନିର୍ଣ୍ଣାୟକ ସ୍ୱର ଠାରୁ କମ୍ ନ ଥିଲା।

ଆମେରିକୀୟ ମହିଳା ସ୍ୱର ଉତ୍ଥାପିକାଙ୍କ ମଧ୍ୟରେ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସରେ ରୁଚି ରଖୁଥିବା ଊନବିଂଶ ଶତାବ୍ଦୀର ଲେଖିକା ଲୁସିଆନାର କେଟ୍ ଚୋପିନ ଲେଖାର ଗାମ୍ଭୀର୍ଯ୍ୟତା ପାଇଁ ସମସାମୟିକ ସମାଜରେ ସମାଲୋଚିତ ହୋଇଛନ୍ତି। ଅବିଗେଲ ଆଦାମ୍‌ସ, ଚାର୍‌ଲୋଟ୍ ପର୍କିନ୍‌ସ ଓ ଆଲିସ ୱାକର ପ୍ରମୁଖ ଫେମିନିଷ୍ଟ ବାର୍ତ୍ତାବହମାନେ ସମାନ ଅଧିକାର, ଆର୍ଥିକ ସ୍ୱାଧୀନତା ଓ ଶୋଷଣ ଏବଂ ପୁରୁଷ ଯୌନ ପିପାସା ନିକଟରେ ନାରୀ ଏକ ଅବଦମିତ ଚରିତ୍ରକୁ ନିନ୍ଦା କରିଛନ୍ତି। ଉର୍ଦ୍ଦୁ ଭାଷାରେ ଇସ୍‌ମତ ଚୁଘତାଇଙ୍କ 'ଲିହାଫ', ବୁଢ଼ା ନବାବ ସାହେବଙ୍କ ବୈବାହିକ ବନ୍ଦୀଶାଳାରେ ବେଗମ ଜାନଙ୍କ ଆଦ୍ୟ ଯୌବନ ଲୁଣ୍ଠିତ ହେବାକୁ ରକ୍ଷଣଶୀଳ ସମାଜରେ ଚୁଘତାଇଙ୍କ ଖଣ୍ଡା ଖେଳ କହିପାରିବା। ଝିଅ, ପଣ୍ୟଦ୍ରବ୍ୟ ନୁହେଁ। ଜାତିଭେଦରୁ ଜାତ 'ରୁଦାଲୀ' ମାନେ ଉଚ୍ଚବଂଶଜଙ୍କ ମୃତ୍ୟୁରେ କାନ୍ଦିବା ପାଇଁ ଭଡ଼ାରେ ଆସିବା ଏକ ଭଡ଼ାଟିଆ ସଂସ୍କୃତି କହି




ଘୃଣ୍ୟ ପ୍ରଥାଚାର ଉପରେ ଭାରି ପଡ଼ିଲେ ମହାଶ୍ୱେତା ଦେବୀ। ମଧ୍ୟ ଭାରତରୁ ରାଜତନ୍ତ୍ରର ସମାପ୍ତି ହୋଇଛି ହେଲେ 'ରଇ' ନାଚରେ ସାମିଲ ହେଉଥିବା ବେଡ଼ିଆ ଜାତିର ଝିଅ ମହିଳାଙ୍କ ପାଦରୁ ବେଡ଼ି କାଢ଼ିବାକୁ ସଚେତନତାର ବାର୍ତ୍ତା ଆଜିଯାଏ ପହଞ୍ଚି ପାରୁନି ତାଙ୍କ ନିକଟରେ। ବାର୍ ହୋଟେଲରେ ନାଚବାଲୀ ଜୀବନର ପରମ୍ପରା ଊର୍ଦ୍ଧ୍ୱରେ ଶିକ୍ଷା ସମ୍ମାନ ଭଳି ମୌଳିକ ଆବଶ୍ୟକତା ଥିବା କଥାଟି ପହଞ୍ଚିପାରନ୍ତା ଯଦି ଅଗ୍ରଦୂତ ହୁଅନ୍ତେ ଲେଖିକାମାନେ।

ଉଭୟ ମାଲୟାଲମ ଆଉ ଇଂରାଜୀରେ ଗଦ୍ୟ ଆଉ ପଦ୍ୟ ଧାରାର ସଂରଚନା କଲେ କମଳା ଦାସ ; ଲେଖିଲେ - ମହିଳାଟିଏ ଭାଙ୍ଗିଦେଇପାରିବ ପାରିବାରିକ ବୋଝ ଓ ଯୌନାଚାରର ବେଡ଼ି। ପଛରେ ପଡ଼ିନାହାନ୍ତି ଓଡ଼ିଆ କଥା କାରିଗର ବୀଣା ମହାନ୍ତି, 'ପାଙ୍ଗଦେଇ'ରେ ଶାଶୁଘରୁ ବିତାଡ଼ିତ ପାଙ୍ଗ ଚରିତ୍ରକୁ ବଞ୍ଚିବା ଶିଖାଇଛନ୍ତି ବାପଘରେ, ସାମାଜିକ ଟାହିଟାପରା ମଧ୍ୟରେ। ତୁରନ୍ତ ପୋଲିସ ସହାୟତା ପାଇଁ ଜାତୀୟ ଜରୁରୀ ନମ୍ବର-୧୧୨, ଦେୟମୁକ୍ତ ଓମେନ୍ସ ହେଲ୍ପଲାଇନ-୧୮୧, ସରକାରୀ ଆବାସସ୍ଥଳୀ 'ସ୍ୱଧାର ଗୃହ' ଭଳି ବ୍ୟବସ୍ଥା ମହିଳାଟିକୁ ଭିତରୁ ସଶକ୍ତ କରିପାରୁନି ଆମ ଜଳବାୟୁରେ, ପାଙ୍ଗଦେଇଙ୍କ ସଂଖ୍ୟା ବଢୁଛି। ମାନବିକତା ଶୃଙ୍ଖଳିତ ନ ହେବା ଯାଏ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ପୁରୁଷର ନଟରାଜ କାମନା, ଅବଳା ଭାବନା କି ରଙ୍ଗଭେଦର ଘୃଣା ଭାବନାକୁ ଶେଷ କରିବା ଅସମ୍ଭବ।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜଣେ ସଚେତନ ଅନୁରାଗୀ ତଥା ସ୍ପଷ୍ଟବାଦୀ ଜାନେ ଇଅର(୧୮୪୭) ଚରିତ୍ର ଚାର୍‌ଲୋଟ୍ ବ୍ରଣ୍ଟିଙ୍କୁ ବିଶ୍ୱର ପ୍ରଥମ ମହିଳା ଫେମିନିଷ୍ଟ ଗୌରବ ଆଣିଦେଲା। ବିଂଶଶତାବ୍ଦୀ ପ୍ରାରମ୍ଭରେ ଓଡ଼ିଆ ଭାଷାରେ 'କାଳିବୋହୂ' ଉପନ୍ୟାସ ଡାକ୍ତର କୁନ୍ତଳା କୁମାରୀ ସାବତଙ୍କୁ ମହିଳାଙ୍କ ପାଇଁ ମହିଳା ସ୍ୱରର ଆଦ୍ୟ ବାର୍ତ୍ତାବହଙ୍କ ମଧ୍ୟରେ ଜଣେ ବୋଲି ଚିହ୍ନିତ କଲା। ଉଭୟ ବ୍ରଣ୍ଟି ଆଉ ସାବତଙ୍କ ଜୀବଦ୍ଦଶା ମାତ୍ର ୩୮ ବର୍ଷରେ ସୀମିତ ହେଲେ ଜଣେ ଚଉକାନ୍ଥର ଆବଦ୍ଧ ଭାଙ୍ଗି ମହିଳାଙ୍କୁ ବାହାରକୁ ନେବାକୁ ଯେମିତି ପ୍ରତିବଦ୍ଧ ଅନ୍ୟ ଜଣେ ପରଦା ଚିରି ଘୃଣ୍ୟ ପ୍ରଥାରୁ ମୁକ୍ତିର ସନ୍ଦେଶ ପାଇଁ ଜନ୍ମ ଯେମିତି। ଗତ ସେପ୍ଟେମ୍ବରରେ ଉଦୟପୁର ବଲ୍ଲଭନଗର ପୋଲିସ ଥାନା ଅଧୀନ କାଳିବୋହୂ ଲକ୍ଷ୍ମୀର ସ୍ୱାମୀ କିଶନ ତାକୁ ନିଆଁରେ ଜଳେଇବା ଥିଲା ଛାତିଥରା। ଗୋରା ହେବାପାଇଁ ବଜାରରୁ କୌଣସି ଗୋଟେ ପ୍ରସାଧାନ ଆଣି ଲକ୍ଷ୍ମୀର ଦେହରେ ମାଲିସକରି ଧୂପ ନିଆଁର ଚେଙ୍କ ଲଗେଇଥିଲା କିଶନ। ପ୍ରଥମରୁ ଏସିଡ୍ ଗନ୍ଧ ହେବାରୁ ଲକ୍ଷ୍ମୀ ବିରୋଧ କରିଥିଲେ ବି ଶୁଣିବାକୁ କେହି ନ ଥିଲେ। କାଳୀ ମା' ତାରନ୍ତି, ଆମେ କାଳି ବୋହୂକୁ ମାରନ୍ତି। କୁନ୍ତଳା କୁମାରୀମାନେ ଏ ଦିଗରେ ସଚେତ ମନ ହୋଇ କଲମକୁ ଗତିଶୀଳ କରାଇବା ଜରୁରୀ ହୋଇପଡ଼ିଛି।

ଆବେଗ ଭରା ନାରୀ ଜୀବନରୁ ମୁକ୍ତି, ସଂଗୃହୀତ ପ୍ରବନ୍ଧ 'ସେନ୍‌ସିବଲ ସେଂସୁଆଲିଟି' ଜରିଆରେ ଇଂରାଜୀରେ, ସମ୍ପାଦିକା ତଥା ଲେଖିକା ସରୋଜିନୀ ସାହୁ ସ୍ୱୀକାରକଲେ ଯେ ଫେମିନିଜମ୍ କହିଲେ ପୁରୁଷ ବିରୋଧରେ ଜୟଯାତ୍ରା ନୁହେଁ ବରଂ ପୁରୁଷ ସହ ସମକକ୍ଷ ଜୀବନଯାତ୍ରା, ଉନ୍ମୁକ୍ତ ଯୌନ ନିରପେକ୍ଷତା। ସୁନୀତା ଉଇଲିଅମ୍ସ କେବେ ମହାକାଶକୁ କେବେ ସମୁଦ୍ରକୁ ଲମ୍ଫମାରି ଦେଖାଇଦେଲେ ଯେ ନାରୀର ସମକକ୍ଷ ଜୀବନ ବଞ୍ଚିବା ପୁରୁଷର ଜୟଯାତ୍ରାରେ ବାଧକ ନୁହେଁ ବରଂ ସାମାଜିକ ଉତ୍ଥାନରେ ସହାୟକ।

ଭାରତୀୟ-ଆମେରିକୀୟ ଝୁମ୍ପା ଲାହିରି ଇଟାଲୀ ଭାଷାରେ ଚିତ୍ରଣକଲେ ଗୌରୀ ଚରିତ୍ରକୁ। 'ଇନ୍ ଅଦର ୱାର୍ଡସ'ରେ ଆଖି ସାମ୍ନାରେ ସ୍ୱାମୀ ଉଦୟନର ହତ୍ୟା ପରେ ଗୌରୀକୁ ସାହସର ସହ ସାମାଜିକ ଦାୟିତ୍ୱ ଉଠାଇବାକୁ ଶକ୍ତି ଦେଲେ। ବୁକର ପୁରସ୍କାର ବିଜୟିନୀ ଅରୁନ୍ଧତୀ ରାୟ ସୋଫି ମଲ ଚରିତ୍ର ଜରିଆରେ 'ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ'କୁ ସଜାଇଲେ ନାରୀ ଅଧିକାର ପୁସ୍ତିକା। ଅବିବାହିତା ତାମିଲ ବ୍ରାହ୍ମଣୀ ଅଖିଳା ଚରିତ୍ର ଜରିଆରେ କେରଳୀ ଲେଖିକା ଅନିତା ନାୟାର 'ଲେ କୁପ' ସୃଷ୍ଟି କଲେ। ପାରିବାରିକ ବୋଝରେ ଭାରାକ୍ରାନ୍ତ ହେବା ଅପେକ୍ଷା ଜଣେ ମହିଳାର ଅନୁଭୂତିକୁ ସମ୍ମାନ ମିଳିବା ଉଚିତ। ଶୋଭା ଦେଙ୍କ ଲେଖାରେ ପ୍ରକାଶିତ ହେଲା ମହିଳାଙ୍କ ବୈବାହିକ ଜୀବନର ସତ୍ୟତା। 'ଦି ଥାଉଜାଣ୍ଡ ଫେସେସ୍ ଅଫ୍ ନାଇଟ' ବା ରାତିର ହଜାରେ ମୁହଁ, ଗିଥା ହରିହରନ ଇଂରାଜୀରେ ବୁଝେଇଦେଲେ ପୁରାତନ ଓ ଆଧୁନିକ ସ୍ପର୍ଶରେ ବଦଳୁଥିବା ନାରୀ ଜୀବନ। ଏମାନେ ସମସ୍ତେ ଏକ ନିଆରା ସ୍ୱର ସମର୍ପଣ କରିଛନ୍ତି, ନାରୀକୁ ଶକ୍ତିମାନ-ଗତିମାନ କରିବା ପାଇଁ।

ସିଦ୍ଧାନ୍ତରେ ଏହା ସ୍ପଷ୍ଟ କରାଯାଇପାରେ ଯେ ନାରୀ ପାଇଁ ଅବିନଶ୍ୱର ସ୍ୱର ନାରୀ ହିଁ ନିଖୁଣ ଭାବେ ଗାଇପାରେ। ସନ୍ଥପୁରୁଷ ସେହି ଯୁଗାଦ୍ଦ ଯୋଦ୍ଧା ଭୀମ ଭୋଇଙ୍କ କରକମଳ ନିଃସୃତ ପବିତ୍ର ଶବ୍ଦ ଏଠାରେ ପ୍ରଯୁଜ୍ୟ-'ଯେସନେକ ଜଳ ପବନର ଭେଦ ନାହିଁ, ପୁରୁଷ ଯେଠିକି ଯିବ ନାରୀ ଯିବ ତହିଁ।' ନାରୀ, ପୁରୁଷ ସହ ସମରଥା ହେଉ, ଦୁର୍ଜୟୀ-ଦିଗ୍‌ବିଜୟୀ ହେଉ, ନାରୀ କାଳଜୟୀ ହେଉ। ନାରୀ ପୁରୁଷ ପାଇଁ ସମ୍ଭାବନାର ଜୟଯାତ୍ରା ହେଉ, ତା'ର ଭାବନା, ଚେତନା ପୁରୁଷକୁ ସମଦର୍ଶୀ-ପ୍ରିୟଦର୍ଶୀ-ଦୂରଦର୍ଶୀ କରୁ।

**ଡାକବଙ୍ଗଳାଛକ, ପୁରୁଣାଭୁବନେଶ୍ୱର**
**ମୋ : ୮୨୪୯୮୨୭୧୪୮**

# ଆମେରିକାର ଭେନେଜୁଏଲା ଆକ୍ରମଣ



ଡ. ବିମଳ ଷଡ଼ଙ୍ଗୀ

ଆମେରିକା ୩ ଜାନୁଆରୀ ୨୦୨୬ରେ ଭେନେଜୁଏଲା ଉପରେ ସଂଘଟିତ ଆକ୍ରମଣ କରିଛି। ସ୍ଥାନୀୟ ସମୟ ଅନୁସାରେ ମଧ୍ୟରାତ୍ରି ପ୍ରାୟ ୨ଘଟିକା ସମୟରେ ଭେନେଜୁଏଲାର ରାଜଧାନୀ କାରାକାସ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସେନା ଅଧିକୃତ, ବନ୍ଦର, ସଞ୍ଚାର ଓ ଯୋଗାଯୋଗ ଆଦି ଅନୁଷ୍ଠାନ ଉପରେ ଆମେରିକା ସେନାର ଡ୍ରୋନ୍ ଦ୍ୱାରା ଆକ୍ରମଣ ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦାର ବିଷୟ। ତା' ସହ ଅନ୍ୟାନ୍ୟ ସ୍ଥାନରେ ଆମେରିକାର ଏକାଧିକ ବିସ୍ଫୋରଣ ଦ୍ୱାରା ଭେନେଜୁଏଲାର ବ୍ୟାପକ କ୍ଷତି ଘଟିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ଓ ଘୋଷଣା ଅନୁସାରେ ତାଙ୍କ ସେନା ଭେନେଜୁଏଲାର ରାଷ୍ଟ୍ରପତି ନିକୋଲସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ଧରି ନେଇଛନ୍ତି ଓ ତାଙ୍କୁ ଭେନେଜୁଏଲାରୁ ବାହାର ଦେଶକୁ ନେଇଯାଇ ଏକ ଅଜ୍ଞାତ ସ୍ଥାନରେ ବନ୍ଦୀ କରିଛନ୍ତି ଯାହା କୌଣସି ରାଷ୍ଟ୍ର ଉପରେ ଅନ୍ୟାୟ ଆକ୍ରମଣ ରୂପେ ଧରାଯାଏ। ଏହି ଆକ୍ରମଣ ଯୋଗୁ ଅନ୍ତର୍ଜାତୀୟ ଆଇନ ଓ ସାର୍ବଭୌମ ଭଳି ବିଷୟରେ ବିବାଦ ସୃଷ୍ଟି ହୋଇଛି। ପୃଥିବୀର ଅନେକ ଦେଶ ଏହି ଘଟଣାକୁ ଗମ୍ଭୀର ଭାବେ ଦେଖୁଛନ୍ତି। କିଛି ଆମେରିକା ଗୋଡ଼ାଣିଆ ଦେଶ ଏହି ଆକ୍ରମଣକୁ ଅନୁମୋଦନ କରୁଥିବା ସ୍ଥଳେ ବହୁ ଦେଶ ଏହାକୁ ଆଇନ ଓ ସୁରକ୍ଷା ଉଲ୍ଲଂଘନ ବୋଲି ବିବେଚନାକରି ତୀବ୍ର ନିନ୍ଦା କରିଛନ୍ତି। ରୁଷିଆ ଏବଂ ଚାଇନା ଏହାକୁ ଅନ୍ତର୍ଜାତୀୟ ଆଇନ ଉଲ୍ଲଂଘନ ଏବଂ ଆକ୍ରମଣ ବୋଲି ବିବେଚନା କରିଛନ୍ତି। ମେକ୍ସିକୋ ଓ ବ୍ରାଜିଲ ଏହାକୁ ଗମ୍ଭୀରତାର ସହ ନେଇ ମଧ୍ୟସ୍ଥ ପ୍ରସ୍ତାବ ଦେଇଛନ୍ତି।

ଭେନେଜୁଏଲା ସରକାର ଏହି ଆକ୍ରମଣକୁ ଦେଶର ସାର୍ବଭୌମତ୍ୱ ଉପରେ ଆମେରିକାର ଆକ୍ରମଣ ବୋଲି ବର୍ଣ୍ଣନା କରବା ସହ ଏହାକୁ ଜାତୀୟ ସଙ୍କଟ ଭାବରେ ଘୋଷଣା କରିଛନ୍ତି। ଦେଖିବାକୁ ଗଲେ ଆମେରିକାର ଏହି ଆକ୍ରମଣ ପଛରେ ଅନେକ କାରଣ ରହିଛି। ଆମେରିକା ନିଜର ଆର୍ଥିକ ଲକ୍ଷ୍ୟରେ ଭେନେଜୁଏଲା ଉପରେ ଆକ୍ରମଣ କରିଥିବା କୁହାଯାଉଛି। କାରଣ ଭେନେଜୁଏଲା ଏକ ଲମ୍ବା ସମୟ ଧରି ରୁଷିଆ,ଚାଇନା,ଇରାନ ଆଦି ଦେଶ ସହ ସୁସମ୍ପର୍କ ରଖିବା ସହିତ କ୍ୟୁବା ଭଳି ସୋସିଆଲିଜମ୍ ନୀତି ଅନୁସରଣ କରିଆସିଛି, ଯାହା ଆମେରିକାର ରାଜନୈତିକ ନୀତି ସହ ମେଳଖାଇ ନ ଥାଏ। ଆମେରିକାର ଦାବି ଅନୁସାରେ, ମାଦୁରୋ ଏବଂ ତାଙ୍କ ସ୍ତ୍ରୀ ଉଭୟଙ୍କୁ 'ନାର୍କୋ ଟେରୋରିଜମ୍'ଓ ଅନ୍ୟାନ୍ୟ ଅଭିଯୋଗ ଆଧାରରେ ବନ୍ଦୀ ରଖାଯାଇଛି ଏବଂ ଭେନେଜୁଏଲାରେ ସେହି ଦୃଷ୍ଟିରୁ ଆକ୍ରମଣ କରାଯାଇ ସେମାନଙ୍କୁ ଦେଶରୁ ବାହାରକୁ ନିଆଯାଇଛି, ଯାହା ଅତ୍ୟନ୍ତ ଭିତ୍ତିହୀନ। ମାତ୍ର ଲୁକ୍କାୟିତ ଏହାର ଅନ୍ୟତମ ମୁଖ୍ୟ କାରଣ ଭେନେଜୁଏଲା ବିଶ୍ୱର ସବୁଠାରୁ ଅଧିକ ତେଲ ଗଚ୍ଛିତ ଥିବା ଦେଶଗୁଡ଼ିକ ମଧ୍ୟରୁ ଗୋଟିଏ ଦେଶ ଭାବରେ ଗଣାଯାଏ। ଆରବ ଓ ଆମେରିକାର ତୈଳ ରିଜର୍ଭଠାରୁ ମଧ୍ୟ ଅଧିକ। ମାତ୍ର ନିଜର ଅଧିକ ଗାଢ଼ ଅଶୋଧିତ ପ୍ରାକୃତିକ ତୈଳକୁ ଶୋଧନ କରିବା



ପାଇଁ ଆବଶ୍ୟକ ବୈଷୟିକ ଜ୍ଞାନର ଅଭାବ ଯୋଗୁ ଆଜି ଭେନେଜୁଏଲା ଗରିବୀ ସହ ସଂଗ୍ରାମ କରୁଛି। ଏହି ଅଶୋଧିତ ତୈଳକୁ ଆୟତ୍ତ କରିବା ପାଇଁ ଆମେରିକାର ଲୋଭ ରହିଛି। ଏହାସହ ନିଜର ଆର୍ଥିକ ବିକାଶ ଓ ଶକ୍ତି ସୁରକ୍ଷା ଏ ଆକ୍ରମଣ ପଛରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନକରେ। ପ୍ରକାଶ ଥାଉ କି ଅତୀତରେ ଇରାକ ,ଲେବାନନ୍ ,ତୁର୍କୀ,ଆଫଗାନିସ୍ତାନ ଆଦି ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପକରି ଆମେରିକା କେବଳ ତୈଳ ପାଇଁ ସେ ଦେଶଗୁଡ଼ିକୁ ନଷ୍ଟ କରିଛି। ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ଭାରତ ବିରୋଧୀ କାର୍ଯ୍ୟକଳାପ ବୃଦ୍ଧିକରାଇ ଅସ୍ଥିରତା ସୃଷ୍ଟି କରିଚାଲିଛି। ନିକଟରେ ବାଂଲାଦେଶରେ ସେଖ୍ ହାସିନା ସରକାରର ପତନ ଓ ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ଆମେରିକାର ପ୍ରଚ୍ଛନ୍ନ ହାତ ରହିଥିବା କୁହାଯାଉଛି। ନିଜର ଆର୍ଥିକ ବଳ ଓ ପ୍ରତିରକ୍ଷା ସାମଗ୍ରୀ,ତୈଳ ଆଦି ଅନ୍ୟାନ୍ୟ ଦ୍ରବ୍ୟ ବିକ୍ରୟ ସହ ସାରା ବିଶ୍ୱକୁ ନିଜ ଆଜ୍ଞାଧୀନ କରିବାକୁ ଆମେରିକାର ପ୍ରୟାସ ଜାରି ରହିଛି ଯାହା ଟ୍ରମ୍ପଙ୍କ ଶାସନ କାଳରେ ଅଧିକ ସ୍ପଷ୍ଟ ହୋଇଛି। ପ୍ରକାଶ ଥାଉକି ଦକ୍ଷିଣ ଆମେରିକା ମହାଦେଶର ଉତ୍ତର ଅଞ୍ଚଳରେ କାରିବିଆନ ସାଗର କୂଳରେ ଅବସ୍ଥିତ ଏହି ସ୍ୱାଧୀନ ରାଷ୍ଟ୍ର ଭେନେଜୁଏଲା। ଏହାର ପୂର୍ବରେ ଗୁଏନା, ପଶ୍ଚିମରେ କଲମ୍ବିଆ,ଦକ୍ଷିଣରେ ବ୍ରାଜିଲ ଓ ଉତ୍ତରରେ କାରିବିଆନ ସାଗର ରହିଛି। ନିଜର ବିପୁଳ ତୈଳ ଭଣ୍ଡାର, ଆଣ୍ଡିଜ୍ ପର୍ବତମାଳାର ଅଂଶ ଓ ଓରିନୋକୋ ନଦୀ ପାଇଁ ଏହା ସୁପ୍ରସିଦ୍ଧ। ମୁଖ୍ୟତଃ ୟୁରୋପୀୟ, ସ୍ପାନିଶ୍, ଇଟାଲିଆନ,ଆଫ୍ରିକୀୟଙ୍କ ସହିତ କିଛି ମୂଳ ଅଧିବାସୀ ଭେନେଜୁଏଲାରେ ବସବାସ କରନ୍ତି, ଯେଉଁ ବିଭିନ୍ନତା ଭେନେଜୁଏଲାକୁ ସାଂସ୍କୃତିକ ଭାବେ ଋଦ୍ଧିମନ୍ତ କରିଛି। ଭେନେଜୁଏଲାର ଲୋକମାନେ ଅତିଥି ପ୍ରିୟ। ସମସ୍ୟା ସତ୍ତ୍ୱେ ସେମାନେ ସଙ୍ଗୀତ, ନୃତ୍ୟ ଓ ଉତ୍ସବକୁ ଛାଡ଼ି ଦେଇନାହାନ୍ତି। ଭେନେଜୁଏଲାର ଲୋକମାନେ ନୃତ୍ୟ, ଫୁଟ୍‌ବଲ ଓ ବେସ୍‌ବଲକୁ ଆଦର କରନ୍ତି। ସଂସ୍କୃତି ସେମାନଙ୍କ ଜୀବନରେ ମନୋବଳ ରକ୍ଷାର ଉପାୟ। ଗତ ୨ ଦଶକ ଧରି ମୁଦ୍ରାସ୍ଫୀତି, ଚାକିରି ଅଭାବ,ଖାଦ୍ୟ ଓ ଔଷଧ ସଙ୍କଟ ସତ୍ତ୍ୱେ ଭେନେଜୁଏଲାର ଲୋକମାନେ ପରସ୍ପରକୁ ସହାୟତା କରୁଛନ୍ତି। ଅନେକେ ଦେଶ ଛାଡ଼ି ଯାଇଥିଲେ ମଧ୍ୟ ଦେଶକୁ ଭୁଲିନାହାନ୍ତି, ଯାହା ସେମାନଙ୍କ ମାନବୀୟ ଶକ୍ତିର ପ୍ରମାଣ।

ଗୁରୁତ୍ୱପୂର୍ଣ୍ଣ କଥା ଭେନେଜୁଏଲାର ସାଧାରଣ ଲୋକ ଯୁଦ୍ଧ ଚାହାନ୍ତି ନାହିଁ। ସେମାନେ ଶାନ୍ତି, ସ୍ଥିରତା ଓ ସାଧାରଣ ଜୀବନ ବିତାଇବାକୁ ପସନ୍ଦ କରନ୍ତି। ମାତ୍ର ଆମେରିକା ଦ୍ୱାରା ଆକ୍ରମଣ, ଅବରୋଧ ଓ ହସ୍ତକ୍ଷେପରେ ସର୍ବାଧିକ କଷ୍ଟ ସେମାନେ ଭୋଗୁଛନ୍ତି। ସମସ୍ତ କଷ୍ଟ ସତ୍ତ୍ୱେ ଭେନେଜୁଏଲାର ଲୋକମାନେ ଏକ ନୂତନ ଭବିଷ୍ୟତର ଆଶା ଛାଡ଼ିନାହାନ୍ତି। ଶିକ୍ଷା, କାର୍ଯ୍ୟ ଓ ଶାନ୍ତିର ସ୍ୱପ୍ନ ଦେଖୁଛନ୍ତି, ସେମାନେ ସଂଘର୍ଷରେ ବଞ୍ଚି ରହିଥିବା ସାଧାରଣ ମଣିଷ। ସମସ୍ୟା ସତ୍ତ୍ୱେ ମଧ୍ୟ ସେମାନେ ମାନବୀୟତା, ସଂସ୍କୃତି ଓ ଆଶାକୁ ଜୀବନ୍ତ ରଖିଛନ୍ତି। ଆମେରିକା ଦ୍ୱାରା ଏପରି ଏକ ସଂସ୍କୃତି ଓ ସଭ୍ୟତାକୁ ନଷ୍ଟ କରିବାର ମସୁଧା ଅତ୍ୟନ୍ତ ନିନ୍ଦନୀୟ ଓ କ୍ଷୋଭର ବିଷୟ।

**ମୋ: ୯୪୩୭୧୨୩୮୯୨**

## ଏଇ ଭାରତରେ

ଅଧିକ ଅମଳକ୍ଷମ ଧାନଚାଷ ଆରମ୍ଭ ହେବା ପରଠାରୁ ସମୟକ୍ରମେ ଦେଶୀ ତଥା ପାରମ୍ପରିକ ବିହନ ଲୋପ ପାଇବାରେ ଲାଗିଛି। ତେବେ ସାମ୍ବାଦିକ ଏମ୍.ଜେ. ପ୍ରଭୁ ଦେଶୀଧାନ ଚାଷ କରିବା ସକାଶେ ତାମିଲନାଡୁ ଚେଙ୍ଗାଲପାଟୁ ଜିଲାର ପ୍ରାୟ ୩୦ଟି ଗାଁର ୮୦୦ କୃଷକଙ୍କୁ ସାହାଯ୍ୟ କରୁଛନ୍ତି। ସେ ହିନ୍ଦୁ ଖବରକାଗଜରେ କୃଷି ସମ୍ପର୍କିତ ଖବର ସଂଗ୍ରହ ଦାୟିତ୍ୱରେ ଥିବା ସମୟରେ ଭାରତର କଶ୍ମୀରଠାରୁ କନ୍ୟାକୁମାରୀ ଯାଏ ବୁଲିବା ବେଳେ କୃଷକଙ୍କ ସମସ୍ୟା ଅନୁଭବ କରିଥିଲେ। ଏହି କ୍ରମରେ ସେ ବୁଡ଼ିଯାଉଥିବା ଦେଶୀଧାନ ସମ୍ପର୍କରେ ବିଶେଷ ତଥ୍ୟ ପାଇପାରିଥିଲେ। ଦେଶୀଧାନ ବିଲୁପ୍ତ ହେବା ଲକ୍ଷ୍ୟକରି ସେ ୨୦୧୫ରେ ସାମ୍ବାଦିକତା ଛାଡ଼ି ତାଙ୍କ ଗାଁ ମୋରାପ୍ପାକ୍କମକୁ ଫେରି ଚାଷ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଭୁ ଗ୍ରୀନ୍ କଜ୍ ଫାଉଣ୍ଡେଶନ ଗଠନ କରି ସେବେଠାରୁ ଦୁଇ ଦଶନ୍ଧି ହେଲା କୃଷକଙ୍କୁ ୧୩ଟି କିସମର ଦେଶୀଧାନ ଚାଷରେ ସହଯୋଗ କରିଆସୁଛନ୍ତି। ଗ୍ରୀନ୍ କଜ୍ ଫାଉଣ୍ଡେଶନ ସହଯୋଗରେ ଚେଙ୍ଗାଲପାଟୁ ଜିଲାର ବିଭିନ୍ନ ସ୍ଥାନରେ ଗୋଷ୍ଠିଭିତ୍ତିକ ସିଡ୍ ବ୍ୟାଙ୍କ ଖୋଲାଯାଇଛି। ଗୋଟିଏ ସିଡ୍ ବ୍ୟାଙ୍କ ପାଖାପାଖି ୬ରୁ ୭ଟି ଗାଁର ୧୮୦ରୁ ୨୧୦ କୃଷକଙ୍କୁ ୧୩ କିସମର ଦେଶୀ ଧାନବିହନ ଯୋଗାଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୭ ଜାନୁଆରୀ ୧୯୭୭

- ଜାତିସଂଘର ପୂର୍ବତନ ପାର୍ଲାମେଣ୍ଟ ସଭ୍ୟ କେ. ଏଲ୍. ଗୁପ୍ତାଙ୍କୁ ନିଃସର୍ତ୍ତ ଭାବେ ଅଟକ ବନ୍ଦୀତ୍ୱରୁ ଖଲାସ କରିଦିଆଯାଇଛି।
- ତ୍ରିପୁରାର ପାର୍ବତ୍ୟ ଅଞ୍ଚଳରେ ତୈଳ କର୍ପୋରେଶନ ପକ୍ଷରୁ ଖନନ କରାଯାଇଥିବା ଏକ କୂପରୁ ବାଷ୍ପ ବାହାରିବାରୁ ତୈଳ ରହିଥିବା ସୂଚନା ମିଳିଛି।

## ଚିରନ୍ତନୀ

ଆଖିମୟ ଦେହ ମମ
ଲାଗେ ମଧୁଲୀଟ ସମ
ସୁଷମାର ମଧୁପାନେ ରମଇଁ
ଅସ୍ଥିର ପାଦ ନାହିଁ ଗମଇ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀ ଆମିଷ ବଜାର ଅବହେଳିତ

ମହାଶୟ,

ନିକଟ ଅତୀତରେ ପୁରୀ ଆମିଷ ବଜାରର ଆଧୁନିକୀକରଣ କରାଯାଇଥିଲା । ଏଥିପାଇଁ ସରକାରୀ ରାଜକୋଷରୁ ବହୁ ଅର୍ଥ ମଧ୍ୟ ଖର୍ଚ୍ଚ କରାଯାଇଥିଲା । କିନ୍ତୁ ଉକ୍ତ ଆମିଷ ବଜାର ଆଜି ଅବହେଳିତ । ଏହା ଦୂଷିତ ତଥା ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲିଛି । ଏଭଳି ପରିବେଶରେ ବ୍ୟବସାୟୀମାନେ ସର୍ବଦା ଆମିଷ ବିକ୍ରି କରୁଛନ୍ତି । ଏହାସହ ପ୍ରତିଦିନ ଆମିଷ ପାଇଁ ଆସୁଥିବା ପୁରୀ ସହରବାସୀ ଏଭଳି ଅସ୍ୱାସ୍ଥ୍ୟକର ବାତାବରଣ ମଧ୍ୟରେ ଚଳପ୍ରଚଳ ହେବା ପାଇଁ ବାଧ୍ୟ ହେଉଛନ୍ତି । ଆମିଷ ବଜାର ପରିପାର୍ଶ୍ୱରେ ଏବେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦାହୋଇ ପଡ଼ିରହୁଛି ଏବଂ ଦୁର୍ଗନ୍ଧ ବାହାରୁଛି । ଏହି ସମସ୍ୟା ପ୍ରତି କାହାର ବି ନିଘା ନାହିଁ । ଏଥିପ୍ରତି ପୌରସଂସ୍ଥାର ନିଦ ଭାଙ୍ଗୁନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ପୌର କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଏହି ଅଳିଆଗଦା ସବୁକୁ ତୁରନ୍ତ ଆମିଷ ବଜାର ପାର୍ଶ୍ୱରୁ ହଟାଯିବା ପାଇଁ ବ୍ୟବସ୍ଥା କରନ୍ତୁ । ଏହାର ନିରାକରଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଏବଂ ବ୍ୟବସାୟୀ ମଧ୍ୟ ସ୍ୱର ଉଠାଇବା ଆବଶ୍ୟକ ।

**-ସୌମ୍ୟରାଜ ପଟ୍ଟନାୟକ, ବଡ଼ଶଙ୍ଖ, ରେଡ୍‌କ୍ରସ୍ ରୋଡ୍, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଦୁର୍ଘଟଣାରେ ସାମ୍ବାଦିକାଙ୍କ ସମେତ ୨ ମୃତ

## ପିପିଲି ଜମାଲପୁର ହାଇୱେରେ ସ୍କୁଟିକୁ ପିଟିଲା ବସ୍

**ପିପିଲି,୬।୧ (ଦୁର୍ଗାମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର)**

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପିପିଲି ଥାନା ଅନ୍ତର୍ଗତ ମଙ୍ଗଳପୁର ନିକଟ ଜମାଲପୁର ଶିଡ଼ିଠାରେ ଏକ ସ୍କୁଟିକୁ ବସ୍ ଧକ୍କା ଦେବା ଫଳରେ ସ୍କୁଟିରେ ଥିବା ମହିଳା ସାମ୍ବାଦିକାଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭୁବନେଶ୍ୱରର ଏକ ଘରୋଇ ଗଣମାଧ୍ୟମର ସାମ୍ବାଦିକା ଶୀଳା ପଟ୍ଟନାୟକ(୪୦) ଓ ଘାଟିକିଆ ଖଣ୍ଡଗିରିର ସିପିକା ନାୟକ (୩୬)।


ଶୀଳା ପଟ୍ଟନାୟକ

ସୂଚନା ମୁତାବକ, ଶୀଳା ଏବଂ ତାଙ୍କ ସାଙ୍ଗ ମିଶି ମଙ୍ଗଳବାର ଭୁବନେଶ୍ୱରରୁ ଏକ ସ୍କୁଟି (ଓଡି-୩୩-ଏକ୍ସ-୦୦୮୧) ଯୋଗେ ପୁରୀ ଅଭିମୁଖେ ଯାଉଥିଲେ। ଜମାଲପୁର ଶିଡ଼ିଠାରେ ଜାତୀୟ ରାଜପଥ ଉପରେ ପଡ଼ିଥିବା ବାଲିରେ ଭାରସାମ୍ୟ ହରାଇ ସେମାନେ ପଡ଼ିଯାଇଥିଲେ। ସେହି ସମୟରେ ପଛପଟୁ ଦ୍ରୁତଗତିରେ ଯାଉଥିବା 'ଶାରଳା' ନାମକ ଏକ ଘରୋଇ ବସ୍ (ଓଡି-୦୨-ଡିବି-୮୧୯୯) ସ୍କୁଟି ଉପରେ ଯାଇଥିଲା। ଫଳରେ ଘଟଣାସ୍ଥଳରେ ଶୀଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣଙ୍କର ମଙ୍ଗଳପୁର ମେଡିକାଲ୍‌ରେ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଲାଗି ରହିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଜଣେ ମହିଳାଙ୍କୁ ନିକଟସ୍ଥ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ, ଏସ୍‌ଆଇ ସୁରମା ସ୍ୱାଇଁ, ନାରାୟଣ ବେହେରା ଓ ସାତଶଙ୍ଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡ଼ା ପ୍ରମୁଖ ପହଞ୍ଚି ଟ୍ରାଫିକ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିଥିଲେ। ପିପିଲି ପୋଲିସ ମଙ୍ଗଳପୁର ମେଡିକାଲ୍‌ରେ ପହଞ୍ଚି ମୃତଦେହକୁ ଜବତ କରିଛି। ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭର୍ ସାକ୍ଷୀଗୋପାଳ ଥାନାରେ ଅଟକ ରହିଥିବା ସହ ବସ୍‌କୁ ଜବତ କରାଯାଇଛି। ମୃତ ସିପିକା ନାୟକଙ୍କ ସ୍ୱାମୀ ପ୍ରଦୀପ୍ତ ରାଉତଙ୍କ ଲିଖିତ ଅଭିଯୋଗକ୍ରମେ ପିପିଲି ଥାନାରେ ନଂ.୧୫/୨୬ରେ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପିସିସି ସଭାପତି ଭକ୍ତ ଚରଣ ଦାସ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକପ୍ରକାଶ କରିଛନ୍ତି।

ଏଠାରେ ପ୍ରଶ୍ନ ଉଠୁଛି, ରାଜପଥ ଉପରକୁ ବାଲି ଆସିଲା କେଉଁଠୁ? ଏନ୍‌ଏଚ୍‌ଏଆଇ ପକ୍ଷରୁ ୨୪ଘଣ୍ଟିଆ ୱାର୍କ ପାଟ୍ରୋଲିଂ କରାଯାଉଥିବାବେଳେ ଦୀର୍ଘ ୮ଘଣ୍ଟା ଧରି ରାଜପଥ ଉପରେ ଏତେ ପରିମାଣର ବାଲି ପଡ଼ିରହିଲା କାହିଁକି? ଏହାସହିତ ପୋଲିସ ପକ୍ଷରୁ ହାଇୱେ ପାଟ୍ରୋଲିଂ କରାଯାଉଥିବାବେଳେ ପୋଲିସ କେମିତି ବାଲି ସମ୍ପର୍କରେ ଜାଣିପାରିଲା ନାହିଁ? ଏଭଳି ଅନେକ ପ୍ରଶ୍ନ ବୁଦ୍ଧିଜୀବୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି।

# ଦିବ୍ୟାଙ୍ଗ ଯୁବତୀଙ୍କୁ ଗଣବଳାତ୍କାର

**ରାୟଗଡ଼ା/ଗୁଡ଼ାରି,୬।୧ (ଆଶିଷ ରଞ୍ଜନ ପଣ୍ଡା/ ପ୍ରମୋଦ କୁମାର ପତି)**

ରାୟଗଡ଼ା ଜିଲାରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଛି। ଜଣେ ୧୮ବର୍ଷୀୟା ଦିବ୍ୟାଙ୍ଗ ଯୁବତୀ ମାନସିକ ଦୁରବସ୍ଥା ଥିବାରୁ ଏହାର ଫାଇଦା ଉଠାଇ ସୋମବାର ଅପରାହ୍ନ ପ୍ରାୟ ୪ଟାରେ ୩ ଜଣ ଯୁବକ ତାଙ୍କୁ ବାଇକ୍‌ରେ ଉଠାଇନେଇ ଗଣବଳାତ୍କାର କରିଛନ୍ତି। ରାୟଗଡ଼ା ଜିଲା ଗୁଡ଼ାରି ଥାନା ଅନ୍ତର୍ଗତ ନାଇରା ଗାଁରେ ଏଭଳି ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଝିଅକୁ ଉଲଗ୍ନ ଅବସ୍ଥାରେ ଉଦ୍ଧାରକରି ମା' ଘରକୁ ନେବା ପରେ ଗୁଡ଼ାରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁଡ଼ାରି ପୋଲିସ କେସ୍ ନଂ. ୨/୨୬ରେ ମାମଲା ରୁଜୁକରିଛି। ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ୩ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଗୁଡ଼ାରି ଥାନା ଆଇଆଇସି ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି। ଏ ନେଇ ପୀଡ଼ିତାଙ୍କ ଡାକ୍ତରୀ ମାଇନା ପାଇଁ ଗୁଣପୁର ଉପଖଣ୍ଡ ମେଡିକାଲକୁ ନେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ମହିଳାଙ୍କ ସୁରକ୍ଷା ପ୍ରତି ପ୍ରଶ୍ନ ଉଠିଛି।

ପୀଡ଼ିତାଙ୍କ ମା'ଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ୩ ଝିଅ ଗାଁ ନିକଟରେ ଲିଜ୍ ନେଇଥିବା କପାବାଡ଼କୁ ସୋମବାର କପା ତୋଳିବା ପାଇଁ ଯାଇଥିଲେ। ଦିନ ପ୍ରାୟ ୨ଟା ବେଳେ କାମ ସରିଯିବା ପରେ ବଡ଼ ଝିଅକୁ କାଠ ନେଇ ଘରକୁ ଆଗରେ ଯିବା ପାଇଁ କହିଥିଲେ। ତେବେ ସେ ଘରକୁ ଫେରି ଝିଅକୁ ନ ପାଇ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ପରେ ଭାଲିଆଡାଙ୍ଗ ନିକଟରେ ଝିଅକୁ ଉଲଗ୍ନ ଅବସ୍ଥାରେ ବସି କାନ୍ଦୁଥିବା ଦେଖିବାକୁ ପାଇଥିଲେ। ଏହାପରେ ଝିଅକୁ ଲୁଗା ପିନ୍ଧାଇ ଘରକୁ ଆଣିବା ପରେ ଝିଅ ମା'ଙ୍କୁ ସମସ୍ତ ଘଟଣା ବିଷୟରେ କହିଥିଲା ବୋଲି ସେ କହିଛନ୍ତି। ସିନ୍ତାଲଗୁଡ଼ା ଗ୍ରାମର ମଣ୍ଟୁ ଶବର, ଅଜିତ ଶବର ଓ ସୁକାନ୍ତ ଶବର ଝିଅକୁ ମୋଟରସାଇକେଲରେ ଉଠାଇନେଇ ନିକଟସ୍ଥ ଭାଲିଆଡାଙ୍ଗକୁ ନେଇ ଯାଇଥିଲେ। ସେଠାରେ ଝିଅକୁ ଜଣକ ପରେ ଜଣେ ୩ ଜଣ ବଳାତ୍କାର କରିଥିଲେ। ଝିଅ ମାନସିକ ବିକାରଗ୍ରସ୍ତ ହୋଇଥିବାର ଫାଇଦା ଉଠାଇ ୩ଯୁବକ ଏହି କାଣ୍ଡ ଭିଆଇଥିବା ପୀଡ଼ିତାଙ୍କ ମାଆ ଲିଖିତ ଅଭିଯୋଗ କରିଛନ୍ତି।

# ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ଦିଗରେ ପଦକ୍ଷେପ ନିଅ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୬।୧ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଅଧିକାରୀ ଓ ସଚିବମାନଙ୍କୁ କ୍ଷେତ୍ର ପରିଦର୍ଶନକରି ପ୍ରତ୍ୟେକ କାର୍ଯ୍ୟସ୍ଥଳ ବୁଲି ଦେଖିବା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଯେପରି ଠିକ୍ ଭାବେ ଉନ୍ନତି ହେବ, ସେଥିପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ନର୍ସିଂ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଏହି ବିଭାଗର ଛାତ୍ରମାନଙ୍କୁ ଅତିରିକ୍ତ ପ୍ରଶିକ୍ଷଣ, ସ୍ନାତକମାନଙ୍କ କୌଶଳର ଗୁଣାତ୍ମକ ବୃଦ୍ଧି, ପାଠ୍ୟକ୍ରମରେ ପରିବର୍ତ୍ତନ, ଡିଜିଟାଲ ସ୍ୱାସ୍ଥ୍ୟ ପ୍ରଣାଳୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଏହା ସହ ଓଡ଼ିଶାରେ ନର୍ସିଂ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି ।

ଏବଂ ମିଡ୍ ୱାଇଫେରି କ୍ଷେତ୍ରରେ ସୁଧାର ନିମନ୍ତେ ବିଶେଷ ଆଲୋଚନା ହୋଇଛି। ମେଡିକାଲ ଶିକ୍ଷାରେ ସିଟ୍ ବୃଦ୍ଧି, ଏସ୍‌ସିବି ମେଡିକାଲ କଲେଜ, ଏମ୍‌କେସିଜି ଏବଂ ଭିମ୍‌ସାର ଭଳି ଅନୁଷ୍ଠାନରେ ସୁପର ସ୍ପେଶାଲିଟି ସର୍ଭିସ୍‌କୁ ଆହୁରି ବ୍ୟାପକ ଏବଂ ଦକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଆୟୁଷ୍ମାନ୍ ଭାରତ ଡିଜିଟାଲ ମିଶନ(ଏବିଡିଏମ୍)ର ରାଜ୍ୟସ୍ତରୀୟ କାର୍ଯ୍ୟାନ୍ୱୟନ ଅନୁମୋଦନ ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଛି। ରାଜ୍ୟର ସବୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ ବର୍ଷିଆ ଡିଏନ୍‌ବି ଡିପ୍ଲୋମା ଡାକ୍ତରଙ୍କୁ ନିଯୁକ୍ତିଦେବା ପାଇଁ ଆଲୋଚନା ହୋଇଛି। ଓଡ଼ିଶାରେ ଆୟୁଷ ଡାକ୍ତରମାନଙ୍କର ସେବାକୁ ଅଗ୍ରାଧିକାର ଦେବା ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡିକରେ ଆୟୁର୍ବେଦିକ ଓ ହୋମିଓପାଥି ମେଡିସିନର ଉପଲବ୍ଧତା ବିଷୟରେ ଆଲୋଚନା ହୋଇଛି। ଏହାସହ ଏସ୍‌ସିବି କଟକରେ ଟ୍ରମା କେୟାର ନିର୍ମାଣର ଅଗ୍ରଗତି, ଭିତ୍ତିଭୂମି ବିକାଶ ବିଷୟରେ ଆଲୋଚନା ହୋଇଛି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍., ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ବୃନ୍ଦା ଡି ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟ ସରକାରଙ୍କୁ ଜବାବ ତଲବ କଲେ ହାଇକୋର୍ଟ

## ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ତେଲ ନ ମିଳିବା ମାମଲା

**କଟକ,୬।୧ (କାର୍ତ୍ତିକ ସାହୁ)**

ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଜାରି ହୋଇଥିବା ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନ ଥିଲେ ଟାଙ୍କିରେ ତେଲ ନ ମିଳିବା ନିୟମ ବିରୋଧରେ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ୍ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଏ ସଂକ୍ରାନ୍ତରେ ଜବାବ ଦାଖଲ ପାଇଁ ଆଦେଶ ଦେଇଛନ୍ତି। ଆସନ୍ତା ୨ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଧାର୍ଯ୍ୟ କରାଯାଇଛି।

# ସରକାର ଗ୍ରହଣ କଲେ ମିଲର୍ସ ସଂଘର ଦାବି

## ଆନ୍ଦୋଳନରୁ ଓହରିବ ସଂଘ

**ଭୁବନେଶ୍ୱର,୬।୧ (ରବିନାରାୟଣ ଜେନା)**

ରାଜ୍ୟ ମିଲର୍ସ ସଂଘର ଦାବିକୁ ରାଜ୍ୟ ସରକାର ଏକ ପ୍ରକାର ଗ୍ରହଣ କରିଛନ୍ତି। ବୁଧବାର ସୁଦ୍ଧା ୪ ଦଫା ଦାବି ମଧ୍ୟରୁ ୨ଟି ଦାବି ସମ୍ପର୍କରେ ଲିଖିତ ପ୍ରତିଶ୍ରୁତି ମିଳିବ। ଏହାପରେ ସଂଘ ଆନ୍ଦୋଳନରୁ ଓହରିବ ବୋଲି ମିଲର୍ସ ସଂଘର ଜଣେ ସକ୍ରିୟ ସଭ୍ୟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସବୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଏକ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ପତ୍ରରେ ଦର୍ଶାଇଛନ୍ତି, ମିଲର୍ସ ସଂଘ ପକ୍ଷରୁ ୨୦୨୩-୨୪ ଏବଂ ୨୦୨୪-୨୫ ବର୍ଷ ଲାଗି ଧାନ ସଂରକ୍ଷଣଜନିତ ଖର୍ଚ୍ଚ ଦାବିକୁ ସରକାର ଅଗ୍ରାଧିକାର ଭିତ୍ତିରେ ବିଚାର କରୁଛନ୍ତି। ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କ ଏହି ପତ୍ରକୁ ନେଇ ଜିଲାସ୍ତରରେ ଯୋଗାଣ ଅଧିକାରୀମାନେ ଧାନ ସଂଗ୍ରହ ଲାଗି ତତ୍ପରତା ଦେଖାଇଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ମଙ୍ଗଳବାର ପୂର୍ବାହ୍ନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘ ତା'ର ୪ଦଫା ଦାବି କରିଥିଲା। ସେଥିରେ କଷ୍ଟମ୍ ମିଲିଂ ଚାର୍ଜ ବଢ଼ାଇବା ସହିତ ଚାଉଳ ପରିବହନ ବାବଦ ଖର୍ଚ୍ଚ ବୃଦ୍ଧି କରିବା, ଧାନ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି କରିବାକୁ ରହିଥିଲା। ମାତ୍ର ସରକାର ଏଥିମଧ୍ୟରୁ କେବଳ ୨୦୨୩-୨୪ ଆର୍ଥିକବର୍ଷର ଧାନ ସଂରକ୍ଷଣ ବାବଦ ଖର୍ଚ୍ଚ ବହନ କରିବାକୁ ରାଜି ହୋଇଥିବାବେଳେ ୨୦୨୪-୨୫ ବର୍ଷର ଖର୍ଚ୍ଚ କେନ୍ଦ୍ର ସରକାରଙ୍କ ଅନୁମତି ପାଇଁ ପଠାଯିବାକୁ ରହିଛି। ଏହାବାଦ୍ ପୂର୍ବବର୍ଷ ଭଳି ପରିବହନ ଖର୍ଚ୍ଚ ଦେବାକୁ ସରକାର ଏକ ପ୍ରକାର ରାଜି ହୋଇଥିବା ସଂଘର ଜଣେ ସଦସ୍ୟ କହିଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

RECRUITMENT OF GRADUATE ENGINEER TRAINEES (GETs) THROUGH GATE-2025

National Aluminium Company Limited (NALCO), a Navratna Central PSU and one of the largest integrated Alumina- Aluminium Complexes of Asia, is looking for Graduate Engineer Trainees (GETs) through GATE-2025, as per the details given below:

| Sl. No. | Discipline | No of Posts |
|---|---|---|
| 01 | Mechanical | 59 |
| 02 | Electrical | 27 |
| 03 | Chemical | 24 |

Candidates willing to apply in NALCO may visit career section of NALCO website www.nalcoindia.com for further details.
Advt. No. 10250803, Date: 30/12/2025
CGM(HR)-R&P

वरीय पुलिस अधीक्षक का कार्यालय, राँची
सर्वसाधारण के लिए सूचना।



नाम–रसना देवी, उम्र–27 वर्ष, उँचाई–4 फीट, 8 ईंच, रंग–साँवला, पहनावा–गेहुँआ रंग का साड़ी पहनी हुई है।

उपरोक्त लापता महिला रसना देवी, उम्र–27 वर्ष, पिता–स्व0 कार्तिक महतो, सा0–बड़ाईटॉड़, थाना–सोनाहातु, जिला–राँची जो दिनांक–09.11.2025 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में सोनाहातु थाना सनहा संख्या–07/2025, दिनांक–23.11.2025 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
Email ID(rnc-dcb@jhpolice.gov.in)
अनु पु0 पदा0 बुण्डु, राँची। – 9431706144
थाना प्रभारी, सोनाहातु, राँची। – 9431706192
वरीय पुलिस अधीक्षक, राँची।
PR.NO.370126 Police(25-26):D

वरीय पुलिस अधीक्षक का कार्यालय, राँची
सर्वसाधारण के लिए सूचना।



अज्ञात पुरूष का शव उम्र करीब–32 वर्ष,

उपरोक्त अज्ञात पुरूश का शव नामकुम थाना अन्तर्गत ग्राम लुपुंग टांड के महुआ पेड़ पास झाड़ी से बरामद किया गया है। जिसके संबंध नामकुम थाना यू0डी0 कांड सं0–08/25, दिनांक–23.01.2025 दर्ज किया गया है। इनकी पहचान हेतु जनता का सहयोग अपेक्षित है।

अतः सभी जनसाधारण से अनुरोध है कि यदि आपको इस पुरूष के शव के बारे में जानकारी हो तो वरीय पुलिस अधीक्षक के कार्यालय रॉची में या संबंधित थाना या निम्नांकित फोन नम्बर पर संपर्क कर इसकी सूचना दें।
पुलिस उपाधीक्षक मु0 प्रथम, रॉची। –9431706141
थाना प्रभारी नामकुम, रॉची। –9431706173
वरीय पुलिस अधीक्षक, राँची।
PR.NO.370111 Police(25-26):D

JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand. Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com

Project Name: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
NIT No.: JUIDCO/ NIT/ RFP/ ITMS/ 2025 – 677
PR No.: 367081
Tender ID: 2025_UDD_107027_1
This is for information of all the bidders that Corrigendum – 4 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.

Corrigendum – 4

| Sl. No. | Bid Document Ref. | Description | As per Corrigendum – 3 | As per Corrigendum - 4 |
|---|---|---|---|---|
| 1 | NIT | Last Date & Time of submission of Bid, Tender Fee and EMD online | 03.01.2026 at 17:00 Hrs | 09.01.2026 at 17:00 Hrs |
| 2 | | Date & Time of Bid Opening | 05.01.2026 at 17:00 Hrs | 10.01.2026 at 17:00 Hrs |

Note: Other terms and conditions remain unchanged.
Sd/- Project Director (Technical) JUIDCO Ltd.
PR 370083 Urban Development(25-26)D

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया की एक अनुषंगी ईकाई)/(A Subsidiary of Coal India Ltd.)
गोंदवाना प्लेस, काँके रोड, राँची–834008, झारखंड, भारत

सूचना/NOTICE

''सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इंडिया लिमिटेड की वेबसाइट www.coalindia.in/ संबंधित अनुषंगी कंपनी (सीएमपीडीआई, www.cmpdi.co.in), सीआईएल ई–प्रोक्योरमेंट पोर्टल https://coalindiatenders.nic.in एवं सेंट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध हैं। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है।''/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in."

GOVERNMENT OF ODISHA
ST & SC DEVELOPMENT DEPARTMENT
INTEGRATED TRIBAL DEVELOPMENT AGENCY:CHAMPUA
DIST: KEONJHAR
"e" Procurement Notice
Bid Identification No.ITDACH.-06/2025-26
No.24, Dt.05.01.2026
e-mail:itda.champua@gmail.com

1. No. of the Work : 13 Nos. of Construction Work.
2. Estimated Cost : Rs.165.38 to Rs.166.18 lakh
3. Period of Completion : 09 (Nine Calendar Months)
4. Date and Time of availability of Bid document in the portal : From 10.00 Hr.12.01.2026 to 17.30 Hr. of 21.01.2026
5. Last date/time for receipt of bids in the portal : 17.30 Hr. of 21.01.2026
6. Date of Opening of Bid from Portal : 11.30 Hr. of 22.01.2026
7. Name and address of the Officer Inviting Bid : Project Administrator I.T.D.A., Champua

Further details can be seen from the e-procurement portal "http://tendersorissa.gov.in"
Sd./- Project Administrator
I.T.D.A., Champua

कार्यपालक अभियंता का कार्यालय
लघु सिंचाई प्रमण्डल, धनबाद
ई0 निविदा आमंत्रण सूचना
निविदा सं0 : DMFT/MIR/DHN/ SBD-01/2025-26,
दिनांक 02.01.2026

जिला खनिज फाउण्डेशन ट्रस्ट, धनबाद के न्यास परिषद् धनबाद की बैठक दिनांक 29.11.2025 में लिये गये निर्णय के आलोक में धनबाद जिला के टुण्डी प्रखण्ड के अंतर्गत Renovation of Dhadhkitand M.I. Scheme हेतु पत्रांक 935, दिनांक 18.11.2025 के आलोक में उप विकास आयुक्त सह सचिव DMFT, धनबाद के ज्ञापांक 1123/DMFT धनबाद, दिनांक 30.12.2025 से प्रशासनिक स्वीकृति प्राप्त है।

| | | |
|---|---|---|
| 1 | योजना का नाम | Renovation of Dhadhkitand M.I. Scheme, Vill.- Dhadhkitand, Panchyat- Purnadih, Block-Tundi, Dist- Dhanbad. |
| 2 | प्राक्कलित राशि (रूपये में ) | 48672700.00 |
| 3 | परिमाण विपत्र का मूल्य (रूपये में) | 10000.00 |
| 4 | अग्रधन की राशि (रूपये में) | 486800.00 |
| 5 | कार्य पूर्ण करने की अवधि | 11 माह |
| 6 | ऑन लाईन निविदा प्रकाशन की तिथि एवं समय | 27.01.2026, 12:30 बजे |
| 7 | ऑन लाईन निविदा /बीड समर्पित करने की अंतिम तिथि एवं समय | 03.02.2026, 5 बजे तक |
| 8 | निविदा खोलने की तिथि एवं समय | 05.02.2026, 12:30 बजे |
| 9 | निविदा आमंत्रित करने वाले पदाधिकारी | कार्यपालक अभियंता, लघु सिंचाई प्रमण्डल, लूबी सर्कूलर रोड, धनबाद– 826001 |
| 10 | सम्पर्क सूत्र मोबाईल संख्या | 7903299712 |

नोट :– केवल ई– निविदा हीं मान्य होगी। परिमाण विपत्र की राशि घट – बढ़ सकती है। निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी। विशेष जानकारी के लिए : http://jharkhandtenders.gov.in देखें।
PR 370162 Minor Irrigation(25-26).D
कार्यपालक अभियंता
लघु सिंचाई प्रमण्डल,धनबाद

CENTRE FOR DISTANCE AND ONLINE EDUCATION UNDER
FAKIR MOHAN UNIVERSITY
VYASA VIHAR, BALASORE
Advertisement No. Estt. (T)-II-52/2025/100 Dated: 06.01.2026
Applications are invited from Professors (Retd. Professor not above 62 years preferred) in the prescribed form (to be downloaded from the University website: https://fmuniversity.nic.in for the post of Director, CDOE (Full Time Contractual).

| Price of Form |
|---|
| Rs.1,000/- (for General Category) |
| Rs.500/- (for Reserved Category) |

Downloaded form shall accompany with a Crossed Demand Draft drawn in favour of the "F.M. University fees fund one" of requisite price for the post of "Director", (Full Time Contractual). The Centre for Distance and Online Education (CDOE) (erstwhile DDCE) (Self-Financed) under Fakir Mohan University, Balasore. Applicants must have the minimum qualifications and experience as per relevant latest recruitment rules of UGC Guidelines for the State Universities. Complete applications in the prescribed form along with photocopies of two sets of all credentials must reach the office of the Registrar, Fakir Mohan University, Balasore, Odisha, India - 756089 latest by 13.01.2026 (Through proper channel, in case of already employed candidates). No application for the said post will be received after 13.01.2026 (5.00 P.M.).
No TA/DA is admissible for attending the interview. It should be noted that possession of minimum eligibility shall not confer any right to be called for interview. Incomplete applications will be rejected outright. The administrative and financial liabilities will be governed by the rules and regulations of CDOE.
Name of the Post: Director [Full Time Contractual], The Centre for Distance and Online Education (Self-Financed) under FAKIR MOHAN UNIVERSITY, VYASA VIHAR, BALASORE.
1 Post (Unreserved):
Consolidated Pay: Rs.60,000/- per month. No other allowances are admissible.
Essential Qualification:
(i) Total 15 years teaching/academic administrator in the rank of a Professor (Retd. Professor preferred)
(ii) Preference shall be given to candidates with experience in online Teaching/Distance Education/ SLM writings.
(iii) The appointment shall be contractual and to be extended if performance is satisfactory.
Sd./- Registrar

Ministry of Tourism, Government of India
Indian Institute of Tourism & Travel Management
(An autonomous body under Ministry of Tourism, Government of India)
GWALIOR • BHUBANESWAR • GOA • NOIDA • NELLORE
सत्यमेव जयते
पर्यटन शिक्षा संस्कृति रक्षा
SELECTION FOR THE POST OF DIRECTOR

IITTM is an autonomous institute (registered under the Societies Registration Act) of Ministry of Tourism, Govt. of India that was established in 1983. It is the premier institute in the country in the field of tourism education, training research and consultancy. It is a five-campus institute with headquarters at Gwalior and other centers at Bhubaneswar, Noida, Goa and Nellore. It runs MBA (Tourism & Travel Management) & BBA (Tourism & Travel) courses from its campuses along with a large number of training programmes to cater to the needs to the market. Director IITTM is responsible for management of the institute and is required to drive it towards excellence and benchmark with the best in the world. Institute is in the process of selecting the Director. The appointment shall be made on contract basis for tenure of 3 years with possibility of further extension as per IITTM Recruitment Rules and depending upon the merit of the case. Applications are invited from willing and eligible candidates for the post of Director of IITTM on contract basis in the Pay Level-15 (7th CPC). Circular for this vacancy along with the details of pay scale and related benefits, qualifications, other eligibility conditions and application form can be downloaded from www.tourism.gov.in or www.iittm.ac.in. Completed applications shall reach Director (S&CB), Ministry of Tourism, 1st Floor, Transport Bhawan, Sansad Marg, New Delhi - 110001 in a sealed cover subscribing in bold letter "APPLICATION FOR THE POST OF DIRECTOR, IITTM", so as to reach latest by 1700 hrs on 27.01.2026.

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001
ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹୪୩,୦୭,୯୦୦ ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱର, ଓଡ଼ିଶାରେ ବ୍ଲକ ଏ, ବି, ସି, ଡି, ଇ, ଏଫ୍ (ତୃତୀୟ ଶ୍ରେଣୀ) ଏବଂ ସାଧାରଣ କ୍ଷେତ୍ର (ସିକ୍ୟୁରିଟି ଗାର୍ଡ ବୁଥ୍, ପମ୍ପ ରୁମ, କମ୍ୟୁନିଟି ସେଣ୍ଟର) ର ବାହ୍ୟ ମରାମତି ଏବଂ ପୁନଃ ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୯୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ୨୦ଜାନୁଆରୀ, ୨୦୨୬ ଅପରାହ୍ନ ୦୨:୦୦ ଟା ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

## ସଂକ୍ଷେପରେ

### ଘରେ ନିଆଁ ଲଗାଇଥିବା ନେଇ ୪ଜଣଙ୍କ ନାଁରେ ଏତଲା

ଟାଙ୍ଗୀ,୬।୧ (ରଘୁନାଥ ସାହୁ): ଟାଙ୍ଗୀ ଥାନା ଅଧୀନ ମାନସିଂହପୁର ଗ୍ରାମର ମାଗୁଣି ବେହେରାଙ୍କ ଘରେ ଗତ ୩୧ତାରିଖ ରାତିରେ ପଡ଼ୋଶୀ ଘରର ୪ଜଣ ନିଆଁ ଲଗାଇ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଗ୍ନିକାଣ୍ଡରେ ବାରିପଟ ଆଜବେସଷ୍ଟସ ଘରେ ଥିବା ୩ଲକ୍ଷ ଟଙ୍କାର ମାଛଧରା ଜାଲ ପୋଡ଼ିଯାଇଛି। ଟାଙ୍ଗୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ପଡ଼ୋଶୀ ଘରର ୪ଜଣ ନିଆଁ ଲଗାଇଛନ୍ତି ବୋଲି ମାଗୁଣିଙ୍କ ସ୍ତ୍ରୀ ଦମୟନ୍ତୀ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୨/୨୬) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି।

### ଶିକ୍ଷାବିତ୍ ସତ୍ୟବାଦୀ ରଥଙ୍କ ପରଲୋକ

ନିରାକାରପୁର,୬।୧ (ମାନସ ଚନ୍ଦ୍ର ପଟ୍ଟନାୟକ): ଶିକ୍ଷାବିତ୍ ସତ୍ୟବାଦୀ ରଥଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୪ବର୍ଷ ହୋଇଥିଲା। ତାଙ୍କ ମରଶରୀରକୁ ବାସଭବନ ଗୋଳବାଇକୁ ନିଆଯିବା ପରେ ଦୀର୍ଘବର୍ଷ ଧରି ଶିକ୍ଷକତା କରିଥିବା ନିରାକାରପୁର ହାଇସ୍କୁଲ ପରିସରକୁ ଅଣାଯାଇଥିଲା। ହାଇସ୍କୁଲରେ ଅଧ୍ୟୟନରତ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ପୁରାତନ ଛାତ୍ର ଲକ୍ଷ୍ମୀଧର ଆଚାର୍ଯ୍ୟ, ବିଭୁତି ଭୂଷଣ ଆଚାର୍ଯ୍ୟ, ମାନସ ଚନ୍ଦ୍ର ପଟ୍ଟନାୟକ, ଆଲୋକ ଛୋଟରାୟ, ମନ୍ମଥ ବେହେରା, ବିଜୟ ବଳିୟାରସିଂହ, ବିପିନ ରାଉତରାୟ, ମୃତ୍ୟୁଞ୍ଜୟ ସାହୁ, ମୃତ୍ୟୁଞ୍ଜୟ ପ୍ରଧାନ, ସୁଶାନ୍ତ ପ୍ରଧାନ, ମନୋଜ ପ୍ରଧାନ, ବିଜୟ ଲକ୍ଷ୍ମୀ ଆଚାର୍ଯ୍ୟ, ସୁଶାନ୍ତ ସାହୁ, ଟୁନା ଦାସ, ଭରତ ବେହେରା ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହ ନୀରବ ପ୍ରାର୍ଥନା କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁତୁରା ତାରା ପ୍ରସାଦ ରଥ ମୁଖାଗ୍ନି ଦେଇଥିଲେ।

### ଅଧାରୁ ପାଠ ଛାଡ଼ିଥିବା ୨୫ ଶିକ୍ଷାର୍ଥୀ ନାମ ଲେଖାଇଲେ

କୃଷ୍ଣପ୍ରସାଦ, ୬।୧ (କୈଳାସ ଚନ୍ଦ୍ର ପଟ୍ଟନାୟକ): କୃଷ୍ଣପ୍ରସାଦ ବ୍ଲକ ମାଲୁଦ ହାଇସ୍କୁଲରେ ରାଜ୍ୟ ସରକାରଙ୍କ ମୁକ୍ତ ବିଦ୍ୟାଳୟ ହୋଇଛି। ଏହି ବିଦ୍ୟାଳୟରେ କିଛି ବର୍ଷ ହେବ ଅଧାରୁ ପାଠ ଛାଡ଼ିଥିବା ଶିକ୍ଷାର୍ଥୀମାନେ ସିଧାସଳଖ ୧୦ମ ଶ୍ରେଣୀ ପରୀକ୍ଷା ଦେଇଥାନ୍ତି। ସେମାନଙ୍କ ନାମ ଲେଖା ପରେ ମାଗଣାରେ ବହିପତ୍ର ସରକାରଙ୍କ ତରଫରୁ ମିଳିଥାଏ। ସେମାନେ ମାଗଣାରେ ପାଠ ପଢ଼ିଥାନ୍ତି। ଯାହାଦ୍ୱାରା ଅଧାରୁ ପାଠ ଛାଡ଼ିଥିବା ଶିକ୍ଷାର୍ଥୀମାନେ ଉଚ୍ଚ ଶିକ୍ଷା ଲାଭ କରିଥାନ୍ତି। ମଙ୍ଗଳବାର ମାଲୁଦ ନୋଡାଲ ହାଇସ୍କୁଲରେ ନାମଲେଖା କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଅଧାରୁ ପାଠ ଛାଡ଼ିଥିବା ୨୫ ଜଣ ଶିକ୍ଷାର୍ଥୀ ନାମ ଲେଖାଇଥିଲେ। କ୍ୟାମ୍ପରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିଧେଶ୍ୱର କରଣ, ପ୍ରଧାନ ଶିକ୍ଷକ ଅଖିଳ ନାୟକ, ସହକାରୀ ଶିକ୍ଷକ ଅଭୟ ଜେନା, ସିଆରସିସି ରମାକାନ୍ତ ଜେନା, ସୁକାନ୍ତ ଜେନା, ସତ୍ୟବାଦୀ ବିଶ୍ୱାଳ, ବିଭୁତି ଭୂଷଣ ଦଳବେହେରା, ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବରମୁଣ୍ଡା ବସ୍ ଟର୍ମିନାଲରେ ଖୋଲିବ ଆଇଟି କମ୍ପାନୀ

ଭୁବନେଶ୍ୱର, ୬।୧ (ବନ୍ଦନା ସେଠୀ)

ଆଗାମୀ ଦିନରେ ବଡ଼ ପରିବହନ ଓ ବ୍ୟବସାୟିକ ପେଣ୍ଠସ୍ଥଳୀରେ ପରିଣତ ହେବାକୁ ଯାଉଛି ବାବା ସାହେବ ଭୀମରାଓ ଆମ୍ବେଡକର ବସ୍ ଟର୍ମିନାଲ(ବିଏସ୍ଏବିଟି)। ଖୁବ୍‌ଶୀଘ୍ର ଏଠାରେ ଆଇଟି ପ୍ରତିଷ୍ଠାନ କାର୍ଯ୍ୟକ୍ଷମ ହେବ। ଏହି ଆଧୁନିକ ବସ୍ ଟର୍ମିନାଲ୍‌କୁ ପରିଚାଳନା କରୁଥିବା ବିଡିଏ ବିଏସ୍ଏବିଟିର ଦୁଇଟି ମହଲାରେ ଥିବା ଜାଗାକୁ ଆଇଟି କମ୍ପାନୀଗୁଡ଼ିକ ପାଇଁ ଦେବାକୁ ନିଷ୍ପତ୍ତି ନେଇଛି, ଯାହାଦ୍ୱାରା ଗୋଟିଏ ଛାତ ତଳେ ପରିବହନ, ସେବା ଓ ପ୍ରଯୁକ୍ତିବିଦ୍ୟାର ଏକ ଅନନ୍ୟ ମିଶ୍ରଣ ସମ୍ଭବ ହୋଇପାରିବ। ଏନେଇ ମଙ୍ଗଳବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବିଏସ୍ଏବିଟିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଘୋଷଣା କରିଛନ୍ତି। ଏଠାରେ ଆଇଟି କମ୍ପାନୀ ପ୍ରତିଷ୍ଠା ଦ୍ୱାରା ପରିବହନ ସହ ବ୍ୟବସାୟିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ଯାହା ଏହି ପରିସରରେ ଥିବା ବ୍ୟବସାୟୀଙ୍କୁ ଭଲ ବ୍ୟବସାୟ କରିବା ପାଇଁ ସହାୟକ ହେବ। ସେହିଭଳି ବିଏସ୍ଏବିଟିରେ ଥିବା ଭିସା ଆପ୍ଲିକେଶନ ସେଣ୍ଟର ନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ଘୋଷଣା ସମ୍ପର୍କରେ ମନ୍ତ୍ରୀ ଡା. ମହାପାତ୍ର ସୂଚନା ଦେଇଥିଲେ। ମନ୍ତ୍ରୀ ଡା. ମହାପାତ୍ର ବିଏସ୍ଏବିଟିର ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହ ସେଠାରେ ଥିବା ଆହାର କେନ୍ଦ୍ରରେ ଖାଇଥିଲେ। ଏହି ଅବସରରେ ନୂଆ ବିଏସ୍ଏବିଟିରେ ହିତାଧିକାରୀମାନଙ୍କୁ ଶୀତତାପ ନିୟନ୍ତ୍ରିତ ଦୋକାନ ଘର ଚାବି ହସ୍ତାନ୍ତର କରାଯାଇଛି। ପୂର୍ବରୁ ଅନେକ ଦୋକାନୀ ବସ୍ ଟର୍ମିନାଲ ବାହାରେ ବସିବାକୁ ବାଧ୍ୟ ହେଉଥିଲେ। ମାତ୍ର ଦୋକାନ ଘର ମିଳିବା ପରେ ସମ୍ମାନଜନକଭାବେ ରୋଜଗାର କରି ଜୀବିକା ନିର୍ବାହ କରିପାରିବେ ବୋଲି ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସେପ୍ଟେମ୍ବରରେ ବିଡିଏ ବିଏସ୍ଏବିଟିରେ ୧୧୨ଟି ଦୋକାନକୁ ହିତାଧିକାରୀଙ୍କୁ ଲଟେରି ମାଧ୍ୟମରେ ମାସିକ ଭଡ଼ା ଭିତ୍ତିରେ ଆବଣ୍ଟିତ କରିଥିଲା। ବିଏସ୍ଏବିଟିର ନିର୍ମାଣ ପୂର୍ବରୁ ପୁରୁଣା ବରମୁଣ୍ଡା ବସ୍ ଟର୍ମିନାଲ ପରିଚାଳନା କରୁଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍‌ଟିସି) ଦ୍ୱାରା କରାଯାଇଥିବା ଏକ ସର୍ଭେ ଆଧାରରେ ହିତାଧିକାରୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଥିଲା। ଆବଣ୍ଟିତ ଦୋକାନଗୁଡ଼ିକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାଣି ସଂଯୋଗ ଏବଂ ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ରହିଛି।

**ବିଏସ୍ଏବିଟିରେ ହିତାଧିକାରୀଙ୍କୁ ଶୀତତାପ ନିୟନ୍ତ୍ରିତ ଦୋକାନ ଘର ଚାବି ହସ୍ତାନ୍ତର**



## ପ୍ରସୂତିଙ୍କ ସନ୍ଦେହଜନକ ମୃତ୍ୟୁ

ଖୋର୍ଦ୍ଧା,୬।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଏକ ଘରୋଇ ହସ୍ପିଟାଲରେ ଜଣେ ମହିଳା ଶିଶୁକନ୍ୟାଙ୍କୁ ଜନ୍ମ ଦେବା ପରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ମହିଳାଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନା କିମ୍ବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ମୃତକ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ କିଛି ଟଙ୍କା ଦେଇ ସମ୍ପୃକ୍ତ ହସ୍ପିଟାଲର ମାଲିକ ଘଟଣାକୁ ଚାପି ଦେଇଥିବା ଚର୍ଚ୍ଚା ହେଉଛି। ସୂଚନା ମୁତାବକ, ଟାଙ୍ଗୀ ଥାନା ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କୁ ପରିବାର ଲୋକେ ଉକ୍ତ ଘରୋଇ ହସ୍ପିଟାଲରେ ସୋମବାର ମଧ୍ୟାହ୍ନରେ ଭର୍ତ୍ତି କରିଥିଲେ। ରାତି ପ୍ରାୟ ୮ଟାରେ ମହିଳା ଜଣଙ୍କ ଏକ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ତେବେ ଜନ୍ମ ଦେବାର କିଛି ସମୟ ପରେ ସେ ପେଟରେ ଗୁରୁତର ଯନ୍ତ୍ରଣା ଅନୁଭବ ହେବା ସହ ଇଣ୍ଟରନାଲ ବ୍ଲିଡିଂ ହୋଇଥିଲା। ତାଙ୍କର ସିଜିରିଆନ୍ ଅପରେସନ ହୋଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତର ତାଙ୍କର ଅପରେସନ କରିଥିବା ଜଣାପଡ଼ିଛି। ଏପରିକି ସମ୍ପୃକ୍ତ ମହିଳା ଜଣଙ୍କୁ ରକ୍ତ ମଧ୍ୟ ଦିଆଯାଇଥିଲା। ଏହା ସତ୍ତ୍ୱେ ରକ୍ତ କମିବା ବନ୍ଦ ହେବା ପରିବର୍ତ୍ତେ ବଢ଼ିଚାଲିଲା। ତେବେ ମହିଳା ଜଣଙ୍କ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ତାଙ୍କୁ ନିକଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ପରିବର୍ତ୍ତେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ସିଡିଏମ୍ଓ ଡା.ସଞ୍ଜୟ ରାୟ କହିଛନ୍ତି, ଏଭଳି କୌଣସି ଅଭିଯୋଗ ଆସିନାହିଁ। ଯଦି କୌଣସି ସରକାରୀ ଡାକ୍ତର ଘରୋଇ ହସ୍ପିଟାଲରେ ଚିକିତ୍ସା କରିବା ପରେ ପସୂତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଲେ, ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଭୁବନେଶ୍ୱର ଭଞ୍ଜକଳାମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ନାଟକ 'ସିଦ୍ଧାନ୍ତ'ର ଏକ ଦୃଶ୍ୟ।

## ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

ବେଗୁନିଆ,୬।୧ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର): ବେଆଇନ ଭାବେ ବାଲି ବୋଝେଇ କରି ନେଇଯାଉଥିବା ଏକ ହାଇୱାକୁ ମଙ୍ଗଳବାର ବେଗୁନିଆ ଥାନା ପୋଲିସ ଜବତ କରିଛି। ଏହି ଘଟଣାରେ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ବୋଲଗଡ଼ ଥାନା ଅନ୍ତର୍ଗତ ଫାସିଓଦା ଗ୍ରାମର ଧନେଶ୍ୱର ସାମନ୍ତରାୟ। ପୋଲିସ ସୂଚନା ମୁତାବକ, କୋଦବେରେଣି-ଟିକାତାଳ ରାସ୍ତାରେ ଏକ ବାଲି ବୋଝେଇ ହାଇୱା (ଓଡି୦୨ଏଭି୮୬୪୫)ଯାଉଥିଲା। ଏହି ସମୟରେ ବେଗୁନିଆ ପୋଲିସ ପକ୍ଷରୁ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ରୋକିବା ପାଇଁ ମାଣିବନ୍ଧ ଗ୍ରାମ ସ୍ଥିତ ହନୁମାନ ମନ୍ଦିର ନିକଟରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିଲା। ଉକ୍ତ ଗାଡ଼ିର କାଗଜପତ୍ର ଯାଞ୍ଚ ବେଳେ ବେଆଇନ ବୋଝେଇ ବୋଲି ଜଣାପଡ଼ିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୯/୨୬) ରୁଜୁ କରି ଏଏସ୍ଆଇ ଅଭୟ କୁମାର ରାଉତ ଅଧିକ ତଦନ୍ତ କରୁଛନ୍ତି। ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏସ୍ଆଇ ଉମାକାନ୍ତ ବେହେରା, ରାଇଟର ଶ୍ରୀନିବାସ ବାରିକ, ବିକାଶ ସେଠୀ, ବି.କହଁର ଏବଂ ସନ୍ତୋଷୀ ବେହେରାଙ୍କୁ ନେଇ ଚଢ଼ାଉ ଦଳ ଗଠନ କରାଯାଇଥିଲା।

## ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ କବିତା ପାଠୋତ୍ସବ



ପୁରୁଣା ଭୁବନେଶ୍ୱର,୬।୧ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ସୋମବାର ସାମନ୍ତରାପୁରସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ସଭାପତି ହୃଷୀକେଶ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଧୀରେନ ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଅଧ୍ୟାପକ ବିଶ୍ୱମୋହନ, ମୁଖ୍ୟ ବକ୍ତା କବି ପଞ୍ଚାନନ ନାୟକ, ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବିତା ଆବୃତ୍ତି କରିଥିବା ପ୍ରତ୍ୟେକଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଶଂସା ପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ପ୍ରହରାଜଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର କୁନି ପିଲାମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଆୟୋଜକ କମିଟିର ଆବାହକ ବିଜୟ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କବି ସୁଧାଂଶୁ ଶେଖର ମିଶ୍ର କବିତା ପାଠଚକ୍ରରେ ସଂଯୋଜନା କରିଥିବା ବେଳେ ସଂଘର ଉପସଭାପତି ରମାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**'ପଲ୍ଲୀରେ ପ୍ରଶାସନ'ରେ କେକ କାଟି ଜନ୍ମଦିନ ପାଳିବା ପ୍ରସଙ୍ଗ**

## ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ

ଖୋର୍ଦ୍ଧା,୬।୧ (ପ୍ରଭାତ ପାଣିଗ୍ରାହୀ)

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମରେ କେକ୍ କାଟି ଡ୍ରାଇଭରଙ୍କ ଜନ୍ମଦିନ ପାଳିବା ବିଡିଓ ଏବଂ ଜିଲା ପଞ୍ଚାୟତ ଅଧିକାରୀଙ୍କ ପାଇଁ ଅଡୁଆ ବଢ଼ିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆଇନଜୀବୀ ତଥା ମାନବାଧିକାର କର୍ମୀ ଶ୍ରୀତମ କୁମାର ପ୍ରଧାନ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣିବା ପରିବର୍ତ୍ତେ ଉକ୍ତ କାର୍ଯ୍ୟକ୍ରମରେ କେକ କାଟି ଜନ୍ମଦିନ ପାଳନ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି। ଅଭିଯୋଗ ଶୁଣାଣି ପାଇଁ ଜନସାଧାରଣ ଅପେକ୍ଷା କରିଥିବା ବେଳେ ପ୍ରଶାସନିକ ଅଧିକାରୀ, କର୍ମଚାରୀମାନେ କିଭଳି ଜନ୍ମଦିନ ପାଳନ କରୁଥିଲେ ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାର ଜନସାଧାରଣଙ୍କ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱ ଦେଉଛନ୍ତି। ତେବେ ଗ୍ରାମାଞ୍ଚଳ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ଉଦ୍ଦେଶ୍ୟରେ ଜିଲାପାଳ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ତେବେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ୍ରାଇଭରଙ୍କ ଜନ୍ମଦିନ ପାଳନ କରି କେକ କାଟିବା ଦାୟିତ୍ୱହୀନତାର ନିଦର୍ଶନ। ଜିଲା ପଞ୍ଚାୟତ ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲା ପଦାଧିକାରୀମାନେ ମଧ୍ୟ ଏକ ଜରୁରୀ ବିଧିଗତ ପ୍ରକ୍ରିୟା ଚାଲୁଥିବା ସମୟରେ ଜନ୍ମଦିନ ପାଳନରେ ସମୟ ଅପଚୟ କରିଥିଲେ। ଉକ୍ତ ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଅନ୍ୟପଟେ ବିଡିଓ କହିଛନ୍ତି ଯେ, ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ପାଇଁ ସାଜସଜ୍ଜା ଚାଲିଥିଲା, ଅନ୍ୟ ଅଧିକାରୀମାନେ ପହଞ୍ଚି ନ ଥିଲେ। ଏହି ସମୟରେ ଜନ୍ମଦିନ ପାଳନ କରାଯାଇଥିଲା। ଲୋକଙ୍କ ଅଭିଯୋଗ ଶୁଣାଣିରେ ଅବହେଳା କରାଯାଇ ନାହିଁ। ଜନ ପ୍ରତିନିଧିମାନଙ୍କ ଅଭିଯୋଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି।



ଜଟଣୀ ନଗର ଭାଜପା ପକ୍ଷରୁ ମଙ୍ଗଳବାର ସୀତାରାମ ଛକଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମ ଦିବସ ପାଳନ କରାଯାଉଛି। **(ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)**

## ଆମ ବସ୍: 'ସୁରକ୍ଷା ପ୍ରଥମ' ନୀତି ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୬।୧ (ବନ୍ଦନା ସେଠୀ)

ରାଜ୍ୟରେ ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ 'ଆମ ବସ୍' ଅପରେଟରମାନଙ୍କର ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରି 'ସୁରକ୍ଷା ପ୍ରଥମ' ନୀତି ଉପରେ ଗୁରୁତ୍ୱ ଦେବା ସହିତ ଯାତ୍ରୀଙ୍କ ନିରାପତ୍ତା ସହ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ବୋଲି କହିଥିଲେ। ୨୦୨୫ ବର୍ଷରେ ଡ୍ରାଇଭରଙ୍କ ଅବହେଳାରୁ ହୋଇଥିବା ଦୁର୍ଘଟଣାରେ ସମ୍ପୃକ୍ତ ଡ୍ରାଇଭରଙ୍କୁ ଚାକିରିରୁ ବହିଷ୍କାର ଓ ଲାଇସେନ୍ସ ରଦ୍ଦ ଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ବସ୍‌ଗୁଡ଼ିକରେ 'ଆଡ୍‌ଭାନ୍ସଡ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ' (ଏଡିଏଏସ୍) ଏବଂ 'ଡ୍ରାଇଭର ଫାଟିଗ୍ ମନିଟରିଂ ସିଷ୍ଟମ' (ଡିଏଫ୍ଏମ୍ଏସ୍) ସ୍ଥାପନ କରାଯିବ। ଏହାଦ୍ୱାରା ଡ୍ରାଇଭରଙ୍କ ଗାଡ଼ି ଚଳାଇବା ଶୈଳୀ ଓ ସଚେତନତା ଉପରେ ପ୍ରତ୍ୟକ୍ଷ ନଜର ରଖାଯାଇ ଦୁର୍ଘଟଣାକୁ ରୋକାଯାଇ ପାରିବ। ପ୍ରତିଦିନ ବସ୍ ଚାଳକ ଓ କର୍ମଚାରୀଙ୍କ ମଦ୍ୟପାନ ପରୀକ୍ଷା କରାଯାଉଛି। ଏଥିସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଯାଉଛି। ଅପରେଟରମାନଙ୍କୁ ଟ୍ରାଫିକ ନିୟମ, ଲେନ୍ ଅନୁଶାସନ ଏବଂ ଗତି ସୀମା କଡ଼ାକଡ଼ି ପାଳନ କରିବା ସହିତ ଡ୍ରାଇଭରମାନଙ୍କ କ୍ଳାନ୍ତିଜନିତ ବିପଦକୁ ଏଡାଇବା ପାଇଁ ନିୟନ୍ତ୍ରିତ କାର୍ଯ୍ୟ ସମୟ ସୁନିଶ୍ଚିତ କରିବାକୁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ନୂତନ ଭାବେ ନିଯୁକ୍ତ ଡ୍ରାଇଭରମାନଙ୍କୁ ବାଧ୍ୟତାମୂଳକ ଆଇଡିଟିଆର୍ ତାଲିମ ଏବଂ ରୁଟ୍ ପରିଚିତି ପରେ ହିଁ ନିୟୋଜିତ କରାଯିବ। ବୈଠକରେ ବସ୍ ଚଳାଚଳରେ ଶୃଙ୍ଖଳା ରକ୍ଷା, ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଏବଂ ଯାତ୍ରୀଙ୍କୁ ନିରାପଦ ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ଜିଏମ୍ ସହଦେବ ସାମାଧିଆ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।



## ୧୦ରୁ ଶିଶିର ସରସ ମେଳା

**ଯୋଗଦେବେ ୩୦ ଜିଲ୍ଲା, ୨୦ ରାଜ୍ୟର କାରିଗର**

ଭୁବନେଶ୍ୱର,୬।୧ (ସୁଚିସ୍ମିତା ସାହୁ)

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ଓର୍ମାସ୍ ପକ୍ଷରୁ ଆସନ୍ତା ୧୦ ତାରିଖରୁ 'ଶିଶିର ସରସ-୨୦୨୬' ଆରମ୍ଭ ହେବାକୁ ଯାଉଛି। ମିଶନଶକ୍ତିର ମିଳିତ ସହଭାଗିତାରେ ଆୟୋଜିତ ହେବାକୁ ଥିବା ଏହି ମେଳାରେ ଗ୍ରାମୀଣ ଉତ୍ପାଦକ, କାରିଗର ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସିଧାସଳଖ ବିକ୍ରୟ ସୁଯୋଗ ମିଳିବ। ଏଥିରେ ଓଡ଼ିଶା ଏବଂ ଅନ୍ୟ ୨୦ଟି ରାଜ୍ୟରୁ ଶିଳ୍ପୀମାନେ ଅଂଶଗ୍ରହଣ କରିବେ। ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ୧୮ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ମେଳାରେ ସମୁଦାୟ ୩୪୦ଟି ବିକ୍ରୟ ଷ୍ଟଲ ଓ ୩୫ଟି ଖାଦ୍ୟ ଷ୍ଟଲ ରହିବ ବୋଲି ମଙ୍ଗଳବାର ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦର୍ଶକଙ୍କୁ ଏହା ଏକ ମିନି ଇଣ୍ଡିଆ ବଜାରର ଅନୁଭୂତି ପ୍ରଦାନ କରିବ। ଏଠାରେ ବରଗଡ଼, ସମ୍ବଲପୁର, ବଲାଙ୍ଗୀର ଓ ସୁବର୍ଣ୍ଣପୁରର ହସ୍ତତନ୍ତ, ବାଲେଶ୍ୱରର ଲାଖ ସାମଗ୍ରୀ, କେନ୍ଦୁଝରର ପେପର ମାଶେ, କନ୍ଧମାଳ ଓ କଳାହାଣ୍ଡିର କାଠ କାମ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରର କାଇଁଚ, ବଲାଙ୍ଗୀରର ଟେରାକୋଟା, କୋରାପୁଟର ଲେମନଗ୍ରାସ୍ ଓ କଳାଜିରା ଚାଉଳ, ସୁନ୍ଦରଗଡ଼ର ମିଲେଟ ଉତ୍ପାଦ ଉପଲବ୍ଧ ହେବ। ସେହିପରି ଆନ୍ଧ୍ରପ୍ରଦେଶର କଲମକରୀ ହସ୍ତତନ୍ତ, ଛତିଶଗଡ଼ର କୋସା ସିଲ୍କ, ଝାଡ଼ଖଣ୍ଡର ଟସର ସିଲ୍କ, ଉତ୍ତରପ୍ରଦେଶର ଚିକନକାରୀ, ଜମ୍ମୁକଶ୍ମୀରର ଉଲେନ ପୋଷାକ, ପଞ୍ଜାବର ଫୁଲକରୀ, ମଧ୍ୟପ୍ରଦେଶର ବ୍ଲକ ପ୍ରିଣ୍ଟ, କର୍ଣ୍ଣାଟକର କୃତ୍ରିମ ଗହଣା ସହ ଦେଶର ବିଭିନ୍ନ ରାଜ୍ୟର ହସ୍ତଶିଳ୍ପ ଓ ଗ୍ରାମୀଣ ଉତ୍ପାଦ ମେଳାର ପ୍ରମୁଖ ଆକର୍ଷଣ ସାଜିବ। ଏହି ଅବସରରେ ୬ଟି କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ ହେବ, ଯେଉଁଥିରେ ପ୍ରାୟ ୮୫୦ ଜଣ ସିଆରପି ଏବଂ ଏସ୍ଏଚ୍‌ଜିର ସଦସ୍ୟ ଅଂଶଗ୍ରହଣ କରିବେ। ପ୍ରତିଦିନ ସନ୍ଧ୍ୟାରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ମେଳାର ଏକ ପ୍ରମୁଖ ଆକର୍ଷଣ ସାଜିବ। ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସ୍ମୃତିରେ ବିଶେଷ ସଙ୍ଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ ହେବ। ଚଳିତବର୍ଷ ମେଳା ପରିସରକୁ ସୁସଜ୍ଜିତ, ପରିଷ୍କାର ଓ ପ୍ଲାଷ୍ଟିକମୁକ୍ତ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ପରିଦର୍ଶକଙ୍କ ସୁବିଧା ପାଇଁ ପାନୀୟଜଳ, ଆଲୋକ, ସୁରକ୍ଷା ବ୍ୟବସ୍ଥା ସହ ସମସ୍ତ ଆବଶ୍ୟକୀୟ ସୁବିଧା ଉପଲବ୍ଧ କରାଯିବ। ଏହି ମେଗା ମେଳା ମାଧ୍ୟମରେ ପ୍ରାୟ ୩୦ କୋଟି ଟଙ୍କାର ବ୍ୟବସାୟ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଶିଶିର ସରସ ମେଳାର ଉଚିତ ଅବଦାନ ରହିବ ବୋଲି ମନ୍ତ୍ରୀ ନାଏକ କହିଛନ୍ତି। ସେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ମେଳାର ସଫଳତା କାମନା କରିଛନ୍ତି।




ଶିଶିର ମେଳା ଆୟୋଜନ ସମ୍ପର୍କରେ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଉଛନ୍ତି।

## ସଂକ୍ଷେପରେ

### ଗୋରୁ ଚମଡ଼ା ଜବତ କରି ରାସ୍ତା ଅବରୋଧ

ବାଲିପାଟଣା,୬।୧୨(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳୀପୁର ଅଞ୍ଚଳରେ ଏକ ସ୍କୁଟିରେ ଗୋରୁ ଚମଡ଼ା ଚାଲାଣ ହେଉଥିବା ବେଳେ ବଜରଙ୍ଗ ଦଳ ପକ୍ଷରୁ ଦେଉଳିଧରପୁରଠାରେ ଜବତ କରାଯାଇଛି। ସୂଚନା ଅନୁସାରେ, ଏକ ସ୍କୁଟିରେ ଗୋରୁ ଚମଡ଼ା ଚାଲାଣ ହେଉଥିବା ନେଇ ବଜରଙ୍ଗ ଦଳ କର୍ମୀମାନେ ସୂଚନା ପାଇଥିଲେ। ଦେଉଳିଧରପୁରଠାରେ ବଜରଙ୍ଗ ଦଳ କର୍ମୀମାନେ ଗୋରୁ ଚମଡା ଜବତ କରିଥିବା ବେଳେ ଚାଲାଣକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ଗୋଚାଲାଣ ଏବଂ ଗୋହତ୍ୟା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବଜରଙ୍ଗ ଦଳ କର୍ମୀଙ୍କ ସହ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ପରେ ପୋଲିସ ଗୋରୁ ଚମଡ଼ାକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ପ୍ରଫେସର ଜି.ସି. ନାୟକଙ୍କ ସ୍ମାରକୀ ଦିବସ ପାଳିତ

ଭୁବନେଶ୍ୱର,୬।୧(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ପ୍ରଫେସର ଜି.ସି. ନାୟକଙ୍କ ସ୍ମାରକୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଫେସର ପି.କେ. ମହାପାତ୍ର ଏବଂ ପ୍ରଫେସର ଏସ୍.କେ. ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଫେସର ନାୟକଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ନନ୍ଦିନୀ ମିଶ୍ର ଅତିଥି ପରିଚୟ ଓ ବସନ୍ତ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

### ଆଣ୍ଡାମାନ ନିକୋବର ସାଧନ କର୍ମୀଙ୍କ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୬।୧(ସୁଚିସ୍ମିତା ସାହୁ)

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଏନ୍‌ସିଆର୍‌ଟି ଭୁବନେଶ୍ୱର ଦ୍ୱାରା ରାଜ୍ୟ ଶିକ୍ଷା ପ୍ରତିଷ୍ଠାନ, ଶ୍ରୀବିଜୟପୁରମ୍ ସହଯୋଗରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ପ୍ରମୁଖ ସାଧନ କର୍ମୀଙ୍କ ପାଇଁ ପାଞ୍ଚଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଜୟପୁରମସ୍ଥିତ ରାଜ୍ୟ ଶିକ୍ଷା ପ୍ରତିଷ୍ଠାନରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଶିକ୍ଷା ପ୍ରତିଷ୍ଠାନ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଅଧ୍ୟକ୍ଷା ସଙ୍ଗୀତା ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୂଳ ଶିକ୍ଷା ଓ ବାଳବାଟିକାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜାତୀୟ ଶିକ୍ଷା ନୀତି–୨୦୨୦ ଅନୁଯାୟୀ ୩ରୁ ୮ବର୍ଷ ବୟସର ପିଲାଙ୍କ ପାଇଁ ବାଲବାଟିକାର କାର୍ଯ୍ୟକାରୀ କାର୍ଯ୍ୟାନ୍ୱୟନ ଉପରେ ଏହି କାର୍ଯ୍ୟକ୍ରମ କେନ୍ଦ୍ରିତ। ଏହି ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ । କାର୍ଯ୍ୟକ୍ରମରେ ଡ. ବେବ୍ସି ଜୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗଠନ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ। ସେ 'ଜାଦୁଇ ପିଟାରା' ଓ 'ଇ–ଜାଦୁଇ ପିଟାରା' ମାଧ୍ୟମରେ ଖେଳ–ଆଧାରିତ ଓ ଅନୁଭୂତିମୂଳକ ଶିକ୍ଷାର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୪୦ ଜଣ ସାଧନ କର୍ମୀ ଅଂଶଗ୍ରହଣ କରିଥିଲେ। ଆର୍‌ଆଇଇ, ଭୁବନେଶ୍ୱରର ସହକାରୀ ପ୍ରଫେସର ଡ. ବରୁଣ ଅଶୋକନ ଧନ୍ୟବାଦ ଦେଇଥିଲେ।

# ଆବର୍ଜନା ଜାଳିବା, ଚୁଲି, କୋଇଲାରେ ରୋଷେଇ ମନା

## ରାଜଧାନୀରେ ପ୍ରଦୂଷଣ ରୋକିବାକୁ ବିଏମ୍‌ସିର କଟକଣା

ଭୁବନେଶ୍ୱର, ୬।୧ (ବନ୍ଦନା ସେଠୀ)

ଦେଶର ରାଜଧାନୀ ଦିଲ୍ଲୀ ପରି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ପ୍ରଦୂଷଣଜନିତ ଭୟଙ୍କର ସ୍ଥିତି ସୃଷ୍ଟି ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କଟକଣା ଜାରି କରାଯାଇଛି। ଏଣିକି ଘର ବାହାରେ ଆବର୍ଜନା ଜାଳିବା, ହୋଟେଲ କି ଢାବାରେ କୋଇଲା ଏବଂ କାଠରେ ରୋଷେଇ ସମ୍ପୂର୍ଣ୍ଣ ମନା। ଏଥିସହ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧିବାକୁ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ଏନେଇ ବିଏମ୍‌ସି ପକ୍ଷରୁ ସମସ୍ତ ଜୋନାଲ କମିଶନରଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଶିଳ୍ପାଞ୍ଚଳରେ ରାସ୍ତା ଗୁଡିକରେ ନିୟମିତ ପାଣି ସିଞ୍ଚନ ପାଇଁ ଇଡ୍‌କୋକୁ କୁହାଯାଇଛି। ଜାତୀୟ ରାଜପଥରେ ଧୂଳି ହେଉଥିବା ସ୍ଥାନରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଦିନକୁ ୩ଥର ପାଣି ପକାଇବାକୁ କୁହାଯାଇଛି। କ୍ରୁଟ୍ ପକ୍ଷରୁ ନିଜର ସମସ୍ତ ବସ୍ ଡିପୋ ଓ ଷ୍ଟାଣ୍ଡଗୁଡିକରେ ଜଳ ସିଞ୍ଚନ ସହ ଗାଡ଼ି ସଫା କରାଯିବ। ବାୟୁ ଗୁଣବତ୍ତା ପରିଚାଳନାକୁ ଦୃଷ୍ଟିରେ ରଖି ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ କଠିନ ଇନ୍ଧନ ବ୍ୟବହାର ନିଷେଧ କରି ସମସ୍ତ ପିକନିକ ସ୍ପଟ୍ ପାଇଁ ପରାମର୍ଶ ଜାରି କରାଯିବ। ବିଲ୍ଡିଂ ପ୍ଲାନ୍ ଆପ୍ରୁଭ କରିବା ସମୟରେ ଏୟାର କ୍ୱାଲିଟି ମେଜରକୁ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କନଷ୍ଟ୍ରକ୍ସନ୍ ସାମଗ୍ରୀ ପରିବହନ ସମୟରେ ବଡ ଗାଡ଼ିଗୁଡିକ ଭଲଭାବେ କଭର କରିବେ, କନ୍‌ଷ୍ଟ୍ରକ୍‌ସନ୍ ସାଇଟ୍‌କୁ ଯିବା ଏବଂ ଆସିବା ସମୟରେ ଗାଡ଼ି ଗୁଡିକୁ ଭଲଭାବେ ଧୋଇବା, ଧୂଳି ନ ଉଡିବା ପାଇଁ ନିର୍ମାଣଧୀନ କୋଠାକୁ ଭଲଭାବେ ଆବରଣ କରିବା, ନିର୍ମାଣ କାର୍ଯ୍ୟ ସମୟରେ ପାଖ ସ୍ଥାନଗୁଡିକରେ ଗଛ ଲଗାଇବା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି ହୋଇଥିବା ଗାଇଡ୍‌ଲାଇନ୍ ଅନୁପାଳନ କରି ନିର୍ମାଣ କାର୍ଯ୍ୟ କରିବା ନେଇ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, କିଛିଦିନ ତଳେ ଭୁବନେଶ୍ୱରରେ ଏକ୍ୟୁଆଇ ମାନ ୩ଶହ ଟପିଥିଲାବେଳେ ଏବେ ୨୦୦ ଉପରେ ରହୁଛି। ପ୍ରଦୂଷଣ କାରଣରୁ ରାଜଧାନୀବାସୀ ଅସ୍ତବ୍ୟସ୍ତ ହେଉଛନ୍ତି। ସେଥିପାଇଁ ଛାତି ଓ ଫୁସଫୁସଜନିତ ରୋଗ ମଧ୍ୟ ବଢିବାରେ ଲାଗିଛି। ତେଣୁ ଏହାର ମୂଳ ଉତ୍ସକୁ ରୋକିବାକୁ ଦୀର୍ଘମିଆଦି ଆକ୍ସନ ପ୍ଲାନ ହେବା ଜରୁରୀ ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।



ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଲୋକଭବନଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ତାଙ୍କୁ ସ୍ୱାଗତ ଜଣାଉଛନ୍ତି। ଭେଙ୍କାୟା ବୁଧବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଆମ ବସ୍: 'ସୁରକ୍ଷା ପ୍ରଥମ' ନୀତି ଉପରେ ଗୁରୁତ୍ୱ



ବୈଠକରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ଅନ୍ୟ ଅଧିକାରୀ।

ଭୁବନେଶ୍ୱର, ୬।୧ (ବନ୍ଦନା ସେଠୀ)

ରାଜ୍ୟରେ ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ 'ଆମ ବସ୍' ଅପରେଟରମାନଙ୍କର ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରି 'ସୁରକ୍ଷା ପ୍ରଥମ' ନୀତି ଉପରେ ଗୁରୁତ୍ୱ ଦେବା ସହିତ ଯାତ୍ରୀଙ୍କ ନିରାପତ୍ତା ସହ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ବୋଲି କହିଥିଲେ। ୨୦୨୫ ବର୍ଷରେ ଡ୍ରାଇଭରଙ୍କ ଅବହେଳାରୁ ହୋଇଥିବା ଦୁର୍ଘଟଣାରେ ସମ୍ପୃକ୍ତ ଡ୍ରାଇଭରଙ୍କୁ ଚାକିରିରୁ ବହିଷ୍କାର ଓ ଲାଇସେନ୍ସ ରଦ୍ଦ ଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ବସ୍‌ଗୁଡ଼ିକରେ 'ଆଡ୍‌ଭାନ୍ସଡ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ' (ଏଡିଏଏସ୍) ଏବଂ 'ଡ୍ରାଇଭର ଫାଟିଗ୍ ମନିଟରିଂ ସିଷ୍ଟମ' (ଡିଏଫ୍‌ଏମ୍‌ଏସ୍) ସ୍ଥାପନ କରାଯିବ। ଏହାଦ୍ୱାରା ଡ୍ରାଇଭରଙ୍କ ଗାଡ଼ି ଚଳାଇବା ଶୈଳୀ ଓ ସଚେତନତା ଉପରେ ପ୍ରତ୍ୟକ୍ଷ ନଜର ରଖାଯାଇ ଦୁର୍ଘଟଣାକୁ ରୋକାଯାଇ ପାରିବ। ପ୍ରତିଦିନ ବସ୍ ଚାଳକ ଓ କର୍ମଚାରୀଙ୍କ ମଦ୍ୟପାନ ପରୀକ୍ଷା କରାଯାଉଛି। ଏଥିସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଯାଉଛି। ଅପରେଟରମାନଙ୍କୁ ଟ୍ରାଫିକ ନିୟମ, ଲେନ୍ ଅନୁଶାସନ ଏବଂ ଗତି ସୀମା କଡ଼ାକଡ଼ି ପାଳନ କରିବା ସହିତ ଡ୍ରାଇଭରମାନଙ୍କ କ୍ଳାନ୍ତିଜନିତ ବିପଦକୁ ଏଡାଇବା ପାଇଁ ନିୟନ୍ତ୍ରିତ କାର୍ଯ୍ୟ ସମୟ ସୁନିଶ୍ଚିତ କରିବାକୁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ନୂତନ ଭାବେ ନିଯୁକ୍ତ ଡ୍ରାଇଭରମାନଙ୍କୁ ବାଧ୍ୟତାମୂଳକ ଆଇଡିଟିଆର୍ ତାଲିମ ଏବଂ ରୁଟ୍ ପରିଚିତି ପରେ ହିଁ ନିୟୋଜିତ କରାଯିବ। ଏଥିସହ ପ୍ରତିରକ୍ଷାମୂଳକ ଚାଳନା, ବୈଦ୍ୟୁତିକ ବସ୍ କାର୍ଯ୍ୟକ୍ଷମତା, ପ୍ରାଥମିକ ଚିକିତ୍ସା ଏବଂ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ନିରନ୍ତର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଜାରି ରଖିବାକୁ କହିଥିଲେ। ବୈଠକରେ ବସ୍ ଚଳାଚଳରେ ଶୃଙ୍ଖଳା ରକ୍ଷା, ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଏବଂ ଯାତ୍ରୀଙ୍କୁ ନିରାପଦ ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ଜିଏମ୍ ସହଦେବ ସାମାଧିଆ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ କବିତା ପାଠୋତ୍ସବ

ପୁରୁଣା ଭୁବନେଶ୍ୱର,୬।୧ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ସୋମବାର ସାମନ୍ତରାପୁରସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ସଭାପତି ହୃଷୀକେଶ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଧୀରେନ ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଅଧ୍ୟାପକ ବିଶ୍ୱମୋହନ, ମୁଖ୍ୟ ବକ୍ତା କବି ପଞ୍ଚାନନ ନାୟକ, ଉପଦେଷ୍ଟା ରାଜେନ୍ଦ୍ର ସମର୍ଥ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବିତା ଆବୃତ୍ତି କରିଥିବା ପ୍ରତ୍ୟେକଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଂଶସା ପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ପ୍ରହରାଜଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର କୁନି ପିଲାମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଆୟୋଜକ କମିଟିର ଆବାହକ ବିଜୟ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କବି ସୁଧାଂଶୁ ଶେଖର ମିଶ୍ର କବିତା ପାଠଚକ୍ରରେ ସଂଯୋଜନା କରିଥିବା ବେଳେ ସଂଘର ଉପସଭାପତି ରମାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## 'ଗୁରୁ ଶିଷ୍ୟଙ୍କୁ ପଥ ପ୍ରଦର୍ଶନ କରାନ୍ତି'

ଭୁବନେଶ୍ୱର,୬।୧(ସୌମ୍ୟରଞ୍ଜନ ରାଉତ)

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜର ସହଯୋଗୀ ସଂଗଠନ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ମଙ୍ଗଳବାର ସୂଚନା ଭବନ ସଭାଗୃହରେ ଗୁରୁପ୍ରଣାମ ମହୋତ୍ସବର ରଜତ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ, ଗୁରୁ କେବଳ ବିଦ୍ୟାଦାତା ନୁହନ୍ତି, ଗୁରୁ ଶିଷ୍ୟଙ୍କୁ ପଥ ପ୍ରଦର୍ଶନ କରିଥାନ୍ତି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଆଜିର ଯୁବସମାଜ କେକ୍ କାଟି ଜନ୍ମଦିନ ପାଳନ କରୁଥିବା ବେଳେ ଗୁରୁ ପ୍ରଣାମ ଉତ୍ସବରେ ଗୁରୁଙ୍କୁ ସାମାଜିକ ସ୍ୱୀକୃତି ଦେବା ପାଇଁ ଡ. ଜ୍ଞାନେନ୍ଦ୍ରଙ୍କ ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥି ଯୋଗଦେଇ କହିଲେ, ଆଜିର ସମାଜ ମା'ବାପା ଓ ଗୁରୁଙ୍କୁ ଠିକ ଭାବେ ସମ୍ମାନ ଦେଉନଥିବା ବେଳେ ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ ହେବ ବୋଲି ସେ ବୋଲି କହିଥିଲେ। ଏହି ଅବସରରେ ଇତିହାସ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଓ ଗାୟକ ସାମନ୍ତ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କୁ 'ଗୁରୁ ପ୍ରଣାମ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ସେହିପରି ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବାବା ରାମକୃଷ୍ଣ ଦାସ ମହାରାଜ, ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ, ବାବା ଅଭିରାମ ସରସ୍ୱତୀ, ଆନନ୍ଦ ଚୈତନ୍ୟ ବ୍ରହ୍ମଚାରୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କୁ ନିଖିଳ ଉତ୍କଳ ଶ୍ରୀଜଗନ୍ନାଥ ପାଲା ଗାୟକ ସଂଘ ପକ୍ଷରୁ 'ସତ୍ୟନାରାୟଣ ସମ୍ମାନ' ସହ ମାନପତ୍ର ଓ ଫଳକ ପ୍ରଦାନ କରାଇଥିଲେ। କାର୍ଯ୍ୟକ୍ରମକୁ ବାବା ପ୍ରଣବାନନ୍ଦ ବାସ ସଞ୍ଚାଳନ କରିଥିଲେ।

## 'ୱାନ୍ ଷ୍ଟେଟ, ୱାନ୍ ଭିଜନ' କନକ୍ଲେଭରେ ୨୫ ଉଦ୍ୟୋଗୀ ସମ୍ମାନିତ



ଅତିଥିମାନେ ମାଗାଜିନ୍‌ର ଏକ ସ୍ୱତନ୍ତ୍ର ସଂସ୍କରଣକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୬।୧(ବନ୍ଦନା ସେଠୀ)

ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ମଙ୍ଗଳବାର ଇନ୍‌ସାଇଡ କଭର୍ ମାଗାଜିନ ପକ୍ଷରୁ 'ୱାନ୍ ଷ୍ଟେଟ୍, ୱାନ୍ ଭିଜନ' ଶୀର୍ଷକ କନକ୍ଲେଭ ଆୟୋଜିତ ହୋଇଯାଇଛି। ରାଜ୍ୟର ଉଜ୍ଜ୍ୱଳ ଓ ଉନ୍ନତ ଭବିଷ୍ୟତ ଗଢ଼ିତୋଳିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କନକ୍ଲେଭ୍‌ରେ ବିଭିନ୍ନ ଅଞ୍ଚଳରୁ ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଗଦେଇ ନିଜ ମତାମତ ଓ ଅନୁଭବ ଉପସ୍ଥାପନ କରିଥିଲେ। ଏହି କନକ୍ଲେଭ୍‌ରେ ଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ବେହେରା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଇନ୍‌ସାଇଡ କଭର୍ ମାଗାଜିନ୍‌ର ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ବେହେରା, ଡ. ଶୁଭାଶିଷ ଦାସ ଏବଂ ମାଗାଜିନ୍‌ର ସମ୍ପାଦକ ଜଗନ୍ନାଥ ପ୍ରସାଦ ସାହୁ ଯୋଗଦେଇଥିଲେ। ମାଗାଜିନ୍‌ର ଏକ ସ୍ୱତନ୍ତ୍ର ସଂସ୍କରଣକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ରାଜ୍ୟର ୨୫ଜଣ ପ୍ରତିଷ୍ଠିତ ଉଦ୍ୟୋଗୀଙ୍କୁ ସେମାନଙ୍କର ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

## ସିବିଏସ୍‌ଇ ଅନୁବନ୍ଧିତ ପାଇଁ ରାଜ୍ୟ ସରକାରଙ୍କ ଅନୁମତି ଆବଶ୍ୟକ ନାହିଁ ନିଷ୍ପତ୍ତିକୁ ବିରୋଧ

ଭୁବନେଶ୍ୱର,୬।୧(ସୁଚିସ୍ମିତା ସାହୁ)

ଘରୋଇ ବିଦ୍ୟାଳୟରେ ଶିକ୍ଷା ପ୍ରଦାନ ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିୟମ କାର୍ଯ୍ୟକାରୀ ହେଉଛି। ଏନେଇ ବିଭାଗ ପକ୍ଷରୁ ଥିବା ୧୯୯୬, ୧୯୯୮ ଏବଂ ୨୦୧୩ ମସିହାର ସ୍ୱତନ୍ତ୍ର ଅଧିନିୟମ ଅନୁଯାୟୀ ଏନ୍‌ଓସି ପ୍ରଦାନ କରାଯାଏ। ତେବେ ସିବିଏସ୍‌ଇ ଅନୁବନ୍ଧିତ ହେବା ପାଇଁ ଥିବା ନିୟମକୁ କର୍ତ୍ତୃପକ୍ଷ ଏକତରଫା ଭାବେ ବଦଳାଇ ଦେଇଛନ୍ତି। ସିବିଏସ୍‌ଇ ୨୦୨୫ ଫେବୃଆରୀ ୨୦ରେ ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଥିଲା, ଯେଉଁଥିରେ ଉଲ୍ଲେଖ ଅଛି ଯେ, ଶିକ୍ଷାବର୍ଷ ୨୦୨୬–୨୭ରୁ ସିବିଏସ୍‌ଇ ଅନୁବନ୍ଧିତ ପାଇବାକୁ ହେଲେ ରାଜ୍ୟ ସରକାରଙ୍କ ଏନ୍‌ଓସି ବିନା ମଧ୍ୟ ଆବେଦନ କରିହେବ। ତେବେ ଏହି ନିଷ୍ପତ୍ତିକୁ ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ ତରଫରୁ ଦୃଢ଼ ବିରୋଧ କରାଯାଇ ଗଣଶିକ୍ଷା ସଚିବଙ୍କୁ ଅଭିଯୋଗପତ୍ର ଦିଆଯାଇଛି ବୋଲି ଫେଡେରେଶନର ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଉକ୍ତ ନିୟମାବଳୀ ଅନୁଯାୟୀ ବିଦ୍ୟାଳୟର ଜମି, ଶ୍ରେଣୀଗୃହ, ସୁରକ୍ଷା, ନିରାପତ୍ତା, ପରିଷ୍କାର ପରିଚ୍ଛନ୍ନତା, ଶିକ୍ଷକଙ୍କ ପାଇଁ ଧାର୍ଯ୍ୟ ଯୋଗ୍ୟତା, ଖେଳପଡ଼ିଆ ଇତ୍ୟାଦି ପାଇଁ ମାପଦଣ୍ଡ ରହିଛି। ଏସବୁ ସର୍ତ୍ତାବଳୀ ପୂରଣ ପରେ ରାଜ୍ୟ ସରକାରଙ୍କ ତରଫରୁ ଏନ୍‌ଓସି ପ୍ରଦାନ କରାଯାଏ। ଏହାପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସିବିଏସ୍‌ଇ ଅନୁବନ୍ଧିତ ପାଇବା ପାଇଁ ଆବେଦନ କରନ୍ତି। ତେବେ ଅନୁବନ୍ଧିତ ପାଇଁ ଏନ୍‌ଓସି ବାଧ୍ୟତାମୂଳକ ନୁହେଁ ବୋଲି ଗତ ଫେବୃଆରୀ ୨୦ରେ ଏକ ଚିଠି ମାଧ୍ୟମରେ ସିବିଏସ୍‌ଇ ପକ୍ଷରୁ ଦର୍ଶାଯାଇଛି। ଏପର୍ଯ୍ୟନ୍ତ ଗଣଶିକ୍ଷା ବିଭାଗ ଏବଂ ମାଧ୍ୟମିକ ଶିକ୍ଷା ବିଭାଗ ପକ୍ଷରୁ ଏହା ଉପରେ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ଫଳରେ ଘରୋଇ ବିଦ୍ୟାଳୟ ଉପରେ ଆଉ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ରହିବ ନାହିଁ। ଯଦି କୌଣସି ବିଦ୍ୟାଳୟରେ କିଛି ଅଘଟଣ ବା ଦୁର୍ଘଟଣା ଘଟେ, ତା'ହେଲେ କେନ୍ଦ୍ର ଶିକ୍ଷା ବିଭାଗ ଏହାର ଉତ୍ତରଦାୟୀ ରହିବେ। ଏହାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରାଯିବା ସହ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ସଚିବଙ୍କୁ ନିବେଦନ କରାଯାଇଛି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ, ଆଇନର ଆଶ୍ରୟ ନିଆଯିବ ବୋଲି ପଟ୍ଟନାୟକ କହିଛନ୍ତି। ଏହି ସମ୍ମିଳନୀରେ ଫେଡେରେଶନ ଉପଦେଷ୍ଟା ନାଗାର୍ଜୁନ ସେଠୀ, ରମେଶ ଭାରତୀ, ସ୍ୱପ୍ନେନ୍ଦୁ ସାମନ୍ତରାୟ ଓ ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଗୀତା, ଜ୍ଞାନ ଯଜ୍ଞ ଉଦ୍‌ଘାଟିତ

ଭୁବନେଶ୍ୱର,୬। ୧ (ସୌମ୍ୟରଞ୍ଜନ ରାଉତ)

ଆମେ ସମସ୍ତେ ପ୍ରକୃତି, ମାତାପିତା,ଗୁରୁ, ସମାଜ ଆଦି ସମସ୍ତଙ୍କ ପ୍ରତି ଋଣୀ। ଏହି ଋଣରୁ ମୁକ୍ତି ପାଇବା ପାଇଁ ଭଗବାନ୍ ଶ୍ରୀମଦ୍ ଭଗବଦ୍ ଗୀତାର ଚତୁର୍ଥ ଅଧ୍ୟାୟ ଜ୍ଞାନ କର୍ମ ସନ୍ନ୍ୟାସ ଯୋଗରେ ୧୨ଟି ଯଜ୍ଞର ବର୍ଣ୍ଣନା କରିଛନ୍ତି ବୋଲି ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ କହିଛନ୍ତି। ମଙ୍ଗଳବାର ଉତ୍କଳ ମଣ୍ଡପଠାରେ ପ୍ରଜ୍ଞାମିଶନ୍ ପକ୍ଷରୁ ଆୟୋଜିତ ଗୀତା, ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ କହିଥିଲେ, ଆମ ଶରୀରରେ ଥିବା ପ୍ରାଣକୁ ନିୟନ୍ତ୍ରିତ କରି ତାକୁ ଯଜ୍ଞରେ ରୂପାନ୍ତରିତ କରିପାରିବା। ସେହିପରି ସ୍ୱାମୀ ବିଜ୍ଞାନାନନ୍ଦ ଗିରି ଗୀତା ଧ୍ୟାନ ଉପରେ ପ୍ରବଚନ ଦେଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ଭକ୍ତି ସଙ୍ଗୀତ ପରିବେଷଣ ହୋଇଥିଲା। କଣ୍ଠଶିଳ୍ପୀ କୈଳାସ ଚନ୍ଦ୍ର ସାହୁ, ଡ. ମିତାଲି ଚିନ୍ମରା ଭକ୍ତି ସଙ୍ଗୀତ ପରିବେଷଣ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ପରେ ମିଶନ୍ ପକ୍ଷରୁ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଉପସ୍ଥିତ ଭକ୍ତଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି କାର୍ଯ୍ୟକ୍ରମ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ତାଙ୍କର ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରି ଭାଜପା କାର୍ଯ୍ୟକର୍ତ୍ତାମାନେ ମଙ୍ଗଳବାର ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରୁଛନ୍ତି। (ଫଟୋ: ସୁବାସ ଚନ୍ଦ୍ର ପ୍ରଧାନ)

## ଭାରତ ମସଲା କମ୍ପାନୀ ପରିଦର୍ଶନ କଲା କେନ୍ଦ୍ର ସ୍ପାଇସେସ୍ ବୋର୍ଡ

ଭୁବନେଶ୍ୱର,୬।୧(ଅନୁରାଧା ମହାରଣା)



ଭାରତ ମସଲା କମ୍ପାନୀ ପରିଦର୍ଶନ ଅବସରରେ କମ୍ପାନୀ କର୍ମକର୍ତ୍ତାଙ୍କ ସହ କେନ୍ଦ୍ର ସ୍ପାଇସେସ୍ ବୋର୍ଡର ଅଧିକାରୀମାନେ।

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଗଠିତ ସ୍ପାଇସେସ୍ ବୋର୍ଡ ମଙ୍ଗଳବାର ଭାରତ ମସଲା କମ୍ପାନୀର ବାରଙ୍ଗସ୍ଥିତ ଉତ୍ପାଦନ ୟୁନିଟ୍‌କୁ ପରିଦର୍ଶନ କରିଛନ୍ତି। ସ୍ପାଇସେସ୍ ବୋର୍ଡର ଏକ ପାଞ୍ଚଜଣିଆ କମିଟି ଭାରତ ମସଲା କମ୍ପାନୀ ପରିସରରେ ପହଞ୍ଚ କେଉଁ ପଦ୍ଧତିରେ ଉତ୍ପାଦନ କରାଯାଉଛି, କିଭଳି ଉତ୍ପାଦିତ ସାମଗ୍ରୀକୁ ରପ୍ତାନୀ କରାଯାଉଛି ଆଦି ଟିକିନିଖି ବୁଲି ଦେଖିଥିଲେ। ବିଶେଷକରି ସ୍ୱାସ୍ଥ୍ୟକର ପରିବେଶରେ ବିଭିନ୍ନ ମସଲା ସାଙ୍ଗକୁ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟାକରଣ ଚାଲିଥିବା ଦେଖି ସେମାନେ ଖୁସି ବ୍ୟକ୍ତ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଉତ୍ପାଦନ ସାମଗ୍ରୀକୁ ରପ୍ତାନି କରିବାରେ ହେଉଥିବା ସମସ୍ୟା ସମ୍ପର୍କରେ କେନ୍ଦ୍ର ସରକାର କ'ଣ ସହଯୋଗ କରିପାରିବେ ବୋଲି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କଠାରୁ ପଚାରି ବୁଝିଥିଲେ। ଆମଦାନୀ ଓ ରପ୍ତାନି ପ୍ରସଙ୍ଗରେ ନିର୍ଦ୍ଦେଶକ ପଣ୍ଡା କିଭଳି ଲଜିଷ୍ଟିକ ବ୍ୟବସ୍ଥାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେ ସଂକ୍ରାନ୍ତରେ ସ୍ପାଇସେସ୍ ବୋର୍ଡ କମିଟି ପାଖରେ ପକ୍ଷ ରଖିଥିଲେ। ଭିତ୍ତିଭୂମିର ଅଧିକ ବିକାଶ ପରେ ଖୁବ୍‌ଶୀଘ୍ର ଭାରତ ମସଲା କମ୍ପାନୀ ବିଏସ୍‌ଆଇ ପ୍ରମାଣପତ୍ର ହାସଲ କରିବାକୁ ଯାଉଥିବା ସେ ସୂଚନା ଦେଇଥିଲେ। ସୂଚନା ଥାଉକି, ଓର୍‌ମାସ୍ ସହଯୋଗରେ ଭାରତ ମସଲା କମ୍ପାନୀ ଚାଷୀଙ୍କ ଠାରୁ ଲଙ୍କା, ଟମାଟୋ, ଅଦା, ମକା ଭଳି କୃଷିଜାତ ଦ୍ରବ୍ୟ ସିଧାସଳଖ କିଣିଥାଏ। ଏହି ପରିଦର୍ଶନରେ ବୋର୍ଡର ସହକାରୀ ନିର୍ଦ୍ଦେଶକ ସନ୍ଦୀପ କୁମାର ଚୌରାସିଆ, ବୈଜ୍ଞାନିକ ରମେଶ ବାବୁ ନଟରାଜନ, ସିନିୟର ଫିଲ୍ଡ ଅଫିସର ଶ୍ରୀଶେଷ କେ. କୁଲୋଲି, ମୁମ୍ବାଇ ସ୍ପାଇସେସ୍ ବୋର୍ଡ ସହକାରୀ ନିର୍ଦ୍ଦେଶିକା ଡ. ମମତା, କୋଚି ସ୍ପାଇସେସ୍ ବୋର୍ଡ ସହକାରୀ ନିର୍ଦ୍ଦେଶିକା ଭିଶିସ୍ନା ପ୍ରମୁଖ ସାମିଲ ଥିବାବେଳେ ତାଙ୍କୁ ଭାରତ ମସଲା କମ୍ପାନୀର ଜିଏମ୍ ଅଶିନୀ କୁମାର ଦାସ, ଜିଏମ୍ ଅପରେଶନ ଅରୁଣ କୁମାର ନାୟକ, ଏକ୍ସପୋର୍ଟ ମ୍ୟାନେଜର ରଶ୍ମୀରଞ୍ଜନ ପରିଡ଼ା ଏବଂ ପିଆର୍‌ଓ ଆଶିଷ ମନ୍ଥନ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗ୍ରାମ୍ୟ ରାସ୍ତାକୁ ବ୍ୟକ୍ତିଗତ ଦର୍ଶାଇ ଆକ୍ରମଣ

ବାରଙ୍ଗ,୬।୧(ଲିଙ୍ଗରାଜ ରାଉତ): ଗ୍ରାମ୍ୟ ରାସ୍ତାକୁ ନିଜର ବ୍ୟକ୍ତିଗତ ଜାଗା ବୋଲି ଦାବି କରି ସେହି ବାଟରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ବାଲିପଡ଼ା ଗ୍ରାମର ହେମନ୍ତ କୁମାର ରାଉତ(୪୦)। ଏ ସଂକ୍ରାନ୍ତରେ ପୋଲିସ ମାମଲା (ନଂ.୮/୨୬)ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ବାଲିପଡ଼ା ଗ୍ରାମର ରାଜେନ୍ଦ୍ର କୁମାର ବସ୍ତିଆ ଗତ ୫ ତାରିଖରେ କରିଥିବା ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ତାଙ୍କ ବାପା ଗୋପାଳ ସରକାରୀ ଟ୍ୟୁବ୍‌ୱେଲରୁ ବାଲ୍ଟିରେ ପାଣି ଆଣି ଘରକୁ ଆସୁଥିଲେ। ଏହି ଗ୍ରାମର ରାଜେନ୍ଦ୍ର କୁମାର ରାଉତଙ୍କ ଘରଠାରୁ ଗ୍ରାମର ମୁଖ୍ୟ ରାସ୍ତାକୁ ଏକ ଛୋଟରାସ୍ତା ସଂଯୋଗ କରୁଛି ଏବଂ ସେହି ରାସ୍ତାରେ ଉଭୟ ରାଜେନ୍ଦ୍ର କୁମାର ଓ ହେମନ୍ତ କୁମାର ରାଉତଙ୍କ ପରିବାର ଯିବାଆସିବା କରନ୍ତି। ଉକ୍ତ ରାସ୍ତାକୁ ହେମନ୍ତ ଓ ରାଜେନ୍ଦ୍ରଙ୍କ ପରିବାର ନିଜ ରାସ୍ତା କହିବା ସହ ଗୋପାଳଙ୍କୁ ଉକ୍ତ ରାସ୍ତାରେ ନ ଆସିବାକୁ ଧମକ ଦେଇଥିଲେ। ସର୍ବସାଧାରଣ ରାସ୍ତା ବୋଲି ଗୋପାଳ କହିବା ପରେ ହେମନ୍ତ ଉକ୍ଷିପ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଗୋପାଳଙ୍କ ହାତରୁ ବାଲ୍ଟି ଛଡ଼ାଇ ବାଲ୍ଟିରେ ଗୋପାଳଙ୍କ ମୁଣ୍ଡକୁ ବାଡ଼େଇ ଫଟାଇ ଦେଇଥିଲେ। ଏହାପରେ ହେମନ୍ତ ଏକ ଛୁରି ଆଣି ଗୋପାଳଙ୍କଙ୍କୁ ମାରିଦେବାକୁ ଉଦ୍ୟମ କରିବା ବେଳେ ଗୋପାଳ ପାଟି କରିଥିଲେ। ଡାକ ଶୁଣି ପରିବାର ଲୋକ ଆସିବାରୁ ହେମନ୍ତ ଜାଗା ଛାଡି ପଳାଇଥିଲେ ବୋଲି ରାଜେନ୍ଦ୍ର ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### ମା' ଚର୍ଚ୍ଚିକାଙ୍କୁ ଦର୍ଶନ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ବାଙ୍କୀ,୬।୧ (ଶୁଭେନ୍ଦୁ ମହାପାତ୍ର): ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶନିବାର ବାଙ୍କୀ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଅଞ୍ଚଳର ପ୍ରସିଦ୍ଧ ଆରାଧ୍ୟ ଦେବୀ ମା' ଚର୍ଚ୍ଚିକାଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ରାଜ୍ୟ ଭାଜପା ସମ୍ପାଦକ ସରୋଜ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କୃଷକ ମୋର୍ଚ୍ଚା ସଭାପତି ଉତ୍କଳ ମଣି ମନ୍ତ୍ରୀ , ପୂର୍ବତନ ନଗର ମଣ୍ଡଳ ସଭାପତି ପ୍ରଣବ ମହାପାତ୍ର, ପ୍ରସନ୍ନ ସ୍ୱାଇଁ, ଅଜିତ୍ କୁମାର ସୁବୁଦ୍ଧି, ଜଗନ୍ନାଥ ନାୟକ, ପ୍ରମୁଖ ସହଯୋଗ କରିଥିଲେ।

# ସିଂହନାଥ ପୀଠ: ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

**୧୪ରେ ପ୍ରସିଦ୍ଧ ମକର ମେଳା**

- ୪୦୦ ଫୋର୍ସ, ଅଗ୍ନିଶମ ଓ ଓଡ୍ରାଫ ଟିମ୍ ହେବ ମୁତୟନ
- ସମ୍ବେଦନଶୀଳ ସ୍ଥାନରେ ଲାଗିବ କ୍ୟାମେରା



ସମୀକ୍ଷା ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ବଡ଼ମ୍ବା,୬।୧(ମାୟାଧର ମଲ୍ଲିକ): ଜାନୁଆରୀ ୧୪ ତାରିଖରେ ବଡ଼ମ୍ବା ଦେବୋତ୍ତର ଅଧୀନ ବିଜେ ଶ୍ରୀ ସିଂହନାଥଦେବ ପୀଠରେ ମକର ସଂକ୍ରାନ୍ତି ପାଳନ ଉତ୍ସବ ତଥା ମକର ମେଳା ଅନୁଷ୍ଠିତ ହେବ। ଏନେଇ ପ୍ରଶାସନିକସ୍ତରରେ ମଙ୍ଗଳବାର ଚୂଡ଼ାନ୍ତ ପ୍ରସ୍ତୁତି ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ଅତିରିକ୍ତ ତହସିଲଦାର ସୁବାସ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏପରିକି ବିଧାୟକ ଦଳବେହେରା ପୂର୍ବ ପ୍ରସ୍ତୁତି ବୈଠକରେ ହୋଇଥିବା ନିଷ୍ପତ୍ତିର ସମୀକ୍ଷା କରିଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୁଭ ନାରାୟଣ ମୁଦୁଲି, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା, ଆଠଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ବିଶ୍ୱଜିତ ମହାନ୍ତି, ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ବାଳକୃଷ୍ଣ କହଁର, ବଡ଼ମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି, ବୈଦେଶ୍ୱର ଥାନା ଅଧିକାରୀ ସଞ୍ଜୟ କୁମାର ଜେନା, ଗୋପୀନାଥପୁର ସରପଞ୍ଚ ଯଯାତି କେଶରୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମକର ସଂକ୍ରାନ୍ତି ଦିନ ଶ୍ରୀ ସିଂହନାଥଦେବଙ୍କ ସ୍ୱତନ୍ତ୍ର ପୂଜା ସହ ଏହି ଅବସରରେ ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ଥିବାରୁ ଭିଡ଼ ନିୟନ୍ତ୍ରଣ କିଭଳି କରାଯିବ, ସେନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥିସହ ମହାନଦୀ ବାଲିଶଯ୍ୟାରେ କିଭଳି ଅଧିକରୁ ଅଧିକ ବ୍ୟବସାୟିକ ଅନୁଷ୍ଠାନ ତଥା ଦୋକାନୀମାନେ ଆସିବେ, ସେନେଇ ପ୍ରଚାର ପ୍ରସାର କରାଯିବା, ଜନଗହଳି ଏବଂ ସମ୍ବେଦନଶୀଳସ୍ଥାନମାନଙ୍କରେ କ୍ୟାମେରା ଲଗାଯିବା, ଭିଡ଼କୁ ଏଡ଼ାଇବା ତଥା ଆଇନ ଶୃଙ୍ଖଳା ଦୃଷ୍ଟିରୁ ୪୦୦ ପୋଲିସ ଫୋର୍ସ ନିୟୋଜିତ ରହିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

ସେହିପରି ମନ୍ଦିର ଚତୁଃପାର୍ଶ୍ୱରେ ଜଳସ୍ରୋତ ଥିବାରୁ ଯାତ୍ରୀଙ୍କ ସୁରକ୍ଷା ପାଇଁ ବିପଦପୂର୍ଣ୍ଣ ସ୍ଥାନମାନଙ୍କରେ ଉଭୟ ବଡ଼ମ୍ବା ଏବଂ ବାଙ୍କୀ ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ୍ ଆପାତକାଳୀନ ସରଞ୍ଜାମ ସହ ମହଜୁଦ ରହିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ପରିମଳ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯିବା ସହ ଅସ୍ଥାୟୀ ସ୍ୱାସ୍ଥ୍ୟସେବା କ୍ୟାମ୍ପ ଏବଂ ଜରୁରିକାଳୀନ ପରିସ୍ଥିତି ପାଇଁ ୨ଟି ଆମ୍ବୁଲାନ୍ସ ମହଜୁଦ ରଖିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୋପୀନାଥପୁରଠାରୁ ମନ୍ଦିର ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ନିର୍ମିତ ହେଉଥିବା ପାଦଚଲା ରାସ୍ତାର ଅଗ୍ରଗତି ସମ୍ବନ୍ଧରେ ତଦାରଖ କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀ ଏବଂ ଠିକା ସଂସ୍ଥାକୁ କଡ଼ା ଚେତାବନୀ ମଧ୍ୟ ଦିଆଯାଇଥିଲା। ମହାନଦୀରେ ଜଳସ୍ରୋତ ଥିବା କାରଣରୁ ଯାତ୍ରା ସମୟରେ କୌଣସି ବି ଡଙ୍ଗା ସାହାଯ୍ୟରେ ଶ୍ରଦ୍ଧାଳୁ ଯାତାୟାତ ନ କରିବା ପାଇଁ ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଟି-ସେତୁ ଦେଇ ୪ ଦିନ ବ୍ୟାପୀ ସକାଳ ୭ରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଜରୁରିକାଳୀନ ସେବା ବ୍ୟତୀତ ଅନ୍ୟ ସାଧାରଣ ଗାଡ଼ି ଚଳାଚଳ ଉପରେ ପ୍ରଶାସନ ତରଫରୁ କଟକଣା ଜାରି ହୋଇଛି। ଭିଡ଼କୁ ଦୃଷ୍ଟିରେ ରଖି ୧୫ ତାରିଖରେ କଟକଣା ଉପରେ କୋହଳ କରିବା ନେଇ ପ୍ରଶାସନ ନିଷ୍ପତ୍ତି ନେବେ ବୋଲି ମଧ୍ୟ ସୂଚନା ମିଳିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦେବୋତ୍ତର ସୁପରଭାଇଜର ବିପିନ ବିହାରୀ ପୂର୍ବରା, ବି. ନାରାୟଣ ମଙ୍ଗରାଜ, ଗୋବିନ୍ଦ ଚନ୍ଦ୍ର ସାହୁ, ମନ୍ଦିର ପୂଜକ ଭାଗିରଥି ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ମସଲା କମ୍ପାନୀ ପରିଦର୍ଶନ କଲା କେନ୍ଦ୍ର ସ୍ପାଇସେସ୍ ବୋର୍ଡ

ଭୁବନେଶ୍ୱର,୬।୧(ଅନୁରାଧା ମହାରଣା): କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଗଠିତ ସ୍ପାଇସେସ୍ ବୋର୍ଡ ମଙ୍ଗଳବାର ଭାରତ ମସଲା କମ୍ପାନୀର ବାରଙ୍ଗସ୍ଥିତ ଉତ୍ପାଦନ ୟୁନିଟ୍‌କୁ ପରିଦର୍ଶନ କରିଛନ୍ତି। ସ୍ପାଇସେସ୍ ବୋର୍ଡର ଏକ ପାଞ୍ଚଜଣିଆ କମିଟି ଭାରତ ମସଲା କମ୍ପାନୀ ପରିସରରେ ପହଞ୍ଚ କେଉଁ ପଦ୍ଧତିରେ ଉତ୍ପାଦନ କରାଯାଉଛି, କିଭଳି ଉତ୍ପାଦିତ ସାମଗ୍ରୀକୁ ରପ୍ତାନୀ କରାଯାଉଛି ଆଦି ଚିହ୍ନିକିଖି କରି ବୁଲି ଦେଖିଥିଲେ। ବିଶେଷକରି ସ୍ୱାସ୍ଥ୍ୟକର ପରିବେଶରେ ବିଭିନ୍ନ ମସଲା ସାଙ୍ଗକୁ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟାକରଣ ଚାଲିଥିବା ଦେଖି ସେମାନେ ଖୁସି ବ୍ୟକ୍ତ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଉତ୍ପାଦନ ସାମଗ୍ରୀକୁ ରପ୍ତାନୀ କରିବାରେ ହେଉଥିବା ସମସ୍ୟା ସମ୍ପର୍କରେ କେନ୍ଦ୍ର ସରକାର କ'ଣ ସହଯୋଗ କରିପାରିବେ ବୋଲି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କଠାରୁ ପଚାରି ବୁଝିଥିଲେ। ଆମଦାନୀ ଓ ରପ୍ତାନୀ ପ୍ରସଙ୍ଗରେ ନିର୍ଦ୍ଦେଶକ ପଣ୍ଡା କିଭଳି ଲଜିଷ୍ଟିକ ବ୍ୟବସ୍ଥାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେ ସଂକ୍ରାନ୍ତରେ ସ୍ପାଇସେସ୍ ବୋର୍ଡ କମିଟି ପାଖରେ ପକ୍ଷ ରଖିଥିଲେ। ଭିତ୍ତିଭୂମିର ଅଧିକ ବିକାଶ ପରେ ଖୁବ୍‌ଶୀଘ୍ର ଭାରତ ମସଲା କମ୍ପାନୀ ବିଏସ୍‌ଆଇ ପ୍ରମାଣପତ୍ର ହାସଲ କରିବାକୁ ଯାଉଥିବା ସେ ସୂଚନା ଦେଇଥିଲେ। ସୂଚନା ଥାଉକି, ଓର୍‌ମାସ୍ ସହଯୋଗରେ ଭାରତ ମସଲା କମ୍ପାନୀ ଚାଷୀଙ୍କ ଠାରୁ ଲଙ୍କା, ଟମାଟୋ, ଅଦା, ମକା ଭଳି କୃଷିଜାତ ଦ୍ରବ୍ୟ ସିଧାସଳଖ କିଣିଥାଏ। ଏହି ପରିଦର୍ଶନରେ ବୋର୍ଡର ସହକାରୀ ନିର୍ଦ୍ଦେଶକ ସନ୍ଦୀପ କୁମାର ଚୌରାସିଆ, ବୈଜ୍ଞାନିକ ରମେଶ ବାବୁ ନଟରାଜନ, ସିନିୟର ଫିଲ୍ଡ ଅଫିସର ଶ୍ରୀଶେଷ କେ. କୁଲୋଲି, ମୁମ୍ବାଇ ସ୍ପାଇସେସ୍ ବୋର୍ଡ ସହକାରୀ ନିର୍ଦ୍ଦେଶିକା ଡ. ମମତା, କୋଚି ସ୍ପାଇସେସ୍ ବୋର୍ଡ ସହକାରୀ ନିର୍ଦ୍ଦେଶିକା ଭିଶିସ୍ମା ପ୍ରମୁଖ ସାମିଲ ଥିବାବେଳେ ତାଙ୍କୁ ଭାରତ ମସଲା କମ୍ପାନୀର ଜିଏମ୍ ଅଶିନୀ କୁମାର ଦାସ, ଜିଏମ୍ ଅପରେଶନ ଅରୁଣ କୁମାର ନାୟକ, ଏକ୍ସପୋର୍ଟ ମ୍ୟାନେଜର ରଶ୍ମୀରଞ୍ଜନ ପରିଡ଼ା ଏବଂ ପିଆର୍‌ଓ ଆଶିଷ ମନ୍ଥନ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାରତ ମସଲା କମ୍ପାନୀ ଅଧିକାରୀମାନେ।

# ପାଣି ପଞ୍ଚାୟତ ଜରିଆରେ ସୁବିଧାରେ ଜମିକୁ ଜଳ ଯୋଗାଇ ପାରିବେ ଚାଷୀ

**ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷପାଳନ ଓ ସଚେତନତା**

ବାଙ୍କୀ,୬।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ପାଥପୁର ପଞ୍ଚାୟତସ୍ଥ କାଳିକା ପ୍ରସାଦଠାରେ ନୂତନ ଭାବେ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ପକ୍ଷରୁ ମଙ୍ଗଳବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗର କନିଷ୍ଠଯନ୍ତ୍ରୀ ଅବିନାଶ ପଣ୍ଡାଙ୍କ ସଞ୍ଚାଳନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ୩୮ନମ୍ବର ଜୋନ ଜିଲାପରିଷଦ ସଦସ୍ୟ ଆଶିଷ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପାଥପୁର ସରପଞ୍ଚ ସୁରେନ୍ଦ୍ର ପରିଡ଼ା, କୁସୁପଙ୍ଗି ସରପଞ୍ଚ ଇଂ. ନରେଶ ବେଉରା, ଜଳସମ୍ପଦ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଷଡ଼ଙ୍ଗୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଭିଷେକ ପାତ୍ର, ଡମପଡ଼ା ବ୍ଲକ କୃଷି ଅଧିକାରୀ ରୋଜାଲିନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ବୃହତ୍ ଉଠାଜଳସେଚନ ପ୍ରକଳ୍ପ ପକ୍ଷରୁ ଡମପଡ଼ା ବ୍ଲକର ପାଥପୁର, କୁସୁପଙ୍ଗି, ଘାସିପୁଟ, କଇଁମୁଣ୍ଡି, ଭଗିପୁର, ନିସ୍ତିପୁର ଆଦି ଅଞ୍ଚଳର ଚାଷୀମାନେ ଏହି ପ୍ରକଳ୍ପ ମାଧ୍ୟମରେ ପାଣି ପଞ୍ଚାୟତ ଜରିଆରେ ଚାଷୀମାନେ ନିଜ ଜମିକୁ ସୁବିଧାରେ ପାଣି ଯୋଗାଇ ପାରିବା ସହ ଚାଷ କାର୍ଯ୍ୟରେ ଲଗେଇପାରିବେ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ। ଏଥିସହିତ ଏହି ନୂତନ ପ୍ରକଳ୍ପ ଆସନ୍ତା ଜୁଲାଇ ୨୦୨୬ରେ ସମ୍ପୂର୍ଣ୍ଣ ହେବା ସମ୍ପର୍କରେ ଜଳସମ୍ପଦ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଷଡ଼ଙ୍ଗୀ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗ ପକ୍ଷରୁ ଶପଥପାଠ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ତୁଷାରକାନ୍ତ ପୃଷ୍ଟି, ମେଗା ପ୍ରୋଜେକ୍ଟ ମ୍ୟାନେଜର ଅଜୟ ରାଉତରାୟଙ୍କ ସମେତ ବିଭାଗୀୟ ଅଧିକାରୀ ତଥା ପାଥପୁର, କୁସୁପଙ୍ଗି, ଚକୁଳେଶ୍ୱର, ଘାସିପୁଟ, କରବର ଆଦି ଅଞ୍ଚଳର ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ରାଜ୍ୟସ୍ତରୀୟ କର୍କ ବଲ୍ କ୍ରିକେଟ୍: ବିନ୍ଧାଣିମା ବିଜୟୀ

ବଡ଼ମ୍ବା,୬।୧(ମାୟାଧର ମଲ୍ଲିକ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ କନ୍ତପଡ଼ା ଶହୀଦ ପଡ଼ିଆରେ କନ୍ତପଡ଼ା ରାଜ୍ୟସ୍ତରୀୟ କର୍କ ବଲ୍ କ୍ରିକେଟର ତୃତୀୟ ଦିବସ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ରଦର ଆଣ୍ଡ ବ୍ରଦର କ୍ରିକେଟ କ୍ଲବ, କନ୍ତପଡ଼ା ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ମ୍ୟାଚ୍ ୧୧ ଷ୍ଟାର, ଖୋର୍ଦ୍ଧା ଓ ଆର୍‌ଏସିଏ, ବିନ୍ଧାଣିମା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଖୋର୍ଦ୍ଧା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୧୦ ଉଇକେଟ ହରାଇ ମୋଟ ୧୪୦ ରନ୍ ସଂଗ୍ରହ କରିଥିଲେ। ଜବାବରେ ବିନ୍ଧାଣିମା ଦଳ ୩ ଉଇକେଟ ହରାଇ ୧୪୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ। ବିନ୍ଧାଣିମା ଦଳର ଗିରିଶ ଚନ୍ଦ୍ର ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଆଖ୍ୟା ଅର୍ଜନ କରିଥିଲେ। ବୁଧବାର ଜେଜେସିସି, ଚୌଦ୍ୱାର ଓ ଏମ୍‌ସିଜିଏସ୍ ମାଣିଆବନ୍ଧ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଆଠଗଡ଼ ଇତିହାସର ନିର୍ଭୁଲ୍ ତଥ୍ୟଭିତ୍ତିକ ପୁସ୍ତକ ପ୍ରକାଶ ପାଇବ




**ଅଭିନବ ଭାରତ ଏକ ପ୍ରୟାସ ବନ୍ଧୁମିଳନ କାର୍ଯ୍ୟକ୍ରମ**

ଆଠଗଡ଼, ୬।୧(ସତ୍ୟ ପ୍ରସାଦ ରଥ): ସାମାଜିକ ସଙ୍ଗଠନ ଅଭିନବ ଭାରତ ଏକ ପ୍ରୟାସ ପକ୍ଷରୁ ଆଠଗଡ଼ ରାସରସିକପୁରସ୍ଥିତ କାର୍ଯ୍ୟାଳୟ ପରିସରରେ ବନ୍ଧୁମିଳନ ଓ ସଙ୍ଗଠନର ବାର୍ଷିକ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାଷାବିତ୍ ବିଭୂତି ଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମ୍ପାଦିକା ଅସୀମା ପଟ୍ଟନାୟକ ଯୋଗଦେଇ ନୂତନବର୍ଷରେ ସଙ୍ଗଠନର କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ଚଳିତବର୍ଷ ସଙ୍ଗଠନ ଆଠଗଡ଼ର ସାମଗ୍ରିକ ବିକାଶ, ସାମାଜିକ ସଚେତନତା, ନାରୀ-ଜାଗରଣ ଦିଗରେ କାର୍ଯ୍ୟ କରିବ। ଏଥିସହ ଆଠଗଡ଼ରେ ଅବକ୍ଷୟ ସଂସ୍କୃତି, ପରମ୍ପରା, ସାହିତ୍ୟ ସ୍ଥପତି ତଥା ଆଠଗଡ଼ ଗଡ଼ଜାତର ଇତିହାସ ବିଷୟରେ ଏକ ନିର୍ଭୁଲ ତଥ୍ୟଭିତ୍ତିକ ଇତିହାସ ପୁସ୍ତକ ପ୍ରକାଶ ଦିଗରେ କାର୍ଯ୍ୟ କରିବ ବୋଲି ପଟ୍ଟନାୟକ କହିଥିଲେ। ଉକ୍ତ ବୈଠକରେ ଆଠଗଡ଼ ଅଞ୍ଚଳର ବହୁ ବିଶିଷ୍ଟବ୍ୟକ୍ତି ସାମିଲ ହୋଇଥିଲେ।

# ଅଲ୍ ଷ୍ଟାର ଚାମ୍ପିୟନ ଲିଗ୍ କ୍ରିକେଟ: ବାଙ୍କୀପାଳ ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୬।୧(ଅନୁରାଧା ମହାରଣା): ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ବୋଦୁଅ ପଞ୍ଚାୟତର କଣ୍ଡିଆସ୍ଥିତ କେକେଆର୍ ଖେଳପଡ଼ିଆରେ ଅଲ୍ ଷ୍ଟାର ଚାମ୍ପିୟନ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଭୁବନେଶରକୁ ହରାଇ ବାଙ୍କୀପାଳ ଚାମ୍ପିୟନ ହୋଇଛି। କ୍ଲବ ସଭାପତି ଆଭାସ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫ୍ରିଡମ ଅଏଲ୍‌ର ଓଡ଼ିଶା ହେଡ୍ ଅମିୟ କୁମାର ଧଳ, କେଜିଆଇର ଚେୟାରମ୍ୟାନ ଆଲେକଜାଣ୍ଡାର ଦାସ, ଦେବୀପ୍ରସାଦ ମିଶ୍ର, ସଞ୍ଜୀବ ସାମଲ, ତୁଷାରକାନ୍ତ ଧଳ ଏବଂ ସଞ୍ଜୟ ବିଶାଳ ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଆଲୋକ ଦାସ ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଚିନ୍ମୟ ପରିଡାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ କେକେଆର୍‌ର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# 'ପରିଶ୍ରମ କଲେ ଖ୍ୟାତି ଅର୍ଜନ କରିହେବ'

**ପିଏମ୍‌ଶ୍ରୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ବାର୍ଷିକ ଉତ୍ସବ**

ବାଙ୍କୀ, ୬।୧(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଉପଖଣ୍ଡସ୍ଥ ଶତାୟୁ ପିଏମ୍‌ଶ୍ରୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ପରିଶ୍ରମ ରୂପକ ତପସ୍ୟାର ସାଧନ ଫଳରେ ରାଜ୍ୟ ତଥା ଦେଶରେ ଖ୍ୟାତି ଅର୍ଜନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ମୁଖ୍ୟବକ୍ତା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ଭାଜପା ରାଜ୍ୟ ସମ୍ପାଦକ ସରୋଜ କୁମାର କର, ଉପଜିଲାପାଳ ପ୍ରଣବ କୁମାର ବେହେରା, ଏନ୍‌ଏସି ନଗରପାଳ ମାଣିକ ସାହୁ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ବିଶିଷ୍ଟ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର, ଉପନଗରପାଳ ତଥା ଆଇନଜୀବୀ ସନ୍ତୋଷ କୁମାର ରଣା ପ୍ରମୁଖ ଯୋଗଦେଇଥିଲେ। ଏହି ଶତାୟୁ ବିଦ୍ୟାଳୟରେ ଅଧ୍ୟୟନ କରି ବିଭିନ୍ନ ଦକ୍ଷତା ହାସଲ କରି ରାଜ୍ୟ ଏବଂ ରାଜ୍ୟ ବାହାରେ ବହୁ ଛାତ୍ରୀଛାତ୍ର ବିଭିନ୍ନ ସରକାରୀ ପଦାଧିକାରୀ, ରାଜନୀତିଜ୍ଞ, ବୈଜ୍ଞାନିକ ହୋଇ କାର୍ଯ୍ୟ କରୁଛନ୍ତି। ଏଥିସହ ଏହି ବିଦ୍ୟାଳୟ ବାଙ୍କୀ ମାଟିର ଗର୍ବ ଓ ଗୌରବର ପ୍ରତୀକ ବୋଲି ମନ୍ତ୍ରୀ ପାତ୍ର ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଉନ୍ନତୀକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ଅର୍ଥ ପ୍ରଦାନ କରିଛନ୍ତି, ସେଥିପାଇଁ ତାଙ୍କୁ ଧନ୍ୟବାଦ ଦିଆଯାଇଥିଲା। ବିଦ୍ୟାଳୟରେ ଅଧ୍ୟୟନ କରିଥିବା ମଞ୍ଚାସିନ ଅତିଥିମାନେ ବିଦ୍ୟାଳୟର ଗୌରବ ସମ୍ପର୍କରେ ଆଲୋକପାତ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ପାତ୍ରଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ବାଙ୍କୀର ବିଭିନ୍ନ ପଦାଧିକାରୀଙ୍କୁ ମଧ୍ୟ ମାନପତ୍ର ଉପଢ଼ୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ମନମୁଗ୍ଧ ସାଂସ୍କୃତିକ, ନୃତ୍ୟ, ସଙ୍ଗୀତ, ନାଟକ ଆଦି ପରିବେଷଣ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ସଂସ୍କୃତ ଶିକ୍ଷୟତ୍ରୀ ଚିତ୍ରରେଖା ମିଶ୍ର ବେଦପାଠ କରିଥିଲେ। ଶିକ୍ଷୟତ୍ରୀ ମିନୁଶ୍ରି ମଲ୍ଲିକ ପୁରସ୍କାର ପ୍ରଦାନ ଓ ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିଲେ।



ବାଙ୍କୀରେ ଆୟୋଜିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**ଟିଗିରିଆ, (ଜାଫର ଖାଁ):** ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ଖଟୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବଡମ୍ବା ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମତ୍ତଗଜସିଂ, ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ କୁଳମଣି ରାଉତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପିଏମ୍‌ଶ୍ରୀ ଆକାଂକ୍ଷି କାର୍ଯ୍ୟକ୍ରମ ମଧ୍ୟରେ ବିକଶିତ ଓଡ଼ିଶା ୨୦୩୬, ଆକାଂକ୍ଷୀ ମେଳା(ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା, କ୍ରୀଡ଼ାଙ୍ଗନ) ଓ ଦୋକାନ ଯାତ୍ରା ମଧ୍ୟରେ (ହସ୍ତତନ୍ତ ସାମଗ୍ରୀ, ଖେଳନା, ପୁସ୍ତକ ମେଳା, ପାରମ୍ପରିକ ଖାଦ୍ୟ) ଆଦି ଷ୍ଟଲର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ଓ କନିଷ୍ଠ ବର୍ଗରେ ବିଭକ୍ତ କରାଯାଇ ସାଧାରଣ ଜ୍ଞାନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ଯୋଗ୍ୟତା ହାସଲ କରିଥିବା ପ୍ରତିଯୋଗିମାନେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ପିଏମ୍‌ଶ୍ରୀ ଜିଲାସ୍ତରୀୟ ଉତ୍ସବ ପାଇଁ ମନୋନୀତ ହୋଇଛନ୍ତି। ଶିକ୍ଷକ ମଳୟ କୁମାର ଓଝାଙ୍କ ସଂଯୋଜନାରେ ନାରୀ ସଶକ୍ତିକରଣ ଉପରେ ଆଧାରିତ ଏକ ନାଟକ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ମାଧବ ଚନ୍ଦ୍ର ପାତ୍ର, ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ବେହେରା ମଞ୍ଚ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

**ମାଣିଆବନ୍ଧ, (ଅଖିଳ କୁମାର ସାହୁ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ମାଣିଆବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିକ୍ରମ କେଶରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ଗୋଷ୍ଠୀ ଶିକ୍ଷା ଅଧିକାରୀ ତ୍ରିଲୋଚନ ଜେନା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁଦାମ ସୋଲେମନ ଗୋଛି, ବିଶିଷ୍ଟ ଅତିଥିଭାବେ ମାଣିଆବନ୍ଧ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ଶତପଥୀ, ସମ୍ମାନିତ ଅତିଥିଭାବେ ଶ୍ରୀନିବାସ ପ୍ରଧାନ, ମନସ୍ୱିନୀ ଜେନା, ବିଭୂତି ଭୂଷଣ ଜେନା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସୁବାସ କୁମାର ମାଝି ଓ ଶିକ୍ଷୟିତ୍ରୀ ପୁଷ୍ପଲତା ପତି ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ କମ୍ପ୍ୟୁଟର ଜ୍ଞାନକୌଶଳ ଓ କୃତ୍ରିମ ବୁଦ୍ଧିମତ୍ତା ଉପରେ ଅଧିକ ଜ୍ଞାନ ଆହରଣ କରନ୍ତୁ ବୋଲି ମୁଖ୍ୟ ଅତିଥି ଜେନା ମତବ୍ୟକ୍ତ କରିଥିଲେ। ବିଚାରକ ଭାବେ ଶିକ୍ଷକ ବଟକୃଷ୍ଣ ପଲେଇ, ସୁଧାଂଶୁ ଶେଖର ଜେନା, ବିଜୟ କୁମାର ବିଶ୍ୱାଳ ଯୋଗଦେଇ ବିଭିନ୍ନ କ୍ଲବର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଓ ପ୍ରତିଭାର ମୂଲ୍ୟାୟନ କରିଥିଲେ।

**ପୁରାତନ ୱାରେଣ୍ଟି ଗିରଫ**

ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)- ଡେଲାଙ୍ଗ ଥାନାର ରେଞ୍ଚ ପଞ୍ଚାୟତ ଅଧୀନ ବେଲେଶ୍ୱରପାଟଣା ଗ୍ରାମର ବହୁପୁରାତନ ୱାରେଣ୍ଟକୁ ଡେଲାଙ୍ଗ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ କାବୁଲି ପାତ୍ର ଓରଫ ପ୍ରଶାନ୍ତ। ଅନେକ ଦିନ ହେଲା ସେ ଫେରାର ଥିବାବେଳେ ପୋଲିସ ତାଙ୍କୁ ଖୋଜାଖୋଜି କରୁଥିଲା। ଅଭିଯୁକ୍ତ ପ୍ରଶାନ୍ତ ଘରେ ଥିବା ପୋଲିସ ଖବରପାଇ ଜିଆର୍ କେସ୍ ବଳରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଡେଲାଙ୍ଗ ଥାନା ଆଇଆଇସି ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୧।୨୦୨୬

| | |
|---|---|
| ୫,୬୨,୫୯୦ ଟଙ୍କା | |
| ସୁନା | ୧୯.୯୦୦ ଗ୍ରାମ୍ |
| ରୁପା | ୪୩.୮୫୦ ଗ୍ରାମ୍ |

# ଦ୍ୱିତୀୟ ଦିନରେ ୩୦ରୁ ଊର୍ଦ୍ଧ୍ୱ ଦୋକାନ ଉଚ୍ଛେଦ

**ବ୍ୟବସାୟ ହରାଇଲେ ୨୦୦ରୁ ଊର୍ଦ୍ଧ୍ୱ ଦୋକାନୀ**

ଗୋପ,୬।୧(ଭାରତୀ ଭୂଷଣ ଉପାଧ୍ୟାୟ)

ଦ୍ୱିତୀୟ ଦିନରେ ଗୋପ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗୋପ ବଜାର ଉଚ୍ଛେଦ ଆରମ୍ଭ ହୋଇଥିଲା। ମଙ୍ଗଳବାର ୩୦ରୁ ଅଧିକ ଦୋକାନଘର ଭଙ୍ଗାଯାଇଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ଦୋକାନୀ ତାଙ୍କ ଜୀବିକା ହରାଇଛନ୍ତି।

ପ୍ରକାଶ ଯେ, କୋଣାର୍କ ସୂର୍ଯ୍ୟମନ୍ଦିର ସହିତ ପୁରୀ ଯାଉଥିବା ଦେଶ ବିଦେଶର ପର୍ଯ୍ୟଟକମାନେ ବିଭିନ୍ନ ସମୟରେ ଏହି ରାସ୍ତାରେ ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଆସୁଥିଲା। ସରକାରୀସ୍ତରରେ ଗୋପ-କୋଣାର୍କ ରାସ୍ତାକୁ ପ୍ରଶସ୍ତୀକରଣ କରାଯିବା ଆଳ ଦେଖାଇ ଭାଙ୍ଗି ଦିଆଯାଇଥିବା ଜଣାପଡ଼ିଛି। ସୋମବାର ଗୋପ ଚାରିଛକ ରାସ୍ତାରେ ଦୋକାନ ଗୃହ ସହିତ କେତେକ ବାସଗୃହ ଜବରଦଖଲ ଯୋଗୁ ଉଚ୍ଛେଦ କରାଯାଇଥିଲା। ଗୋପ ବାଲିଘାଇ ରାସ୍ତାରେ ଥିବା ଦୋକାନ ଗୃହଗୁଡ଼ିକୁ ଉଚ୍ଛେଦ କରାଯାଇଛି। ଗୋପ-ନିମାପଡ଼ା ମୁଖ୍ୟରାସ୍ତାରେ ଥିବା ଅବଶିଷ୍ଟ ଦୋକାନ ଗୃହ ସହିତ ଆଉ କେତକ ବାସଗୃହକୁ ଚଳିତମାସ ଶେଷ ସପ୍ତାହରେ ଉଚ୍ଛେଦ କରାଯିବ ବୋଲି ତହସିଲଦାର ସୂର୍ଯ୍ୟଶଙ୍କର ଦାଶ ସୂଚନା ଦେଇଛନ୍ତି। ଏହି ଉଚ୍ଛେଦ କରିବା ପାଇଁ ୫ ଗୋଟି ବୁଲ୍‌ଡୋଜର ଲଗାଯାଇଥିବା ବେଳେ ୬ ପ୍ଲାଟୁନ ଫୋର୍ସ ମୁତୟନ ହେବା ସହ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଦୀର୍ଘ ୬୨ ବର୍ଷ ତଳେ ସରକାରୀସ୍ତରରେ ଟଙ୍କା ଦିଆଯାଇ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଗୋପ ସନ୍ନିକଟ ବଣିଆସାହିଠାରୁ ଗୋପ ଜଳସମ୍ପଦ ବିଭାଗ ପର୍ଯ୍ୟନ୍ତ ରାସ୍ତାକୁ ଜବରଦଖଲ କରାଯାଇଥିବା ଭଳି ଅଭିଯୋଗ ରହିଛି। ତୁରନ୍ତ ଏହି ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇ ଜବରଦଖଲ ଉଚ୍ଛେଦ ପାଇଁ ଦାବି କରାଯାଇଛି। ଦୀର୍ଘଦିନ ଧରି ବ୍ୟବସାୟ କରି ପରିବାର ଭରଣପୋଷଣ କରୁଥିବା ଶତାଧିକ ବ୍ୟବସାୟୀ ଜୀବିକା ହରାଇଥିବା ବେଳେ ସେମାନଙ୍କୁ ସ୍ଥାୟୀ ଭାବେ ବସାଇବାକୁ ଦାବି କରାଯାଇଛି।



ପ୍ରଶାସନ ପକ୍ଷରୁ ଗୋପ-ନିମାପଡ଼ା ମୁଖ୍ୟରାସ୍ତାରେ ଥିବା ଦୋକାନ ଗୃହ ଉଚ୍ଛେଦ କରାଯାଉଛି ।

# ୫ ବାଲି ବୋଝେଇ ହାଇୱା ଜବତ

ବଳଙ୍ଗା,୬।୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବେଳେ ୨ଟି ସ୍ଥାନରେ ଚଢ଼ାଉ କରାଯାଇ ୫ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିବା ସଙ୍ଗେ ସଙ୍ଗେ ଡ୍ରାଇଭରଙ୍କୁ ଗିରଫ କରିଛନ୍ତି। ଏନେଇ ଥାନାରେ ନଂ. ୩/୨୬ ଓ ୪/୨୬ରେ ଦୁଇଟି ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶରେ ଏସ୍ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ଭାଣପୁର ଓ ହରିପୁର ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ବାଲି ଚୋରାଚାଲାଣ ହେଉଥିବା ଖବରପାଇ ଗୋଡ଼ିମାଳଠାରେ ୨ଟି ବାଲି ବୋଝେଇ ହାଇୱା ଜବତ କରିବା ସହ ଡ୍ରାଇଭର୍ ମାନସ ସାହୁ ଓ ମୈଜମିଲ ଅଲ୍ଲୀ ଖାନ୍‌କୁ ଗିରଫ କରିଛନ୍ତି। ସେହିପରି ଏସ୍ଆଇ ସସ୍ମିତା ବେହେରା ରୂପଦେଇପୁର, ଭୀମବଜାର ଛକଠାରେ ଗାଡ଼ି ଯାଞ୍ଚ କରୁଥିବା ସମୟରେ ୩ଟି ବେଆଇନ ବାଲି ବୋଝେଇ ହାଇୱାକୁ ଜବତ କରି ଡ୍ରାଇଭର୍ ଚନ୍ଦ୍ରମଣି ପ୍ରଧାନ, ଅର୍ଜୁନ ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ଗିରଫ କରି ଥାନାକୁ ଆଣି ଅଟକ ରଖିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଦୀପଦାନ




କର୍ମୀମାନେ ସମୂହ ଦୀପଦାନ କରୁଛନ୍ତି ।

ପୁରୀ,୬।୧୨(ଅଜିତ୍ କୁମାର ମହାନ୍ତି)

ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଭାଜପା ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଦୀପଦାନ କରାଯାଇ ସୁସ୍ଥ ଓ ନିରାମୟ ଜୀବନର କାମନା କରାଯାଇଛି। ଏଥିସହ ଓଡ଼ିଶାର ପ୍ରଗତି ଦିଗରେ ମୁଖ୍ୟମନ୍ତ୍ରୀ ସୂତ୍ରଧର ହୋଇ ଓଡ଼ିଶାକୁ ଭାରତରେ ଏକ ନମ୍ବର କରାଇବେ। ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ସିଂହଦ୍ୱାରଠାରେ ସମସ୍ତଙ୍କୁ ମିଠା ଖୁଆଇ ଖୁସି କରାଗଲା। କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରାୟ, ବରିଷ୍ଠ ସେବାୟତ ରବି ନାରାୟଣ ଦାସ, ସାମାଜିକ କର୍ମୀ ହରିହର ମହାପାତ୍ର, ବଳଭଦ୍ର ମହାନ୍ତି, ନିରଞ୍ଜନ ପୁଷ୍ପାଳକ, ପ୍ରଶାନ୍ତ ପଣ୍ଡା, ସୁମନ୍ତ ପଲେଇ ଓ ଦୀପକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ଦେବାକୁ ପରାମର୍ଶ

କାକଟପୁର/ଅସ୍ତରଙ୍ଗ,୬।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ୟୁକୋ ବ୍ୟାଙ୍କ ଶାଖାରେ ୮୪ତମ ଜୟନ୍ତୀ ପାଳିତ ହୋଇଛି। ଜାତିର ପିତା ମହାତ୍ମା ଗାନ୍ଧୀ ଭାରତର ଜଣେ ବିଶିଷ୍ଟ ଶିଳ୍ପପତି ଘନଶ୍ୟାମ ଦାସ ବିର୍ଲାଙ୍କୁ ଏକ ପଇସା ଠୁଳ କରି ଗ୍ରାହକଙ୍କୁ ସୁବିଧା ସୁଲଭ ପ୍ରଦାନ କରିବା ପାଇଁ ଏକ ପରାମର୍ଶ ଦେଇଥିଲେ। ତାଙ୍କ ପରାମର୍ଶରେ ୧୯୪୩ମସିହା ଜାନୁଆରୀ ୬ରେ କୋଲକାତାରେ ଏକ ୟୁକୋ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଥିଲା, ଯାହା ଆଜି ୮୪ବର୍ଷରେ ପଦାର୍ପଣ କରିଛି। ଅସ୍ତରଙ୍ଗରେ ଏହି କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ଶାଖା ପରିସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରବି ମଲ୍ଲିକ, ଶାଖା ପ୍ରବନ୍ଧକ ରାଜଲକ୍ଷ୍ମୀ ମହାନ୍ତି, ସହ ପ୍ରବନ୍ଧକ ରୋନିତ ଖିଲର, କ୍ୟାସିୟର ଦୀପକ ପ୍ରଧାନ, ସହ କର୍ମଚାରୀ ତରୁଣ ଗୋଛାୟତ, ସୋନାଲି ମଲ୍ଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟବସାୟୀ ଯୋଗେନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଉଦ୍‌ବୋଧନ ଦେବା ସହ ଗ୍ରାହକମାନେ ଶାଖାର ଭଗବାନ, ତାଙ୍କୁ ବ୍ୟାଙ୍କ କର୍ମଚାରୀ ହସିହସି କଥା ହୋଇ ଉତ୍ତମ ବ୍ୟବହାର କରିବାକୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ମହାସଂଘ ସଭ୍ୟାମାନେ ଉପସ୍ଥିତ ଥିଲେ।

# ବସ୍, ରସ୍ ଡ୍ରାଇଭିଂ ବିରୋଧରେ ପୋଲିସର ଡ୍ରାଇଭ୍

ପୁରୀ,୬।୧(ଅଜିତ୍ କୁମାର ମହାନ୍ତି)

ପର୍ଯ୍ୟଟନ ଋତୁ ଆରମ୍ଭ ହେବା ସହ ପୁରୀ ଜିଲାରେ ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା ଲଗାତର ବୃଦ୍ଧି ପାଉଛି। ଏହା ସହ ବସ୍, ଟ୍ରାଭେଲ୍ସ ଓ ଅନ୍ୟାନ୍ୟ ବ୍ୟବସାୟିକ ଯାନବାହନ ଦ୍ୱାରା ଅସାବଧାନ, ରସ୍ ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ଘଟଣା ଦେଖାଯାଉଥିବାରୁ ରାସ୍ତା ସୁରକ୍ଷା ପ୍ରତି ଗୁରୁତ୍ୱପୂର୍ଣ୍ଣ ଆଶଙ୍କା ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲାର ସମସ୍ତ ନାଗରିକ, ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ ଅନୁସାରେ ମଙ୍ଗଳବାର ଜିଲାର ସମସ୍ତ ଥାନା ଅଞ୍ଚଳରେ ବସ୍ ଓ ରସ୍ ଡ୍ରାଇଭିଂ ବିରୋଧରେ ଏକ ବିଶେଷ ଡ୍ରାଇଭ୍ ଆରମ୍ଭ କରାଯାଇଛି। ଏହି ବିଶେଷ ଡ୍ରାଇଭ୍‌ରେ ଜିଲାର ସମସ୍ତ ଥାନାର ଆଇଆଇସି, ଟ୍ରାଫିକ୍ ପୋଲିସ ଏବଂ ଅନ୍ୟ ପୋଲିସ କର୍ମଚାରୀ ମିଳିତ ହୋଇ ଜିଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ବସ୍‌ଷ୍ଟାଣ୍ଡ, ହାଇୱେ, ପର୍ଯ୍ୟଟନ ସ୍ଥଳ, ଆଗମନ ପଥ ଓ ଭିଡ଼ ଅଞ୍ଚଳଗୁଡ଼ିକରେ ଯାଞ୍ଚ କରୁଛନ୍ତି। ମଦ୍ୟପାନ ଓ ରସ୍ ଡ୍ରାଇଭିଂ ଉପରେ କଡ଼ା ନଜର ରଖାଯାଇଛି। ମଦ୍ୟପାନ କରି ଗାଡ଼ି ଚଳାଇବା, ଅତ୍ୟଧିକ ବେଗରେ ଗାଡ଼ିଚାଳନା, ଓଭରଲୋଡିଂ, ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି ଡକ୍ୟୁମେଣ୍ଟ ଯାଞ୍ଚ, ଫିଟ୍‌ନେସ୍ ସାର୍ଟିଫିକେଟ୍, ଇନ୍ସୁରାନ୍ସ ଓ ପର୍ମିଟ୍ ଆଦି ଯାଞ୍ଚ କରାଯାଉଛି। ମଦ୍ୟପାନ କରି ଗାଡ଼ି ଚଳାଉଥିବା ଓ ରସ୍ ଡ୍ରାଇଭିଂରେ ଜଡ଼ିତ ଚାଳକଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ, କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କିଛି ସ୍ଥାନରେ ଚାଳକଙ୍କୁ ସଚେତନ କରାଯାଇ ଭବିଷ୍ୟତରେ ଏପରି ଅସାବଧାନ ଚଳାଚଳ ନ କରିବାକୁ ତାଗିଦ କରାଯାଇଛି। ପର୍ଯ୍ୟଟକ ଓ ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ପୁରୀ ପୋଲିସ୍ ପକ୍ଷରୁ ସମସ୍ତ ବସ୍ ମାଲିକ, ଚାଳକ ଓ କଣ୍ଡକ୍ଟରଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ନିୟମ ମାନି ଗାଡ଼ି ଚଳାନ୍ତୁ ଏବଂ ମଦ୍ୟପାନ କରି ଗାଡ଼ି ଚଳାନ୍ତୁ ନାହିଁ। ରସ୍ ଡ୍ରାଇଭିଂ ନ କରି ଯାତ୍ରୀମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଅନ୍ତୁ। କୌଣସି ବସ୍ କିମ୍ବା ଯାନବାହନ ଅସାବଧାନ ଭାବେ ଚଳାଉଥିବା ଦେଖିଲେ ତତ୍‌କ୍ଷଣାତ୍ ୧୧୨ କିମ୍ବା ଟୁରିଷ୍ଟ ହେଲ୍ପଲାଇନ୍ ନମ୍ବର ୬୩୭୦୯୬୭୧୦୦ରେ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ପୁରୀ ପୋଲିସ ପର୍ଯ୍ୟଟନ ଋତୁ ସମୟରେ ସମସ୍ତଙ୍କ ସୁରକ୍ଷିତ, ସୁସ୍ଥ ଓ ସୁଖଦ ଯାତ୍ରା ନିମନ୍ତେ ନିରନ୍ତର ସତର୍କ କରାଯାଇଛି। ଏଭଳି ବିଶେଷ ଡ୍ରାଇଭ୍ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ରାମଚଣ୍ଡୀ ପୀଠରେ ବନ୍ଧୁମିଳନ

କୋଣାର୍କ,୬।୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଠାରୁ ୧୦ କି.ମି. ଦୂରରେ ଅବସ୍ଥିତ ଶକ୍ତିପୀଠ ରାମଚଣ୍ଡୀ ଠାରେ ଆଲୁୱାଲିଆ କନଷ୍ଟ୍ରକସନ କମ୍ପାନୀର କର୍ମଚାରୀଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ମାନସ କୁମାର ସିହ୍ନାଙ୍କ ନେତୃତ୍ୱରେ ପୀଠରେ ମା'ଙ୍କ ପୂଜାର୍ଚ୍ଚନା ଓ ବଣଭୋଜି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନ୍ୟ କର୍ମକର୍ତ୍ତା ଅଶୋକ କୁମାର ସ୍ୱାଇଁ, ଶିବାଶିଷ ମହାପାତ୍ର, ଶଶିଭୂଷଣ ପ୍ରଧାନ, ସୁଜନ ବିଶ୍ୱାଳ, ପବିତ୍ର ପାନ, ଆଭାସ ଅହମ୍ମଦ, ଦୁର୍ଯ୍ୟୋଧନ ପ୍ରଧାନ, ସତ୍ୟସେବକ ମଣ୍ଡଳ ସମେତ ଅନ୍ୟ କର୍ମଚାରୀ ବଣଭୋଜିରେ ଖୁସି ମନାଇବା ସହ ନାଚଗୀତରେ ମଜିଯାଇ ପୀଠକୁ ଦୁଲକାଇ ଦେଇଥିଲେ। ଉକ୍ତ ପୀଠରେ ପର୍ଯ୍ୟଟକ ଭିଡ଼ ଦେଖି କର୍ମଚାରୀ ଆଗାମୀ ଦିନରେ ଏହି ସ୍ଥାନକୁ ଆସି ଭୋଜି ଭାତର ଆସର ଜମାଇବା ପାଇଁ ଆଲୋଚନା କରିଥିଲେ।

# ନିଖୋଜ ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

ପୁରୀ,୬।୧(ଅଜିତ୍ କୁମାର ମହାନ୍ତି)

କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଖାକିମଠ ନୂଆସାହିର ନିଖୋଜ ଥିବା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ପୋଲିସ ସୂଚନା ଅନୁଯାୟୀ, ଖାକିମଠ ନୂଆସାହିର ସସ୍ମିତା ଚମ୍ପତି (୪୧) ପିଏସ୍‌ରେ ରିପୋର୍ଟ କରିଥିଲେ ଯେ, ୧ ତାରିଖ ସନ୍ଧ୍ୟାରେ ତାଙ୍କ ନାବାଳିକା ଝିଅ ପୁରୀର ବଡ଼ଶଙ୍ଖ ମାର୍କେଟକୁ ଯାଇଥିଲା, ମାତ୍ର ଫେରି ନ ଥିଲେ। ପରିବାର ଲୋକେ ସବୁଠି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନଥିବା ନେଇ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି କେସ୍ ନମ୍ବର ୧୧/୨୬ରେ ଏକ ମାମଲା ରୁଜୁ କରି ପୋଲିସର ଏକ ଦଳ ତୁରନ୍ତ ଜହ୍ନିକୁଦା ଗ୍ରାମକୁ ଯାଇ କୃଷ୍ଣପ୍ରସାଦ ପୋଲିସ ସହାୟତାରେ ନାବାଳିକାକୁ ଉଦ୍ଧାର କରିଥିଲେ।

# ଚରିତ୍ର ଗଠନ ପାଇଁ ନୈତିକ ଶିକ୍ଷା ଦିଅ




କାର୍ଯ୍ୟକ୍ରମରେ ବିଧାୟକ ତୁଷାରକାନ୍ତି ବେହେରାଙ୍କ ସମେତ ଅନ୍ୟମାନେ ।

**କାକଟପୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଥମ ପିଏମ୍ ଶ୍ରୀ ଉତ୍ସବ**

କାକଟପୁର/ଅସ୍ତରଙ୍ଗ,୬।୧(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ବିଦ୍ୟା ନମ୍ରତା, ଶୃଙ୍ଖଳା ଜ୍ଞାନ ଦିଏ। ଏହା ଜଣେ ଛାତ୍ର ଜୀବନକୁ ପରିପୁଷ୍ଟ କରିଥାଏ। ଚରିତ୍ର ଗଠନ ପାଇଁ ନୈତିକ ଶିକ୍ଷା ଦିଆଯାଉ ବୋଲି କାକଟପୁର ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଥମ ପିଏମ୍ ଶ୍ରୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ଇଂ. ତୁଷାରକାନ୍ତି ବେହେରା ଯୋଗଦେଇ କହିଛନ୍ତି। କାକଟପୁର ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ପ୍ରଥମ ପିଏମ୍ ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ବେହେରା କହିଛନ୍ତି, ଜ୍ଞାନର ବିକାଶ ପାଇଁ ତତ୍ପର ହେବା ମୂଳଲକ୍ଷ୍ୟ। ଏହାସହ ବୈଦିକ ପରମ୍ପରା, ଭାରତୀୟ ଜ୍ଞାନ ଆଧାରିତ ଶିକ୍ଷା ପଦ୍ଧତି ସମ୍ପର୍କରେ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ସମ୍ମାନିତ ଅତିଥି ଜଗତସିଂହପୁର ଏମ୍‌ପିଙ୍କ କାକଟପୁର ବ୍ଲକ ପ୍ରତିନିଧି କୈଳାଶ ନାୟକ, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ମଣ୍ଡଳ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦ, ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଓ ସାମାଜିକ କର୍ମୀ ନିରୋଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଜ୍ଞାନ ରଞ୍ଜନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ରୀନାଲତା ପରିଡ଼ା ଯୋଗ ଦେଇଥିଲେ। ଶିକ୍ଷାବିତ୍ ପ୍ରତାପ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଏମ୍ ଡି ସମରଉଦ୍ଧିନ ଧନ୍ୟବାଦ ଦେଇଥିଲେ।

**ରାଜ୍ୟସ୍ତରୀୟ ୩୦ତମ ନିମାପଡ଼ା କପ କ୍ରିକେଟ**

# ଫାଇନାଲରେ ପ୍ରଗତି ସ୍ପୋର୍ଟିଂ

ନିମାପଡ଼ା,୬।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ୩୦ତମ ନିମାପଡ଼ା କପ ଓ ଦ୍ୱିତୀୟ ତାପସ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପୁରୀ ପାୟୋନିୟର ସ୍ପୋର୍ଟିଂକୁ ୨୫ରନରେ ହରାଇ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରୁ ୨୩. ୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଘୁନାଥ ମଲ୍ଲ (୮ଟି ଛକା ଓ ୮ଟି ଚୌକା)ସହାୟତାରେ ଶତକ ହାସଲ କରି ସର୍ବାଧିକ ୧୧୫ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ପୁରୀ ପ୍ୟାୟୋନିଅର ସ୍ପୋର୍ଟିଂ ଦଳର ବୋଲର ଲାଲୁ ମହାନ୍ତି ୪ଟି ଓ ଶୁଭମ ସାହୁ ୩ଟି ଉଇକେଟ ନେଇଥିଲେ।



ଅତିଥିମାନେ ମ୍ୟାନ ଅଫ ଦି ମ୍ୟାଚ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଏହାର ଜବାବରେ ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂ କରି ପୁରୀ ପାୟୋନିୟର ନିର୍ଦ୍ଧାରିତ ୨୫ଓଭର ଖେଳରୁ ୨୩. ୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରି ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ସୌମ୍ୟ ରଞ୍ଜନ ବିଶ୍ୱାଳ ସର୍ବାଧିକ ୭୭ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ଦଳର ବୋଲର, ମିଳନ ସାମଲ ସର୍ବାଧିକ ୪ଟି, ସୁମିତ ମହାରଣା ୨ଟି, ଅଭିଜିତ ରାଉତ ୨ଟି ଉଇକେଟ ନେଇଥିଲେ। ଅମ୍ପାୟାର ଭାବେ ଅଭିନନ୍ଦନ ପାତ୍ର ଓ ତ୍ରିଭୁବନ ନାଥ ଦାଶ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚରେ ସଂଗ୍ରାମ କେଶରୀ ଭୋଳ ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ମ୍ୟାଚରେ ବିଜୟୀ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂର ଖେଳାଳି ରଘୁନାଥ ମଲ୍ଲ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚରେ ଅତିଥି ଭାବେ ଇଲୋକ୍ଟ୍ରୋନିକ୍ସ ମିଡ଼ିଆର ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ବେହେରା, ବିରଞ୍ଚିନ ମଲ୍ଲିକ, କ୍ରୀଡ଼ାବିତ ଆଶୁତୋଷ ରାୟ, ଅକ୍ଷୟ କୁମାର ବେହେରା ପ୍ରମୁଖ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନକୁ ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ଭେଟିବ।

## ଫଟୋରେ ଖବର




୩ୟ ସମ୍ଭେହା ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ରାମକୃଷ୍ଣ ବିଦ୍ୟାନିକେତନର ବାର୍ଷିକ ଉତ୍ସବରେ ଅନୁଷ୍ଠିତ କୌତୁକ ପୋଷାକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିଶୁମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ବରମୁଣ୍ଡା ବସ୍ ଟର୍ମିନାଲରେ ଖୋଲିବ ଆଇଟି କମ୍ପାନୀ

## ବିଏସ୍ଏବିଟିରେ ହିତାଧିକାରୀଙ୍କୁ ଶୀତତାପ ନିୟନ୍ତ୍ରିତ ଦୋକାନ ଘର ଚାବି ହସ୍ତାନ୍ତର

ଭୁବନେଶ୍ୱର, ୬।୧ (ବନ୍ଦନା ସେଠୀ)

ଆଗାମୀ ଦିନରେ ବଡ଼ ପରିବହନ ଓ ବ୍ୟବସାୟିକ ପେଣ୍ଠସ୍ଥଳୀରେ ପରିଣତ ହେବାକୁ ଯାଉଛି ବାବା ସାହେବ ଭୀମରାଓ ଆମ୍ବେଡକର ବସ୍ ଟର୍ମିନାଲ(ବିଏସ୍ଏବିଟି)। ଖୁବ୍‌ଶୀଘ୍ର ଏଠାରେ ଆଇଟି ପ୍ରତିଷ୍ଠାନ କାର୍ଯ୍ୟକ୍ଷମ ହେବ। ଏହି ଆଧୁନିକ ବସ୍ ଟର୍ମିନାଲ୍‌କୁ ପରିଚାଳନା କରୁଥିବା ବିଡିଏ ବିଏସ୍ଏବିଟିର ଦୁଇଟି ମହଲାରେ ଥିବା ଜାଗାକୁ ଆଇଟି କମ୍ପାନୀଗୁଡ଼ିକ ପାଇଁ ଦେବାକୁ ନିଷ୍ପତ୍ତି ନେଇଛି, ଯାହାଦ୍ୱାରା ଗୋଟିଏ ଛାତ ତଳେ ପରିବହନ, ସେବା ଓ ପ୍ରଯୁକ୍ତିବିଦ୍ୟାର ଏକ ଅନନ୍ୟ ମିଶ୍ରଣ ସମ୍ଭବ ହୋଇପାରିବ। ଏନେଇ ମଙ୍ଗଳବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବିଏସ୍ଏବିଟିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ତଥା ବିଡିଏ ଅଧକ୍ଷ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଘୋଷଣା କରିଛନ୍ତି। ଏଠାରେ ଆଇଟି କମ୍ପାନୀ ପ୍ରତିଷ୍ଠା ଦ୍ୱାରା ପରିବହନ ସହ ବ୍ୟବସାୟିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ଯାହା ଏହି ପରିସରରେ ଥିବା ବ୍ୟବସାୟୀଙ୍କୁ ଭଲ ବ୍ୟବସାୟ କରିବା ପାଇଁ ସହାୟକ ହେବ। ସେହିଭଳି ବିଏସ୍ଏବିଟିରେ ଥିବା ଭିସା ଆପ୍ଲିକେଶନ ସେଣ୍ଟର ନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ଘୋଷଣା ସମ୍ପର୍କରେ ମନ୍ତ୍ରୀ ଡା. ମହାପାତ୍ର ସୂଚନା ଦେଇଥିଲେ। ମନ୍ତ୍ରୀ ଡା. ମହାପାତ୍ର ବିଏସ୍ଏବିଟିର ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହ ସେଠାରେ ଥିବା ଆହାର କେନ୍ଦ୍ରରେ ଖାଇଥିଲେ। ଏହି ଅବସରରେ ନୂଆ ବିଏସ୍ଏବିଟିରେ ହିତାଧିକାରୀମାନଙ୍କୁ ଶୀତତାପ ନିୟନ୍ତ୍ରିତ ଦୋକାନ ଘର ଚାବି ହସ୍ତାନ୍ତର କରାଯାଇଛି। ପୂର୍ବରୁ ଅନେକ ଦୋକାନୀ ବସ୍ ଟର୍ମିନାଲ ବାହାରେ ବସିବାକୁ ବାଧ ହେଉଥିଲେ। ମାତ୍ର ଦୋକାନ ଘର ମିଳିବା ପରେ ସମ୍ମାନଜନକଭାବେ ରୋଜଗାର କରି ଜୀବିକା ନିର୍ବାହ କରିପାରିବେ ବୋଲି ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସେପ୍ଟେମ୍ବରରେ ବିଡିଏ ବିଏସ୍ଏବିଟିରେ ୧୧୨ଟି ଦୋକାନକୁ ହିତାଧିକାରୀଙ୍କୁ ଲଟେରି ମାଧ୍ୟମରେ ମାସିକ ଭଡ଼ା ଭିତ୍ତିରେ ଆବଣ୍ଟିତ କରିଥିଲା। ବିଏସ୍ଏବିଟିର ନିର୍ମାଣ ପୂର୍ବରୁ ପୁରୁଣା ବରମୁଣ୍ଡା ବସ୍ ଟର୍ମିନାଲ ପରିଚାଳନା କରୁଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍‌ଟିସି) ଦ୍ୱାରା କରାଯାଇଥିବା ଏକ ସର୍ଭେ ଆଧାରରେ ହିତାଧିକାରୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଥିଲା। ଆବଣ୍ଟିତ ଦୋକାନଗୁଡ଼ିକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାଣି ସଂଯୋଗ ଏବଂ ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ରହିଛି।



ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଜଣେ ହିତାଧିକାରୀଙ୍କୁ ଶୀତତାପ ନିୟନ୍ତ୍ରିତ ଦୋକାନ ଘର ଚାବି ହସ୍ତାନ୍ତର କରୁଛନ୍ତି।

# ୧୦ରୁ ଶିଶିର ସରସ ମେଳା

## ଯୋଗଦେବେ ୩୦ ଜିଲା, ୨୦ ରାଜ୍ୟର କାରିଗର

ଭୁବନେଶ୍ୱର,୬।୧ (ସୁଚିସ୍ମିତା ସାହୁ)

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ଓର୍ମାସ୍ ପକ୍ଷରୁ ଆସନ୍ତା ୧୦ ତାରିଖରୁ 'ଶିଶିର ସରସ-୨୦୨୬' ଆରମ୍ଭ ହେବାକୁ ଯାଉଛି। ମିଶନଶକ୍ତିର ମିଳିତ ସହଭାଗିତାରେ ଆୟୋଜିତ ହେବାକୁ ଥିବା ଏହି ମେଳାରେ ଗ୍ରାମୀଣ ଉତ୍ପାଦକ, କାରିଗର ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସିଧାସଳଖ ବିକ୍ରୟ ସୁଯୋଗ ମିଳିବ। ଏଥିରେ ଓଡ଼ିଶା ଏବଂ ଅନ୍ୟ ୨୦ଟି ରାଜ୍ୟରୁ ଶିଳ୍ପୀମାନେ ଅଂଶଗ୍ରହଣ କରିବେ। ଭୁବନେଶ୍ୱରସ୍ଥିତ ଇଉ୍‌କୋ ପ୍ରଦର୍ଶନୀ ପଡ଼ିଆରେ ୧୮ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ମେଳାରେ ସମୁଦାୟ ୩୪୦ଟି ବିକ୍ରୟ ଷ୍ଟଲ ଓ ୩୫ଟି ଖାଦ୍ୟ ଷ୍ଟଲ ରହିବ ବୋଲି ମଙ୍ଗଳବାର ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଦର୍ଶକଙ୍କୁ ଏହା ଏକ ମିନି ଇଣ୍ଡିଆ ବଜାରର ଅନୁଭୂତି ପ୍ରଦାନ କରିବ। ଏଠାରେ ବରଗଡ଼, ସମ୍ବଲପୁର, ବଲାଙ୍ଗୀର ଓ ସୁବର୍ଣ୍ଣପୁରର ହସ୍ତତନ୍ତ, ବାଲେଶ୍ୱରର ଲାଖ ସାମଗ୍ରୀ, କେନ୍ଦୁଝରର ପେପର ମାଶେ, କନ୍ଧମାଳ ଓ କଳାହାଣ୍ଡିର କାଠ କାମ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରର କାଇଁଚ, ବଲାଙ୍ଗୀରର ଟେରାକୋଟା, କୋରାପୁଟର ଲେମନଗ୍ରାସ୍ ଓ କଳାଜିରା ଚାଉଳ, ସୁନ୍ଦରଗଡ଼ର ମିଲେଟ ଉତ୍ପାଦ ଉପଲବ୍ଧ ହେବ। ସେହିପରି ଆନ୍ଧ୍ରପ୍ରଦେଶର କଲମକରୀ ହସ୍ତତନ୍ତ, ଛତିଶଗଡ଼ର କୋସା ସିଲ୍କ, ଝାଡ଼ଖଣ୍ଡର ଟସର ସିଲ୍କ, ଉତ୍ତରପ୍ରଦେଶର ଚିକନକାରୀ, ଜମ୍ମୁକଶ୍ମୀରର ଉଲେନ ପୋଷାକ, ପଞ୍ଜାବର ଫୁଲକରୀ, ମଧ୍ୟପ୍ରଦେଶର ବ୍ଲକ ପ୍ରିଣ୍ଟ, କର୍ଣାଟକର କୃତ୍ରିମ ଗହଣା ସହ ଦେଶର ବିଭିନ୍ନ ରାଜ୍ୟର ହସ୍ତଶିଳ୍ପ ଓ ଗ୍ରାମୀଣ ଉତ୍ପାଦ ମେଳାର ପ୍ରମୁଖ ଆକର୍ଷଣ ସାଜିବ। ଏହି ଅବସରରେ ୬ଟି କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ ହେବ, ଯେଉଁଥିରେ ପ୍ରାୟ ୮୫୦ ଜଣ ସିବିଓ ଏବଂ ଏସ୍ଏଚ୍‌ଜିର ସଦସ୍ୟ ଅଂଶଗ୍ରହଣ କରିବେ। ପ୍ରତିଦିନ ସନ୍ଧ୍ୟାରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ମେଳାର ଏକ ପ୍ରମୁଖ ଆକର୍ଷଣ ସାଜିବ। ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସ୍ମୃତିରେ ବିଶେଷ ସଙ୍ଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ ହେବ। ଚଳିତବର୍ଷ ମେଳା ପରିସରକୁ ସୁସଜ୍ଜିତ, ପରିଷ୍କାର ଓ ପ୍ଲାଷ୍ଟିକମୁକ୍ତ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ପରିଦର୍ଶକଙ୍କ ସୁବିଧା ପାଇଁ ପାନୀୟଜଳ, ଆଲୋକ, ସୁରକ୍ଷା ବ୍ୟବସ୍ଥା ସହ ସମସ୍ତ ଆବଶ୍ୟକୀୟ ସୁବିଧା ଉପଲବ୍ଧ କରାଯିବ। ଏହି ମେଗା ମେଳା ମାଧ୍ୟମରେ ପ୍ରାୟ ୩୦ କୋଟି ଟଙ୍କାର ବ୍ୟବସାୟ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଶିଶିର ସରସ ମେଳାର ଉଚିତ ଅବଦାନ ରହିବ ବୋଲି ମନ୍ତ୍ରୀ ନାଏକ କହିଛନ୍ତି। ସେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ମେଳାର ସଫଳତା କାମନା କରିଛନ୍ତି।



ମେଳା ଆୟୋଜନ ସମ୍ପର୍କରେ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଉଛନ୍ତି।

# ବିବାଦରୁ ଜମି ମାଲିକଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୬।୧ (ତ୍ରିନାଥ ମହାନ୍ତି)

ପୂର୍ବ ବିବାଦକୁ କେନ୍ଦ୍ରକରି ଜମି ମାଲିକଙ୍କୁ ଆକ୍ରମଣ ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ପଥରଗାଡ଼ିଆ ଗାଁର କଳ୍ପତରୁ ବେହେରା(୬୦)। ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା କଳ୍ପତରୁଙ୍କ ୨ପୁଅ ଫେରାର ହୋଇଯାଇଛନ୍ତି।

ପୋଲିସ ସୂଚନାନୁଯାୟୀ, ଦୀର୍ଘବର୍ଷ ପୂର୍ବେ କଳ୍ପତରୁ ପଥରଗାଡ଼ିଆ ମୌଜାରେ ଥିବା ଏକ ଜମିକୁ ଅଭିମନ୍ୟୁ ଜେନାଙ୍କୁ ୨୦୨୩ ମସିହାରେ ବିକ୍ରି କରିଥିଲେ। ପରେ ଅଭିମନ୍ୟୁ ଉକ୍ତ ଜମିକୁ ନିଜ ନାମରେ ମ୍ୟୁଟେଶନ କରି ପଟ୍ଟା ମଧ୍ୟ କରି ନେଇଥିଲେ। ହେଲେ କଳ୍ପତରୁ ଜମି ବିକ୍ରି ଟଙ୍କା ପାଇ ନ ଥିବା ଦର୍ଶାଇ ଅଭିମନ୍ୟୁଙ୍କ ସହ ସବୁବେଳେ ଝଗଡ଼ା କରି ଆସୁଥିଲେ। ଏପରିକି ଅଭିମନ୍ୟୁଙ୍କ ଜମିକୁ ସଂଲଗ୍ନ ପାଦଚଲା ରାସ୍ତାକୁ କଳ୍ପତରୁ ଜୋରଜବରଦସ୍ତ ଦଖଲ କରିବା ସହ ତାଙ୍କ ଅନୁପସ୍ଥିତିରେ ନିର୍ମାଣ ସାମଗ୍ରୀ ଗଦା କରିଥିଲେ ଓ ସୀମା ଖୁଣ୍ଟିକୁ ନଷ୍ଟ କରି ଦେଇଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ଅଭିମନ୍ୟୁ ଜମି ଉପରେ ଥିବାବେଳେ କଳ୍ପତରୁ ଓ ତାଙ୍କର ଦୁଇ ପୁଅ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲ। ଅଭିମନ୍ୟୁ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କ ବେକକୁ ଚାପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଚିତ୍କାର କରିବାରୁ ତାଙ୍କୁ ଗୋଇଠା ଓ ଚାପୁଡ଼ା ମାରି ଆହୁରି ଆକ୍ରମଣ କରିଥିଲେ। ଅଭିମନ୍ୟୁ ଅଭିଯୁକ୍ତଙ୍କ କବଳରୁ ଖସି ଯାଇ ଏନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିବା ସହ କଳ୍ପତରୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଟ୍ରକ୍ ଧକ୍କାରେ ବାଇକ ଚାଳକ ମୃତ

## ବାଣୀବିହାର ଫ୍ଲାଏଓଭରବ୍ରିଜ୍ ଉପରେ ଦୁର୍ଘଟଣା

ଭୁବନେଶ୍ୱର,୬।୧ (ସତ୍ୟଜିତ ରାଉତ)

ବାଣୀବିହାର ଫ୍ଲାଏଓଭରବ୍ରିଜ୍ ଉପରେ ମଙ୍ଗଳବାର ରାତି ପ୍ରାୟ ୯ଟା ୩୦ ବେଳେ ଏକ ଦୁର୍ଘଟଣା ଘଟିଛି। ଏଠାରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକଜଣକ ହେଲେ ନୟାଗଡ଼ର ରଘୁନାଥ ତିହୁଡ଼ି। କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଘୁନାଥଙ୍କ ମୃତଦେହକୁ ରଖାଯାଇଛି। ବୁଧବାର ପରିବାର ଲୋକ ଆସିବା ପରେ ମୃତଦେହର ବ୍ୟବଚ୍ଛେଦ କରାଯିବ। ସେପଟେ ଦୁର୍ଘଟଣାପରେ ଟ୍ରକ୍ ସହ ଚାଳକ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରଘୁନାଥ ବାଇକ୍(ଓଡି୩୩-ଏମ୍-୪୫୬୫)ରେ କଟକରୁ ଖଣ୍ଡଗିରି ଅଭିମୁଖେ ଯାଉଥିଲେ। ବାଣୀବିହାର ଫ୍ଲାଏଓଭରବ୍ରିଜ୍ ଉପରେ ତାଙ୍କୁ ପଛପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସଙ୍କଟାପନ୍ନ ଅବସ୍ଥାରେ ରଘୁନାଥଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ରଘୁନାଥଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିଛି। ଖବର ପ୍ରସ୍ତୁତି ପର୍ଯ୍ୟନ୍ତ ଏନେଇ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ଡ୍ରଗ୍ସ କାରବାରରେ ମହିଳା, ୩ ଜଣଙ୍କୁ ଗିରଫ କଲା ପୋଲିସ

ଭୁବନେଶ୍ୱର,୬।୧ (ତ୍ରିନାଥ ମହାନ୍ତି)

ବେଆଇନ ବ୍ରାଉନସୁଗାର କାରବାର ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତପୋବନ ବରବାରି ବସ୍ତିର ରୀନା ଜେନା(୪୨), ଡୁମୁଡୁମା ରଘୁନାଥ ନଗରର ଦୀପ ସାହୁ ଓରଫ ଦିପୁ(୨୯) ଓ ଗଙ୍ଗନଗରର ବଳରାମ ସାହୁ ଓରଫ ବଳିଆ(୩୫)। ଏନେଇ ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନାନୁସାରେ, ମଙ୍ଗଳବାର ଭୋର ସମୟରେ ବରମୁଣ୍ଡା ରମାମଣି ପେଟ୍ରୋଲ ପମ୍ପ ନିକଟରେ ୩ ଜଣ ବ୍ରାଉନସୁଗାର ବିକ୍ରି ପାଇଁ ଅପେକ୍ଷା କରିଥିବା ଖଣ୍ଡଗିରି ପୋଲିସକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିବା ସହ ରୀନା, ଦିପୁ ଓ ବଳିଆଙ୍କୁ ଅଟକ ରଖିଥିଲା। ତଲାସି ସମୟରେ ସେମାନଙ୍କ ହେପାଜତରୁ ବ୍ରାଉନ୍‌ସୁଗାର ଓ ୨ ହଜାର ଟଙ୍କା ଜବତ କରିଥିଲା। ଓଜନ ପରେ ରୀନାଙ୍କ ଠାରୁ ୧୨ ଗ୍ରାମ, ଦିପୁଙ୍କ ଠାରୁ ୫ ଗ୍ରାମ ବଳିଆଙ୍କ ନିକଟରୁ ୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଏଥିସହିତ ଗୋଟିଏ ବାଇକ୍ ମଧ୍ୟ ପୋଲିସ ଜବତ କରିଥିଲା। ରୀନାଙ୍କ ନାମରେ ୩ଟି ଏନ୍‌ଡିପିଏସ୍ ମାମଲା, ବଳିଆଙ୍କ ନାଁରେ ୫ ଓ ଦିପୁଙ୍କ ନାମରେ ୨ଟି ଆପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।





ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ତୁରନ୍ତ ମୁକ୍ତ କରିବା ଦାବିରେ ସିଆଇଟିୟୁ ଏବଂ ସିପିଆଇଏମ୍ ପକ୍ଷରୁ ମଙ୍ଗଳବାର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବଜରଙ୍ଗ ଦଳ ଭୁବନେଶ୍ୱର ଜିଲା କମିଟି ଭଙ୍ଗାଗଲା

ଭୁବନେଶ୍ୱର,୬।୧ (ସୌମ୍ୟରଞ୍ଜନ ରାଉତ)

ବଜରଙ୍ଗ ଦଳ ଭୁବନେଶ୍ୱର ଜିଲା କମିଟିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭଙ୍ଗାଯାଇଛି। ଏନେଇ ଜାନୁଆରୀ ୩ ଓ ୪ରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତୀୟ ପ୍ରବନ୍ଧ ସମିତି ସମ୍ମିଳନୀରେ ପ୍ରାନ୍ତ ସମ୍ପାଦକ ମହେଶ କୁମାର ସାହୁ ଘୋଷଣା କରିଛନ୍ତି। ନୂତନ କମିଟି ପୁନର୍ଗଠନ ହେବା ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ଜିଲା ବଜରଙ୍ଗ ଦଳ ନାମରେ କୌଣସି ପ୍ରକାର କାର୍ଯ୍ୟକ୍ରମ ନ କରିବା ପାଇଁ ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ ସୁଜିତ କୁମାର ନାୟକ ଜଣାଇଛନ୍ତି। ବିଶ୍ୱ ହିନ୍ଦୁ ପରିଷଦର ସାଙ୍ଗଠନିକ ପରିବୃଦ୍ଧି, କାର୍ଯ୍ୟାନ୍ୱୟନ ଓ ସଂଗଠନକୁ ଲୋକାଭିମୁଖୀ କରିବା ତଥା ଏହାର ଯୁବା ସଂଗଠନ ବଜରଙ୍ଗ ଦଳର ସଂଖ୍ୟାତ୍ମକ ଓ ଗୁଣାତ୍ମକ ମାନବୃଦ୍ଧିକୁ ଆଖିଆଗରେ ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି।

# ଗ୍ରାମ ରାସ୍ତାକୁ ବ୍ୟକ୍ତିଗତ ଦର୍ଶାଇ ଆକ୍ରମଣ

ବାରଙ୍ଗ,୬।୧ (ଲିଙ୍ଗରାଜ ରାଉତ)

ଗ୍ରାମ୍ୟ ରାସ୍ତାକୁ ନିଜର ବ୍ୟକ୍ତିଗତ ଜାଗା ବୋଲି ଦାବି କରି ସେହି ବାଟରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନସ୍ଥ ବାଲିପଡ଼ା ଗ୍ରାମର ହେମନ୍ତ କୁମାର ରାଉତ(୪୦)। ଏସଂକ୍ରାନ୍ତରେ ପୋଲିସ ମାମଲା (ନଂ.୮/୨୬)ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ବାଲିପଡ଼ା ଗ୍ରାମର ରାଜେନ୍ଦ୍ର କୁମାର ବହିଆ ଗତ ୫ ତାରିଖରେ କରିଥିବା ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ତାଙ୍କ ବାପା ଗୋପାଳ ସରକାରୀ ଟ୍ୟୁବଲେରୁ ବାଲ୍ଟିରେ ପାଣି ଆଣି ଘରକୁ ଆସୁଥିଲେ। ଏହି ଗ୍ରାମର ରାଜେନ୍ଦ୍ର କୁମାର ରାଉତଙ୍କ ଘରଠାରୁ ଗ୍ରାମର ମୁଖ୍ୟ ରାସ୍ତାକୁ ଏକ ଛୋଟରାସ୍ତା ସଂଯୋଗ କରୁଛି ଏବଂ ସେହି ରାସ୍ତାରେ ଉଭୟ ରାଜେନ୍ଦ୍ର କୁମାର ଓ ହେମନ୍ତ କୁମାର ରାଉତଙ୍କ ପରିବାର ଯିବା ଆସିବା କରନ୍ତି। ଉକ୍ତ ରାସ୍ତାକୁ ହେମନ୍ତ ଓ ରାଜେନ୍ଦ୍ରଙ୍କ ପରିବାର ନିଜ ରାସ୍ତା କହିବା ସହ ଗୋପାଳଙ୍କୁ ଉକ୍ତ ରାସ୍ତାରେ ନ ଆସିବାକୁ ଧମକ ଦେଇଥିଲେ। ସର୍ବ ସାଧାରଣ ରାସ୍ତା ବୋଲି ଗୋପାଳ କହିବା ପରେ ହେମନ୍ତ ଉକ୍ଷିପ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଗୋପାଳଙ୍କ ହାତରୁ ବାଲ୍ଟି ଛଡ଼ାଇ ବାଲ୍ଟିରେ ଗୋପାଳଙ୍କ ମୁଣ୍ଡକୁ ବାଡ଼େଇ ଫଟାଇ ଦେଇଥିଲେ। ଏହାପରେ ହେମନ୍ତ ଏକ ଛୁରୀ ଆଣି ଗୋପାଳଙ୍କୁ ମାରିଦେବାକୁ ଉଦ୍ୟମ କରିବା ବେଳେ ଗୋପାଳଙ୍କ ପାଟି କରିଥିଲେ। ଡାକ ଶୁଣି ପରିବାର ଲୋକ ଆସିବାରୁ ହେମନ୍ତ ଜାଗା ଛାଡି ପଳାଇଥିଲେ ବୋଲି ରାଜେନ୍ଦ୍ର ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋପାଳ ଓ ହେମନ୍ତଙ୍କୁ ଥାନାକୁ ଆଣିଥିଲେ। ପରେ ପୋଲିସ ଗୋପାଳଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇବା ସହ ହେମନ୍ତଙ୍କୁ ଗିରଫ କରିଛି।

# ଚଳଚ୍ଚିତ୍ର 'ଚକ୍ରାନ୍ତ'ର ଟ୍ରେଲର୍, ଅଡିଓ ରିଲିଜ

ଭୁବନେଶ୍ୱର,୬।୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'ର ଟ୍ରେଲର୍ ଓ ଅଡିଓ ରିଲିଜ ଉତ୍କଳ କନିକା ଗ୍ୟାଲେରିଆଠାରେ ହୋଇଯାଇଛି। କେତେଦିନ ଧରି ଦର୍ଶକଙ୍କ ମନରେ ଚକ୍ରାନ୍ତ ଚଳଚ୍ଚିତ୍ରକୁ ନେଇ ସସପେନ୍ସ ରହିଥିଲା। କିଏ କରୁଛି ଚକ୍ରାନ୍ତ ? ଆଉ କିଏ ହେଉଛି ଚକ୍ରାନ୍ତର ଶିକାର। ଟ୍ରେଲର୍ ରିଲିଜ ପରେ ଦର୍ଶକ ଚକ୍ରାନ୍ତରେ କ'ଣ ରହିଛି ସାମାନ୍ୟ ସୂଚନା ତ ପାଇ ସାରିଥିବେ। ଏହି ଅବସରରେ ଅଭିନେତା ଶୁଭାଶିଷ ଶର୍ମା, ଓ ଅଭିନେତ୍ରୀ ଭୂମିକା ଦାସ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଳଚ୍ଚିତ୍ରର ପ୍ରଯୋଜକ ସୌରଭ ପାଢ଼ୀ, ନିର୍ଦ୍ଦେଶକ ପିନୁ ନାୟକ, ଗୀତିକାର ନିର୍ମଳ ନାୟକ, ଅଭିନେତା ଚୌଧୁରୀ ଜୟପ୍ରକାଶ, ହରି ମହାପାତ୍ର, ସୌମ୍ୟା ସୁମନ, ଶୁଭମ, ଈଶ୍ୱର ପାଢ଼ୀ, କଣ୍ଠଶିଳ୍ପୀ ସ୍ୱୟଂ, ସତ୍ୟଜିତ, ଅନ୍ତରା, ଶ୍ରୀଚରଣ ପ୍ରମୁଖ ଉପସ୍ଥିତ ଥିଲେ। ଚଳଚ୍ଚିତ୍ରର ପ୍ରଚାର ପ୍ରସାର ଦାୟିତ୍ୱରେ ସ୍ମିତ ପଟ୍ଟନାୟକ ରହିଛନ୍ତି।

# ଚିଲିକାରେ ନୌକା ଦୌଡ଼ ପ୍ରତିଯୋଗିତା ଉଦ୍‌ଘାଟିତ

## ସାମିଲ ହେଲେ ୮୧ ଟିମ୍

ବାଲୁଗାଁ,୬।୧ (ସଂଗ୍ରାମ ପାଇକରାୟ)

ବନ୍ୟପ୍ରାଣୀ ସଂସ୍ଥା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୬ରୁ ୮ତାରିଖ ପର୍ଯ୍ୟନ୍ତ ୬ଷ୍ଠ ଜାତୀୟ ଚିଲିକା ବିହଙ୍ଗ ମହୋତ୍ସବ ପାଳିତ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ବଡ଼କୁଳ ପାନ୍ଥନିବାସ ଜେଟିଠାରେ ନୌକା ଦୌଡ଼ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଦେଖାଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କହିଥିଲେ ଯେ, ଚିଲିକାର ଜୈବ ବିବିଧତା ଏବଂ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସହିତ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଏହି ମହୋତ୍ସବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଏହା ଦ୍ୱାରା ବିଦେଶୀ ପକ୍ଷୀଙ୍କ ଜଳକ୍ରୀଡ଼ାକୁ ପରିଦର୍ଶକ ଉପଭୋଗ କରିବାର ସୁଯୋଗ ପାଇପାରିବେ। ଏଥିସହ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକାରେ ମଧ୍ୟ ଉନ୍ନତି ହୋଇପାରିବ ବୋଲି ସେ କହିଛନ୍ତି। ଏହି ନୌକା ଦୌଡ଼ ପ୍ରତିଯୋଗିତାରେ ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାରୁ ମୋଟ୍ ୮୧ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରତି ଟିମ୍‌ରେ ୧୦ଜଣ ପ୍ରତିଯୋଗୀ ସାମିଲ ହୋଇଥିବା ବେଳେ ଉଦ୍‌ଘାଟନୀ ଦିବସରେ ୪୫ଟି ଟିମ୍ ପର୍ଯ୍ୟାୟକ୍ରମେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଚିଲିକା ଜଳରାଶିରେ ୭ଶହ ମିଟର ବ୍ୟବଧାନକୁ ନେଇ ଏହି ପ୍ରତିଯୋଗିତା ହୋଇଥିଲା। ଏଥିସହ ଜେଟ ସ୍କି ବୋଟର ଦୁଃସାହସିକ ଜଳ କ୍ରୀଡ଼ା ଉପସ୍ଥିତ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ପ୍ରତିଯୋଗିତା ବେଳେ କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ଏବଂ ସ୍କୁବା ଡାଇଭର ଚିଲିକାରେ ପଇଁତରା ମାରୁଥିଲେ। ମଙ୍ଗଳବାର ଏବଂ ବୁଧବାର ନୌକା ଦୌଡ଼ରେ ବିଜେତା ଦଳଙ୍କୁ ନେଇ ଗୁରୁବାର ସେମିଫାଇନାଲ ଏବଂ ଫାଇନାଲ ପ୍ରତିଯୋଗିତା ହେବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜ, ପର୍ଯ୍ୟଟନ ବିଭାଗ ସଚିବ ବଲବନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏହି ପ୍ରତିଯୋଗିତା ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା।



ଚିଲିକାରେ ଆୟୋଜିତ ନୌକା ଦୌଡ଼ ପ୍ରତିଯୋଗିତା।

# ଷ୍ଟେଶନରୁ ମୋବାଇଲ୍ ଚୋରି ପଛରେ ସାଇବର ଠକ

- ଚୋରଙ୍କ ଦ୍ୱାରା ମୋବାଇଲ୍ ଲୁଟ୍ କରି ଆକାଉଣ୍ଟ କରୁଛନ୍ତି ଖାଲି
- ୭ ଦିନରେ ୫ ଅଭିଯୋଗ ପରେ ପୋଲିସର ଚିନ୍ତା ପଶିଲା

ଭୁବନେଶ୍ୱର,୬।୧ (ତ୍ରିନାଥ ମହାନ୍ତି)

ଷ୍ଟେଶନରେ ଚୋରି ହେଉଥିବା ମୋବାଇଲ୍ ପଛରେ ରହିଛି ସାଇବର ଠକଙ୍କ ହାତ। ଏହା ପଛରେ ଏକ ବଡ଼ ର୍‍ୟାକେଟ୍ କାମ କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। କେତେଜଣ ଆଇଟି ବୃତ୍ତିଧାରୀ ପେସାଦାର ଚୋରଙ୍କ ସହ ହାତ ମିଳାଇଛନ୍ତି। ପେସାଦାର ଚୋର ଷ୍ଟେଶନରୁ ଏକାଧିକ ଲୋକଙ୍କ ଫୋନ୍ ଚୋରି କରୁଛନ୍ତି। ଫୋନ୍ ଚୋରି କରି ଆଣିବା ପରେ ଏହି ଆଇଟି ବୃତ୍ତିଧାରୀ ମୋବାଇଲ୍ ଲକ୍ ଖୋଲି 'ଫୋନ୍ ପେ'ଏବଂ ଅନ୍ୟ ଘରୋଇ ବ୍ୟାଙ୍କ୍ ଆପକୁ ହ୍ୟାକ୍ କରି ଆକାଉଣ୍ଟ ଖାଲି ବି କରିଦେଉଛନ୍ତି। ମୋବାଇଲ୍ ଚୋରି ହୋଇଯାଇଥିବାରୁ ଅଭିଯୋଗକାରୀଙ୍କ ନିକଟକୁ ମେସେଜ୍ ଆସି ନ ଥାଏ, ଯେଉଁଥିପାଇଁ ଆକାଉଣ୍ଟରେ ଯେତେବି ଟଙ୍କା ଥାଏ, ତାହାକୁ ସାଇବର ଅପରାଧୀ ଖାଲି କରି ଦେଇଥାନ୍ତି। ଏହିଭଳିଭାବେ ଗତ ୭ଦିନରେ ସାଇବର ଅପରାଧୀମାନେ ୫ଜଣ ବ୍ୟକ୍ତିଙ୍କଠାରୁ ୬ଲକ୍ଷରୁ ଅଧିକ ଟଙ୍କା ଲୁଟିଲେଣି। ଏନେଇ ଭୁବନେଶ୍ୱର ଜିଆରପି ଥାନାରେ ଆଇଟି ଆକ୍ଟରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ହେଲେ ଏହି ର୍‍ୟାକେଟ୍ ପଛରେ ଥିବ ମାଷ୍ଟରମାଇଣ୍ଡ ନିକଟରେ ପହଞ୍ଚି ପାରିନାହିଁ।

ଗଞ୍ଜାମର ପୂର୍ଣ୍ଣଚନ୍ଦ୍ର ମହାନ୍ତି ସାଲିମାର ଟ୍ରେନ୍‌ରେ ବ୍ରହ୍ମପୁର ଯାଉଥିଲେ। ଟ୍ରେନ୍‌ଟି ଭୁବନେଶ୍ୱର ଷ୍ଟେଶନରେ ରହିଥିବାବେଳେ ଜଣେ ଅଜଣା ବ୍ୟକ୍ତି ତାଙ୍କ ପାଖକୁ ଆସି ହଠାତ୍ ମୋବାଇଲ୍ ଫୋନ୍‌କୁ ଝାମ୍ପି ନେଇଥିଲେ। ଏହାର କିଛି ଦିନ ପରେ ତାଙ୍କ ଆକାଉଣ୍ଟରୁ ୩୦ହଜାରରୁ ଅଧିକ ଟଙ୍କା କଟିଯାଇଥିଲା। ପୂର୍ଣ୍ଣଚନ୍ଦ୍ର ବ୍ୟାଙ୍କକୁ ଯାଇ ଯାଞ୍ଚ କରିବା ପରେ ତାଙ୍କ ମୋବାଇଲ୍‌ରେ ଥିବା ଆପ୍ ମାଧ୍ୟମରେ ଅପରାଧୀ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଥିଲା। ଶେଷରେ କିଛି ବାଟ ନ ପାଇ ପୂର୍ଣ୍ଣଚନ୍ଦ୍ର ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ଗତ ୪ତାରିଖ ସନ୍ଧ୍ୟା ୭ଟା ୩୦ ସମୟରେ ବାବନା ନାମକ ବ୍ୟକ୍ତି ରାଉରକେଲାରୁ ରାଜ୍ୟରାଣୀ ଏକ୍ସପ୍ରେସ୍‌ରେ ଭୁବନେଶ୍ୱର ଆସୁଥିଲେ। ଷ୍ଟେଶନ ଶୌଚାଳୟ ନିକଟରେ ଛିଡ଼ା ହୋଇଥିବାବେଳେ ଜଣେ ଯୁବକ ଦୌଡ଼ି ଆସି ତାଙ୍କ ହାତରୁ ମୋବାଇଲ ଛଡ଼ାଇ ନେଇଥିଲେ। ସେ ଲୁଟେରାଙ୍କୁ ଗୋଡ଼ାଇଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ହେଲେ ମୋବାଇଲ୍ ନେବାପରେ ଅଭିଯୁକ୍ତ ତାହା ମାଧ୍ୟମରେ ଆକାଉଣ୍ଟରୁ ଦେଢ଼ ଲକ୍ଷରୁ ଅଧିକ ଟଙ୍କା ଲୁଟି ନେଇଥିଲେ। ସେହିପରି ଶ୍ରୀକାକୁଲମ୍‌କୁ ଜଣେ ଯୁବକ ଯିବା ପାଇଁ ଭୁବନେଶ୍ୱର ଷ୍ଟେଶନରେ ଅପେକ୍ଷା କରିଥିଲେ। ଜଣେ ଚୋର ଆସି ସେ ଧରିଥିବା ମୋବାଇଲ୍ ଫୋନ୍ ଚୋରି କରି ନେଇଥିଲେ। ଏନେଇ ଯୁବକ ଜଣକ ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ। ହେଲେ ଏହାର ୨ଦିନ ପରେ ସେ ବ୍ୟାଙ୍କକୁ ଟଙ୍କା ଉଠାଇବା ପାଇଁ ଯାଇଥିବାବେଳେ ତାଙ୍କ ଆକାଉଣ୍ଟ ଖାଲି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ତାଙ୍କର ଫୋନ୍ ପେ' ଏବଂ ଏଟିଏମ୍ କାର୍ଡ ବ୍ୟବହାର କରାଯାଇ ତାଙ୍କ ଆକାଉଣ୍ଟରୁ ଟଙ୍କା ଲୁଟ କରାଯାଇଥିବା ଜଣାପଡ଼ିଥିଲା। ପୋଲିସ କହିଛି ଯେ, ହାଇ ପ୍ରୋଫାଇଲ୍ ଦେଖି ଚୋରମାନେ ମୋବାଇଲ୍ ଚୋରି କରୁଛନ୍ତି। ଚୋରି କରିବା ପରେ ସାଇବର ଠକଙ୍କ ନିକଟକୁ ମୋବାଇଲ୍ ଯାଉଥିଲା। ସେ ମୋବାଇଲ୍‌ର ଲକ୍ ଖୋଲି ଫୋନ୍ ପେ' ଏବଂ ଅନ୍ୟ ବ୍ୟାଙ୍କ ପେ'କୁ ହ୍ୟାକ୍ କରି ଟଙ୍କା ଲୁଟି ନେଉଛନ୍ତି। ଚୋରି ହେଉଥିବା ମୋବାଇଲ୍‌ର ଆକାଉଣ୍ଟକୁ ତୁରନ୍ତ ବନ୍ଦ କରିବା ଜରୁରୀ ବୋଲି ପୋଲିସ କହିଛି।

# ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ୫୪ ଛୁଇଁଲା

## ଖୋର୍ଦ୍ଧା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ

- ସିଡିଏମ୍‌ଓ, ଡିପିଏଚ୍‌ଓଙ୍କ ସ୍ଥିତି ଅନୁଧ୍ୟାନ
- ଅଭିଭାବକ ଭୟଭୀତ ନ ହେବାକୁ ଅଧ୍ୟକ୍ଷାଙ୍କ ନିବେଦନ

ଖୋର୍ଦ୍ଧା,୬।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମଙ୍ଗଳବାର ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୫୪ରେ ପହଞ୍ଚିଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଜଣାପଡ଼ିଛି। କେଉଁ କାରଣରୁ ଛାତ୍ରୀଛାତ୍ରମାନେ ଆକ୍ରାନ୍ତ ହେଲେ ତାହାର କାରଣ ଅସ୍ପଷ୍ଟ ରହିଛି। ଦୂଷିତ ପାଣି ଏବଂ ବାହାର ଖାଦ୍ୟ ଗ୍ରହଣରୁ ଏଭଳି ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସନ୍ଦେହ କରୁଥିବା ବେଳେ ପାଣି ନମୁନା ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଓ ଆଣ୍ଡ ପିଏଚ୍) ଡା. ସଞ୍ଜୟ ରାୟ କହିଛନ୍ତି। ଅନ୍ୟପଟେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୬ଜଣିଆ ଟିମ୍ ବିଦ୍ୟାଳୟରେ ଅସୁସ୍ଥ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ସଂଗ୍ରହ କରୁଛନ୍ତି। ସୋମବାର ୨୦ଜଣଙ୍କ ସାମ୍ପୁଲ ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୫ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିବା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚଓ) ଡା.ରଞ୍ଜନ ମିତ୍ର କହିଛନ୍ତି। ସେହିପରି ନବୋଦୟ ବିଦ୍ୟାଳୟ ପକ୍ଷରୁ ଏକ ପ୍ରତିନିଧି ଦଳ ବିଦ୍ୟାଳୟରେ ପହଞ୍ଚି କେଉଁ କାରଣରୁ ପିଲାଙ୍କୁ ଜଣ୍ଡିସ ବ୍ୟାପିଲା, ତାହାର ଯାଞ୍ଚ କରିଛନ୍ତି। ଏଥିସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସିଡିଓ ଆଣ୍ଡ ପିଏଚ୍ ଡା.ସଞ୍ଜୟ ରାୟ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରଞ୍ଜନ ମିତ୍ରଙ୍କ ସମେତ ଏକ ମେଡିକାଲ ଟିମ୍ ବିଦ୍ୟାଳୟରେ ପହଞ୍ଚି ଅଧ୍ୟକ୍ଷା ଡ.କବିତା କରଙ୍କ ସହ ଆଲୋଚନା କରିଛନ୍ତି। ପରେ ପିଲାମାନଙ୍କୁ ଦିଆଯାଉଥିବା ଖାଦ୍ୟ ମାନ ଯାଞ୍ଚ ସହ ରୋଷେଇ ଗୃହ ବୁଲି ଦେଖିବା ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ।


ବିଦ୍ୟାଳୟ ଅଧ୍ୟକ୍ଷା ଡ. କବିତା କରଙ୍କ ସହ ଆଲୋଚନା କରୁଛନ୍ତି।

ସୂଚନାଥାଉ କି, ଏହି ବିଦ୍ୟାଳୟରେ ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫୪୭ ଛାତ୍ରୀଛାତ୍ର ପଢୁଛନ୍ତି। ୧୯ଜଣ କର୍ମଚାରୀ ଏବଂ ୨୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ତେବେ ଛାତ୍ରାବାସରେ ଏବେ ୩୦୧ଜଣ ଛାତ୍ରୀଛାତ୍ର ରହୁଥିବା ବେଳେ ସେଥିରୁ ୧୪ଜଣ ଛୁଟିରେ ରହିଛନ୍ତି। ୨୮୭ ଜଣ ଛାତ୍ରାବାସରେ ରହୁଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ୬୫ଜଣଙ୍କ ସାମ୍ପୁଲ ସଂଗ୍ରହ କରାଯାଇଥିଲା। ସେଥିରୁ ୫୪ଜଣ ଆକ୍ରାନ୍ତ ହୋଇଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଘରକୁ ପଠାଇ ଦିଆଯାଇଛି ବୋଲି ବିଦ୍ୟାଳୟ ଅଧ୍ୟକ୍ଷା କର ସୂଚନା ଦେଇଛନ୍ତି। ତେବେ ଏହି ଘଟଣା ଜଣାପଡିବା ପରେ ଛାତ୍ରାବାସରେ ରହୁଥିବା ଶତାଧିକ ଛାତ୍ରୀଛାତ୍ରଙ୍କୁ ଅଭିଭାବକମାନେ ଘରକୁ ନେଇ ଯାଇଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ କେତେଜଣ ଅଭିଭାବକ ଦାୟୀ କରିଛନ୍ତି। ସିଡିଓ ଆଣ୍ଡ ପିଏଚ୍ ଡା. ରାୟ ଏବଂ ଡିପିଏଚ୍‌ଓ ଡା. ମିତ୍ର କହିଛନ୍ତି ଯେ, ରୋଷଇଗୃହ ପରିଷ୍କାର ପରିଚ୍ଛନ୍ନତା, ପରିବେଶକୁ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦିଆଯାଇଛି। ରୋଷେଇ କରୁଥିବା ବ୍ୟକ୍ତି ହ୍ୟାଣ୍ଡ ଗ୍ଲୋଭ୍ସ, ଆପ୍ରୋନ, ଉନ୍ନତମାନର ସାମଗ୍ରୀ, ରୋଷଇ କରିବା ସମୟରେ ମାସ୍କ ପରିଧାନ, ହାତକୁ ସାନିଟାଇଜ କରିବା ସହିତ ରୋଷେଇ ଗୃହରେ ବାହାର ଚପଲ ବ୍ୟବହାର ନ କରିବାକୁ କୁହାଯାଇଛି। ଏଥିସହିତ ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାଙ୍କ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ସେହିପରି ବିଦ୍ୟାଳୟ ଅଧ୍ୟକ୍ଷା କର କହିଛନ୍ତି, ଏହି ଘଟଣା ପରଠାରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରାଯାଇଛି। ଜନସ୍ୱାସ୍ଥ୍ୟ ବିଭାଗ ଏବଂ ଓ୍ୱାଟକୋ ପକ୍ଷରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ବିଦ୍ୟାଳୟ ମୁଖ୍ୟ ଫାଟକଠାରୁ ଶହେ ମିଟର ପରଧି ମଧ୍ୟରେ ଫୁଟପାଥ ବେପାରୀଙ୍କୁ ନିଷେଧ କରିବା ପାଇଁ ଜିଲାପାଳ ଏବଂ ଏସ୍‌ପିଙ୍କୁ ଚିଠି ଲେଖାଯାଇଛି। ଘରକୁ ଯାଇ ଫେରିନଥିବା ଛାତ୍ରୀଛାତ୍ର ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଅଭିଭାବକଙ୍କୁ ଅନୁରୋଧ କରାଯାଇଛି। ୧୦ମ ପିଲାଙ୍କ ପ୍ରି ବୋର୍ଡ ପରୀକ୍ଷା ପ୍ରସ୍ତୁତି ଚାଲିଛି। ସମସ୍ତ ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦିଆଯାଉଛ ବୋଲି ସେ କହିଛନ୍ତି।

# କାର୍ ଧକ୍କାରେ ରେଳ ଫାଟକ ଭାଙ୍ଗିଲା


ରେଳ ଫାଟକର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଛି।

ନିରାକାରପୁର, ୬।୧
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ରେଲୱେ ଷ୍ଟେଶନ ଅଧୀନ ୨୧୯ନମ୍ବର ରେଳ ଫାଟକକୁ ମଙ୍ଗଳବାର ଏକ କାର୍ ଧକ୍କା ଦେବାରୁ ଭାଙ୍ଗି ଯାଇଥିଲା। ଫଳରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ସୂଚନା ମୁତାବକ, ଏକ ଟ୍ରେନ ଆସୁଥିବାରୁ ଫାଟକ ପଡୁଥିଲା।ଏହି ସମୟରେ ଉକ୍ତ କାର୍ ପାରିହେବାକୁ ଚେଷ୍ଟା କରୁଥିବା ବେଳେ କାର ଉପରେ ଲାଗିଥିବା ଲଗେଜ କ୍ୟାରିୟର ଲାଗି ଫାଟକ ଦୁଇଫାଳ ହୋଇଥିଲା। ଏହି ଧକ୍କାରେ ମଧ କାରର ସମ୍ମୁଖଭାଗ ଭାଙ୍ଗିରୁଜି ଯାଇଛି। ରେଲୱେ କର୍ମଚାରୀମାନେ କାରଟିକୁ ଅଟକ ରଖିଛନ୍ତି। ହେଲେ ଦୁର୍ଘଟଣା ପରେ ଫାଟକର ଉଭୟ ପାର୍ଶ୍ୱରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଦୀର୍ଘ ସମୟଧରି ଭିଡ଼ ଲାଗିରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାର ସ୍ଥାୟୀ ସମାଧାନ ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ରାଇଜିଂ ଷ୍ଟାରକୁ ହରାଇ ୟୁବି ରକ୍‌ଷ୍ଟାର ବିଜୟୀ

ଝାଁଳା,୬।୧(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ପାତ୍ରପଡ଼ାସ୍ଥିତ ମହାରାଜା କ୍ରିକେଟ୍ ଆସୋସିଏଶନ ପଡ଼ିଆରେ ଚାଲିଥିବା ପିବିପିଏଲ୍‌ର ୫ମ ବାର୍ଷିକ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ରାଇଜିଂ ଷ୍ଟାର ଏବଂ ୟୁବି ରକ୍‌ଷ୍ଟାର ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ୟୁବି ରକ୍‌ଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ବିନିମୟରେ ୧୦୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ସର୍ବାଧିକ ୩୮ ରନ କରିଥିବା ବେଳେ ପ୍ରତିପକ୍ଷ ଦଳର ସୋନୁ ୨ଟି ଉଇକେଟ ନେଇଥିଲେ। ଜବାବରେ ରାଇଜିଂ ଷ୍ଟାର ଟିମ୍ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୮୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ କୁନା ମହାରଣା ସର୍ବାଧିକ ୩୧ରନ କରିଥିଲେ। ଶୁଭମ ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଜ୍ୱଳଚାନ୍ଦ ଦାସ ଏବଂ କ୍ରିତି ରଞ୍ଜନ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ।

# ୪ ବସ୍ତା ଧାନ ଚୋରି କରି ୨ ଗିରଫ

ବେଗୁନିଆ,୬।୧
(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ଚାରି ବସ୍ତା ଧାନ ଚୋରି କରିବା ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ସିଉଳା ଗ୍ରାମର ତୁଷାରକାନ୍ତ ନାୟକ ଏବଂ ପ୍ରଭାତ ନାୟକ। ପୋଲିସ ସୂଚନା ମୁତାବକ, ସିଉଳା ଗ୍ରାମର ପ୍ରକାଶ ସାହୁ ନାମକ ଚାଷୀ ଚଳିତ ଖରିଫ ଧାନ ଫସଲ ଅମଳ କରି ବାରିରେ ରଖିଥିଲେ। ଗତ ସୋମବାର ବିଳମ୍ବିତ ରାତିରେ ତାଙ୍କର ୪ବସ୍ତା ଧାନ ଚୋରି ହୋଇଯାଇଥିଲା। ଏନେଇ ସେ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଜଗନ୍ନାଥ ପୁଜାରୀ ତଦନ୍ତ ଭାର ନେଇଥିଲେ। ତେବେ ପ୍ରଭାତ ଏବଂ ତୁଷାରକାନ୍ତ ଚୋରି କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୦/୨୬) ରୁଜୁ ହୋଇଛି।

# ପୋଚ ନଷ୍ଟ ସହ ଦେଶୀମଦ ଜବତ, ୩ ଗିରଫ

ବେଗୁନିଆ,୬।୧(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଏବଂ ବେଗୁନିଆ ଅବକାରୀ ଥାନା କର୍ମଚାରୀଙ୍କ ସହାୟତାରେ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏକଡ଼ାଳିଆ ଜଙ୍ଗଲରୁ ୧ ହଜାର ଲିଟର ପୋଚ ନଷ୍ଟ କରାଯିବା ସହ ୨୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ପାଟଣା ଗ୍ରାମର ଲିଙ୍ଗରାଜ ରାଉତରାୟ, ଜାମୁସାହି ଗ୍ରାମର ମୁନା ପରିଡା ଓ ଚକାପଦା ଗ୍ରାମର ବିରଞ୍ଚି ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ୬ଷ୍ଠ ଜାତୀୟ ଚିଲିକା ବିହଙ୍ଗ ମହୋତ୍ସବ

# ନୌକା ଦୌଡ଼ ପ୍ରତିଯୋଗିତା ଉଦ୍‌ଘାଟିତ



## ସାମିଲ ହେଲେ ୮୧ ଟିମ୍

ବାଲୁଗାଁ/ଖୋର୍ଦ୍ଧା,୬।୧
(ସଂଗ୍ରାମ ପାଇକରାୟ/ପ୍ରଭାତ ପାଣିଗ୍ରାହୀ)

ବନ୍ୟପ୍ରାଣୀ ସଂସ୍ଥା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୬ରୁ ୮ତାରିଖ ପର୍ଯ୍ୟନ୍ତ ୬ଷ୍ଠ ଜାତୀୟ ଚିଲିକା ବିହଙ୍ଗ ମହୋତ୍ସବ ପାଳିତ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ବଡ଼କୁଳ ପାନ୍ଥନିବାସ ଜେଟିଠାରେ ନୌକା ଦୌଡ଼ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଦେଖାଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କହିଥିଲେ ଯେ, ଚିଲିକାର ଜୈବ ବିବିଧତା ଏବଂ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସହିତ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଏହି ମହୋତ୍ସବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଏହା ଦ୍ୱାରା ବିଦେଶୀ ପକ୍ଷୀଙ୍କ ଜଳକ୍ରୀଡ଼ାକୁ ପରିଦର୍ଶକ ଉପଭୋଗ କରିବାର ସୁଯୋଗ ପାଇପାରିବେ। ଏଥିସହ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକାରେ ମଧ୍ୟ ଉନ୍ନତି ହୋଇପାରିବ ବୋଲି ସେ କହିଛନ୍ତି। ଏହି ନୌକା ଦୌଡ଼ ପ୍ରତିଯୋଗିତାରେ ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାରୁ ମୋଟ୍ ୮୧ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରତି ଟିମ୍‌ରେ ୧୦ଜଣ ପ୍ରତିଯୋଗୀ ସାମିଲ ହୋଇଥିବା ବେଳେ ଉଦ୍‌ଘାଟନୀ ଦିବସରେ ୪୫ଟି ଟିମ୍ ପର୍ଯ୍ୟାୟକ୍ରମେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଚିଲିକା ଜଳରାଶିରେ ୭ଶହ ମିଟର ବ୍ୟବଧାନକୁ ନେଇ ଏହି ପ୍ରତିଯୋଗିତା ହୋଇଥିଲା। ଏଥିସହ ଜେଟ ସ୍କି ବୋଟର ଦୁଃସାହାସିକ ଜଳ କ୍ରୀଡ଼ା ଉପସ୍ଥିତ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ପ୍ରତିଯୋଗିତା ବେଳେ କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ଏବଂ ସ୍କୁବା ଡାଇଭର ଚିଲିକାରେ ପଇଁତରା ମାରୁଥିଲେ। ମଙ୍ଗଳବାର ଏବଂ ବୁଧବାର ନୌକା ଦୌଡ଼ରେ ବିଜେତା ଦଳଙ୍କୁ ନେଇ ଗୁରୁବାର ସେମିଫାଇନାଲ ଏବଂ ଫାଇନାଲ ପ୍ରତିଯୋଗିତା ହେବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜ, ପର୍ଯ୍ୟଟନ ବିଭାଗ ସଚିବ ବଲବନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏହି ପ୍ରତିଯୋଗିତା ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା।

# ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ଜଟଣୀ,୬।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ସ୍ଥାନୀୟ ହରିଭାଇନା ଛକ କଲେଜ ରୋଡସ୍ଥିତ ବିଡିଏ ବସଷ୍ଟାଣ୍ଡର ପାଚେରିକୁ ଲାଗି ଗଢ଼ିଉଠିଥିବା ବେଆଇନ ଅବରୋଧକୁ ଉଚ୍ଛେଦ କରାଯାଇଥିଲା। ଏହି ସ୍ଥାନରୁ ୧୪ଟି କ୍ୟାବିନ ଏବଂ ପାଲ ଟଣା ଦୋକାନକୁ ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦ ପୂର୍ବରୁ ପୌର ପରିଷଦ ପକ୍ଷରୁ ଉକ୍ତ ବ୍ୟବସାୟୀଙ୍କୁ ନୋଟିସ ମାଧ୍ୟମରେ ଅବଗତ କରାଯାଇଥିଲା। ଏହି ଉଚ୍ଛେଦ ସମୟରେ ଜଟଣୀ ପୌର ପରିଷଦର ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା, କନିଷ୍ଠ ଏନଫୋର୍ସମେଣ୍ଟ ଅଧିକାରୀ ଇପ୍ସିତା ପ୍ରିୟଦର୍ଶିନ, ଟାକ୍ସ ଦରୋଗା ତ୍ରିଲୋଚନ ସାମନ୍ତରାୟଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଉଚ୍ଛେଦ ପକ୍ରିୟା ହେବା ଦ୍ୱାରା ବିଡିଏ ବସଷ୍ଟାଣ୍ଡକୁ ବସ୍ ଚଳାଚଳ ଏବଂ ଯାତ୍ରୀମାନଙ୍କ ଯାତାୟାତରେ ସୁବିଧା ହେବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି।


ଜେସିବି ସାହାଯ୍ୟରେ ଏକ କ୍ୟାବିନ ଉଚ୍ଛେଦ କରାଯାଉଛି।

# ନାବାଳକଙ୍କ ମୃତଦେହ ପୋଖରୀରୁ ଜବତ

## ସାଙ୍ଗଙ୍କ ସହ ଭୋଜି କରିବାକୁ ଯାଇ ନିଖୋଜ ଥିଲେ

ବାଣପୁର,୬।୧(ଦିଲୀପ କୁମାର ସ୍ୱାଇଁ)

ସାଙ୍ଗମାନଙ୍କ ସହ ଭୋଜି କରିବାକୁ ଯାଇ ନିଖୋଜ ଥିବା ଜଣେ ନାବାଳକଙ୍କ ମୃତଦେହ ମଙ୍ଗଳବାର ଏକ ପୋଖରୀରୁ ଜବତ ହୋଇଛି। ମୃତକ ହେଲେ ବାଣପୁର ଥାନା ଅଧୀନ ଝିଣ୍ଟିକାପଲ୍ଲୀ ଗ୍ରାମର ଚିନ୍ମୟ ପରିଡ଼ା। ସୂଚନା ମୁତାବକ, ଗତ ୩ ତାରିଖ ରାତିରେ ଚିନ୍ମୟ ସାଙ୍ଗମାନଙ୍କ ସହ ନିକଟସ୍ଥ ତାରେଣୀ ମନ୍ଦିରକୁ ଭୋଜି କରିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏନେଇ ତାଙ୍କ ମା’ ବବିତା ପରିଡା ୪ ତାରିଖରେ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ସାଙ୍ଗମାନଙ୍କୁ ପୋଲିସ ପଚରାଉଚରା କରିବା ପରେ ବେଲପଡ଼ା ଛକ ପୋଖରୀ ନିକଟରୁ ଚିନ୍ମୟଙ୍କ ସାର୍ଟ ଓ ଚପଲ ଜବତ କରିଥିଲା। ତେବେ ସାର୍ଟ ଓ ଚପଲ ନିକଟରେ ଏକ ଚାପଡ଼ ଏବଂ ଗୋଟିଏ ଦଉଡ଼ି ପଡ଼ିଥିବା ନେଇ ସନ୍ଦେହ ଉପୁଜିଥିଲା। ପୋଖରୀରେ ବୁଡ଼ି ଯାଇଥିବା ସନ୍ଦେହରେ ଗତ ଦୁଇଦିନ ହେବ ବାଲୁଗାଁ ଅଗ୍ନିଶମ ବାହିନୀ ପୋଖରୀରେ ଖୋଜାଖୋଜି କରିଥିଲେ ମଧ ଚିନ୍ମୟଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ତେବେ ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

# ଗିନି କପ୍ କ୍ରିକେଟ ଟୁର୍ନାମେଣ୍ଟ: ଜେସିଏ ସେମିରେ

ଖୋର୍ଦ୍ଧା,୬।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ-ଦିନେଶ ମେମୋରିଆଲ ଗିନି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର କିଶୋର କ୍ଲବ ଭୁବନେଶ୍ୱର ଏବଂ ଜେ.ସି.ଏ ଭୁବନେଶ୍ୱର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଜେ.ସି.ଏ ଭୁବନେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୯୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିମନ୍ୟୁ ସର୍ବାଧିକ ୫୮ ରନ ଏବଂ ଏସ୍. କେ ସଲମାନ ୩୪ ରନ କରିଥିଲେ। କିଶୋର କ୍ଲବ ପକ୍ଷରୁ ଓମ୍ ତ୍ରିପାଠୀ ୩ଟି ଉଇକେଟ ନେଇଥିଲେ। ଜବାବରେ କିଶୋର କ୍ଲବ ଭୁବନେଶ୍ୱର ଟିମ୍ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୩୪ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱ ରଞ୍ଜନ ମାଝୀ ୩୫ ଏବଂ ଆଶିଷ ରଥ ୨୪ରନ କରିଥିଲେ। ଜେ.ସି.ଏ ଟିମ୍ ପକ୍ଷରୁ ଅଭିମନ୍ୟୁ, ଆଶିଷ ଏବଂ ବାସୁକି ୨ଟି ଲେଖାଏ ଉଇକେଟ ନେଇଥିଲେ। ଜେ.ସି.ଏ ଭୁବନେଶ୍ୱର ଟିମ୍ ବିଜୟୀ ହେବା ସହ ଶ୍ରେଷ୍ଠ ଖେଳାଳିଭାବେ ଅଭିମନ୍ୟୁଙ୍କୁ ୨ହଜାର ଟଙ୍କାର ଅର୍ଥ ରାଶି ପୁରସ୍କାର ଅତିଥି ଚଣ୍ଡିପ୍ରସାଦ ଆଚାର୍ଯ୍ୟ ଏବଂ ସୌମେନ୍ଦ୍ର ରାଜଗୁରୁ ପ୍ରଦାନ କରିଥିଲେ। ଲୁଲୁ ମହାପାତ୍ର ଏବଂ ପ୍ରମୋଦ ନାରାୟଣ ଦାସ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଜନ୍ମେଜୟ ଛୋଟରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମଞ୍ଚ ପରିଚାଳନା କରିଥିଲେ। ଆସୋସିଏଶନର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, ସୌର୍ଯ୍ୟ ରଞ୍ଜନ ମହାନ୍ତି, ସୁରେଶ ଭୂଷଣ ପଟ୍ଟନାୟକ, ସୁବ୍ରତ ଦାସ, ବିଜୟ କୁମାର ଗୋଚ୍ଛି, ସୁଧାଂଶୁ ଦାସ, ଦେବୀଶଙ୍କର ପଣ୍ଡା, ବିଜ୍ଞାନ ସୁନ୍ଦରାୟ, ଶଶିକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ସାଇ ଏକାଦଶ ଭୁବନେଶ୍ୱର ଏବଂ ଜେ.ସି.ଏ. ଭୁବନେଶ୍ୱର ଟିମ୍ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ଅତିଥିମାନେ ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

## ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

# ରୁଦ୍ରାଂଶୁ କ୍ଲବ ଖଡ଼ଗପୁର ବିଜୟୀ

ଟାଙ୍ଗୀ,୬।୧(ରଘୁନାଥ ସାହୁ)

ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ରୁଦ୍ରାଂଶୁ କ୍ଲବ ଖଡ଼ଗପୁର ଏବଂ ମା’ କାମାକ୍ଷା କ୍ଲବ ବକ୍ସର ବିହାର ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପରେ ଟାଇବ୍ରେକରରେ ୪-୨ଗୋଲରେ ରୁଦ୍ରାଂଶୁ କ୍ଲବ ଖଡ଼ଗପୁର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ଡା.ମଧୁସୂଦନ ସେନାପତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଚନ୍ଦ୍ରକାନ୍ତ ପାଇକରାୟ, ଏମ୍‌ଜିଏମ୍ ମ୍ୟାନେଜର ଗୋବର୍ଦ୍ଧନ ସ୍ୱାଇଁ, ଖାଉଟି ସୁରକ୍ଷା ଅଦାଲତର ପୂର୍ବତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ପୂର୍ବତନ ଫୁଟ୍‌ବଲ ଖେଳାଳି ଅରୁଣ ରଞ୍ଜନ ମହାନ୍ତି, ସଭାପତି କିଶୋର କୁମାର ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର କରୁଣାକର ଶ୍ରୀଚନ୍ଦନ ସ୍ମାରକୀ ଶ୍ରେଷ୍ଠ ଖେଳାଳି ଟ୍ରଫି ଖଡ଼ଗପୁର ଟିମର ଜର୍ସି ନଂ. ୭୫ ଅଜୟ ମାର୍ଣ୍ଡିଙ୍କୁ ପ୍ରଦାନ କରାଯାଇଥିଲା। ମାନସ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାହିନୀପତି, ରାମଚନ୍ଦ୍ର ବେଶ୍ରା ଏବଂ ନନ୍ଦ କିଶୋର ସ୍ୱାଇଁ ସହାୟତା କରିଥିଲେ। ବିଜୟ କୁମାର ରାଉତ ସଂଯୋଜନା କରିଥିଲେ। କମିଟି ସଦସ୍ୟ ବାଳକୃଷ୍ଣ ମିଶ୍ର, ବାସୁଦେବ ବିଶ୍ୱାଳ, ପ୍ରଣୟ ପାଇକରାୟ, ସମର ମାଝୀ, ରମେଶ ବେହେରା, ମନୋଜ ମାଝୀ, ସହ ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ବିଶ୍ୱ ରଞ୍ଜନ ପଟନାୟକ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ରଙ୍ଗବାଜ କ୍ଲବ ଜଗଦଲପୁର ଏବଂ ଫ୍ୟୁଚର ଫୁଟବଲ ଏକାଡେମୀ ମଣିପୁର ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ସମ୍ପାଦକ ନରେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।


ଅତିଥି, କର୍ମକର୍ତ୍ତାଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ମୁଣ୍ଡ ନୁଆଁଇଲା ପ୍ରଶାସନ, ଭାଙ୍ଗିଥିବା ପାଚେରିକୁ ନିର୍ମାଣ କଲା

ଗୋପ,୬।୧(ଭାରତୀ ଭୂଷଣ ଉପାଧ୍ୟାୟ)

ବେଆଇନ ଭାବେ ଥାନା ଜମିରେ ଥିବା ପାଚେରିକୁ ଭାଙ୍ଗିବା ପରେ ବ୍ଲକ ପ୍ରଶାସନ ଓ ପୋଲିସ ପ୍ରଶାସନ ନିକଟରେ ମୁଣ୍ଡ ନୁଆଁଇବା ଘଟଣା ଏବେ ଗୋପ ବ୍ଲକ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଏପରିକି ଭାଙ୍ଗିଥିବା ପାଚେରିକୁ ବ୍ଲକ ପ୍ରଶାସନ ନିର୍ମାଣ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ରାଜ୍ୟ ସରକାର ଯେଉଁ ସ୍ଥାନରେ ପୂର୍ବରୁ ହାଟ ରହିଥିବ ସେହି ସବୁ ହାଟଗୁଡ଼ିକର ପୁନରୁଦ୍ଧାର କରାଯିବା

## ଖୁବ୍‌ଶୀଘ୍ର ଥାନା ଜମିରୁ ଉଚ୍ଛେଦ ହେବ ଉଠାଦୋକାନ

ଲାଗି ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଇଥାନ୍ତି। ଗୋପ ବ୍ଲକରେ ପ୍ରାୟତଃ ଅନେକ ସ୍ଥାନରେ ମଧ୍ୟ ବହୁ ପୁରାତନ ହାଟ ମଧ୍ୟ ରହିଛି। ବ୍ଲକ ପ୍ରଶାସନ ଗତ ୨୬ ତାରିଖରେ ବିନା ସୂଚନାରେ ଗୋପ ବଜାର ମଧ୍ୟ ଭାଗରେ ଥିବା ଥାନା ଜମିରେ ହାଟ ନିର୍ମାଣ କାର୍ଯ୍ୟ କରିବା ପାଇଁ ଗୋଟିଏ ସ୍ଥାନରେ ୨୦ ଫୁଟରୁ ପାଚେରିକୁ ଭାଙ୍ଗି ଦେଇଥିଲା। ଏପରି ପାଚେରି ଭାଙ୍ଗିବା ସମ୍ପର୍କରେ ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପାଚେରି ଭଙ୍ଗାଯିବା ସମ୍ପର୍କରେ ବିଡିଓ ଓ ତହସିଲଦାର୍‌ଙ୍କୁ ପଚାରିବାରେ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଏ ସମ୍ପର୍କରେ ଗୋପ ଥାନା ପକ୍ଷରୁ ବିଡିଓଙ୍କୁ ଥାନାଧିକାରୀ ପଢ଼ିହାରୀ ଚିଠି କରିଥିଲେ। କିନ୍ତୁ ଶେଷରେ ବ୍ଲକ ପ୍ରଶାସନ ଭାଙ୍ଗିଥିବା ପାଚେରି ନିର୍ମାଣ କରିଥିବା ଜଣାପଡ଼ିଛି। ଏପରି ଅଭିଯୋଗକୁ ନେଇ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀଙ୍କୁ ପଚାରିବାରେ ଦୀର୍ଘ ବର୍ଷ ଧରି ଉଠା ଦୋକାନୀମାନେ ଥାନା ଜମିରେ ଦୋକାନ ବଜାର କରିଛନ୍ତି। ଆମକୁ ନ ଜଣାଇ ଥାନା ଜମି ଜବରଦଖଲ କରିବା ଉଦ୍ୟମ ଯୋଗୁ ତହସିଲଦାର ଙ୍କୁ ଚିଠି କରିଛି। ଖୁବ୍‌ଶୀଘ୍ର ଏହି ଜମିରୁ ଉଚ୍ଛେଦ କରାଯିବ ବୋଲି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବାଲ୍ୟବିବାହ ମୁକ୍ତ ଭାରତ ସଚେତନତା ଅଭିଯାନ

ପୁରୀ,୬।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟରେ ବାଲ୍ୟବିବାହ ମୁକ୍ତ ଭାରତ ୧୦୦ ଦିନର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ପିଲାଙ୍କ ମଧ୍ୟରେ ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି ବିଷୟ ଉପରେ ବକ୍ତୃତା ଓ ରଚନା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟରୁ ସୁହାଗୀ ହେମ୍ବ୍ରମ, ବାଲ୍ୟବତୀ ମହାନ୍ତି, ବିଦ୍ୟାଧର ମଲ୍ଲିକ, ମଧୁସ୍ମିତା ବିଶ୍ୱାଳ ଓ ଆସିଷ୍ଟାଣ୍ଟ ପ୍ରଫେସର ରାଜଶ୍ରୀ ଦାସ, ଡ. ପୂର୍ଣ୍ଣଚନ୍ଦ୍ର ପାଢୀ ଏଚ୍‌ଓଡି ଓ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ୨୨୦ ଜଣ ଛାତ୍ରୀଛାତ୍ର ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

### ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ଏସ୍‌ପିଙ୍କ ସହ ଆଲୋଚନା

ପୁରୀ,୬।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଟାଉନ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ବଳଗଣ୍ଡି ଛକରେ ବାରମ୍ବାର ହେଉଥିବା ଛୋଟ ବଡ଼ ସଡ଼କ ଦୁର୍ଘଟଣା ବିଷୟରେ ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂଙ୍କ ସହ ସାକ୍ଷାତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ବଳଗଣ୍ଡି ଛକ ଠାରେ ଟ୍ରାଫିକ୍ ପୋଷ୍ଟ ଏବଂ ପୋଲିସ ମୁତୟନ ନିମନ୍ତେ ଯୁବମୋର୍ଚ୍ଚା ପକ୍ଷରୁ ଅନୁରୋଧ କରାଯାଇଛି । ଆଲୋଚନା ସମୟରେ ଯୁବମୋର୍ଚ୍ଚା ଜିଲା ସମ୍ପାଦକ ଅନିଲ କୁମାର ସାହୁ, ଅକ୍ଷୟ କୁମାର ମହାନ୍ତି, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ମନୋଜ କୁମାର ବିଶୋଇ, ଶିବ ନାରାୟଣ ଦାଶ ମାଉସୀମା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି, ବୁବୁନା ବାରିକ, ଶଙ୍କର ରାଓ,ଦିଲପ ବେହେରା ସହ ଯୁବମୋର୍ଚ୍ଚା ର ପ୍ରମୁଖ ଭାଇମାନେ ଉପସ୍ଥିତ ଥିଲେ।

### ଜେଟିପିଙ୍କ ବିରୋଧରେ ଥାନାରେ ଅଭିଯୋଗ

ପୁରୀ,୬।୧(ଅଜିତ୍ କୁମାର ମହାନ୍ତି)

ଜଣେ ମହିଳା ଆନଜୀବୀ ଜେଟିପିଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମହିଳାଙ୍କୁ ଜେଟିପି ଜଣଙ୍କ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବାକୁ ନେଇ ଅଭିଯୋଗ ହୋଇଛି। ଏହି ଘଟଣା ଶ୍ରୀମନ୍ଦିର ପ୍ରଶାସନ ନଜରକୁ ଆସିଛି। ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିବା ବେଳେ ଯାହା ନିର୍ଦ୍ଦେଶ ଆସିବ, ସେ ନେଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ରାଷ୍ଟ୍ର ଗଠନରେ ବ୍ରତୀ ହେବା ଜରୁରୀ



ପିଏମ୍‌ଶ୍ରୀ ଉତ୍ସବରେ ମଞ୍ଚାସୀନ ଅତିଥି ।

କୋଣାର୍କ,୬।୧(ଜ୍ୟୋତିରାଜ ମହାନ୍ତି)

## ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କୋଣାର୍କସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଥମ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ ୨୦୪୭ ମସିହାରେ ଭାରତ ବର୍ଷର ଗଠନର ଶତ ବାର୍ଷିକ ଓ ୨୦୩୬ ମସିହାରେ ଓଡ଼ିଶା ପ୍ରଦେଶ ଶତ ବାର୍ଷିକ ସମାରୋହ ପାଳନ କରିବାକୁ ଯାଉଛି। ବିକଶିତ ଭାରତ ଓ ବିକଶିତ ଓଡ଼ିଶା ପ୍ରଦେଶ ଗଠନ ଦିଗରେ ଛାତ୍ରୀଛାତ୍ର ବ୍ରତୀ ହୋଇ ନିଜକୁ ସ୍ୱୟଂ ସମ୍ପନ୍ନ ଓ ଆତ୍ମ ନିର୍ଭରଶୀଳ ଗଢ଼ି ତୋଳିବାର ଆଭିମୁଖ୍ୟ ନେଇ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଏହି ଉତ୍ସବ ଅନୁଷ୍ଠିତ ହେଉଛି।

ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଉତ୍ତମ ସଂସ୍କାର, ଉତ୍ତମ ଶିକ୍ଷା ପ୍ରଦାନ କରିବା ସହ ବୌଦ୍ଧିକ, ଶାରୀରିକ, ମାନସିକ, ବୈଷୟିକ ଜ୍ଞାନର ପ୍ରସାର କରିବା ସହ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ଅଭିବୃଦ୍ଧି କରି ବିକଶିତ ରାଷ୍ଟ୍ର ଓ ଦେଶ ଗଠନରେ ବ୍ରତୀ ହେବାକୁ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଜିଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ା, ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁ, ଶିକ୍ଷାବିତ ରାମକୃଷ୍ଣ ମହାନ୍ତି, ସିଆର୍‌ସିସି କୃଷ୍ଣଚନ୍ଦ୍ର ବଳବନ୍ତରାୟ, କାଉନ୍‌ସିଲର ସମୟ ରଞ୍ଜନ ସାହୁ, କୃଷ୍ଣପ୍ରିୟା ନାୟକ, ଶିକ୍ଷାବିତ ବିଭୁଦତ୍ତ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

## ସସ୍ନେହ ନୃତ୍ୟ ଉତ୍ସବ ଉଦ୍‌ଘାଟିତ

ପୁରୀ,୬।୧(ଅଜିତ୍ କୁମାର ମହାନ୍ତି)

ଆରାଧନା ନୃତ୍ୟ ଏକାଡେମୀ ପକ୍ଷରୁ ତୃତୀୟ ସସ୍ନେହ ନୃତ୍ୟ ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଠାରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବରିଷ୍ଠ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ବର୍ଷୀୟାନ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନୃତ୍ୟଗୁରୁ ମିନାକ୍ଷୀ ବେହେରା, ମାହାରୀ ନୃତ୍ୟାଙ୍ଗନା ରୂପଶ୍ରୀ ମହାପାତ୍ର, ଗୋଟିପୁଅ ନୃତ୍ୟଗୁରୁ ଅନନ୍ତ ବେହେରା ଏବଂ ସଂସ୍କୃତି ଗବେଷକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଓଡ଼ିଶୀ ନୃତ୍ୟର ସୃଷ୍ଟି ମାହାରୀ ଏବଂ ଗୋଟିପୁଅ ନୃତ୍ୟରୁ ଅୟମାରମ୍ଭ ବୋଲି ମତ ରଖିବା ସହିତ ଗୋଟିପୁଅ ନୃତ୍ୟର ଦୀର୍ଘ ସ୍ଥାୟିତ୍ୱ କାମନା କରିଥିଲେ। ଏହି ଅବସରରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ନୃତ୍ୟ ପ୍ରବୀଣା କବିତା ଦ୍ୱିବେଦୀଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗୁରୁ ଚିତ୍ରସେନ ସାଇଁ ଧନ୍ୟବାଦ ଦେଇଥିଲେ। ଅତିଥି କଳାକାର କବିତା ଦ୍ୱିବେଦୀ ଏକକ ଓଡ଼ିଶୀ ନୃତ୍ୟରେ ‘ବୃନ୍ଦା-ବୃନ୍ଦାବତୀ’ ନୃତ୍ୟାଭିନୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ବିଶ୍ୱଜିତ ବଳିଆରସିଂହ ଓ ଜ୍ଞାନରଞ୍ଜନ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ।

# ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ଗାଡ଼ି, ଅଳ୍ପକେ ବର୍ତ୍ତିଲେ ୧୩ ଯାତ୍ରୀ


ଖୁଣ୍ଟରେ ପିଟି ହୋଇଥିବା ଟ୍ରାଭେଲର୍ସ ।

ପିପିଲି,୬।୧(ଦୁର୍ଗା ମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପିପିଲି ଥାନା ଅନ୍ତର୍ଗତ ତେଇସିପୁର ଛକ ନିକଟରେ ମଧ୍ୟପ୍ରଦେଶର ଏକ ଟ୍ରାଭେଲର୍ସ ୩୩ କେଭି ଖୁଣ୍ଟରେ ପିଟି ହୋଇଥିବା ଜଣାପଡ଼ିଛି। ଫଳରେ ସେଥିରେ ଥିବା ୧୩ଜଣ ଯାତ୍ରୀଙ୍କ ଜୀବନ ଅଳ୍ପକେ ବଞ୍ଚିଯାଇଛି।

ସୂଚନାଯୋଗ୍ୟ, ମଧ୍ୟପ୍ରଦେଶରୁ ଏକ ଟ୍ରାଭେଲର୍ସ ଗାଡ଼ିରେ ୧୧ଜଣ ଯାତ୍ରୀ ସମେତ ଡ୍ରାଇଭର ଓ ହେଲପର ପୁରୀ ଯାଉଥିଲେ। ଜାତୀୟ ରାଜପଥର ତେଇସିପୁର ଛକ ନିକଟ ରାସ୍ତା ପାଖରେ ଥିବା ବିଦ୍ୟୁତ ଖୁଣ୍ଟରେ ଭାରସାମ୍ୟ ହରାଇ ଟ୍ରାଭେଲର୍ସଟି ପିଟି ହୋଇଥିଲା। ଖବରପାଇ ଜାତୀୟ ରାଜପଥ ପୋଲିସ ପାଟ୍ରୋଲିଂ ଓ ସ୍ଥାନୀୟ ସାତଶଙ୍ଖ ଫାଣ୍ଡି ପୋଲିସ ପହଞ୍ଚି ଆହତଙ୍କୁ ମଙ୍ଗଳପୁର ମେଡିକାଲ୍‌କୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରୁ ୩ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସମସ୍ତ ଯାତ୍ରୀଙ୍କ ସମେତ ଗାଡ଼ିଚାଳକ ଓ ସହଯୋଗୀ ସୁସ୍ଥ ରହିଥିବା ପୋଲିସ ଠାରୁ ସୂଚନା ମିଳିଛି।

# ୧୯୭୩ ଓ ୭୪ ମସିହା ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

ଯୋଗେଶ୍ୱରପୁର,୬।୧(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ନୟାହାଟ ହାଇସ୍କୁଲର ୧୯୭୩, ୧୯୭୪ ମସିହା ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କର ବନ୍ଧୁମିଳନ ପାଣିଛତ୍ର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରୀ ଛାତ୍ର ଓ ପରିବାର ସହିତ ୧୨୦ ଜଣ ଯୋଗ ଦେଇଥିଲେ। ପାଠ ପଢ଼ିବା ସମୟର ସେ ଅଭୁଲା ସ୍ମୃତିକୁ ମନେ ପକାଇଥିଲେ। ପୁରାତନ ବନ୍ଧୁମାନେ ଏକାଠି ହେବା ପରେ ପିଲାଦିନର ଘଟିଯାଇଥିବା ଘଟଣାକୁ ମନେପକାଇ ଦୁଃଖପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ମୋହନ ବିଟି, ଗୌରାଙ୍ଗ ସାହୁ, ବିପିନି ରାୟ, ସଚ୍ଚିଦାନନ୍ଦ ମହାନ୍ତି, ପ୍ୟାରୀମୋହନ ପ୍ରଧାନ, ନିରଞ୍ଜନ କର, କୈଳାସ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ତ୍ରିପାଠୀ, ମନମୋହନ ଦାସ, ନିରଞ୍ଜନ ସାବତ, ସୁଶୀଳା ସାହୁ, ସଞ୍ଜୁକ୍ତା ବାରିକ, ସଲିଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଐତିହ୍ୟସ୍ଥଳଗୁଡ଼ିକର ସଂରକ୍ଷଣ ପାଇଁ ଗୁରୁତ୍ୱ

ପୁରୀ,୬।୧(ଅଜିତ୍ କୁମାର ମହାନ୍ତି)

ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷର ୩୫ତମ ଅଥରିଟି ବୈଠକ ମଙ୍ଗଳବାର ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ପିକେଡିଏ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ପୁରୀ-କୋଣାର୍କ ଅଞ୍ଚଳର ଉନ୍ନୟନ, ଐତିହ୍ୟ ସଂରକ୍ଷଣ, ସହରୀୟ ପରିକଳ୍ପନା, ଗୃହ ନିର୍ମାଣ, ପାରିପାର୍ଶ୍ୱିକ ଉନ୍ନୟନ ଓ ପ୍ରଶାସନିକ ସୁଦୃଢ଼ତା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଗୁଣ୍ଡିଚାମନ୍ଦିର (ଗ୍ରାଣ୍ଡ୍ ରୋଡ୍) ଅଞ୍ଚଳରେ ଏକ ଡିଜାଇନ ଓ ରଙ୍ଗ ବ୍ୟବସ୍ଥା, ଐତିହ୍ୟସ୍ଥଳ, ଐତିହ୍ୟ ଭବନ ଓ ପ୍ରାକୃତିକ ଅଞ୍ଚଳ ସଂରକ୍ଷଣ ପାଇଁ ଉପଯୁକ୍ତ ନିୟମାବଳୀ ପ୍ରସ୍ତୁତ ଓ ଅବଗତ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି।


ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ସେହିପରି ବିଲ୍ଡିଂ ପ୍ଲାନ ଅନୁମୋଦନ ପ୍ରକ୍ରିୟାକୁ ସରଳ କରିବା ନିମନ୍ତେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସହ ଏନ୍‌ଓସି ପ୍ରକ୍ରିୟାକୁ ସମୟସୀମା ଭିତ୍ତିକ କରିବା ଉପରେ ଆଲୋଚନା କରାଯାଇଛି। ଯଦି ୩୦ ଦିନ ମଧ୍ୟରେ ଏନ୍‌ଓସି ନ ମିଳେ, ତେବେ ଆବେଦକ ଗୃହ ନିର୍ମାଣ ସମ୍ପର୍କିତ ଆବେଦନକୁ ଓଡ଼ିଶା ଉନ୍ନୟନ ପ୍ରାଧିକରଣ ଆଇନ ଅନୁସାରେ ପ୍ଲାନ ଅନୁମୋଦନ କରାଯିବା ପ୍ରସ୍ତାବ ରଖାଯାଇଛି। ସେହିପରି ବୈଠକରେ ଟାଉନ ପ୍ଲାନିଂ (ସ୍କିମ, ବାଲୁଖଣ୍ଡରେ ପିପିପି ମଡେଲରେ ମଲ୍ଟି-ଷ୍ଟୋରିଡ ହାଉସିଂ ପ୍ରକଳ୍ପ, ପିକେଡିଏ ପାଇଁ କ୍ୟାଡର୍ ପୁନର୍ଗଠନ ଓ କର୍ମଚାରୀ ନିଯୁକ୍ତି, ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ସ୍ଥାପନ, ଏବଂ ଦୀର୍ଘକାଳୀନ କାର୍ଯ୍ୟଭାର କର୍ମଚାରୀଙ୍କ ନିୟମିତିକରଣ ସମ୍ପର୍କରେ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସେଥିପାଇଁ ସମଗ୍ର ପିକେଡିଏ ଅଞ୍ଚଳ ଓ ପ୍ରସ୍ତାବିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରି ଏକ ନୂତନ ଓ ସଂଶୋଧିତ ସମ୍ପୂର୍ଣ୍ଣ ଉନ୍ନୟନ ପ୍ରଣାଳୀ ପ୍ରସ୍ତୁତ କରିବା ପାଇଁ ଅନୁମୋଦନ ଦିଆଯାଇଛି। ଶେଷରେ ଆର୍ଥିକ ବର୍ଷ ୨୦୨୪-୨୫ ଓ ୨୦୨୫-୨୬ ପାଇଁ ବଜେଟ ଅନୁମୋଦନ କରାଯାଇଛି। ମନ୍ତ୍ରୀ ମହାପାତ୍ର କହିଛନ୍ତି, ପୁରୀ-କୋଣାର୍କ ଅଞ୍ଚଳର ଐତିହ୍ୟ ଓ ଧାର୍ମିକ ଗୌରବକୁ ସୁରକ୍ଷିତ ରଖି ସୁଯୋଜିତ ଓ ସୁସ୍ଥାୟୀ ଉନ୍ନୟନ ରାଜ୍ୟ ସରକାରଙ୍କ ପ୍ରାଥମିକତା। ପିକେଡିଏ ଏହାର ମୁଖ୍ୟ ଭୂମିକା ନିର୍ବାହ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷର ୩୫ତମ ଅଥରିଟି ବୈଠକ

# ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବଲଙ୍ଗା,୬।୧(କେଦାରେଶ୍ୱର ନନ୍ଦ)

ବଲଙ୍ଗା ମହାବିଦ୍ୟାଳୟ ପରିସରରେ ଛାତ୍ରୀଙ୍କ ନିମନ୍ତେ ଏକ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସ୍ନାତକ (ୟୁ.ଜି.) ଶ୍ରେଣୀର ପ୍ରାୟ ୧୨୪ ଛାତ୍ରୀ ଅଂଶଗ୍ରହଣ କରି ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିକ୍ଷା କରିଛନ୍ତି। ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନାର ଭାରପ୍ରାପ୍ତ ନିରୀକ୍ଷକ ଦିବ୍ୟରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ସୁରକ୍ଷା ଓ ସଚେତନତା ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ତଥା ଗଣିତ ବିଭାଗର ମୁଖ୍ୟ ସୁମିତ୍ରା ସ୍ୱାଇଁ ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବିନୟ କୁମାର ମିଶ୍ର ଓ ବାଣିଜ୍ୟ ବିଭାଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବର୍ତ୍ତମାନ ସମୟରେ ନିଜର ସୁରକ୍ଷା ପାଇଁ ଛାତ୍ରୀମାନେ ଶାରୀରିକ ଓ ମାନସିକସ୍ତରରେ ସୁଦୃଢ଼ ହେବା ଆବଶ୍ୟକ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ମିଥୁନ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷା ବିଭାଗର ଅଧ୍ୟାପକ ନୀଳକଣ୍ଠ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସାମ୍ବାଦିକାଙ୍କ ମୃତ୍ୟୁରେ ଚାରିଛକ ପ୍ରେସ୍ କ୍ଲବ୍ ପକ୍ଷରୁ ଶୋକ

ଚାରିଛକ,୬।୧(ଶିଶିର କୁମାର ସ୍ୱାଇଁ)

ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥର ପିପିଲି ଥାନା ଅଧୀନ ମଙ୍ଗଳପୁର ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମହିଳା ସମ୍ବାଦିକ ଶୀଲା ପଟ୍ଟନାୟକ ଓ ତାଙ୍କର ଜଣେ ସମ୍ପର୍କୀୟାଙ୍କ ମୃତ୍ୟୁ ଘଟିଛି। ଏନେଇ ମଙ୍ଗଳବାର ଚାରିଛକ ପ୍ରେସ୍ କ୍ଲବ କାର୍ଯ୍ୟାଳୟରେ ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କ୍ୟାଣ୍ଡେଲ ଜାଳି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ କ୍ଲବର ସାଧାରଣ ସଂପାଦକ ଡ. କେଦାରନାଥ ସାହୁ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସନ୍ତୋଷ କୁମାର ଦାଶ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ ସାହୁ, ରାଜେଶ ଲେଙ୍କା, ଉପଦେଷ୍ଟା କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଯୁବ ସାମ୍ବାଦିକା ଶୀଲା ପଟ୍ଟନାୟକ ଏବଂ ତାଙ୍କ ସମ୍ପର୍କୀୟାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଉଭୟଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।


ସାମ୍ବାଦିକାଙ୍କୁ ପ୍ରେସ୍ କ୍ଲବ୍‌ର ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

# ୪ ବସ୍ତା ଧାନ ଚୋରି କରି ୨ ଗିରଫ

ବେଗୁନିଆ,୬।୧
(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ଚାରି ବସ୍ତା ଧାନ ଚୋରି କରିବା ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ସିଉଳା ଗ୍ରାମର ତୁଷାରକାନ୍ତ ନାୟକ ଏବଂ ପ୍ରଭାତ ନାୟକ। ପୋଲିସ ସୂଚନା ମୁତାବକ, ସିଉଳା ଗ୍ରାମର ପ୍ରକାଶ ସାହୁ ନାମକ ଚାଷୀ ଚଳିତ ଖରିଫ ଧାନ ଫସଲ ଅମଳ କରି ବାରିରେ ରଖିଥିଲେ। ଗତ ସୋମବାର ବିଳମ୍ବିତ ରାତିରେ ତାଙ୍କର ୪ବସ୍ତା ଧାନ ଚୋରି ହୋଇଯାଇଥିଲା। ଏନେଇ ସେ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଜଗନ୍ନାଥ ପୁଜାରୀ ତଦନ୍ତ ଭାର ନେଇଥିଲେ। ତେବେ ପ୍ରଭାତ ଏବଂ ତୁଷାରକାନ୍ତ ଚୋରି କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୦/୨୬) ରୁଜୁ ହୋଇଛି।

# ତୃତୀୟ ସନ୍ଧ୍ୟାରେ ଆଧ୍ୟାତ୍ମିକ କବିତା ଆସର

## ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା

ପୁରୀ,୬।୧(ଅଜିତ୍ କୁମାର ମହାନ୍ତି)

୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଶ୍ୟାମସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟ, ପୁରୀର କଳାକାର ଗୁରୁ ପ୍ରତିମା ମହାନ୍ତିଙ୍କ ନିର୍ଦ୍ଦେଶନାରେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ମହାବୀର ପ୍ରତିହାରୀ ପରିଚାଳନା କରିଥିଲେ। ପରେ ଦିବ୍ୟଦର୍ଶନ ଆଧ୍ୟାତ୍ମିକ ସଂସ୍ଥାନ, ପୁରୀ ପକ୍ଷରୁ ଆଧ୍ୟାତ୍ମିକ କବିତା ଆସର ଏବଂ ଆଧ୍ୟାତ୍ମିକ ଆଲୋଚନା ସଭା ଆୟୋଜିତ ହୋଇଥିଲା। ଉତ୍ସବରେ ପୁସ୍ତକ ମେଳା କମିଟିର ସଭାପତି ତଥା ଓଡ଼ିଆ ଭାଷା ପ୍ରତିଷ୍ଠାନ ଓଡ଼ିଶାର ପ୍ରଥମ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ବଦ୍ରି ମିଶ୍ର, ଡ. ଚିତ୍ତରଞ୍ଜନ ମିଶ୍ର, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ପୁସ୍ତକ ମେଳା କମିଟିର କାର୍ଯ୍ୟକାରୀ ସଭାପତି ଜ୍ୟୋର୍ତ୍ତିର୍ବିଦ ଅନାମ ଚନ୍ଦ୍ର ସାହୁ, ଡ. ହେମନ୍ତ କୁମାର ଛୋଟରାୟ, ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ମହାପାତ୍ର, ଉପନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ ସନ୍ତୋଷ କୁମାର ସେଠୀ, ଗୀତିକାର ବିମଳ କୃଷ୍ଣ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରି ଆମ ଜୀବନରେ ଦିବ୍ୟତାର ପ୍ରଭାବ ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।



ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥି ।

ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ମିଶ୍ର, ଇଞ୍ଜିନିୟର ମୀନକେତନ ମିଶ୍ର, ଯୋଗେଶ୍ୱର ନାୟକ, କୈଳାସ ପୃଷ୍ଟି, ଦିବ୍ୟଲୋଚନ ଭାରିମଲ୍ଲ, ଡ. ନୀଳାଦ୍ରିନାଥ ଜଗଦେବ, ବିକ୍ରମ ଚମ୍ପତି, ନଳିନୀ ଦାଶ, ସତ୍ୟଭାମା ନାୟକ, ମୀନତି ମିଶ୍ର, ଅନ୍ନପୂର୍ଣ୍ଣା ଦେବୀ, କମଳ ଦାଶ, ଡକ୍ଟର ସସ୍ମିତା ମିଶ୍ର, ସରୋଜିନୀ ସାହୁ, ରଚିତା ରାଉତରାୟ, ରୋଜାଲିନ ମିଶ୍ର, ଅନନ୍ତ ପ୍ରଧାନ, ଲିଙ୍ଗରାଜ ଜେନା, ସାରଙ୍ଗଧର ଷଡ଼ଙ୍ଗୀ, ଲବଙ୍ଗ ମହାପାତ୍ର, ଯୋଗେଶ୍ୱର ସାହୁ, କଳ୍ପନା ମିଶ୍ର, ମହେନ୍ଦ୍ର ଦାଶ, ପ୍ରମୁଖ ଆଧ୍ୟାତ୍ମିକ କବିତା ପାଠ କରିଥିଲେ। ଏହି ଆସରକୁ କ୍ରିଷ୍ଣା ମହାପାତ୍ର, ଲକ୍ଷ୍ମୀପ୍ରିୟା ଦାଶ, ପ୍ରତିଭା ଦାଶ, ମିନତି ମିଶ୍ର, ଓମ୍‌କାର ଦାଶ, ଅଲିଭା ମିଶ୍ର ପରିଚାଳନା କରିଥିଲେ। ସୁରେଶ କୁମାର ପଟ୍ଟନାୟକ କବିତା ଆସର ସଂଯୋଜନା କରିଥିଲେ।

# ସନ୍ଧ୍ୟା ୬ରୁ ପୂର୍ବାହ୍ନ ୧୦ ନିର୍ମାଣ କାର୍ଯ୍ୟ ବନ୍ଦ

କଟକ,୬।୧(କାର୍ତ୍ତିକ ସାହୁ)

**କଟକରେ ଖରାପ ହେଉଛି ବାୟୁ ଗୁଣବତ୍ତା: ଜିଲାପାଳଙ୍କ ନିର୍ଦ୍ଦେଶନାମା ଜାରି**

- ସମସ୍ତ ରାସ୍ତାରେ ଦୈନିକ ୩ ଥର ପାଣି ସିଞ୍ଚନ ନିଶ୍ଚିତ
- ଅଳିଆ, ଢାବାରେ କୋଇଲା ପୋଡ଼ିବା ଓ ଖୋଲା ନିଆଁ ଜଳାଇବା କଡ଼ାକଡ଼ି ନିଷେଧ
- ଆସନ୍ତା ୭ ଦିନ ପର୍ଯ୍ୟନ୍ତ ନିର୍ଦ୍ଦେଶନାମା ବଳବତ୍ତର

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନ୍ତର୍ଗତ କଟକ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ, କଟକ ଜିଲାର ବାୟୁ ଗୁଣବତ୍ତା ଖରାପ ହେବାରେ ଲାଗିଛି। ବାୟୁ ଗୁଣବତ୍ତା ସନ୍ତୋଷଜନକରୁ ମଧ୍ୟମ, ଖରାପ ଏବଂ ଅତିଖରାପ ହେଉଥିବା ତଥ୍ୟରୁ ଜଣାପଡ଼ିଛି। ପାରିପାର୍ଶ୍ୱିକ ବାୟୁ ଗୁଣବତ୍ତାର ଖରାପ ହେଉଥିବା ମାନକୁ ରୋକିବା ପାଇଁ ତୁରନ୍ତ ପ୍ରତିବନ୍ଧକ ଲଗାଇବା ନିମନ୍ତେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ମହାନଗର ନିଗମ ସମେତ ଜିଲାର ସମସ୍ତ ସହରାଞ୍ଚଳରେ ବିଭିନ୍ନ ପ୍ରତିବନ୍ଧକ ଜାରି କରିଛନ୍ତି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ। ଆବଶ୍ୟକ ପଡ଼ିଲେ ଏହାକୁ ଆହୁରି ବୃଦ୍ଧି କରାଯାଇପାରେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ନିର୍ଦ୍ଦେଶନାମା ଅନୁଯାୟୀ, ଜିଲାର ପ୍ରମୁଖ ପ୍ରକଳ୍ପ ବ୍ୟତୀତ ପ୍ରତିଦିନ ସନ୍ଧ୍ୟା ୬ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସମସ୍ତ ନିର୍ମାଣ କାର୍ଯ୍ୟକଳାପ ନିଷେଧ କରାଯିବ। କଟକ ମହାନଗର ନିଗମ ଓ ଜିଲାର ସମସ୍ତ ସହରାଞ୍ଚଳ ସୀମା ମଧ୍ୟରେ ବିଭିନ୍ନ ପ୍ରକାର ଭଙ୍ଗା ଏବଂ ମାଟିକାର୍ଯ୍ୟ କଡ଼ାକଡ଼ି ନିଷେଧ କରାଯାଇଛି। କଟକ ମହାନଗର ନିଗମ, ଅନ୍ୟ ସହରାଞ୍ଚଳର ସ୍ଥାନୀୟ ସଂସ୍ଥା ଓ ଜାତୀୟ ରାଜପଥ ସହ ଜଡ଼ିତ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକ ସେମାନଙ୍କ ମୂଲ୍ୟାଙ୍କନ ପରେ ଦିନକୁ ଅତି କମ୍‌ରେ ୩ ଥର ସମସ୍ତ ରାସ୍ତାରେ ପାଣି ସିଞ୍ଚନ ସୁନିଶ୍ଚିତ କରିବ। ଖୋଲାରେ ଅଳିଆ ପୋଡ଼ିବା, ଢାବାରେ କୋଇଲା ପୋଡ଼ିବା ଏବଂ ଯେକୌଣସି ପ୍ରକାରର ଖୋଲାରେ ନିଆଁ ଜଳାଇବା କଡ଼ାକଡ଼ି ନିଷେଧ କରାଯାଇଛି। ଦିନବେଳେ କୋଇଲା, ଲଘୁ ଏବଂ ପ୍ରମୁଖ ଖଣିଜ ପଦାର୍ଥ ଏବଂ ପାଉଁଶ ବୋହି ନେଉଥିବା ଟ୍ରକଗୁଡ଼ିକର ପରିବହନକୁ ପ୍ରତିବନ୍ଧିତ କରିବା ନିମନ୍ତେ କଟକ ସଦର, ବାଙ୍କି, ଆଠଗଡ଼ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ପୃଥକ୍ ଭାବରେ ନିର୍ଦ୍ଦେଶ ଜାରି କରିବେ। ଉପଯୁକ୍ତ ତାରପୋଲିନ ଆବରଣ ବିନା କୌଣସି ଟ୍ରକକୁ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲା ମୁଖ୍ୟ ରାସ୍ତା ଏବଂ ଜିଲା ମଧ୍ୟରେ ଅନ୍ୟାନ୍ୟ ରାସ୍ତାରେ ଚଳାଚଳ କରିବାକୁ ଅନୁମତି ଦିଆଯିବ ନାହିଁ। ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ବୈଧ ଅନୁମତି ବିନା କୌଣସି ଇଟାଭାଟି/ସିମେଣ୍ଟ/ରେଡି ମିକ୍ସ ପ୍ଲାଣ୍ଟ ୟୁନିଟ କାର୍ଯ୍ୟ କରିବ ନାହିଁ। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ଜାତୀୟ ରାଜପଥ ଡିଭିଜନର ନିର୍ବାହୀ ଯନ୍ତ୍ରୀ, ସେମାନଙ୍କ ସମସ୍ତ ନିର୍ମାଣ ସ୍ଥାନରେ ପର୍ଯ୍ୟାପ୍ତ ପାଣି ସିଞ୍ଚନ ନିଶ୍ଚିତ କରିବେ। ପୋଲିସ, ସିଏମ୍‌ସି, ଅର୍ବାନ୍ ଲୋକାଲ ବଡି, ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା ଏବଂ ଆର୍‌ଟିଓଙ୍କୁ ଏହି ନିର୍ଦ୍ଦେଶ କଡ଼ାକଡ଼ି ପାଳନ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ଆମ୍ବୁଲାନ୍ସ ଗ୍ୟାରେଜରୁ ଚୋରି: ୩ ଗିରଫ



ଚୌଦ୍ୱାର,୬।୧(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅଧୀନ କପାଳେଶ୍ୱରସ୍ଥିତ ଏକ ୧୦୮ ଆମ୍ବୁଲାନ୍ସ ମରାମତି ଗ୍ୟାରେଜରୁ ଯନ୍ତ୍ରପାତି ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ ୩ଜଣଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ତଳବଜାର ଅଞ୍ଚଳର ସୁଶାନ୍ତ ବେହେରା (୨୧), ଏ.ମଧୁସୂଦନ ରେଡ୍ଡୀ (୨୦) ଏବଂ କାହ୍ନା ବେହେରା (୨୩)। ପୋଲିସ ସେମାନଙ୍କଠାରୁ ଆମ୍ବୁଲାନ୍ସରେ ବ୍ୟବହୃତ ୩ଟି ଗିୟର ଲିଭର, ୨୬ କେଜି ଓଜନର ଓ୍ୟାରିଂ କେବୁଲ, ଆଲୁମିନିୟମ ଫୁଟରେସ୍ ସହ ବହୁ ପରିମାଣର ଆମ୍ବୁଲାନ୍ସ ଯନ୍ତ୍ରପାତି ଉଦ୍ଧାର କରିଛି। ପୋଲିସ ସୂଚନା ଅନୁଯାୟୀ କଳିଙ୍ଗଛକସ୍ଥିତ ଏମ୍‌ରି ଗ୍ରୀନ୍ ହେଲଥ ସର୍ଭିସ୍ ନାମକ ଏକ ୧୦୮ ଆମ୍ବୁଲାନ୍ସ ମରାମତି ଗ୍ୟାରେଜର ମ୍ୟାନେଜର ଉତ୍ତମ ତ୍ରିପାଠୀ ଗତ ନଭେମ୍ବର ୨୧ରେ ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଗ୍ୟାରେଜରେ ମରାମତି ପାଇଁ ଥିବା ପ୍ରାୟ ୩୪ଟି ୧୦୮ ଆମ୍ବୁଲାନ୍ସ ମଧ୍ୟରୁ ୨୦ଟି ଆମ୍ବୁଲାନ୍ସରୁ ପ୍ରାୟ ଦେଢ଼ଲକ୍ଷ ଟଙ୍କା ମୂଲ୍ୟର ବହୁ ମାତ୍ରାରେ ଯନ୍ତ୍ରପାତି ଚୋରମାନେ ଚୋରି କରି ନେଇଛନ୍ତି। ପୋଲିସ ଏକ ମାମଲା (ନଂ. ୮୬/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ରବିବାର ରାତିରେ ପ୍ରାୟ ୫ଜଣ ଦୁର୍ବୃତ୍ତ ଚୋରି ପାଇଁ ପୁଣି ଗ୍ୟାରେଜ ପାଖ ଆମ୍ବୁଲାନ୍ସ ପାର୍କିଂରେ ପଶିଥିବାବେଳେ ସିକ୍ୟୁରିଟି ଗାର୍ଡ ଓ କର୍ମଚାରୀମାନେ ସେମାନଙ୍କୁ ଘେରି ଯାଇ ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଧରିଥିଲେ। ଅନ୍ୟ ୨ଜଣ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ୩ଜଣ ଚୋରଙ୍କୁ ଗିରଫ କରିଥିଲା।

### ଲକ୍ଷାଧିକ ଟଙ୍କାର ଦେଶୀମଦ, ପୋଚ ଜବତ



ଖୁଣ୍ଟୁଣୀ,୬।୧(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼, ନରସିଂହପୁର, ବାଙ୍କି ଅବକାରୀ ବିଭାଗର କର୍ମଚାରୀମାନେ ମିଳିତ ଭାବେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଦେଶୀମଦ ଓ ପ୍ରସ୍ତୁତି ପାଇଁ ରଖାଯାଇଥିବା ପୋଚକୁ ନଷ୍ଟ କରିଛନ୍ତି। ଜବତ ମଦ ଓ ପୋଚର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଜଣେ ଅବକାରୀ ଅଧିକାରୀ କହିଛନ୍ତି। ମିଳିତ ଚଢ଼ାଉରେ ଆଠଗଡ଼ ଅବକାରୀ ବିଭାଗ ସମେତ ନରସିଂହପୁର ଅବକାରୀ ଥାନା, ବାଙ୍କୀ ଅବକାରୀ ଥାନା, ଜିଲା ମୋବାଇଲ ୟୁନିଟ୍ ଓ ସଦର-୩ ଅବକାରୀ ଥାନା ସାମିଲଥିଲା। ଚଢ଼ାଉ ବେଳେ ଜଙ୍ଗଲରେ ମାଟି ତଳେ ପୋତାଯାଇଥିବା ମୋଟ ୨୨୦୫ ଲିଟର ଦେଶୀମଦ ସହ ୧୬,୫୨୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଜବତ କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ଏ ବାବଦରେ ୬ଟି ମାମଲା ରୁଜୁ କରାଯାଇଛି। ଚଢ଼ାଉରେ ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ, ବାଙ୍କି ଅବକାରୀ ଉପନିରୀକ୍ଷକ ବାପି ସାହୁ, ଅବକାରୀ ଉପନିରୀକ୍ଷକ ଅକ୍ଷୟ କୁମାର ଜେନା, ରାଜେଶ ପଟେଲ, ସଦର-୩, ନରସିଂହପୁର ଅବକାରୀ ଥାନା ଓ ଖୁଣ୍ଟୁଣୀ ବନ ବିଭାଗର ସମସ୍ତ ଅବକାରୀ ସହକର୍ମୀ ଉପସ୍ଥିତ ଥିଲେ।



ପଞ୍ଚମୂର୍ତ୍ତି ହନୁମାନ ମନ୍ଦିର ନିକଟସ୍ଥ ପ୍ରେସ୍ କଲୋନୀଠାରେ ଥିବା ୟୁନିସେଫ୍ ବିଲ୍ଡିଂକୁ ଭଙ୍ଗାଯାଉଛି।

# ସମସ୍ତ ଭେଦଭାବ ଭୁଲି କର୍ମୀ ଏକାଠି ହୋଇ କାର୍ଯ୍ୟ କରିବା ଉଚିତ: ଦେବୀ ମିଶ୍ର

କଟକ,୬।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ବିଜେଡି ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ ଜିଲା କାର୍ଯ୍ୟାଳୟରେ ଇଂଲିଶ ନୂତନ ବର୍ଷ ଅବସରରେ ଏକ ଔପଚାରିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେଡିର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ସେ କହିଛନ୍ତି, କଟକ ସହର ହେଉଛି ଭାଇଚାରାର ସହର, ସମସ୍ତ ସମ୍ପ୍ରଦାୟକୁ ଗୋଟିଏ ସୂତାରେ ବାନ୍ଧି ବିଶ୍ୱାସ ସୃଷ୍ଟି କରି ପାରିଲେ ହିଁ ସହରର ବିକାଶ ସମ୍ଭବ ହୋଇପାରିବ। ଦଳୀୟ ସଙ୍ଗଠନରେ ସମସ୍ତ ମତଭେଦଭାବ ଭୁଲି ନେତା ଓ କର୍ମୀମାନେ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏକାଠି ହୋଇ କାର୍ଯ୍ୟ କରିବା ଉଚିତ। ତୃଣମୂଳସ୍ତରରେ ବିଜେଡି ମଜଭୁତ ଅଛି, କେବଳ କ୍ରିୟାଶୀଳ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କଟକ ହେଉଛି ଓଡ଼ିଶାର ପୁରୁଣା ରାଜଧାନୀ, କଟକ ଯାହା ଚିନ୍ତା କରେ ତାହା ସାରା ଓଡ଼ିଶାରେ ପ୍ରତିଫଳିତ ହୁଏ। ଏହା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ କର୍ମଭୂମି। କଟକ ସହରକୁ ଏକ ବିକଶିତ ସହରରେ ପରିଣତ କରିବାକୁ ବିଜୁ ଜନତା ଦଳର ଅବଦାନ ଅତୁଳନୀୟ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କଟକ ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ମେଡିକାଲରେ ପରିଣତ କରିବା, ନେତାଜୀ ବସ୍ ଟର୍ମିନାଲଠାରୁ ଆରମ୍ଭ କରି ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ, ଜୋବ୍ରାରେ ନୌବାଣିଜ୍ୟର ସଂଗ୍ରହାଳୟ ପ୍ରତିଷ୍ଠା, ଶିଶୁ ଭବନ ମେଡିକାଲର ବିକାଶ, କଟକର ଆରାଧ୍ୟ ଦେବୀ ମା' କଟକ ଚଣ୍ଡୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟକରି ବିକାଶର ଧାରା ସୃଷ୍ଟି କରିଥିଲେ ବୋଲି ସେ କହିଥିଲେ। କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବନ୍ଧୁମିଳନରେ ବରିଷ୍ଠ ନେତା ମଧୁସୂଦନ ସାହୁ, ପ୍ରଫୁଲ୍ଲ ବେହେରା, ବିଶ୍ୱଜିତ ମହାନ୍ତି, ମହମ୍ମଦ ସକିଲ, ପ୍ରଫୁଲ୍ଲ ବେହେରା (ଖ), ସୁଭଦ୍ରା ଦାସ, ଅନିତା ବେହେରା, ତନ୍ମୟା ରାୟ, ପୂର୍ଣ୍ଣିମା ସିଂ, ମିତାଲି ଭଞ୍ଜ, ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ। ଶେଷରେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।




ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ତୁରନ୍ତ ଖଲାସ କରିବା ଦାବି ନେଇ ମଙ୍ଗଳବାର ବାମପନ୍ଥୀ ଦଳମାନଙ୍କ ପକ୍ଷରୁ କଟକ ଜିଲାପାଳ ଅଫିସ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପାଣି ପଞ୍ଚାୟତ ବାର୍ତ୍ତା ରଥର ଶୁଭାରମ୍ଭ

କଟକ,୬।୧(କାର୍ତ୍ତିକ ସାହୁ)

ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ପାଣି ପଞ୍ଚାୟତ ବାର୍ତ୍ତା ପ୍ରଚାର ଓ ଉତ୍ସବ ପାଳନ ଆୟୋଜନ ନିମନ୍ତେ ଏକ ରଥର ଶୁଭାରମ୍ଭ ମଙ୍ଗଳବାର କରାଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ଏହି ବାର୍ତ୍ତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ସଦର ଉପଖଣ୍ଡର ବିଭିନ୍ନ ବ୍ଲକ ପରିଭ୍ରମଣ ଆରମ୍ଭ କରି ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ସମସ୍ତ ବ୍ଲକ ପରିକ୍ରମା କରି ବିଶେଷ କରି ଜିଲାର ସମଗ୍ର ସେଚାଞ୍ଚଳର ସ୍ଥିରୀକୃତ ପ୍ରମୁଖ ସ୍ଥାନମାନଙ୍କୁ ମୁଖ୍ୟ ରାସ୍ତାକୁ ସଂଯୋଗ କରି ପାଣି ପଞ୍ଚାୟତ ବାର୍ତ୍ତା ପ୍ରଦାନ କରିବ। ଏହି ବାର୍ତ୍ତା ରଥର ଶୁଭାରମ୍ଭ ଅବସରରେ ଅତିରିକ୍ତ ଜିଲାପାଳ ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ପୂର୍ବାଞ୍ଚଳ ଜଳସେଚନ ମଣ୍ଡଳ-୧ ସୁଶାନ୍ତ କୁମାର ମୁନା, ଅଧୀକ୍ଷଣ ଯନ୍ତ୍ରୀ, ମହାନଦୀ ଉତ୍ତର ବିଭାଜନ ସନ୍ଦୀପ କୁମାରଙ୍କ ସମେତ ଜଳସେଚନ ବିଭାଗୀର ସମ୍ପୃକ୍ତ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଜୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଣି ପଞ୍ଚାୟତର ଉପାଦେୟତା ତଥା କୃଷିକ୍ଷେତ୍ରରେ ପାଣି ପଞ୍ଚାୟତର ଭୂମିକା ବିଷୟରେ କୃଷକମାନଙ୍କ ସହ ଭାବ ବିନିମୟ ହୋଇଥିଲା। ଏହି ପକ୍ଷ ପାଳନ ଅବସରରେ ସଦର ବ୍ଲକ ସମେତ ସାଲେପୁର, ନିଶ୍ଚିନ୍ତକୋଇଲି, ମାହାଙ୍ଗା, ଟାଙ୍ଗୀ-ଚୌଦାର ଆଦି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପାଣିପଞ୍ଚାୟତ ସମ୍ପର୍କିତ ଚିତ୍ରାଙ୍କନ, ବକ୍ତୃତା, କୁଇଜ, ରଚନା ଆଦି ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।



ପାଣି ପଞ୍ଚାୟତ ବାର୍ତ୍ତା ରଥକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ଧବଳେଶ୍ୱର କ୍ରିକେଟ: ସେମିରେ ଜଗତ୍‌ସିଂହପୁର

ଆଠଗଡ଼, ୬।୧(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଷ୍ଟାଡିୟମରେ ୨ୟ ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ୩ୟ ଦିବସ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭେଟେରାନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ମ୍ୟାଚ୍ ସୁରପ୍ରତାପ କ୍ରିକେଟ କ୍ଲବ ଢେଙ୍କାନାଳ ଓ ଏସିସି ଜଗତସିଂହପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁରପ୍ରତାପ କ୍ରିକେଟ କ୍ଲବ ଢେଙ୍କାନାଳକୁ ୭ରନ୍‌ରେ ପରାସ୍ତ କରି ଏସିସି ଜଗତସିଂହପୁର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଜଗତସିଂହପୁର ଦଳର ମନୋଜ ବେହେରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ଅମ୍ପାୟାର ଭାବେ ଏମ୍‌ଡି ସୂରଜ ଓ ଅଲୁପ ଦାଶ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ମାତୃ ପ୍ରସାଦ ଦାଶ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ୧୨ରେ ନୂଆ ଦଳର ମୂଳଦୁଆ, ମାର୍ଚ୍ଚରେ ଦଳ ଗଠନ: ମୋକିମ

କଟକ,୬।୧(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ୧୨ରେ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମଙ୍କ ନୂଆ ଦଳର ମୂଳଦୁଆ ପଡ଼ିବ। ଦଳର ନାମ କଂଗ୍ରେସ ସହ ରହିବ ବୋଲି ମୋକିମ କହିଛନ୍ତି। ସେ ଅଧିକ ସୂଚନା ଦେଇ କହିଛନ୍ତି, ଜାତୀୟ ଯୁବ ଦିବସରେ ରାଜ୍ୟରେ ପଡ଼ିବ ନୂଆ ରାଜନୈତିକ ଦଳର ମୂଳଦୂଆ। ମାର୍ଚ୍ଚ ଶେଷ ସପ୍ତାହରେ ଦଳ ଗଠନ ହେବ। ଦଳର ନାଁ କ'ଣ ରହିବ ସେ ନେଇ ଜ୍ୟୋତିଷଙ୍କ ସହ ବିଚାରବିମର୍ଶ କରାଯାଉଛି। ନୂଆ ଦଳରେ ଉପକୂଳବର୍ତ୍ତୀ ଜିଲାର ଯୁବ ନେତୃତ୍ୱଙ୍କୁ ମିଳିବ ପ୍ରାଧାନ୍ୟ। କଂଗ୍ରେସ, ବିଜେଡି ଓ ଅନ୍ୟ ଦଳରେ ସାମିଲ ହୋଇଥିବା କର୍ମୀ ଯେଉଁମାନଙ୍କୁ କୋଣଠେସା କରାଯାଇଛି ସେମାନଙ୍କୁ ନୂଆ ଦଳରେ ଯୋଡ଼ାଯିବ। ରାଜ୍ୟର ଉଦୀୟମାନ ଯୁବ ଓ ଛାତ୍ର ଗୋଷ୍ଠୀଙ୍କୁ ଦଳରେ ସାମିଲ କରାଯିବ। ଏହି ଦଳରେ କେବଳ ଓଡ଼ିଶା ପ୍ରସଙ୍ଗ ନେଇ କାର୍ଯ୍ୟ କରାଯିବ। ରାଜ୍ୟରେ ଏବେ ରାଜନୈତିକ ଶୂନ୍ୟସ୍ଥାନ ରହିଛି। ଶାସନକୁ ଆସିବା ପରେ ଭାଜପା ସୁଶାସନ ଦେବାରେ ବିଫଳ ହୋଇଛି। ଲୋକେ ବିଜେଡି ଓ କଂଗ୍ରେସକୁ ପରୀକ୍ଷା କରି ସାରିଛନ୍ତି। ତେଣୁ ରାଜନୈତିକ ବିକଳ୍ପ ଚାହୁଁଛନ୍ତି ଓଡ଼ିଶାବାସୀ। ଅନ୍ୟପଟେ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଦଳର ପରିବର୍ତ୍ତନ କରିବା ପ୍ରସଙ୍ଗରେ ସେ କହିଛନ୍ତି, ସୋଫିଆ କଂଗ୍ରେସ ଦଳର ବିଧାୟିକା। କେଉଁ ଦିଗରେ ଯିବା ତାଙ୍କ ପାଇ ଠିକ୍ ହେବ ଓ ଭବିଷ୍ୟତ ଉଜ୍ଜ୍ୱଳ ହେବ ସେ ନିଷ୍ପତ୍ତି ସୋଫିଆ ନେବେ। ଏ ବାବଦରେ ମୁଁ ତାଙ୍କ ସହ କୌଣସି ଆଲୋଚନା କରିବାକୁ ଚାହିଁବି ନାହିଁ ବୋଲି ମୋକିମ କହିଛନ୍ତି।

# ୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ଏସ୍କେପ

କଟକ ସଦର,୬।୧(ସୁଶାନ୍ତ କୁମାର ଜେନା)

**ସୁକପାଇକା କେନାଲକୁ ଚିରସ୍ରୋତା ପାଇଁ ଉଦ୍ୟମ**

କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁକପାଇକା କେନାଲକୁ ଚିରସ୍ରୋତା କରିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି। ମହାନଦୀର ବିକଳ ଅବସ୍ଥାକୁ ଦେଖିଲେ ଆୟତପୁର ସ୍ଲୁଇସ ବାଟେ ରବି ଋତୁରେ ମହାନଦୀରୁ ପାଣି ଏହି କେନାଲକୁ ପ୍ରବାହିତ କରାଯାଇ ପାରିବ ନାହିଁ। ତେଣୁ ଦଣ୍ଡଆସି ପଡ଼ାଠାରେ ତାଳଦଣ୍ଡା କେନାଲର ନଂ. ୧ ଶାଖା କେନାଲ (ବୋଷ କେନାଲ)ରେ ଏସ୍କେପ ନିର୍ମାଣ କାର୍ଯ୍ୟ ୧ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଛି। ଏହି ବାଟେ କେନାଲ ପାଣି ସୁକପାଇକାରେ ମିଶିବ। ଫଳରେ ଖନନ ହୋଇଥିବା କେନାଲର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରିବ। ୧୯୫୧ରୁ ମହାନଦୀର ଶାଖା ସୁକପାଇକା ନଦୀକୁ ଆୟତପୁରଠାରେ ବନ୍ଧାଇ ନଂ. ୧ କେନାଲ ଖନନ କରାଯାଇ କିଶନନଗର ଓ କଟକ ସଦର ତହସିଲର ୧୨ଟି ପଞ୍ଚାୟତକୁ ଜଳସେଚନ ମାନଚିତ୍ରରେ ସାମିଲ କରାଯାଇଥିଲା। ୨୦୨୧ରେ ଏହି ନଦୀର ମୁହାଣ ଖୋଲିବା ପାଇଁ ଉଦ୍ୟମ କରାଯାଇଥିଲା। ସେଥିପାଇଁ ଆଗୁଆ ଏନ୍‌ଜିଟିରେ ମାମଲା ରୁଜୁ କରାଯାଇ ଅନୁମତି ଅଣାଯାଇଥିଲା। ଯେ ପର୍ଯ୍ୟନ୍ତ ପାରାଦୀପର ଚୌଧୁରୀ ଗଡାରେ ଆନିକଟ ନିର୍ମାଣ ମହାନଦୀ ଉପରେ ନ କରାଯାଉଛି, ସେ ପର୍ଯ୍ୟନ୍ତ ଜଳ ସଙ୍କଟ ସମୟରେ ତାଳଦଣ୍ଡା କେନାଲ ଉପରେ ନିର୍ଭର କରାଯିବା ନିଶ୍ଚିତ ହୋଇଯାଇଛି। ଜଳ ସମ୍ପଦ ବିଭାଗର ବୈଷୟିକ ଉପଦେଷ୍ଟା କମିଟି (ଟିଏସି) ଅନୁମୋଦନକ୍ରମେ ନିର୍ମାଣ ଚାଲିଛି ବୋଲି କିଶନନଗର ସବ୍‌ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବର୍ଦ୍ଧନ ପାଣିଗ୍ରାହୀ ସ୍ୱୀକାର କରିଛନ୍ତି।



ସୁକପାଇକା କେନାଲ।

# ପରେଡ଼ରେ ସାମିଲ ହେବ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ

କଟକ,୬।୧(ଶିଳ୍ପା ପ୍ରିୟଦର୍ଶିନୀ)

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ**

- ପ୍ରଥମଥର ହେବ ପୁସ୍ତକ ପ୍ରଦର୍ଶନୀ
- ବାଲିଯାତ୍ରାକୁ ନେଇ ହେବ ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ

ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସାଧାରଣତନ୍ତ୍ର ଦିବସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତବର୍ଷ ସାଧାରଣତନ୍ତ୍ର ଦିବସକୁ ଉତ୍ସାହର ସହ ସରସ ସୁନ୍ଦର ଭାବେ ପାଳନ କରାଯିବା ତଥା ଜାତୀୟ ଉତ୍ସବର ସଫଳ ଆୟୋଜନ ନିମନ୍ତେ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚଳିତବର୍ଷ ବାରବାଟୀ ଷ୍ଟାଡିୟମରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବା ନିମନ୍ତେ ସ୍ଥିର କରାଯାଇଥିଲା। ଚଳିତଥର ପ୍ରଥମଥର ପାଇଁ ପରେଡରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ ଓ ଅଗ୍ନିଶମ ବିଭାଗକୁ ସାମିଲ କରିବାକୁ ଜିଲାପାଳ ପ୍ରସ୍ତାବ ଦେଇଥିଲେ। ପରେଡରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ଉତ୍ତମ ପ୍ରଦର୍ଶନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେହିପରି ଚଳିତବର୍ଷ ମଧ୍ୟ ସାଧାରଣତନ୍ତ୍ର ଦିବସ ଅବସରରେ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ। କଟକର ଗର୍ବ ଓ ଗୌରବ ବାଲିଯାତ୍ରାକୁ ନେଇ ଚଳିତଥର ଏକ ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବାକୁ ସ୍ଥିର କରାଯାଇଥିଲା। ଏଥିସହ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ। ପ୍ରଥମଥର ପାଇଁ ପୁସ୍ତକ ପ୍ରଦର୍ଶନୀ କରାଯିବ ଏବଂ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଏହି ପୁସ୍ତକ ପ୍ରଦର୍ଶନୀରେ ପ୍ରତି ରକ୍ତଦାତାଙ୍କୁ ଉପହାର ସ୍ୱରୂପ ଏକ ପୁସ୍ତକ ପ୍ରଦାନ କରାଯିବ। ପ୍ରତିବର୍ଷ ଭଳି ଏଥର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଜିଲା ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବ ଏବଂ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯିବ। ସମ୍ବର୍ଦ୍ଧନା ନିମନ୍ତେ ଆବେଦନ କରୁଥିବା ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ସମ୍ପୃକ୍ତ ବିଭାଗ ଅଧୀନରେ ୧୭ ତାରିଖ ସୁଦ୍ଧା ଆବେଦନ କରିବେ। କଟକ ମହାନଗର ନିଗମ କମିଶନର କିରଣ ଦୀପ କୌର ସାହୋତା ଓ ଅତିରିକ୍ତ ଜିଲାପାଳ ଶିବ ଟପୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଧାରଣତନ୍ତ୍ର ଦିବସର ସମସ୍ତ କାର୍ଯ୍ୟ ସମ୍ପାଦିତ ହେବାକୁ ଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲାପାଳ ଡ. ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟମାନେ।

**ମା'ଙ୍କ ମୃତ୍ୟୁ ଖବର ଶୁଣି ତାଲିଗଲା ପୁଅଙ୍କ ଜୀବନ**

ଜୟପୁର,(ପବନ ପାଣିଗ୍ରାହୀ): କୋରାପୁଟ ଜିଲା ଜୟପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ମା'ଙ୍କ ମୃତ୍ୟୁର କିଛି ସମୟ ପରେ ଚିନ୍ତିତ ଥିବା ପୁଅଙ୍କ ହୃଦ୍‌ଘାତରେ ମଙ୍ଗଳବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଜୟପୁର ପରିଛାସାହିର ଏସ୍.ସାବିତ୍ରୀ(୮୦)ଓ ତାଙ୍କ ପୁଅ ଏସ୍.ରବି କୁମାର।

# ରାଜ୍ୟବାସୀଙ୍କ ଶୁଭେଚ୍ଛା ସେବା ପାଇଁ ଉତ୍ସାହ ବଢ଼ାଇବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୧ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ବାର୍ତ୍ତା ଆସିଛି। ମୁଖ୍ୟମନ୍ତ୍ରୀ ସମସ୍ତ ଶୁଭେଚ୍ଛା ବାର୍ତ୍ତାକୁ ସାଦରେ ଗ୍ରହଣ କରି ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟବାସୀଙ୍କ ଏହି ଶୁଭେଚ୍ଛା ଓ ଆଶୀର୍ବାଦ ମୋତେ ରାଜ୍ୟର ସେବା କରିବା ପାଇଁ ଆହୁରି ଉତ୍ସାହ ପ୍ରଦାନ କରିବ। ଲୋକଙ୍କ ମୁଖ୍ୟ ସେବକ ଭାବେ ଓଡ଼ିଶାର ବିକାଶ ସହିତ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଉପରେ ସେ ସବୁ ସମୟରେ ଗୁରୁତ୍ୱ ଦେଇଆସିଛନ୍ତି। ଏହି ସ୍ନେହ, ଶ୍ରଦ୍ଧା ରାଜ୍ୟବାସୀଙ୍କ ସେବାପାଇଁ ତାଙ୍କର ମନୋବଳକୁ ଆହୁରି ଦୃଢ଼ କରିବ ବୋଲି ସେ କହିଛନ୍ତି। ୨୦୩୬ ସୁଦ୍ଧା ଆମର ଯେଉଁ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ରହିଛି, ତାହା ହାସଲ ପାଇଁ ଆପଣମାନଙ୍କ ସ୍ନେହ, ଶୁଭେଚ୍ଛା ଓ ଆଶୀର୍ବାଦ ଆମକୁ ଆହୁରି ଶକ୍ତି ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ତଦନ୍ତ ପରିସରଭୁକ୍ତ ହେବେ ଆର୍‌ଟିଆଇ କର୍ମୀ

ଭୁବନେଶ୍ୱର,୬।୧ (ରବିନାରାୟଣ ଜେନା)

## ପୋଲିସକୁ ସୂଚନା କମିଶନଙ୍କ ନିର୍ଦ୍ଦେଶ

ଲାଞ୍ଚ ନେବା ଅଭିଯୋଗରେ ଜଡ଼ିତ ଜଣେ ଅଭ୍ୟାସଗତ ଆର୍‌ଟିଆଇ ଆବେଦନକାରୀଙ୍କ ସମ୍ପର୍କରେ ତଦନ୍ତ କରିବାକୁ ପୋଲିସ କର୍ତ୍ତୃପକ୍ଷଙ୍କୁ ଓଡ଼ିଶା ସୂଚନା କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ କମିଶନ ପକ୍ଷରୁ ରେଜିଷ୍ଟ୍ରାର ଉପଯୁକ୍ତ ତଦନ୍ତ ପାଇଁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ପତ୍ର ଲେଖିଛନ୍ତି। ସୂଚନା କମିଶନଙ୍କୁ ମିଳିଥିବା ଅଭିଯୋଗ ଅନୁଯାୟୀ, ବଲାଙ୍ଗୀର ଜିଲାର ଟଙ୍କଧର ସାହୁ ନାମକ ଜଣେ ଆର୍‌ଟିଆଇ ଆବେଦନକାରୀ ତାଙ୍କ ଆର୍‌ଟିଆଇ ଅଭିଯୋଗ ପ୍ରତ୍ୟାହାର କରିବା ପାଇଁ ଜନ ସୂଚନା ଅଧିକାରୀ(ପିଆଇଓ)ଙ୍କଠାରୁ ବେଆଇନ ଅର୍ଥ ଦାବି କରୁଛନ୍ତି। ରେକର୍ଡ ଯାଞ୍ଚ ପରେ ଜଣାଯାଇଛି ଯେ, ଉକ୍ତ ଆବେଦନକାରୀ ବିଭିନ୍ନ ସରକାରୀ ବିଭାଗ ବିରୋଧରେ ଶହ ଶହ ଆର୍‌ଟିଆଇ ଆବେଦନ ଦାଖଲ କରିଛନ୍ତି। ଏଥିମଧ୍ୟରୁ ଅନେକ ଆବେଦନ କମିଶନଙ୍କ ନିକଟରେ ବିଚାରାଧୀନ ରହିଛି। ଆବେଦନକାରୀ ପ୍ରାୟତଃ ଭୁବନେଶ୍ୱରରେ ଡେରା ପକାଇ ଓଡ଼ିଶା ସୂଚନା କମିଶନଙ୍କ ସମ୍ମୁଖ ଶୁଣାଣିରେ ଯୋଗଦେଉଥିବା ପିଆଇଓ ଏବଂ ପ୍ରଥମ ଆପିଲେଟ୍ କର୍ତ୍ତୃପକ୍ଷଙ୍କଠାରୁ ଲାଞ୍ଚ ଦାବି କରୁଥିଲେ। ଅଭିଯୋଗ ହୋଇଥିଲା ଯେ, ସେ ଶୁଣାଣି ସମୟରେ ମାମଲାକୁ ସ୍ଥଗିତ ରଖିବା ଏବଂ ଅବୈଧ ଲାଭ ପାଇବା ପରେ ମାମଲାଗୁଡ଼ିକୁ ପ୍ରତ୍ୟାହାର କରିବାର ଏକ ପଦ୍ଧତି ଆପଣାଇଥିଲେ। ଏହି ମାମଲାକୁ କମିଶନର ପୂର୍ଣ୍ଣାଙ୍ଗ ଖଣ୍ଡପୀଠଙ୍କ ସମ୍ମୁଖରେ ରଖାଯାଇଥିଲା। ଏହାର ବିଚାର ପରେ ଭିଡିଓ କ୍ଲିପ୍ ଏବଂ ସମ୍ପର୍କିତ ସାମଗ୍ରୀ ସହ ମାମଲାକୁ ତଦନ୍ତ ପାଇଁ ପୋଲିସ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବାକୁ କମିଶନଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। କମିଶନ ମଧ୍ୟ ଉକ୍ତ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ମାମଲାକୁ ପୋଲିସ ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦିନରେ କମିଶନ ସୂଚନା ଅଧିକାର ଆଇନର ଅପବ୍ୟବହାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ସୂଚନା କମିଶନଙ୍କ ଏହି ନିର୍ଦ୍ଦେଶକୁ ନେଇ ସୂଚନା ଅଧିକାର କର୍ମୀଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି।

# ସିବିଏସ୍‌ଇର ମାଗଣା ମାନସିକ-ସାମାଜିକ ସେବା

ଭୁବନେଶ୍ୱର,୬।୧ (ସୁଚିସ୍ମିତା ସାହୁ)

## ଛାତ୍ରୀଛାତ୍ରଙ୍କୁ ମିଳିବ ୨୪ ଘଣ୍ଟିଆ ହେଲ୍‌ପଲାଇନ ସୁବିଧା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ମାନସିକ-ସାମାଜିକ ପରାମର୍ଶ ସେବାର ପ୍ରଥମ ପର୍ଯ୍ୟାୟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ପରାମର୍ଶ ସେବା କାର୍ଯ୍ୟକ୍ରମ ଆସନ୍ତା ଜୁନ ୧ ପର୍ଯ୍ୟନ୍ତ ଚାଲିବ। ଥିଓରି ପରୀକ୍ଷାରେ ଚିନ୍ତାମୁକ୍ତ ରହିବା ପାଇଁ ଫେବୃଆରୀ ୧୭ରୁ କାଉନସେଲିଂ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଛାତ୍ରୀଛାତ୍ରମାନେ ପରୀକ୍ଷା ସମ୍ବନ୍ଧୀୟ ଚାପ ଓ ମାନସିକ ଚାପକୁ ଯେପରି ଠିକ ଭାବେ ମୁକାବିଲା କରପାରିବେ, ସେଥିପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଛାତ୍ରୀଛାତ୍ରମାନେ ଆତ୍ମବିଶ୍ୱାସ, ମାନସିକ ସନ୍ତୁଳନ ଓ ସ୍ୱଷ୍ଟ ଚିନ୍ତାଧାରା ସହ ପରୀକ୍ଷା ଦେବା ବୋର୍ଡର ମୁଖ୍ୟ ଉଦ୍ଦେଶ୍ୟ। ଏହି ପରାମର୍ଶ ସେବା ଅଧୀନରେ ସିବିଏସ୍‌ଇ ୨୪x୭ ଟୋଲ-ଫ୍ରି ଇଣ୍ଟରଆକ୍ଟିଭ ଭଏସ୍ ରେସପନ୍ସ ସିଷ୍ଟମ (ଆଇଭିଆର୍‌ଏସ୍) ହେଲ୍ପଲାଇନ ଆରମ୍ଭ କରିଛି। ଛାତ୍ରୀଛାତ୍ରମାନେ ୧୮୦୦-୧୧-୮୦୦୪ ନମ୍ବରକୁ ଫୋନ କରି ହିନ୍ଦୀ ଓ ଇଂଲିଶ ଭାଷାରେ ଦିନରାତି ସହାୟତା ପାଇପାରିବେ। ଏହି ଆଇଭିଆର୍‌ଏସ୍ ମାଧ୍ୟମରେ ଚାପମୁକ୍ତ ହୋଇ ପାଠପଢ଼ିବା, ସମୟ ଓ ଷ୍ଟ୍ରେସ୍ ପରିଚାଳନା, ସାଧାରଣ ପ୍ରଶ୍ନର ଉତ୍ତର ଏବଂ ସିବିଏସ୍‌ଇ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିବ। ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ପୂର୍ବାହ୍ନ ୯ଟା ୩୦ରୁ ସନ୍ଧ୍ୟା ୫ଟା ୩୦ ମିନିଟ ମଧ୍ୟରେ ଟେଲି-କାଉନସେଲିଂ ସେବା ଉପଲବ୍ଧ ରହିବ। ଏଥିରେ ୭୩ ଜଣ ପ୍ରଶିକ୍ଷିତ ବୃତ୍ତିଗତ ବ୍ୟକ୍ତି, ସିବିଏସ୍‌ଇ ସଂଯୁକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, କାଉନସେଲର, ସ୍ପେଶାଲ ଏଜୁକେଟର ଓ ଯୋଗ୍ୟ ମନୋବିଜ୍ଞାନୀ ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରୁ ୬୧ ଜଣ ଭାରତରେ ଓ ୧୨ ଜଣ ନେପାଳ, ଜାପାନ, କତାର, ଓମାନ ଏବଂ ସଂଯୁକ୍ତ ଆରବ ଏମିରେଟସ୍‌ରେ ସେବା ପ୍ରଦାନ କରୁଛନ୍ତି। ସିବିଏସ୍‌ଇ ପକ୍ଷରୁ ଅନଲାଇନ ପାଠ୍ୟପୁସ୍ତକ www.cbse.gov.in ରେ ଉପଲବ୍ଧ ରହିବ, ଯାହା ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ସହଯୋଗ କରିବ।

# ୨୫ରୁ ଊର୍ଦ୍ଧ୍ୱ ପିଲା ଜଣ୍ଡିସ୍ ଆକ୍ରାନ୍ତ



ଡା. ଆଲଫା ମିଶ୍ରଙ୍କ ସହିତ ଫାର୍ମାସିଷ୍ଟ ଜଣେ ପିଲାର ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ମୋରଡ଼ା,୬।୧ (ସ୍ୱାରକ ମାଜୀ)

## ଗାଁରେ ପହଞ୍ଚିଲା ଡାକ୍ତରୀ ଟିମ୍

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ଜଣ୍ଡିସ୍ ଆତଙ୍କ ଦେଖାଦେଇଛି। ଏହି ବ୍ଲକ ଅଧୀନ ପଳାସମୁଣ୍ଡୁଳି ପଞ୍ଚାୟତର ଖୁରୁଣ୍ଟିଆ ଗ୍ରାମରେ ୨୫ରୁ ଊର୍ଦ୍ଧ୍ୱ ପିଲା ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ୭ଜଣ ଛାତ୍ରୀଛାତ୍ର ଆକ୍ରାନ୍ତ ହୋଇଥିବା ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପାଲ କହିଛନ୍ତି। ପାଇପ୍ ପାଣି ବ୍ୟବହାର ହିଁ ଏହି ରୋଗର କାରଣ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଡିଓ ଅଣାକର ନାଏକଙ୍କ ନିର୍ଦ୍ଦେଶ କ୍ରମେ ବିଇଓ ବିଜୟ କୁମାର ପାଣିଗ୍ରାହୀ, ବ୍ଲକ୍ ମଙ୍ଗଳ ଅଧିକାରିଣୀ ପାର୍ବତୀ ହାଁସଦା ସୋମବାର ପୂର୍ବାହ୍ନ ୧୧ଟାରେ ଖୁରୁଣ୍ଟିଆ ବିଦ୍ୟାଳୟକୁ ଯାଇ ସ୍ଥିତି ପରଖିଥିଲେ। ଏବାବଦରେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ହାମ୍ବିରା ମୁର୍ମୁଙ୍କୁ ପଚାରିବାରୁ ଚିକିତ୍ସା ପରେ କେତେଜଣ ପିଲା ସୁସ୍ଥ ହୋଇଛନ୍ତି ଏବଂ ବର୍ତ୍ତମାନ ଆକ୍ରାନ୍ତଥିବା ପିଲାମାନେ ଘରେ ଔଷଧ ଖାଇ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ଡା. ଆଲଫା ମିଶ୍ରଙ୍କ ସହିତ ଫାର୍ମାସିଷ୍ଟ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ଲୋକଙ୍କୁ ସତର୍କ କରାଇଥିବା ସେ କହିଛନ୍ତି। ସେହିପରି ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ସସ୍ମିତା ପତି ମଧ୍ୟ ମଙ୍ଗଳବାର ଏକ ଟିମ୍ ପଠାଇ ଟାଙ୍କିରେ ବ୍ଲିଚିଙ୍ଗ ପାଉଡ଼ର ପକାଇବା ସହିତ ପାଇପ୍ ମରାମତି କାର୍ଯ୍ୟ ଚାଲିଥିବା ସୂଚନା ଦେଇଛନ୍ତି।

# ଧାନର ଅଭାବୀ ବିକ୍ରି ପଛରେ ସରକାରୀ ଚକ୍ରାନ୍ତ: କଂଗ୍ରେସ

ଭୁବନେଶ୍ୱର,୬।୧ (ରବିନାରାୟଣ ଜେନା)

ସାରା ରାଜ୍ୟରେ ଧାନର ଅଭାବୀ ବିକ୍ରି ପଛରେ ସରକାରୀ ଚକ୍ରାନ୍ତ ରହିଛି ବୋଲି କଂଗ୍ରେସ କହିଛି। ମଙ୍ଗଳବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଚାଷୀଙ୍କ ସମସ୍ତ ଧାନ କିଣିବେ ବୋଲି ସରକାର ବାରମ୍ବାର ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ଏପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ଏବଂ ଉପକୂଳର ୧୮ ଜିଲାରେ ଧାନମଣ୍ଡି ଖୋଲିନାହିଁ। ରାଜ୍ୟ ସରକାରଙ୍କ ସମବାୟ ମନ୍ତ୍ରୀ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ ଯେଉଁ ଧାନବିକ୍ରି ନେଇ ବୟାନବାଜି କରୁଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢ଼ା କାହାଣୀ। ପଶ୍ଚିମ ଓଡ଼ିଶାରେ ମଣ୍ଡି ଖୋଲିବାର ୩୫ ଦିନ ପରେ ମଧ୍ୟ ୪୦ ପ୍ରତିଶତ ଧାନ ମଣ୍ଡିରୁ ଉଠିନାହିଁ। ଏସବୁ ପଛରେ ସରକାରଙ୍କ ଷଡ଼ଯନ୍ତ୍ର ରହିଛି ବୋଲି ସାଲୁଜା କହିଛନ୍ତି।

# ବଡ଼ମୁଣ୍ଡଙ୍କୁ ଖସାଇଦେବାକୁ ପ୍ରଥମରୁ ଉଦ୍ୟମ କରୁଛି ସିବିଆଇ: ବିଜେଡି

ଭୁବନେଶ୍ୱର, ୬।୧ (ସୁନିତ୍ ମିଶ୍ର)

ପୋଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ ସିବିଆଇ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଛି। ହେଲେ ଏବେ ବଡ଼ମୁଣ୍ଡଙ୍କୁ ଖସାଇଦେବାକୁ ଉଦ୍ୟମ ହେଉଥିବା ବିଜେଡି ଅଭିଯୋଗ କରିଛି। ସିବିଆଇ ଏହାର ପ୍ରାଥମିକ ଆରୋପ ପତ୍ରରେ ଯେତିକି ପଦାକୁ ଆଣିଛି ତା'ଠାରୁ ଅଧିକ ଲୁଚାଇବାକୁ ଉଦ୍ୟମ କରିଛି ବୋଲି ବିଜେଡି କହିଛି। ମଙ୍ଗଳବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ସିବିଆଇର ଆରୋପ ପତ୍ରରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଓପିଆର୍‌ବି ଏହି ପୋଲିସ ଏସ୍‌ଆଇ ନିଯୁକ୍ତି ଦାୟିତ୍ୱରେ ଥିଲାବେଳେ ଏହାଦ୍ୱାରା ଭାରତ ସରକାରଙ୍କ ସଂସ୍ଥା ଆଇଟିଆଇକୁ ୨୦୨୪ ଡିସେମ୍ବର ୩୧ରେ ଦିଆଯାଇଥିଲା। ଏହାପରେ ଆଇଟିଆଇ ଏହି କାମକୁ ରିଚ୍ ମାଇଣ୍ଡକୁ ପ୍ରଦାନ କରିଥିଲା ; ଯାହାକୁ ମେ ମାସ ୨୦୨୫ରେ ବାତିଲ କରାଯାଇଥିଲା। ଏହାର ପ୍ରାୟ ୪୦ ଦିନ ପରେ ଅର୍ଥାତ୍ ଜୁଲାଇ ୯ରେ ସିଲିକନ ଟେକ୍ନୋଲାବ୍‌କୁ ଏହି କାମ ଦିଆଯାଇଥିଲା। ଏହାପରେ ସିଲିକନ ଏହି କାମ ପଞ୍ଚସଫ୍ଟ ଟେକ୍ନୋଲୋଜିକୁ ଓପିଆର୍‌ବି ଓ ଆଇଟିଆଇର ବିନା ଅନୁମୋଦନରେ ଦିଆଯାଇଥିଲା ବୋଲି କୁହାଯାଇଛି।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡ଼ା ଗଞ୍ଜାମ**

ମୁଖ୍ୟ ରାସ୍ତା, ସୋରଡା, ପିନ୍ ନଂ.:୭୬୧୧୦୮, ଇମେଲ୍: suradanac2023@gmail.com, ଫୋନ ନଂ.୮୨୮୦୩୩୫୮୯୦

ସଂଖ୍ୟା ୩୧/ବି.ଅ.ପ, ତାରିଖ ୦୫.୦୧.୨୦୨୬

**ବିଜ୍ଞାପନ**

No.C-1995: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସୋରଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଅବସ୍ଥିତ ୧୮ (ଅଠର) ଗୋଟି ଆବଣ୍ଟିତ ହୋଇନଥିବା ଗୃହକୁ ମ୍ୟୁନିସିପାଲ ଆଇନର ଧାରା ୩୩୭ ଓ ପରିଷଦ ନିର୍ଦ୍ଧାରଣ ନଂ-୧୬(୯), ତା.୨୬.୧୧.୨୦୨୫ ରିଖ ଅନୁସାରେ ଭଡ଼ା ସୂତ୍ରରେ ଜଉମୁଦ ଟେଣ୍ଡର ମାଧ୍ୟମରେ ଆବଣ୍ଟନ କରିବା ନିମନ୍ତେ ପରିଷଦରେ ବସବାସ କରୁଥିବା ବ୍ୟକ୍ତିବିଶେଷଠାରୁ ଆସନ୍ତା ତା.୦୬.୦୧.୨୦୨୬ ରିଖ ପୂର୍ବାହ୍ନ ଘ.୧୦.୦୦ମି. ଠାରୁ ତା.୨୦.୦୧.୨୦୨୬ ରିଖ ଅପରାହ୍ନ ଘ.୫.୩୦ ମି. ମଧ୍ୟରେ ଯେକୌଣସି ୦୧ (ଏକ) ଗୋଟି ଦୋକାନ ଗୃହ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ପ୍ରକ୍ରିୟାର ନିୟମାବଳୀ ନିମନ୍ତେ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ କିମ୍ବା ପରିଷଦ ସହ ଯୋଗାଯୋଗ କରି ଏହାର ସର୍ତ୍ତାବଳୀ ଉପରେ ଜାଣିପାରିବେ ।

**ଦୋକାନ ଗୃହ ଆବଣ୍ଟନ ମୂଲ୍ୟାୟନ**

| କ୍ର. ନଂ. | ଦୋକାନ ଗୃହର ଅବସ୍ଥିତି | ସମୁଦାୟ ଦୋକାନ ଗୃହ ସଂଖ୍ୟା | ପ୍ରତ୍ୟେକ ଦୋକାନ ଗୃହର ଧାର୍ଯ୍ୟ ଦର ଟଙ୍କାରେ | ଅମାନତ ରାଶି ଟଙ୍କାରେ |
|---|---|---|---|---|
| ୧ | ବିଜୁ ପଟ୍ଟନାୟକ ବଜାର ପ୍ରାଙ୍ଗଣ ଦୋକାନ ଗୃହ (ତଳ ମହଲା) | ୦୪ ଗୋଟି | ଟ.୧,୫୦,୦୦୦/- | ଟ.25,000/- |
| ୨ | ବିଜୁ ପଟ୍ଟନାୟକ ବଜାର ପ୍ରାଙ୍ଗଣ ଦୋକାନ ଗୃହ (ଉପର ମହଲା) | ୦୫ ଗୋଟି | ଟ.୧,୦୦,୦୦୦/- | ଟ.25,000/- |
| ୩ | ଶଶୀ ଭୂଷଣ ଛକ ନିକଟସ୍ଥ ଦୋକାନ ଗୃହ | ୦୨ ଗୋଟି | ଟ.୧,୦୦,୦୦୦/- | ଟ.25,000/- |
| ୪ | ବିନଦାସ୍ ଛକ ନିକଟସ୍ଥ ଦୋକାନ ଗୃହ | ୦୫ ଗୋଟି | ଟ.୧,୦୦,୦୦୦/- | ଟ.25,000/- |
| ୫ | ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ସମ୍ମୁଖ ଦୋକାନ ଗୃହ | ୦୨ ଗୋଟି | ଟ.୧,୦୦,୦୦୦/- | ଟ.25,000/- |
| | ସମୁଦାୟ= | ୧୮ ଗୋଟି | | |

ବି.ଦ୍ର.: କୌଣସି ବ୍ୟକ୍ତି ବିଶେଷ ଆବଣ୍ଟନ ଦୋକାନ ଗୃହକୁ ଅନ୍ୟ କାହାକୁ ହସ୍ତାନ୍ତର କରିପାରିବେ ନାହିଁ କିମ୍ବା ଭଡ଼ାସୂତ୍ରରେ ଦେଇପାରିବେ ନାହିଁ । ଏହି ଦୋକାନ ଗୃହରେ କୌଣସି ପ୍ରକାର ମାଛ, ମାଂସ, ମାଦକ ଦ୍ରବ୍ୟ, ବିସ୍ଫୋରକ ଦ୍ରବ୍ୟ ଏବଂ ରାସାୟନିକ ଦ୍ରବ୍ୟ ଇତ୍ୟାଦି ବିକ୍ରି କରିପାରିବେ ନାହିଁ ।

OIPR-13132/11/0029/2526 ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡ଼ା, ଗଞ୍ଜାମ


# ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଦିଗପହଣ୍ଡି,୬।୧ (ଅଶେଷ ନାଥ ମିଶ୍ର)

ତାମିଲନାଡୁରେ ଦାଦନ ଶ୍ରମିକ ରୂପେ କାର୍ଯ୍ୟ କରୁଥିବା ଗଞ୍ଜାମ ଜିଲା ଦିଗପହଣ୍ଡି ଏନ୍‌ଏସି ୯ ନମ୍ବର ୱାର୍ଡ ଦଳିତ ସାହିର ବିଜୟ ନାଇକ(୩୬)ଙ୍କ ଏକ ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ଗତ ୧ ତାରିଖ ନୂଆବର୍ଷ ଲାଗି ବିଜୟ ମେସ୍ ପାଇଁ ବଜାରରୁ ସଉଦା ଆଣିବାକୁ ବାଇକ୍‌ରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ବିଜୟଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ବିଜୟଙ୍କୁ ସେଠାକାର ତ୍ରିଚି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୋମବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବିଜୟ ତାମିଲନାଡୁର ତ୍ରିଚି ସହର ନିକଟସ୍ଥ ଏକ ଗ୍ରାନାଇଟ କମ୍ପାନୀରେ କାମ କରୁଥିଲେ। ଘରେ ତାଙ୍କ ସ୍ତ୍ରୀ ଅନିତା, ୧୦ ବର୍ଷର ଝିଅ, ୪ ବର୍ଷର ପୁଅ ଏବଂ ବିଧବା ମା' ବିନି ଅଛନ୍ତି। କିଛିବର୍ଷ ତଳେ ବିଜୟଙ୍କ ବାପା ବରଡ଼ା ନାଇକଙ୍କ ମୃତ୍ୟୁ ଘଟିଥିଲା।

# କାର୍ତ୍ତିକଙ୍କ ଜୀବନରେ 'ମିଷ୍ଟ୍ରି ଗର୍ଲ'ଙ୍କ ଏଣ୍ଟ୍ରି

ମୁମ୍ବାଇ: ବଲିଉଡର ଚକ୍‌ଲେଟ ବୟ କାର୍ତ୍ତିକ ଆର୍ଯ୍ୟନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ଅଭିନେତ୍ରୀ ଶ୍ରୀଲୀଲାଙ୍କ ସହ ନାମ ଯୋଡ଼ାଯିବା ପରେ ଏବେ ଜଣେ ବିଦେଶୀ 'ମିଷ୍ଟ୍ରି ଗର୍ଲ'ଙ୍କ ସହ କାର୍ତ୍ତିକଙ୍କ ଲିଙ୍କଅପ ଖବର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କାର୍ତ୍ତିକ ଆର୍ଯ୍ୟନ ବର୍ତ୍ତମାନ ଗୋଆରେ ଛୁଟି କଟାଉଛନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ସମୁଦ୍ରକୂଳର କିଛି ଫଟୋ ଶେୟାର କରିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, କରିନା ନାମ୍ନୀ ଜଣେ ଯୁବତୀ ମଧ୍ୟ ଠିକ୍ ସେହି ସମାନ ଲୋକେଶନର ଫଟୋ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। କରିନା ଗ୍ରୀସ୍ ବାସିନ୍ଦା ଏବଂ ବର୍ତ୍ତମାନ ୟୁକେରେ ପାଠ ପଢୁଛନ୍ତି। ରିପୋର୍ଟ ଅନୁଯାୟୀ, କରିନାଙ୍କୁ ମାତ୍ର ୧୮ ବର୍ଷ ହୋଇଥିବା ବେଳେ କାର୍ତ୍ତିକଙ୍କ ବୟସ ୩୫ ବର୍ଷ। ଏହି ବୟସ ବ୍ୟବଧାନକୁ ନେଇ ମଧ୍ୟ ପ୍ରଶଂସକଙ୍କ ମଧ୍ୟରେ ବେଶ ଚର୍ଚ୍ଚା ହେଉଛି। ପ୍ରଥମେ କାର୍ତ୍ତିକ କରିନାଙ୍କୁ ଇନ୍‌ଷ୍ଟାଗ୍ରାମରେ ଫଲୋ କରୁଥିଲେ, ମାତ୍ର ସମ୍ପର୍କକୁ ନେଇ ଗୁଜବ ଉଠିବା ପରେ ସେ ତାଙ୍କୁ 'ଅନଫଲୋ' କରିଦେଇଛନ୍ତି।




**ODISHA STATE CIVIL SUPPLIES CORPORATION LTD., NUAPADA**

Letter No.42/ Date 05.01.2026

**Re-Tender Call Notice**

No.CAD-2961: As per Corp. Head Office letter No.14955 dt.30.10.2025 & decision of Tender Committee re-tender for engagement of hired vehicle for office use (Category-I), sealed quotations are invited from Travel Agency/ Individual for hiring of 1 (One) Commercial Registration vehicle for office use in the office of the CSO-cum-District Manager, OSCSC Ltd., Nuapada on monthly rental basis.

The detailed Notice/Annexure inviting sealed tender will be available in the District website i.e. https://nuapada.odisha.gov.in. The intending Travel Agency/ Individual is requested to download the detailed notice from the above website.

i. Available of Tender Paper : 05.01.2026
ii. Receipt of Tender Paper : 12.1.2026 upto 5.30 PM
iii. Opening of Tender Paper : 13.1.2026 at 11.30 AM

Sd./- CSO-cum-District Manager
OSCSC Ltd., Nuapada

OIPR-07058/11/0012/2526



ଓଡ଼ିଶା ସରକାର
ଗ୍ରାମ୍ୟ ନିର୍ମାଣ ବିଭାଜନ-୨, କେନ୍ଦ୍ରାପଡ଼ା

No.O-1945

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION-II, KENDRAPARA**

Pin-754212, Ph:06727-230427, eerw_kendraparat@yahoo.co.in

1st Corrigendum to Bid Identification No.
'E' PROCUREMENT NOTICE NO.RWD-II/KPD-14/25-26

1. The tender call Notice No. NOTICE NO.RWD-II/KPD-14/2025-26 is hereby **cancelled** due to non-avoidable circumstance.
2. All other term and condition in respect of the work invited vide above tender call notice remain unaltered.
3. Authority reserves the right to reject any or all the tenders without assigning any reasons thereof.

Sd./- Superintending Engineer
Rural Works Division-II, Kendrapara

OIPR-25098/11/0034/2526



**OFFICE OF THE ADDITIONAL CHIEF ENGINEER**

V.N. Basin, Paralakhemundi, Dist.: Gajapati, PIN - 761200
e-mail: se_sicpkd@yahoo.com

**Cancel Notice of e-Procurement Notice No. ACE, VNB-02/2025-26**

No. A-1242: The tender invited vide e-procurement Notice No. ACE, VNB-02/2025-26 is hereby cancelled due to unavoidable reason.

Sd./- Additional Chief Engineer
Vansadhara Nagabali Basin
Paralakhemundi

OIPR-32417/11/0019/2526



**GOVT. OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI**

AT/PO:PARALAKHEMUNDI, DIST:GAJAPATI
PHONE NO:06815-222365, e-mail:eemi_gajapati@yahoo.co.in
eemigajapatiparalakhemundi@gmail.com

**e-Procurement Notice No.66 Date. 06.01.2026**
**BID IDENTIFICATION NO. MIDGJP-07/2025-26**

No.A-1249:The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Single** Cover System in **ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N.)** from the eligible class of contractors.

1. Name of the work:**Construction of Check Dam under MATY-3.0 Scheme/ 2025-26.**
2. No of works:**02 Nos. (Two)**
3. Estimated cost: Varies from **Rs.38.60 to 39.50 Lakhs.**
4. Period of completion: **3 (Three) Calendar months.**
5. Date and time of availability of bid documents in the portal: From **10.30 Hours of 09.01.2026 to 15.00 Hours of 19.01.2026.**
6. Last date/ time for receipt of bids in the portal: **15.00 Hours of 19.01.2026.**
7. Date of opening of Technical Bid:**17.00 Hours on 19.01.2026.**
8. Name and address of the Officer inviting Bid:Superintending Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati. PIN-761200. Further details can be seen from the e-procurement portal**https://tendersodisha.gov.in**

Sd/- Er.Simachala Satapathy
Superintending Engineer, MI Division,
Gajapati, Paralakhemundi

OIPR-32555/11/0003/2526



**OFFICE OF THE CHIEF ENGINEER, MEGA LIFT, BHUBANESWAR**

Plot No. A-8/2, Bhoinagar, Bhubaneswar, Odisha, PIN - 751022
E-Mail: cemlpwr.od@gmail.com

**Government of Odisha "e" Procurement Notice**
Bid Identification No. 07ML/2025-26

No. A-1220: The Chief Engineer, Mega lift on behalf of the Governor of Odisha invites online tender through "E" Procurement for the work as detailed in the Annexure to this bid notice.

**ANNEXURE TO BID NOTICE**

| | |
|---|---|
| Name of the Work | Appointment of Third-Party Inspection Aency (TPIA) for implementation of Mega Lift Projects in Cluster No. XXVI |
| Cost of Tender Paper | Rs.10,000/- |
| EMD/Bid Security | Rs.1,35,000/- |
| Mode of Payment of Tender Paper Cost & EMD | Online |
| Period of Completion | 36 (Thirty Six) Calendar Months |
| Availability of Bid document for sale and receipt through Online | From Dt.08.01.2026, 10.00 A.M. to Dt.28.01.2026 upto 5.00 P.M. |
| Last date/time of receipt of bid in the portal | 28.01.2026 (5.00 P.M.) |
| Date of Pre-bid Conference | 17.01.2026, 11.00 A.M. |
| Date of opening of Techno-Commercial Bid through Online | On Dt.02.02.2026 at 11.00 A.M. in the Office of the Chief Engineer, Mega Lift |
| Class of Contractor | The bidder should be registered under the Companies Act. 1956 |
| Digital Signature Certificate of Bidder | The bidder must possess compatible Digital Signature Certificate (DSC). |
| The detail tender call notice can also be seen in the DOWR Website **https:/dowr.odisha.gov.in** | |
| Name & Address of the OIT | Chief Engineer, Mega Lift<br>Plot No. A-8/2, Bhoi Nagar,<br>Bhubaneswar - 751022, Ph. No.: 0674-2567252<br>Email ID: **cemlpwr.od@gmail.com** |
| Further details can be seen from the e-Procurement market place. **https://tendersodisha.gov.in.** | |

OIPR-32504/11/0055/2526 Sd./- Chief Engineer, Mega Lift, Bhubaneswar



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର

**OFFICE OF THE SUPERINTENDING ENGINEER, M.I. DIVISION, ANANDAPUR**

At/P.O.: Salapada, Dist.: Keonjhar, PIN Code - 758020
E-mail ID: mianandapur@yahoo.co.in, eemidanandapur@gmail.com

No. 3457 **e-Procurement Notice** Date: 30.12.2025

Bid Identification No. 16/MIDA/2025-26
e-mail ID: mianandapur@yahoo.co.in

No. A-1229: The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the Work | : | Construction of New Check Dam under MATY Scheme and Repair in ERM Scheme |
| No. of works | : | 07 (Seven) Nos. only |
| Estimated Cost | : | Varies from 12.57 lakhs to 74.79 lakhs (Approximately) |
| Cost of Tender Paper | : | 6000/- & 10000/- (Non-refundable) |
| Period of Completion | : | 4 (Four) and 6 (Six) Calendar Months |
| Availability of bid documents for sale and receipt through Online | : | From Dt.07.01.2026, 10.00 A.M. to Dt.16.01.2026 upto 5.00 P.M. |
| Last date / time of receipt of bids in the portal | : | 16.01.2026 (5.00 P.M.) |
| Date of Technical bid opening through online | : | On Dt.17.01.2026 at 10.00 A.M. in the Office of the S.E., M.I. Division, Anandapur |
| Mode of payment of Bid Cost | : | Online |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website: **http:/dowrorissa.gov.in** | | |
| Name & Address of the OIT | : | Superintending Engineer, Minor Irrigation Division, Anandapur, At/P.O./ District: Keonjhar<br>Email ID: **mianandapur@yahoo.co.in** |
| Further details can be seen from the e-Procurement market place **http://tendersorissa.gov.in** | | |

Sd./- Superintending Engineer
M.I. Division, Anandapur

OIPR-32108/11/0044/2526



**OFFICE OF THE PANCHAYAT SAMITI, KALYANSINGHPUR**

Gmail: ori-kalyansinghpur@nic.in

No.11/2025 (Dev) Dated 02.01.2026

**CORRIGENDUM-II**

No.i-455: In partial modification of tender notification No.3605 dtd. 29.12.2025 and subsequently Corrigendum No.3623 dtd.31.12.2025 of the B.D.O., Kalyansinghpur towards construction of "Gram Panchayat Level Federation (GPLF) Building" work (Civil) in Kalyansinghpur Block & due to unavoidable circumstances, the date & time of available in website and receipt online will be 11.00 hrs of 05.01.2026 to 17.00 Hrs of 16.01.2026 instead of 04.01.2026 to 17.00 Hrs. of 16.01.2026.

Sd./- Smt. Manisha Das, OAS-I (SB)
Block Development Officer,
Kalyansinghpur

OIPR-19432/11/0007/2526



**ZILLA SWASTHYA SAMITI, KENDRAPARA**

Chief District Medical & Public Health Officer, Kendrapara

**Tender Call Notice**

Advt.No.121 Date:05.01.26

No.E-658:Sealed tenders are invited from the registered Agencies/ Firms (A) for strengthening the sample transportation system in the district (B) for AMC of pest control activities including anti termite treatment in all public health facilties in the district. Interested bidders having requisite documents may apply to The CDM & PHO, Kendrapara, At/Po/Dist-Kendrapara, Pin-754221 on or before **27.01.26 by 4.00 PM** through speed post/Regd. Post/ Courier only. For details regarding eligibility criteria, specifications, terms & conditions may be downloaded from the website https://kendrapara.odisha.gov.in. Tender will be opened on **28.01.26 at 11.00 A.M.** The undersigned reserves the right to reject any or all the tenders without assigning any reason thereof.

Sd./- Chief District Medical & PHO
cum District Mission Director,
Kendrapara

OIPR-10018/11/0029/2526



**OFFICE OF THE EXECUTIVE OFFICER**
**THE MUNICIPAL COUNCIL, DHENKANAL**

DHENKANAL (ODISHA), PIN - 759001
E-mail: dhenkanalm.hud@gmail.com

No. 42 Date: 03.01.2026

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟ ଅତିଥି।

ଭୁବନେଶ୍ୱର,୬।୧ (ଅନୁରାଧା ମହାରଣା)

**ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ**

ଭୁବନେଶ୍ୱରର ଅନ୍ଧାରୁଆସ୍ଥିତ ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଅଧୀନ ଓକାକ୍ ତରଫରୁ ସରକାରୀ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା, ଆଇଓଟି, ରୋବୋଟିକ୍ସ ତଥା ସାଇବର ସିକ୍ୟୁରିଟି ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୃତ୍ରିମ ବୁଦ୍ଧିମତ୍ତାକୁ ପାଠ ପଢ଼ିବା ତଥା ଭବିଷ୍ୟତ ଗଠନରେ ବ୍ୟବହାର କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ଡ. ମହାଲିଙ୍ଗ ପରାମର୍ଶ ଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ବିଦ୍ୟାର୍ଥୀଙ୍କୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳକୁ ବ୍ୟବହାର କରି ଏକ ନୂତନ ଜୀବନ ଗଠନ ପାଇଁ ପରାମର୍ଶ ଦେଇଥିଲେ। ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଦୀପ କୁମାର ରାଉତ ଓକାକ୍ ନୂତନ ବୈଷୟିକ କୌଶଳକୁ ବ୍ୟବହାର କରି ନିଯୁକ୍ତି ଖୋଜିବା ବଦଳରେ ନିଜକୁ ନିଯୁକ୍ତିଦାତା ଭାବେ ପ୍ରତିପାଦିତ କରିବା ପାଇଁ କହିଥିଲେ। ଏହି ଶିବିର ପ୍ରଥମ ପର୍ଯ୍ୟାୟରେ ୧୦୦ଟି ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ହେବ, ଯାହା ଫଳରେ ୧୨ ହଜାର ଛାତ୍ରୀଛାତ୍ର ଉପକୃତ ହେବେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପ୍ରଶିକ୍ଷଣ ଶିବିର ରାଜ୍ୟର ସମସ୍ତ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍) ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପୃଷ୍ଠପୋଷକତାରେ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ (ଓକେସିଏଲ୍) ଦ୍ୱାରା କାର୍ଯ୍ୟାନ୍ୱୟନ କରାଯିବ। ଅନ୍ଧାରୁଆସ୍ଥିତ ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ତନୁଜ କୁମାର ନାୟକ ଉପସ୍ଥିତ ଥିବାବେଳେ ଓକେସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଲ ଅତିଥିମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦର୍ଶନ କରାଇଥିଲେ। ସ୍ମିତା ରାଉତ ଧନ୍ୟବାଦ ଦେଇଥିଲେ।

# ଲାଞ୍ଚ ନେଇ ଫରେଷ୍ଟର ଗିରଫ

## ଅଫିସ୍ ରୁମ୍‌ରୁ ମିଳିଲା ନଗଦ ୧.୮୦ ଲକ୍ଷ ଟଙ୍କା

ଟିଟିଲାଗଡ଼,(ଶରତ ମିଶ୍ର)/ ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର/ ଭୁବନେଶ୍ୱର,୬।୧(ସତ୍ୟଜିତ ରାଉତ)

ବଲାଙ୍ଗୀର ଜିଲା ମୁରିବାହାଲ ରେଞ୍ଜ ଅନ୍ତର୍ଗତ ଗୁଲ୍‌ମି ସେକ୍ସନ ଫରେଷ୍ଟର ଅଶୋକ କୁମାର ନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଜଣେ ଚାଷୀଙ୍କଠାରୁ ନାୟକ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ତାଙ୍କୁ ମଙ୍ଗଳବାର ଗିରଫ କରିଛି। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଭିଜିଲାନ୍ସ ପକ୍ଷରୁ ନାୟକଙ୍କ ଦୁଇ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ବଲାଙ୍ଗୀର ଟାଉନସ୍ଥିତ ବାସଭବନ ଓ ଅଫିସ


ଫରେଷ୍ଟର ଅଶୋକ କୁମାର ନାୟକ

ଚାମ୍ବରରେ ଭିଜିଲାନ୍ସ ଅଧିକାରୀମାନେ ଅଧିକ ଯାଞ୍ଚ କରିଥିଲେ। ଏହି ସମୟରେ ନାୟକଙ୍କ ଅଫିସ ରୁମ୍‌ରୁ ନଗଦ ୧ ଲକ୍ଷ ୮୦ ହଜାର ୩୫୦ ଟଙ୍କା ଜବତ କରାଯାଇଛି। ଏହି ଟଙ୍କା ଲାଞ୍ଚ ଆକାରରେ ସେ ଗ୍ରହଣ କରିଥିବା ଭିଜିଲାନ୍ସ ଅଧିକାରୀମାନେ ଅନୁସନ୍ଧାନରୁ ଜାଣିବାକୁ ପାଇଛନ୍ତି।

ସୂଚନା ଅନୁଯାୟୀ, କୁଟୁରାକେନ୍ ଗାଁର ଅଭିଯୋଗକାରୀ ଚାଷୀ ଜଣକ ନିଜ ଜମିରେ ଥିବା ଏକ ଶାଗୁଆନ ଓ ଶାଳ ଗଛକୁ କାଟିଦେଇଥିଲେ। ପରେ ଚାଷୀଜଣକ କାଠ ପରିବହନ ପାଇଁ ଫରେଷ୍ଟର ନାୟକଙ୍କ ଠାରୁ ଅନୁମତି ଲୋଡ଼ିଥିଲେ। ଅନୁମତି ବିନା ଗଛ କାଟିବା ପାଇଁ ସରକାରୀ ନିୟମ ଅନୁଯାୟୀ ୨ହଜାର ଟଙ୍କା ଜରିମାନା ଦେବାକୁ ନାୟକ କହିଥିଲେ। ଚାଷୀଜଣକ ନିଜ ଜମିରୁ ଗଛ କାଟିବା ପାଇଁ ପୂର୍ବରୁ ଅନୁମତି ନେବାର ନିୟମ ବିଷୟରେ ଅଜ୍ଞ ଥିବାରୁ ଜରିମାନା ଦେବାକୁ ରାଜି ହୋଇଥିଲେ। ହେଲେ ନାୟକ କାଠ ପରିବହନ ଅନୁମତି ଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଲାଞ୍ଚ ନ ଦେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦେଇଥିଲେ। ଚାଷୀଜଣକ ଉପାୟଶୂନ୍ୟ ହୋଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନା ପକ୍ଷରୁ ଏକ ମାମଲା (ନଂ.୧/୨୦୨୬) ରୁଜୁ କରାଯିବା ସହ ନାୟକଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଅଭିଯୋଗକାରୀ ଚାଷୀଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ଓ ୨୦୦୦ ଟଙ୍କା ଜରିମାନା ସମେତ ମୋଟ ୧୨ହଜାର ଟଙ୍କା ନେବାବେଳେ ଭିଜିଲାନ୍ସ ଟିମ୍ ନାୟକଙ୍କୁ କାବୁ କରିଥିଲା। ସୂଚନାଯୋଗ୍ୟ, ନାୟକ ୨୦୦୦ ଅଗଷ୍ଟ ୨୦ରେ ଫରେଷ୍ଟ ଗାର୍ଡ ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ୨୦୧୯ ଅଗଷ୍ଟରେ ସେ ଫରେଷ୍ଟର ଭାବେ ପଦୋନ୍ନତି ପାଇଥିଲେ। ତେବେ ବଡ଼ କଥା ହେଉଛି, ନାୟକ ଚାକିରି କରିବା ଦିନଠୁ ଅର୍ଥାତ ଅଢ଼େଇ ଦଶନ୍ଧି ଧରି ବଲାଙ୍ଗୀର ଜିଲାର ବିଭିନ୍ନ ସେକ୍ସନରେ କାମ କରିଆସୁଛନ୍ତି। ବଡ଼ ବଡ଼ ଅଧିକାରୀ ଓ ନେତା, ମନ୍ତ୍ରୀଙ୍କୁ ହାତ କରି ସେ ବଲାଙ୍ଗୀର ଜିଲାରେ ରହିଥିବା ଚର୍ଚ୍ଚା ହେଉଛି।

## ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼

ବ୍ରହ୍ମପୁର,୬।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଏବେ ଦିନକୁ ଦିନ ଅପରାଧୀ ମାନେ ସକ୍ରିୟ ହେବାରେ ଲାଗିଛନ୍ତି। ସୋମବାର ସନ୍ଧ୍ୟାରେ ବଡ଼ବଜାର ଥାନା ଅନ୍ତର୍ଗତ ଗ୍ରାମଦେବତୀ ସାହିରେ ଥିବା ଏକ ମଦ ଦୋକାନ ନିକଟରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରାଯାଇଥିଲା। ସେହିପରି ରାତି ପ୍ରାୟ ୧୧ ଟାରେ ଏକ ରେଷ୍ଟୁରାଣ୍ଟ ଉପରକୁ ଦୁର୍ବୃତ୍ତମାନେ ବୋମାମାଡ଼ କରିଛନ୍ତି। ଖବରପାଇ ପୋଲିସ ସେଠାରେ ପହଞ୍ଚି ବୋମାର ଫୁଟା ଅଂଶ ସଂଗ୍ରହ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଏଥିସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ଘଟଣାର ତଦନ୍ତ କରୁଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜେନେନା ହସ୍ପିଟାଲ ନିକଟରେ ଥିବା ରେଷ୍ଟୁରାଣ୍ଟରେ ରାତିରେ ଲୋକମାନେ ଖାଉଥିବା ବେଳେ ବାହାରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ରେଷ୍ଟୁରାଣ୍ଟ ମ୍ୟାନେଜର ଓ କର୍ମଚାରୀ ବାହାରକୁ ଆସବାରେ ୨ ଯୁବକ ବାଇକରେ ଚମ୍ପଟ ମାରିଥିବା ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ।

## ଚନ୍ଦକା ନେଚର ରିସର୍ଟରେ ହୋଇଥିଲା ବଡ଼ ଡିଲ୍

ଭୁବନେଶ୍ୱର,୬।୧(ତ୍ରିନାଥ ମହାନ୍ତି)

**ପୋଲିସ ଏସ୍ଆଇ ପରୀକ୍ଷା ଜାଲଆତି ମାମଲା**

- ସିବିଆଇ ଚାର୍ଜଶିଟ୍‌ରୁ ମିଳିଲା ଆଉ ଏକ ସାଂଘାତିକ ତଥ୍ୟ
- ୨ ଦିନିଆ ସ୍କିଲ୍ ଇଣ୍ଡିଆ ଟ୍ରେନିଂ ନାଁରେ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିଲା ପ୍ରଶିକ୍ଷଣ
- ପରୀକ୍ଷାର୍ଥୀଙ୍କଠାରୁ ୟୁପିଆଇରେ ନେଇଥିଲେ ୧୨ ହଜାର ଟଙ୍କା

ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ଚାର୍ଜଶିଟରୁ ମିଳିଛି ଆଉ ଏକ ସାଂଘାତିକ ତଥ୍ୟ। ୨୦୨୫ ମାର୍ଚ୍ଚ ୮ ଓ ୯ତାରିଖରେ ପୋଲିସ ଏସ୍ଆଇ ପରୀକ୍ଷା ପୂର୍ବରୁ ହୋଇଥିଲା ବଡ଼ ଷଡ଼ଯନ୍ତ୍ର। ଭୁବନେଶ୍ୱରର ଚନ୍ଦକା ନେଚର ରିସର୍ଟରେ ୨ଦିନ ପୂର୍ବରୁ ବୁକ୍ ହୋଇଥିଲା ୨୨ଟି ରୁମ୍ ଏବଂ ୨ଟି କନ୍‌ଫରେନ୍ସ ହଲ୍। ମୁନା ମହାନ୍ତିଙ୍କ ନିର୍ଦ୍ଦେଶରେ ଡ୍ରାଇଭର ଲୋକନାଥ ସାହୁ ଏସବୁକୁ ବୁକ୍ କରିଥିଲେ। ୨ଦିନିଆ ସ୍କିଲ୍ ଇଣ୍ଡିଆ ଟ୍ରେନିଂ ହେବ ବୋଲି କହି ରୁମ ବୁକ୍ କରାଯାଇଥିଲା। ୭ତାରିଖ ଦିନ ରିସର୍ଟ ଛାଡ଼ିବା ପୂର୍ବରୁ ମୁନା ମହାନ୍ତି ୨ଲକ୍ଷ ୪୦ହଜାର ଟଙ୍କା ପେମେଣ୍ଟ କରିଥିଲେ। ଦେଢ଼ ଲକ୍ଷ ଟଙ୍କା ନଗଦ ଦେଇଥିବା ବେଳେ ୯୦ ହଜାର ଟଙ୍କା ମୁନା ମହାନ୍ତି ତାଙ୍କ ମା'ଙ୍କ ଆକାଉଣ୍ଟରୁ ଦେଇଥିଲେ। ୧୫୦ଜଣ ଚାକିରି ଆଶାୟୀ ଚନ୍ଦକା ନେଚର ରିସର୍ଟରେ ରହିଥିଲେ। ଏପରି କି ପିଲାଙ୍କୁ ପ୍ରଶ୍ନପତ୍ର ଘୋଷାଇବା ପାଇଁ ହୋଟେଲ ବାବଦକୁ ପ୍ରତି ପିଲାଙ୍କ ଠାରୁ ଶଙ୍କର ପୃଷ୍ଟି ଏବଂ ମୁନା ୟୁପିଆଇରେ ୧୨ ହଜାର ଟଙ୍କା ନେଇଥିଲେ ବୋଲି ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ଚାକିରି ଆଶାୟୀ ସାଇ ଚନ୍ଦନ ମହାପାତ୍ରଙ୍କୁ ସିବିଆଇ ପଚରାଉଚରା କରିବା ବେଳେ ଏଭଳି ତଥ୍ୟ ସାମ୍ନାକୁ ଆସିଥିଲା। ୧୫୦ଜଣ ଚାକିରି ଆଶାୟୀଙ୍କୁ ମୁନା ମହାନ୍ତି, ଲୋକନାଥ ସାହୁ ମାର୍ଚ୍ଚ ୮ ଓ ୯ ତାରିଖରେ ହେବାକୁ ଥିବା ପୋଲିସ ଏସ୍ଆଇ ପରୀକ୍ଷାର ସମ୍ଭାବ୍ୟ ପ୍ରଶ୍ନ ଦେଇଥିଲେ। ଚନ୍ଦକା ରିସର୍ଟର ମ୍ୟାନେଜର ପବିତ୍ର କୁମାର ଦାସଙ୍କୁ ସିବିଆଇ ପଚରାଉଚରା କରିଛି। ତାଙ୍କୁ ଖବରଦାତାମାନେ ଏନେଇ ପଚାରିବାରେ , କେହି ଏସମ୍ପର୍କରେ ତାଙ୍କୁ ପଚାରି ନାହାନ୍ତି, ରିସର୍ଟରୁ ମଧ୍ୟ କୌଣସି ଜିନିଷ ସିବିଆଇ ଜବତ କରି ନ ଥିବା ସେ କହିଛନ୍ତି।

# ୧୫୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

## ଭଦ୍ରକରୁ ଟ୍ରେନ୍‌ରେ ଆଣିଥିଲେ, କବିସୂର୍ଯ୍ୟନଗରରେ ବିକିଥାନ୍ତେ

ବ୍ରହ୍ମପୁର, ୬।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏବେ ନିଶା କାରବାରର ହବ୍ ପାଲଟିଛି। ଅନ୍ୟ ଜିଲାରୁ ଗଞ୍ଜେଇ ଆଣି ବ୍ରହ୍ମପୁର ଦେଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ବେଳେ ବାହାର ଜିଲାରୁ ଏଠାକୁ ବ୍ରାଉନ୍‌ସୁଗାର ଆସୁଛି। ଏହି ଧଳାଜହର ବ୍ରହ୍ମପୁରରୁ ନେଇ ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଅବକାରୀ ଗୋଇନ୍ଦା ବିଭାଗ ସୂଚନା ପାଇଛି।

ମଙ୍ଗଳବାର ଖବରପାଇ ଅବକାରୀ ଗୋଇନ୍ଦା ଡିଏସ୍‌ପି ଶ୍ରୁତିକାନ୍ତ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରହ୍ମପୁର ରେଳଷ୍ଟେଶନ ନିକଟରେ ବ୍ରାଉନ୍‌ସୁଗାର ଚାଲାଣକାରୀଙ୍କୁ ଟ୍ରାକିଂ କରୁଥିଲା। ଏକ ବାଇକ୍(ନଂ.ଓଡି ୩୨ଏଲ୍ ୪୧୫୦)କୁ



ଅଟକାଇ ଆରୋହୀଙ୍କ ବ୍ୟାଗ୍ ଯାଞ୍ଚ କରିଥିଲା। ସେଠାରେ ପୋଲିସ ଟିମ୍ ୨ ଯୁବକଙ୍କ ନିକଟରୁ ୧୫୬ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରିଥିଲା। ସେମାନେ ହେଲେ କବିସୂର୍ଯ୍ୟନଗର ଅଞ୍ଚଳର ନରେଶ ଦଳେଇ(୩୦) ଓ ରାକେଶ ସ୍ୱାଇଁ(୨୯)। ଜେରା ବେଳେ ଉଭୟ ଉକ୍ତ ବ୍ରାଉନ୍‌ସୁଗାର ଭଦ୍ରକରୁ ଟ୍ରେନ୍‌ରେ ଆଣି ବ୍ରହ୍ମପୁର ଆସିଥିବା କହିଥିଲେ। ଷ୍ଟେଶନରେ ପୂର୍ବରୁ ପାର୍କିଂ ଥିବା ବାଇକ୍‌ରେ କବିସୂର୍ଯ୍ୟନଗର ଯାଇ ସେଠାରେ ଏହାକୁ ବିକ୍ରି କରିଥାନ୍ତେ ବୋଲି ସ୍ୱୀକାର କରିଥିବା ଜଣାପଡ଼ିଛି। ଅଭିଯୁକ୍ତଦ୍ୱୟ ପୂର୍ବରୁ ମଧ୍ୟ ବାଲେଶ୍ୱର ଓ ଭଦ୍ରକ ଅଞ୍ଚଳରୁ ଅନେକଥର ବ୍ରାଉନ୍‌ସୁଗାର ଆଣି ଏଠାରେ ବିକ୍ରି କରିଥିବା ବେଳେ ପ୍ରଥମଥର ପୋଲିସ ହାବୁଡ଼ରେ ପଡ଼ିଥିବା ଜଣାପଡ଼ିଛି। ଜବତ ବ୍ରାଉନ୍‌ସୁଗାର ଓ ବାଇକ୍‌ର ମୂଲ୍ୟ ପ୍ରାୟ ୧୮ ଲକ୍ଷ ଟଙ୍କା ବୋଲି ଡିଏସ୍‌ପି ରାଉତ କହିଛନ୍ତି। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ମାମଲା ନଂ.୫୬୧/୨୫-୨୬ରେ କୋର୍ଟ ଚାଲାଣ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ଚଢ଼ାଉ ବେଳେ ଗୋଇନ୍ଦା ଟିମ୍‌ରେ ଇନ୍ସପେକ୍ଟର ନାରାୟଣ ଜେନା, ଏସ୍ଆଇ ସଙ୍ଗୀତା ମହାପାତ୍ର, ବଳରାମ ସ୍ୱାଇଁ, ସନ୍ତୋଷ ନାୟକ, ସରୋଜ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

# ନିଶାଦ୍ରବ୍ୟ ଚାଲାଣର ମାଧ୍ୟମ ସାଜିଛି ବିମାନବନ୍ଦର

ଭୁବନେଶ୍ୱର,୬।୧ (ତ୍ରିନାଥ ମହାନ୍ତି)

## ୨୫ ଦାମୀ ସିଗାରେଟ୍ ପ୍ୟାକେଟ୍, ୪ ହଜାର ପିସ୍ ସିଗାର ଜବତ

ବିଜୁ ପଟ୍ଟନାୟକ ବିମାନବନ୍ଦର ଏବେ ନିଶା ଦ୍ରବ୍ୟ ଚାଲାଣର ପ୍ରମୁଖ ମାଧ୍ୟମ ସାଜିଛି। ମାରିଜୁଆନା ପରେ ଏବେ ବିମାନବନ୍ଦରରୁ ଜବତ ହୋଇଛି ବିଦେଶୀ ସିଗାରେଟ୍। ଭୁବନେଶ୍ୱରକୁ ଚାଲାଣ ହେଉଥିବା ୨୫ପ୍ୟାକେଟ ଦାମୀ ସିଗାରେଟ୍ ଏବଂ ୪ ହଜାର ପିସ୍ ସିଗାରକୁ ଡିଆର୍ଆଇ ଜବତ କରିଛି। ଏଥିସହ ଏହି ନିଶାଦ୍ରବ୍ୟ ଚାଲାଣ କରୁଥିବା ୮ଜଣ ଚାଲାଣକାରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଅଟକ ଚାଲାଣକାରୀଙ୍କ ମଧ୍ୟରୁ ୫ଜଣ ଉତ୍ତରପ୍ରଦେଶର ହୋଇଥିବାବେଳେ ୩ଜଣ ଦିଲ୍ଲୀର ବୋଲି ଜଣାପଡ଼ିଛି। ଚାଲାଣକାରୀ ଜିଏସ୍‌ଟି ଫାଙ୍କି ଦାମୀ ସିଗାରେଟ୍ ଭୁବନେଶ୍ୱରକୁ ଆଣୁଥିବା ଜଣାପଡ଼ିଛି। ଜବତ ସିଗାରେଟ ଏବଂ ସିଗାର୍‌ର ମୂଲ୍ୟ ୩୫ ଲକ୍ଷରୁ ଅଧିକ ହେବ ବୋଲି ଡିଆରଆଇ ପକ୍ଷରୁ କୁହାଯାଇଛି। ଏହି ବିଦେଶୀ ସିଗାରେଟ୍‌ର ମୂଲ୍ୟ ଦୁବାଇରେ ଶସ୍ତା ହୋଇଥିବାରୁ ଏକାଧିକ ମାଫିଆ ଏହାକୁ ଓଡ଼ିଶାକୁ ଚାଲାଣ କରୁଛନ୍ତି।

୮ଜଣ ଚାଲାଣକାରୀଙ୍କଠାରୁ ୧୭ଟି ମୋବାଇଲ୍ ଫୋନ୍ ଏବଂ ବିଦେଶୀ ସିଗାରେଟ୍ ଜବତ କରାଯାଇଛି। ଦୁବାଇରୁ ଏହି ବିପୁଳ ପରିମାଣର ସିଗାରେଟ୍ ବିମାନଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ, ଏଠାରେ ଥିବା ଦଲାଲଙ୍କ ମାଧ୍ୟମରେ ସଡ଼କପଥ ଦେଇ କୋଲ୍‌କାତା ଯାଇଥାନ୍ତା। ବିମାନବନ୍ଦରରୁ ପୂର୍ବରୁ ମଧ୍ୟ ଏକାଧିକ ଥର ଡିଆର୍ଆଇ ସିଗାରେଟ୍ ଜବତ କରିଛି। ମିଳିଥିବା ତଥ୍ୟ ଅନୁସାରେ ୩ବର୍ଷ ମଧ୍ୟରେ ୧୨ଥର ସିଗାରେଟ୍ ଜବତ କରାଯାଇଛି। ଏହି ଦାମୀ ସିଗାରେଟ୍‌ର ମୂଲ୍ୟ ଓଡ଼ିଶା ଏବଂ ଅନ୍ୟ ରାଜ୍ୟରେ ଅଧିକ ରହିଛି। ଅନେକ ଗ୍ରାହକ ଏହି ସିଗାରେଟ୍ ଚାହୁଁଥିବାରୁ ଜିଏସ୍‌ଟି ଫାଙ୍କି ନିଶା ମାଫିଆମାନେ ଭୁବନେଶ୍ୱର ଆଣୁଛନ୍ତି।

କେବଳ ସିଗାରେଟ୍ ନୁହେଁ, ଅଧିକାଂଶ ସମୟରେ ବିଦେଶୀ ଗଞ୍ଜେଇ(ମାରିଜୁଆନା)କୁ ମଧ୍ୟ ଓଡ଼ିଶାକୁ ଚାଲାଣ କରାଯାଉଛି। କିଛି ଜବତ ହେଉଥିବାବେଳେ ଅନେକ ସମୟରେ ଚାଲାଣକାରୀ ଖସି ଯାଉଛନ୍ତି। ସପ୍ତାହକ ମଧ୍ୟରେ ୧୨ କୋଟି ଟଙ୍କାର ମାରିଜୁଆନା ବିମାନବନ୍ଦରରୁ ଧରା ପଡ଼ିଲାଣି। ଗତ ୩୧ ତାରିଖରେ ୪ କୋଟିର ମାରିଜୁଆନା ସହ ଜଣେ କେରଳୀ ଯୁବକ ବନ୍ଧା ହୋଇଥିଲେ। ୨ତାରିଖରେ ପୁଣି ଜଣେ କେରଳୀ ଯୁବକଙ୍କ ଠାରୁ ୮ କୋଟିର ମାରିଜୁଆନା ଜବତ ହୋଇଥିଲା। ଜର୍ମାନୀରୁ ଭାରତ ଭାୟା ମାଲେସିଆ ଦେଇ ଚାଲାଣ ହେଉଛି ମାରିଜୁଆନା। କେଜିଏ କାରବାର କଲେ ଦଲାଲ ୧୦ ଲକ୍ଷ ଟଙ୍କା ପାଉଛନ୍ତି। ନିଶା ସିଣ୍ଡିକେଟରେ ମହିଳା ଓ ସୁନ୍ଦରୀ ଯୁବତୀଙ୍କ ସମ୍ପୃକ୍ତି ରହୁଛି। କୁଆଲାଲାମ୍ପୁରରୁ ନିଶା ଚାଲାଣ ଘଟଣାରେ ପୂର୍ବରୁ ଦୁଇ ମହିଳାଙ୍କୁ କଷ୍ଟମ୍ ବିଭାଗ ବାନ୍ଧିଥିଲା। ଗତବର୍ଷ ସ୍ୱତନ୍ତ୍ର ଟିମ୍ ପ୍ରାୟ ୧୦୦ କୋଟି ଟଙ୍କାର ମାରିଜୁଆନା ଜବତ କରିଥିଲା।

**ଖେଳ ଖବର**

## ଅଷ୍ଟ୍ରେଲିଆନ ଓପନ୍ ପୁରସ୍କାର ରାଶି ବୃଦ୍ଧି

ମେଲ୍‌ବୋର୍ନ, ୬।୧(ଏପି)

ଅଷ୍ଟ୍ରେଲିଆନ ଓପନ୍ ପୁରସ୍କାର ରାଶିକୁ ଗତବର୍ଷ ତୁଳନାରେ ଏ ବର୍ଷ ୧୮ ପ୍ରତିଶତ ବୃଦ୍ଧି କରାଯାଇଛି, ଯାହାକି ଏକ ରେକର୍ଡ। ବର୍ଷର ଏହି ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ଜାନୁଆରୀ ୧୮ରୁ ଆରମ୍ଭ ହେବ। ୨୦୨୬ ବର୍ଷରେ ଇଭେଣ୍ଟର ମୋଟ ପୁରସ୍କାର ରାଶିର ପରିମାଣ ୧୧୧.୫ ନିୟୁତ ଅଷ୍ଟ୍ରେଲୀୟ ଡଲାର(୭୫ ନିୟୁତ ଆମେରିକୀୟ ଡଲାର) ରଖାଯାଇଛି। ୨୦୨୫ ତୁଳନାରେ ଏହା ୯୫.୫ ନିୟୁତ ଅଷ୍ଟ୍ରେଲୀୟ ଡଲାର ଅଧିକ। ଫଳରେ ଏଥର ମହିଳା ଓ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ୪.୧୫ ନିୟୁତ ଅଷ୍ଟ୍ରେଲୀୟ ଡଲାର(୨.୮ ନିୟୁତ ଆମେରିକୀୟ ଡଲାର) ଲେଖାଏ ପାଇବେ। କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟ ପାଇଁ ମଧ୍ୟ ପୁରସ୍କାର ରାଶିର ପରିମାଣ ୧୬% ବୃଦ୍ଧି କରାଯାଇଛି। ସମସ୍ତ ମୁଖ୍ୟ ଡ୍ର ସିଙ୍ଗଲ୍ସ ଓ ଡବଲ୍ସ ଖେଳାଳିମାନଙ୍କ ପୁରସ୍କାର ରାଶି ୧୦% ବୃଦ୍ଧି କରାଯାଇଛି।

## କ୍ୱାର୍ଟରରେ ସରସ୍ୱତୀ ବିଦ୍ୟାମନ୍ଦିର, ଡିଏଭି

ଭୁବନେଶ୍ୱର, ୬।୧ (ଅନାଦି କର)

ହାଇଟେକ୍ ଗ୍ରାଉଣ୍ଡରେ ଚାଲିଥିବା ୨୨ତମ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ 'ୟୁନିଲାଇଟ୍ କପ୍'ରେ ମଙ୍ଗଳବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଡିଏଭି ଚନ୍ଦ୍ରଶେଖରପୁର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୪୬ ରନ୍‌ର ବଡ଼ ବ୍ୟବଧାନରେ ରୁଚିକା ହାଇସ୍କୁଲକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୧.୫ ଓଭରରେ ୧୮୭ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଗିରିଶ୍ ଚନ୍ଦ୍ର ବିଶ୍ୱାଳ ୩୮ ଓ ଶୁଭମ୍ ପ୍ରଧାନ ୩୭ ରନ୍ କରିଥିଲେ। ରୁଚିକା ପକ୍ଷରୁ ଅଂଶୁମାନ, ସୁବିମଲ ଜଣା ଓ ଅଧିନାୟକ ନିଶାର ରଞ୍ଜନ ମଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରୁଚିକା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୪୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ଗିରିଶ୍ ଚନ୍ଦ୍ର ବିଶ୍ୱାଳ ଓ ଦୁର୍ଗା ସ୍ୱାଇଁ ୩ଟି ଲେଖାଏ ଉଇକେଟ ହାତେଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଗିରିଶ୍ ଚନ୍ଦ୍ର ବିଶ୍ୱାଳଙ୍କୁ ଅତିଥି ଲଳିତ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଦ୍ୱିତୀୟ କ୍ୱାର୍ଟରରେ ଡିଏଭି ଚନ୍ଦ୍ରଶେଖରପୁର ୭



ଗିରିଶ୍ ଚନ୍ଦ୍ର ବିଶ୍ୱାଳ ପୁରସ୍କୃତ ହେଉଛନ୍ତି।

ଉଇକେଟରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପବ୍ଲିକ୍ ସ୍କୁଲ ୨୩ ଓଭରରେ ୮ ଉଇକେଟ ହରାଇ ୧୨୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଡିଏଭି ପାଇଁ ଅଧିନାୟକ ସାଇ ନାରାୟଣ ୩ ଉଇକେଟ ନେଇଥିଲେ। ଜବାବରେ ଡିଏଭି ଚନ୍ଦ୍ରଶେଖରପୁର ୧୭.୫ ଓଭରରେ ୩ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପାଇଁ ପ୍ରତିକ୍ଷିତ ପ୍ରଧାନ ୫୯ ରନ୍ କରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ସାଇ ନାରାୟଣଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ତାଙ୍କୁ ଅତିଥି ବିଶ୍ୱରଞ୍ଜନ ନାୟକ ପୁରସ୍କୃତ କରିଥିଲେ।

# ଟାଇଗର୍ସ-ପାଇପର୍ସ ଫାଇନାଲ

ରାଞ୍ଚି, ୬।୧(ପି.ଟି.)

**ମହିଳା ଏଚ୍ଆଇଏଲ୍**

ଶ୍ରାଚି ବେଙ୍ଗଲ ଟାଇଗର୍ସ ସଡନ୍ ଡେଥ୍ ଶୁଟ୍‌ଆଉଟରେ ଏସ୍‌ଜି ପାଇପର୍ସକୁ ହରାଇ ଏଠାରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍(ଏଚ୍ଆଇଏଲ୍)ର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ନିର୍ଦ୍ଧାରିତ ସମୟ ଖେଳ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ଦୁଇ ଦଳ ମଧ୍ୟରେ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ପଏଣ୍ଟ ଟେବୁଲ୍ ଶୀର୍ଷରେ ବଡ଼ ବ୍ୟବଧାନରେ ଅଗ୍ରଣୀ ଥିବାରୁ ଏହି ମ୍ୟାଚ୍ ପୂର୍ବରୁ ପାଇପର୍ସ ଦଳ ଫାଇନାଲରେ ପ୍ରବେଶ କରିସାରିଥିଲା। ଶୁଟ୍‌ଆଉଟରେ ପୂର୍ଣ୍ଣିମା ଯାଦବ ଓ ନୁର୍ ଡି' ବାଟ୍ ଗୋଲ୍ ଦେବାରେ ସଫଳ ହୋଇଥିଲେ। ଏସ୍‌ଜି ପାଇପର୍ସ ଦଳ ପକ୍ଷରୁ ଜୁଆନା କାଷ୍ଟେଲାରୋ ଓ କେଟଲିନ୍ ନବ୍ସ ଗୋଲ୍ ଦେବାରୁ ମ୍ୟାଚ ୨-୨ରେ ପୁଣି ଅମୀମାଂସିତ ରହିଥିଲା। ଫଳରେ ସଡନ୍ ଡେଥ୍ ପଦ୍ଧତିର ସହାୟତା ନିଆଯାଇଥିଲା। ଏଥିରେ ଟାଇଗର୍ସ


ଶ୍ରାଚି ବେଙ୍ଗଲ ଟାଇଗର୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଦଳ ସମସ୍ତ ୫ ପ୍ରୟାସକୁ ଗୋଲ୍‌ରେ ପରିଣତ କରିବାରେ ସଫଳ ରହିଥିବା ବେଳେ ପାଇପର୍ସ ଦଳ ୫ରୁ ୪ଟି ସ୍କୋର କରିବାରେ ସଫଳ ରହିଥିଲା। ଶୁଟ୍‌ଆଉଟ୍‌ରେ ବିଜୟ ଦ୍ୱାରା ଶ୍ରାଚି ବେଙ୍ଗଲ ଟାଇଗର୍ସ ଗୁରୁତ୍ୱପୂର୍ଣ୍ଣ ବୋନସ ପଏଣ୍ଟ ସହ ଫାଇନାଲରେ ପ୍ରବେଶ କରିଥିଲା। ଦଳ ଟାଇଟଲ ମୁକାବିଲାରେ ପୁନର୍ବାର ଏସ୍‌ଜି ପାଇପର୍ସକୁ ଭେଟିବ।

**ଜାତୀୟ ସିନିୟର ଭଲିବଲ**

## ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୬।୧(ତପନ ସ୍ୱାଇଁ)

ବାରାଣସୀରେ ଚାଲିଥିବା ୭୨ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ପ୍ରଥମ ମ୍ୟାଚରେ ବିହାରକୁ ୩-୦ରେ ହରାଇଥିବା ଓଡ଼ିଶା ମଙ୍ଗଳବାର ତେଲଙ୍ଗାନାକୁ ୩-୧ରେ ପରାସ୍ତ କରିଛି। କଡ଼ା ଟକ୍କର ଦେଇଥିବା ତେଲଙ୍ଗାନା ତୃତୀୟ ସେଟ୍‌ରେ ପ୍ରଭାବୀ ରହିଥିଲେ ହେଁ ଓଡ଼ିଶା ଦଳ ୨୫-୨୧, ୨୫-୨୨, ୨୩-୨୫ ଓ ୨୫-୧୮ରେ ବିଜୟ ହାସଲ କରିଥିଲା। ପ୍ରଭାବୀ ପ୍ରଦର୍ଶନ ସହ ବିଜୟଧାରା ଜାରି ରଖିଥିବାରୁ ଖେଳାଳିଙ୍କୁ ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଗଗନେନ୍ଦୁ ଦାଶ ଅଭିନନ୍ଦନ ଜଣାଇଛନ୍ତି।

## ଜାତୀୟ ଆଇଟିଏଫ୍ ଟାଏକୋଣ୍ଡୋରେ ଓଡ଼ିଶାକୁ ୧୩ ପଦକ

ଭୁବନେଶ୍ୱର, ୬।୧ (ତପନ ସ୍ୱାଇଁ)

ଅହମଦାବାଦର ଦୟାନ ଏକାଡେମୀ ଅଡିଟୋରିଅମରେ ୪୦ତମ ଜାତୀୟ ଆଇଟିଏଫ୍ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୧୮ ରାଜ୍ୟରୁ ୬୭୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୩ୟ ଡାନ୍ ବ୍ଲାକ୍‌ବେଲ୍ଟ ଲକ୍ଷ୍ମୀ ପ୍ରସାଦ ନାୟକ ଓ କୋଚ୍ ବିଶ୍ୱଜିତ ଦାସଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ମୋଟ ୧୯ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧୦ ବ୍ରୋଞ୍ଜ ପଦକ ଜିତିଥିଲେ। ବ୍ୟକ୍ତିଗତ ସ୍ପାଇରିଂ ଜୁନିୟର ବାଳିକା ବର୍ଗରେ ଦେବାଙ୍ଗି ମଣ୍ଡଳ ସ୍ୱର୍ଣ୍ଣ, ଅମ୍ରିତା ଆଚାର୍ଯ୍ୟ ରୌପ୍ୟ ଓ ନିଷ୍ଠା ମହାନ୍ତି ବ୍ରୋଞ୍ଜ ଜିତିଥିବାବେଳେ ବାଳକ ବିଭାଗରେ ଓମ୍ ପ୍ରିୟାଂଶୁ ରୌପ୍ୟ, ଜିନେଶ ମିରାନି ଏବଂ ଆର୍ଯ୍ୟନ କୁମାର ବେହେରା ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସିନିୟର ବାଳକ ବିଭାଗରେ ବିଶ୍ୱଜିତ ଦାସ ବ୍ରୋଞ୍ଜ ଏବଂ ବ୍ୟକ୍ତିଗତ ଟୁଲ୍‌ସ ବିଭାଗରେ ଆକାଶ କୁମାର ଓ ଶୁଭମ୍ ନାଏକ ବ୍ରୋଞ୍ଜ ଜିତିଥିଲେ। ଆତ୍ମରକ୍ଷା ପ୍ରତିଯୋଗିତାରେ ବିଶ୍ୱଜିତ ଦାସ, ଆକାଶ କୁମାର, ରୋହନ ନାୟକ ଓ ଶୁଭମ ନାୟକ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ପାଇଥିଲେ। ଓଡ଼ିଶା ଦଳର ଏହି ସଫଳତାପାଇଁ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସମୂହର ଚେୟାରମ୍ୟାନ ତଥା କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀ ସଭାପତି ବଦ୍ରିନାଥ ପଟ୍ଟନାୟକ, ଉପ ସଭାପତି ସୁଶାନ୍ତ କୁମାର ସାହୁ ଏବଂ ଟ୍ରଷ୍ଟି ପ୍ରିୟବ୍ରତ ପାଢ଼ୀ, ପରେଶ କୁମାର ଚାନ୍ଦ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



ପଦକ ବିଜୟୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ଟପ୍‌ରେ ତାମିଲନାଡୁ ଡ୍ରାଗନ୍ସ

ଚେନ୍ନାଇ,୬।୧(ପି.ଟି.)

ଚଳିତ ହକି ଇଣ୍ଡିଆ ଲିଗ୍(ଏଚ୍ଆଇଏଲ୍)ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ୩-୨ ଗୋଲରେ ଜେଏସ୍‌ଡବ୍ଲ୍ୟୁ ସୁରମା କ୍ଲବକୁ ପରାସ୍ତ କରିଛି। ଏହି ବିଜୟ ସହ ତାମିଲନାଡୁ ଡ୍ରାଗନ୍ସ ପଏଣ୍ଟ ଟେବୁଲ ଶୀର୍ଷକୁ ଉନ୍ନୀତ ହୋଇଛି।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରର ୨୮ତମ ମିନିଟ୍‌ରେ ଚନ୍ଦନ ଯାଦବଙ୍କଠାରୁ ମିଳିଥିବା ପାସକୁ ସେଲଭାରାଜ କନଗରାଜ ଗୋଲରେ ପରିଣତ କରିଥିଲେ। ଏହାର ଦୁଇ ମିନିଟ୍ ପରେ ଉତ୍ତମ ସିଂଙ୍କ ଗୋଲ ବଳରେ ଡ୍ରାଗନ୍ସ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ସୁରମା ଦଳ କାଉଣ୍ଟର ଆଟାକ କରିଥିଲା। ହେଲେ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ତୃତୀୟ କ୍ୱାର୍ଟରର ଅନ୍ତିମ ମୁହୂର୍ତ୍ତରେ ନାଥନ ଏଫ୍ରାମସ ଦେଇଥିବା ଗୋଲକୁ ବ୍ୟାକ ଷ୍ଟିକ ଦର୍ଶାଇ ନାକଚ କରାଯାଇଥିଲା। ଫଳରେ ସୁରମା ଦଳକୁ ମିଳିଥିବା ଫ୍ରି ହିଟ୍‌ରେ ହରମନପ୍ରୀତଙ୍କଠାରୁ ପାଇଥିବା ଲମ୍ବା ପାସକୁ ମନିନ୍ଦର ସିଂ ଗୋଲରେ କନଭର୍ଟ କରିଥିଲେ। ଚତୁର୍ଥ କ୍ୱାର୍ଟର ମଧ୍ୟରେ ସୁରମା ଦଳ ଆଟାକ୍ ଜାରି ରଖିଥିଲା। ମାତ୍ର ୪୭ତମ ମିନିଟ୍‌ରେ ବ୍ଲାକ ଗୋଭର୍ସଙ୍କ ଗୋଲ ଯୋଗୁ ଡ୍ରାଗନ୍ସ ୩-୧ ଗୋଲର ଅଗ୍ରଣୀ ହାସଲ କରିଥିଲା। ଏହାସତ୍ତ୍ୱେ ହାର ମାନିବାକୁ ରାଜି ନ ଥିବା ସୁରମା ପାଇଁ ୫୮ତମ ମିନିଟ୍‌ରେ ଅଧିନାୟକ ହରମନପ୍ରୀତ ଗୋଲ ସ୍କୋର କରିଥିଲେ। ଅନ୍ତିମ ମିନିଟ୍‌ରେ ସୁରମା ଦଳକୁ କ୍ରମାଗତ ଦୁଇଟି ପେନାଲ୍ଟି କର୍ନର ମିଳିଥିଲା। ହେଲେ ଡ୍ରାଗନ୍ସର ଡିଫେନ୍ସ ଭାଗ ସଫଳତାର ସହ ଉଭୟ ପିସିକୁ ବେକାର କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ....................................


ସିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଚଏମ୍ଏସ୍ଆଇର ୪.୪୬ ଲକ୍ଷ ୟୁନିଟ୍ ଗାଡ଼ି ବିକ୍ରି

ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ୨୦୨୫ ଡିସେମ୍ବରରେ ମୋଟ ୪,୪୬,୦୪୮ ୟୁନିଟ୍ ବିକ୍ରି କରିଛି। ଏଥିରେ ମଜଭୁତ ଚାହିଦା ସହ ବହୁ ନିୟୁତ ଗ୍ରାହକଙ୍କ ପାଇଁ ଗମନାଗମନକୁ ଅଧିକ ନିରାପଦ, ସ୍ୱଚ୍ଛ ଏବଂ ଅଧିକ ସୁଲଭ କରିବା ନିମନ୍ତେ କମ୍ପାନୀର ପ୍ରଚଳିତ ପ୍ରୟାସ ପ୍ରତିଫଳିତ ହୋଇଛି। ଏହି ବିକ୍ରି ମଧ୍ୟରେ ଘରୋଇ ବଜାରରେ ୩,୯୨,୩୦୬ ୟୁନିଟ୍ ବିକ୍ରୟ ଏବଂ ରପ୍ତାନି ୫୩,୭୪୨ ୟୁନିଟ୍ ରହିଛି। ଏଚ୍ଏମ୍ଏସ୍ଆଇ ୨୦୨୪ ଡିସେମ୍ବର ତୁଳନାରେ ଇୟର-ଅନ୍-ଇୟର (ୱାଇଓୱାଇ) ୪୫% ଅଭିବୃଦ୍ଧି ହାସଲ କରିଛି। ୨୦୨୫ ଏପ୍ରିଲରୁ ଡିସେମ୍ବରର ଇୟର-ଟୁ-ଡେଟ୍ ଅବଧି ନିମନ୍ତେ ଏଚ୍ଏମ୍ଏସ୍ଆଇ ମୋଟ ୪୬,୭୮,୮୧୪ ୟୁନିଟ୍ ବିକ୍ରି କରିଛି। ଏଥିମଧ୍ୟରେ ଘରୋଇ ବଜାରରେ ୪୨,୦୪,୪୨୦ ୟୁନିଟ୍ ବିକ୍ରି ଏବଂ ରପ୍ତାନି ୪,୭୪,୩୯୪ ୟୁନିଟ୍ ରହିଛି ଏବଂ ଏଥିରେ ୨୦୨୪ ଡିସେମ୍ବର ତୁଳନାରେ ୱାଇଓୱାଇ ୩% ଅଭିବୃଦ୍ଧି ହାସଲ ହୋଇଛି।

# ୫ଜି ବଜାରରେ ଜିଓର ପ୍ରାଧାନ୍ୟ

ଭୁବନେଶ୍ୱର,୬।୧

ଭାରତରେ ୫ଜି ବଜାରରେ ଜିଓର ପ୍ରାଧାନ୍ୟ ପରିଲକ୍ଷିତ ହୋଇଛି। ଜିଓ ଆରମ୍ଭରୁ ଏକ ସମ୍ପୂର୍ଣ୍ଣ ଷ୍ଟାଣ୍ଡଆଲୋନ ୫ଜି ନେଟୱର୍କରେ ନିବେଶ କରିଥିବାବେଳେ ଏୟାରଟେଲ ଏକ ନନ-ଷ୍ଟାଣ୍ଡଆଲୋନ ମଡେଲ ବ୍ୟବହାରରେ ସେବା ଆରମ୍ଭ କରିଥିଲା। ଓପନ ସିଗ୍ନାଲ ତଥ୍ୟ ଅନୁଯାୟୀ, ଜିଓର ୫ଜି ଗ୍ରାହକମାନେ ସେମାନଙ୍କର ମୋଟ ମୋବାଇଲ ସମୟର ୬୭.୩% ୫ଜି ନେଟୱର୍କରେ ବିତାଉଥିବାବେଳେ ୫ଜି ସିଗନାଲ ଉପଲବ୍ଧତା ୬୮.୧% ରହିଛି। ଏୟାରଟେଲର ୫ଜି ସିଗନାଲ ଉପଲବ୍ଧତା ୬୬.୬% ଥିବା ସତ୍ତ୍ୱେ ଗ୍ରାହକମାନେ ୨୮% ସମୟ ୫ଜି ନେଟୱର୍କରେ ରହିଥାନ୍ତି। ଭୋଡାଫୋନ ଆଇଡିଆ ୨୦୨୫ ମାର୍ଚ୍ଚରେ ମୁମ୍ବାଇରେ ୫ଜି ସେବା ଆରମ୍ଭ କରିଥିଲେ ମଧ୍ୟ ଏହାର ନେଟୱର୍କ ପ୍ରାରମ୍ଭିକ ଅବସ୍ଥାରେ ଅଛି। ବିଏସ୍ଏନ୍ଏଲ୍ ୫ଜି ପୂର୍ବରୁ ଏହାର ସ୍ୱଦେଶୀ ୪ଜି ନେଟୱର୍କ ଉପରେ ଧ୍ୟାନ ଦେଉଛି। ଜିଓର ୫ଜି ଉପଭୋକ୍ତାମାନେ ୪ଜିଅପେକ୍ଷା ପ୍ରାୟ ୧୧ ଗୁଣ ଦ୍ରୁତ ଡାଉନଲୋଡ ସ୍ପିଡ ଉପଭୋଗ କରୁଛନ୍ତି।


## ଜନ୍ମଦିନର ଶୁଭେଚ୍ଛା



ସାହିଲ୍ ଶେଖର ଜେନା (ସିପୁ)
ସୁନ୍ଦରପୁର, ପଥରଗାଡ଼ିଆ, ଭୁବନେଶ୍ୱର
ଆଜି ତୁମର ୨୬ତମ ଜନ୍ମଦିନ ଅବସରରେ ଜଗତରନାଥ ପ୍ରଭୁ ଜଗନ୍ନାଥ ତୋର ଚଳାପଥ କୁସୁମିତ କରନ୍ତୁ।
-: ଶୁଭେଚ୍ଛା ସହ :-
ପାପା, ମାମି, ସାଙ୍ଗସାଥୀମାନେ

D-3050


# ଯାତ୍ରୀସେବା ଓ ସୁରକ୍ଷାକୁ ଭାରତୀୟ ରେଳର ଗୁରୁତ୍ୱ

## ଆଧୁନିକ ସାଧାରଣ ଏବଂ ଅଣ-ଏସି କୋଚ୍‌ର ରେକର୍ଡ ଉତ୍ପାଦନ

ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ଭାରତୀୟ ରେଳପଥ ସୁଲଭ ଭଡ଼ାରେ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ଆଧୁନିକ ଯାତ୍ରୀ-ଅନୁକୂଳ ସୁବିଧା ସହିତ ଡିଜାଇନ ହୋଇଥିବା ସାଧାରଣ ଏବଂ ଅଣ-ଏସି କୋଚ୍ ଉତ୍ପାଦନରେ ରେକର୍ଡ ସୃଷ୍ଟି କରିଛି। ଆର୍ଥିକ ବର୍ଷ ୨୦୨୫-୨୬ ବର୍ତ୍ତମାନ ସୁଦ୍ଧା ୪,୮୩୮ ନୂତନ ଏଲ୍ଏଚ୍ବି ଜିଏସ୍ ଏବଂ ନନ୍ ଏସି କୋଚ୍ (ଏଲ୍ଏସ୍ କୋଚ- ୨୮୧୭, ଏଲ୍ଏସ୍ସିଏନ୍ କୋଚ୍- ୨୦୨୧) ପାଇଁ ବ୍ୟବସ୍ଥା କରାଯାଇଛି। ୨୦୨୬-୨୭ ପାଇଁ ୪,୮୦୨ ଏଲ୍ଏଚ୍ବି କୋଚ (ଏଲ୍ଏସ୍ କୋଚ- ୨୬୩୮, ଏଲ୍ଏସ୍ସିଏନ୍ କୋଚ- ୨୧୬୪) ଉତ୍ପାଦନ ଉତ୍ପାଦନ ଲକ୍ଷ୍ୟ ରହିଛି। ଅନ୍ୟପଟେ ମୌସୁମୀ ଏବଂ ଉତ୍ସବକାଳୀନ ଭିଡ଼ ପରିଚାଳନା ପାଇଁ, ଭାରତୀୟ ରେଳପଥ ୨୦୨୫ରେ ସ୍ୱତନ୍ତ୍ର ଟ୍ରେନ ପରିଚାଳନାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ମହାକୁମ୍ଭ ପାଇଁ ୧୭,୩୪୦, ହୋଲି ପାଇଁ ୧,୧୪୪, ଗ୍ରୀଷ୍ମକାଳୀନ ସ୍ପେଶାଲ ୧୨,୪୧୭ ଏବଂ ଛଟ୍‌ପୂଜା ପାଇଁ ୧୨,୩୮୩ ସମେତ ୪୩,୦୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଛି। ନୂଆ ଦିଲ୍ଲୀ ରେଳ ଷ୍ଟେଶନରେ ଯାତ୍ରୀ ସୁବିଧା କେନ୍ଦ୍ରର ସଫଳ କାର୍ଯ୍ୟାନ୍ୱୟନ ପରେ, ଭାରତୀୟ ରେଳପଥ ଦେଶବ୍ୟାପୀ ୭୬ଟି ଷ୍ଟେଶନ ଚିହ୍ନଟ କରିଛି। ନୂତନ ହୋଲ୍ଡିଂ ଏରିଆଗୁଡ଼ିକ ସ୍ଥାନୀୟ ପରିସ୍ଥିତି ଉପରେ ଆଧାରିତ ମଡ୍ୟୁଲାର ଡିଜାଇନ ଅନୁସରଣ କରିବ ଏବଂ ୨୦୨୬ ପାର୍ବଣ ଋତୁ ପୂର୍ବରୁ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରକୃତ ଯାତ୍ରୀମାନେ କନ୍‌ଫର୍ମ ଟିକେଟ ପାଇବା ପାଇଁ, ଭାରତୀୟ ରେଳପଥ ଆଧାର ଯାଞ୍ଚ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ମନିଟରିଂ ମାଧ୍ୟମରେ ଟିକେଟିଂ ବ୍ୟବସ୍ଥା କରିଛି। ଇ-ଟିକେଟିଂ ସିଷ୍ଟମର ଅପବ୍ୟବହାର କରିବାକୁ ଚେଷ୍ଟା କରୁଥିବା ଅସାଧୁ ଉପଭୋକ୍ତାମାନଙ୍କୁ ଚିହ୍ନଟ ଏବଂ ରୋକିବା ପାଇଁ ମଧ୍ୟ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି। ଏହାଫଳରେ ୫.୭୩ କୋଟି ସନ୍ଦିଗ୍ଧ ଏବଂ ନିଷ୍କ୍ରିୟ ଆଇଆର୍‌ସିଟିସି ବ୍ୟବହାରକାରୀ ଆକାଉଣ୍ଟଗୁଡ଼ିକୁ ନିଷ୍କ୍ରିୟ କିମ୍ବା ଅସ୍ଥାୟୀ ଭାବରେ ସ୍ଥଗିତ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

# ପତଞ୍ଜଳି ଯୋଗପୀଠର ୩୨ତମ ପ୍ରତିଷ୍ଠା ଦିବସ ପାଳିତ



ହରିଦ୍ୱାର,୬।୧

ପତଞ୍ଜଳିର ୩୨ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ପତଞ୍ଜଳି ଯୋଗପୀଠର ପ୍ରତିଷ୍ଠାତା ସଭାପତି ରାମଦେବ ଏବଂ ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକ୍ରିଷ୍ଣା, ସମସ୍ତ ଋଷି ଏବଂ ସନ୍ଥଙ୍କ ବଂଶଧରଙ୍କୁ ଯୋଗ, ଆୟୁର୍ବେଦ, ସ୍ୱଦେଶୀ, ସନାତନ ଧର୍ମ, ସନାତନ ଶିକ୍ଷା, ସନାତନ ଔଷଧ, ସନାତନ ଗବେଷଣା, ସନାତନ ସେବା କରି ଏକ ସମୃଦ୍ଧ ଏବଂ ବିକଶିତ ଭାରତ ଗଠନ କରିବାକୁ ଆହ୍ୱାନ କରିଛନ୍ତି। ଯୋଗଗୁରୁ ରାମଦେବ କହିଛନ୍ତି, ଯେଉଁଦିନ ପତଞ୍ଜଳି ଗୁରୁକୁଳମ, ଆଚାର୍ଯ୍ୟକୁଳମ, ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ଶିକ୍ଷା ବୋର୍ଡର ଫସଲ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ, ସେହିଦିନ ଆମର ଟଙ୍କା ଡଲାର, ପାଉଣ୍ଡ ଏବଂ ୟୁରୋକୁ ଅତିକ୍ରମ କରିବ। ଆମ ମୁଦ୍ରାର ମୂଲ୍ୟ, ଭାରତୀୟ ଜୀବନଶୈଳୀ ଏବଂ ଭାରତୀୟ ମାନଦଣ୍ଡର ମୂଲ୍ୟ, ଭାରତୀୟ ସାଂସ୍କୃତିକ ପର୍ବଗୁଡ଼ିକର ମୂଲ୍ୟ ଏବଂ ଭାରତୀୟ ପାସ୍‌ପୋର୍ଟର ମୂଲ୍ୟ ସାରା ବିଶ୍ୱରେ ବୃଦ୍ଧି ପାଇବ। ବିଶ୍ୱର ୨୦୦ଟି ଦେଶ ଆମକୁ ଭିସା ମାଗିବେ ନାହିଁ। ବର୍ତ୍ତମାନ ଆମ ପିଲାମାନେ ଶିକ୍ଷା ହାସଲ କରିବା ପାଇଁ ଆମେରିକା, କାନାଡା, ବ୍ରିଟେନ, ୟୁରୋପ, ଅଷ୍ଟ୍ରେଲିଆ ଏବଂ ରୁଷିଆ ଭଳି ଦେଶକୁ ଯାତ୍ରା କରନ୍ତି। ପତଞ୍ଜଳି ଗୁରୁକୁଳମ ମଧ୍ୟ ବିଶ୍ୱବ୍ୟାପୀ ଆକର୍ଷଣର କେନ୍ଦ୍ର ପାଲଟିଛି। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଥିଲେ, ଗତ ୩୦ ବର୍ଷ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗବେଷଣା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପତଞ୍ଜଳିର ଅଗ୍ରଗତି ସହଜ ନ ଥିଲା। ପତଞ୍ଜଳିର ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗ, ମଲ୍ଲଖମ୍ବ, କୁସ୍ତି, ସମରକଳା, ମୁଷ୍ଟିଯୁଦ୍ଧ, ଜୁଡୋ-କରାଟେ ପ୍ରଦର୍ଶନ କରିଥିଲେ।

# ୟୁକୋ ବ୍ୟାଙ୍କର ୮୪ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ୟୁକୋ ବ୍ୟାଙ୍କର ୮୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ୟାଙ୍କର ଅବସରପ୍ରାପ୍ତ ମହାପ୍ରବନ୍ଧକ, ଉପ-ମହାପ୍ରବନ୍ଧକ, ସହାୟକ ମହାପ୍ରବନ୍ଧକ ତଥା ଅନ୍ୟାନ୍ୟ ଅଧିକାରୀଙ୍କୁ ସ୍ମୃତିଚିହ୍ନ ଏବଂ ପୁଷ୍ପଗୁଚ୍ଛ ଆଦି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍ଏଲ୍ବିସି ଆବାହକ ଗୌତମ ପାତ୍ର, ଏସ୍ଏଲ୍ବିସି ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ, ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭଗବତ ସିଂହ ଭାକୁନି, କଟକ ଅଞ୍ଚଳର ଉପ-ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ବର୍ଷା, ଅବସରପ୍ରାପ୍ତ ମହାପ୍ରବନ୍ଧକ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅନ୍‌ଲାଇନରେ ଉପଲବ୍ଧ ଜାୱା ୟେଜ୍‌ଦି ଆଡ୍‌ଭେଞ୍ଚର, ରୋଡ୍‌ଷ୍ଟର

ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ଜାୱା ୟେଜ୍‌ଦି ମୋଟରସାଇକେଲ ଏହାର ଟପ୍-ସେଲିଂ, ୟେଜ୍‌ଦି ଆଡ୍‌ଭେଞ୍ଚର ଏବଂ ୨୦୨୫ ୟେଜ୍‌ଦି ରୋଡ୍‌ଷ୍ଟର ଏଣିକି ଅନ୍‌ଲାଇନରେ ଉପଲବ୍ଧ ହେବ। ଏପର୍ଯ୍ୟନ୍ତ କେବଳ ଶୋ'ରୁମ୍‌ରେ ଉପଲବ୍ଧ ୟେଜ୍‌ଦିର ଲୋକପ୍ରିୟ ମୋଟରସାଇକେଲଗୁଡ଼ିକ ଏବେ ପ୍ରମୁଖ ବଜାରଗୁଡ଼ିକରେ ସହଜରେ ଉପଲବ୍ଧ ହୋଇପାରିବ। ଅନ୍‌ଲାଇନରେ ଏହାର ସମସ୍ତ ନୂତନ ମଡେଲ ସହ କମ୍ପାନୀ ଏହାର ଡିଜିଟାଲ ବିତରଣ ପହଞ୍ଚକୁ ଉନ୍ନତ କରିବା ପାଇଁ ଗତ ବର୍ଷ ଏକ ଦୃଢ଼ ଅନ୍‌ଲାଇନ ଡେବ୍ୟୁ ପାଇଁ ପ୍ରସ୍ତୁତ ହେଉଛି। ଏହା ଫ୍ଲିପ୍‌କାର୍ଟରେ ପ୍ରିମିୟମ କ୍ଲାସିକ୍ ମୋଟରସାଇକେଲ ତାଲିକାଭୁକ୍ତ କରିବାରେ ପ୍ରଥମ ହୋଇଥିବାବେଳେ ଏହାପରେ ଆମାଜନ ରହିଛି। ଜାୱା ୟେଜ୍‌ଦି ମୋଟରସାଇକେଲର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, ଆମାଜନ ଏବଂ ଫ୍ଲିପ୍‌କାର୍ଟରେ ଆମର ଦୁଇଟି ସବୁଠାରୁ ପ୍ରିୟ ୟେଜ୍‌ଦି ଆଣିବା ଦ୍ୱାରା ସମଗ୍ର ଭାରତରେ ଆରୋହୀମାନେ କ୍ଲାସିକ୍ ମୋଟରସାଇକେଲିଂର ରୋମାଞ୍ଚ ଅନୁଭବ କରିପାରିବେ। ଏଥିରେ ଚାଳକମାନେ ପ୍ଲାଟ୍‌ଫର୍ମ-ନିର୍ଦ୍ଦିଷ୍ଟ ଅଫରଗୁଡ଼ିକୁ ମଧ୍ୟ ଉପଲବ୍ଧ କରିପାରିବେ । ବ୍ରାଣ୍ଡର ଇ-କମର୍ସ ନେଟ୍‌ୱର୍କ ବର୍ତ୍ତମାନ ୪୪ଟି ସହରରେ କାର୍ଯ୍ୟ କରୁଛି ଯେଉଁଥିରେ ୫୫ ଜଣ ଡିଲର ସାମିଲ ଅଛନ୍ତି। ସମସ୍ତ ଜାୱା ଏବଂ ୟେଜ୍‌ଦି ମୋଟରସାଇକେଲଗୁଡ଼ିକ ବ୍ୟାପକ 'ଜାୱା ୟେଜ୍‌ଦି ବିଏସ୍ଏ ଓନରଶିପ୍ ଆସ୍ୟୁରାନ୍ସ ପ୍ରୋଗ୍ରାମ ଦ୍ୱାରା ସମର୍ଥିତ।


# Classified Everyday
0674-2580101, 2549949




## BRIDE WANTED

Wanted Brahmin bride, Preferably working/ studying in USA. Boy 5'8", DOB- 2000, USA Citizen, S/W Engineer in USA. Ph: 9437288173. D-3020

Khandayat Boy, 1998, 5'9", B-Tech, Serving Engineer Deloitte, Bhubaneswar. ''SUNASANSAR'', 9937512659. D-3021

Bride wanted, Karan, 5'4", fair, lower middle class, well educated for our second son, MBA, 6', 40 years working on mutual funds. O+, Bharadwaj, Karkata. Living in Cuttack City. Contact: 7873817735. D-3045

## GROOM WANTED

Odia Kotia (ST) Girl, 6/3, 5'2", 1996, BA+PG+BEd, Koraput looks for service holders. Contact with Profile- 8917511747 (WhatsApp). D-3044

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

All types of physiotherapy and massage. Contact: 9556924059/ 7656969134. D-3013

Newly open health benefits, joint pain relax good environment atmosphere. 7653969971. D-3035

## AFFIDAVIT

By virtue of an affidavit sworn before the Executive Magistrate, Gaisilet, dated- 06.01.2026, I, Sourabha Kumar Tribedi, AT/PO/P.S.- Gaisilet, Dist.- Bargarh, PIN- 768037, Odisha declare that I have changed my son's name from Suriyansh Tribedi to Suryansh Trivedi. Henceforth, he shall be known as Suryansh Trivedi for all purposes.
Sourabha Kumar Tribedi D-3038

I, Ananta Thakur, S/o.- Rajkumar Thakur, Resident of Madan Mohan Pada, Bhawanipatna, Dist.- Kalahandi, PIN- 766001, Odisha declare by this affidavit No. 77AA 648317, dtd.- 06.01.2026 that now onwards I shall be known as ANAND THAKUR for all future purposes. D-3039

I, Dusmanta Roychoudhury, S/o.- Bijendra Roychoudhury, resident of Plot No.- 697/2, Gandamunda, Khandagiri, Bhubaneswar- 751030, Dist.- Khordha, Odisha declare by this affidavit CF No.- 51, dtd.- 18.12.2025 that now onwards I shall be known as DUSMANTA RAYCHOUDHURY for all purposes. D-3043

By virtue of an affidavit sworn before the Executive Magistrate, Jajpur Road Sl. No.- 5433 on dtd.- 23.12.2025, I, Iswar Chandra Sahu, S/o.- Dayanidhi Sahu, date of birth 5th April 1954, resident of At- Prusti Colony, Vyasanagar(M), Post/P.S.- Jajpur Road, Dist.- Jajpur, PIN- 755019 in the State of Odisha Mob- 9438786512 state that my actual name is Iswar Chandra Sahu but in my passport bearing No. L8336452 my name mentioned as ISHWARA CHANDRA SAHU son of DAYANIDHI SAHU. That ISWAR CHANDRA SAHU and ISHWARA CHANDRA SAHU is one and same person. That I shall be known as ISWAR CHANDRA SAHU for all future purposes.
ISWAR CHANDRA SAHU D-3040

By virtue of an affidavit sworn before the Notary Public, Talcher, Odisha, dated- 03.01.2026, I, PARI PRADHAN, W/o.- PRATAP PRADHAN, At- BARADANGUA, P.O.- BIJIGOL, P.S.- NTPC, Dist.- ANGUL, State- ODISHA declare that I have changed my name from PRAMILA PRADHAN, W/o.- PRATAP PRADHAN to PARI PRADHAN, W/o.- PRATAP PRADHAN. Henceforth, I shall be known as PARI PRADHAN for all purpose. D-3041

By virtue of an affidavit sworn before Executive Magistrate, Erasama, Dated- 06.01.2026, I, JAYA PRAKASH MALIK, Address: At/P.O.- Bhiranga, P.S.- Erasama, Dist.- Jagatsinghpur, PIN- 754138 declare that I have changed the name of my son from SRITAM DAS to SRITAM MALIK. Henceforth, he shall be known as SRITAM MALIK for all purposes.
JAYA PRAKASH MALIK D-3042

## LEGAL NOTICE

In the Court of Sub-Divisional Judicial Magistrate, Bargarh
1 cc No.- 59 of 2016
Byomakesh Kar ......Compl.
Versus
Ashok Kumar Bhoi ...... Accused

To
Ashok Kumar Bhoi, S/o.- Jaldhar Bhoi, At- Rinbachana, P.O.- Rinbachana, P.S.- Loisinga, Dist.- Bolangir

Take notice that your attendance is necessary to answer a charge of 138 of Negotiable Instrument Act in this Court.

You are hereby required to appear in person or through pleader on 12th day of January 2026.

Dated this 15th day of December 2025.

Sd./- Magistrate
Bargarh
D-3037

Now Matrimonial ads. only on Wednesday & Sunday
Book 1 Get 1 FREE

# ମନେ ପଡ଼ନ୍ତି

## ଏକାଦଶ ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି



ଁ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା
ଏକାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।
❖ ଶୋକସନ୍ତପ୍ତ ❖
ବନ୍ଧୁ ଓ ପରିବାରବର୍ଗ।
D-3049

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ମମତା ମହାନ୍ତି
ନୟାପଲ୍ଲୀ, ଭୁବନେଶ୍ୱର
ସ୍ୱାମୀ- ପ୍ରଦୀପ ମହାନ୍ତି
ଆବିର୍ଭାବ- ୦୧।୦୬।୧୯୭୧
ତିରୋଧାନ- ୨୮।୧୨।୨୦୨୫
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା । ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇରହିବ। ଆପଣଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ, ଝିଅ- ବବ୍‌ଲି, ଜ୍ୱାଇଁ- ଗୁଡ୍ଡୁ, ବନ୍ଧୁବାନ୍ଧବ ଓ ସମ୍ପର୍କୀୟ
D-3048

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ସଂଯୁକ୍ତାରାଣୀ ରାୟ
ଲୋକାପଡା, ଆଳି
ଆବିର୍ଭାବ- ୨୧।୧୦।୧୯୬୪
ତିରୋଧାନ- ୨୮।୧୨।୨୦୨୫
ଚାହୁଁ ଚାହୁଁ ଏଗାର ଦିନ ହୋଇଗଲା। ତୁମେ କେଉଁ ଏକ ଅଫେରା ରାଇଜକୁ ଚାଲିଗଲ ଯେ ଆଉ ଫେରିବାର ନାମ ଧରିଲନି। ତୁମେ ଯେଉଁଠାରେ ଅଛ ଶାନ୍ତିରେ ରୁହ ଠାକୁରଙ୍କ ପାଖରେ ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ରାୟ ପରିବାର ଓ ବନ୍ଧୁବର୍ଗ।
D-3047

## ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ଶୈଳେଶ ଚନ୍ଦ୍ର ନାଥ
Ex PM (IT) ଅନୁଗୋଳ ଜିଲ୍ଲା ପରିଷଦ,
ଗୀତାଗ୍ରାମ ଅନୁଗୋଳ
ଆବିର୍ଭାବ- ୨୭।୦୩।୧୯୬୪
ତିରୋଧାନ- ୨୭।୧୨।୨୦୨୫
ଚାହୁଁ ଚାହୁଁ ୧୧ଦିନ ବିତିଗଲା। ତୁମ ମହାପ୍ରୟାଣରେ ଆମେ ମର୍ମାହତ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଆମର ପଥ ପ୍ରଦର୍ଶକ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନ୍‌ଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପତ୍ନୀ- ସୁପ୍ରଭା, ପୁତ୍ର- ଅଭିଷେକ, କନ୍ୟା- ସୌମ୍ୟା, ଜ୍ୱାଇଁ- ରାଜେଶ, ନାତୁଣୀ- ଆଦ୍ରିତି, ପରିବାର ଓ ବନ୍ଧୁବର୍ଗ।
D-3046

## ପିଆଜ ଚାଷ



ପିଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ । ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ । ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ । ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ । ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ । ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ । ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ ।

## ଗହମରେ କାଳିଗୁଣ୍ଡି ପୋକ ଦମନ

ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବା ଆଶଙ୍କା ଅଛି । ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ । ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ ।



## ଚାଷୀଙ୍କ ପାଇଁ



ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ । ଶୀତ ସହ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ । ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ । ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ । କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ । ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ ।

# ଖରିଫ ଧାନ ସାଇତି ରଖିବା ସମୟରେ...



**ଏ ମାସର କୃଷି ସୂଚନା**

ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାର ଘର ସଫା କରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ । ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ । ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲ ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଟା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ :ସହଜ - ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ -ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ । କିଆରିରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ । ଏହାଦ୍ୱାରା ମଧ ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ ।

**ସୋରିଷ**

ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୂର୍ଯ୍ୟମୁଖୀ**

ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

**ଚିନାବାଦାମ**

ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ଫ୍ଲୁବେଣ୍ଡିଆମାଇଡ୍ ସିଞ୍ଚନ କରନ୍ତୁ । ଜଉପୋକ ପାଇଁ ହେକ୍ଟର ପିଛା ଇମିଡାକ୍ଲୋପ୍ରିଡ୍ ୧୨୦ ମି.ଲି./ହେକ୍ଟର କିମ୍ବା ୧୦୦ ଗ୍ରାମ୍ ଥାୟୋ ମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୭୫୦ ମି.ଲି. ଟେବୁକୋନାଜୋଲ୍ ଇ.ସି. (୨୫.୯%)/ହେକ୍ସାକୋନାଜଲ୍ ଇ.ସି. (୫%) କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ । ହେକ୍ଟର ପ୍ରତି ୧-୨ଟି ଟ୍ରାଇକୋକାର୍ଡ ୫୦୦୦୦ ରୁ ୧୦୦୦୦୦ ଅଣ୍ଡା ପ୍ରତି ସପ୍ତାହ ଅନ୍ତରରେ ୩-୪ ଥର ଛାଡ଼ନ୍ତୁ ।

**ପନିପରିବା**

**କୋବି :** କୋବି ଜାତୀୟ ଫସଲରେ ପତ୍ରବିନ୍ଧା ପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବି ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତକରି ତଳି ପକାନ୍ତୁ । କିସମ - ସ୍ନୋବଲ୍, ସ୍ନୋବଲ୍-୧୬ ।

**ଶାଗ :** ଶୀତଦିନିଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ ।

**ତରଭୁଜ :** ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜାହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ । ଉନ୍ନତ କିସମ - ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା, ସଙ୍କର କିସମ - ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍, ଆଣ୍ଡାମାନ୍

**ଲିଚୁ ଓ ସପେଟା :** ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।

**ଫୁଲ :** ଖରାଟିଆ ଫୁଲଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

**-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର**

## ଆମ୍ବ



ଆମ୍ବବଉଳ ଆସିଥିଲେ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ । ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍-୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।

## ଅଳ୍ପରେ...

**ଗୋପାଳନ:** ଗାଈମାନଙ୍କଠାରେ ପ୍ରସୂତି ସମସ୍ୟା ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ । ଚର୍ମବିଣ୍ଡି ରୋଗ ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପରାମର୍ଶ ନିଅନ୍ତୁ । ଗାଈକୁ ଚରିବାକୁ ଛାଡ଼ନ୍ତୁ ନାହିଁ ଏବଂ ସୁସ୍ଥ ପଶୁଙ୍କଠାରୁ ଦୂରରେ ରଖନ୍ତୁ ।





**ଛେଳି ପାଳନ:** ଥଣ୍ଡାଜନିତ ଅସୁବିଧାରୁ ରକ୍ଷାକରିବା ପାଇଁ ଯଥାସାଧ୍ୟ ପଦକ୍ଷେପ ଗ୍ରହଣକରନ୍ତୁ । ଭୂତାଣୁଜନିତ ରୋଗ ଓ ନିମୋନିଆରୁ ରକ୍ଷା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**କୁକୁଡ଼ା ପାଳନ :** ଥଣ୍ଡାଜନିତ ଅସୁବିଧାରୁ ରକ୍ଷା ପାଇବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରନ୍ତୁ । ଭୂତାଣୁଜନିତ ରୋଗ ପ୍ରତିଷେଧକ ବ୍ୟବସ୍ଥା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।





**ମତ୍ସ୍ୟଚାଷ:** ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହ ୩ କି.ଗ୍ରା. ୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆକୁ ମିଶାଇ ଖାଇବାକୁ ଦିଅନ୍ତୁ ।

## ରାଶିର ଉନ୍ନତ କିସମ

ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ । ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ । ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ । ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ଦୁଇଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ । ଏକର ପ୍ରତି ୮ଗାଡି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ । ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ । ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ ।

## କଦଳୀ ଚାଷ କରୁଥିଲେ...



କଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ । ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡ଼ିଆ କରି ରଖି ଦିଅନ୍ତୁ । ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ । କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ । ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ । ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ ।

## ଡାଲି ଜାତୀୟ ଫସଲ



ଡାଲିଜାତୀୟ ଫସଲର ୧ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% ସହ ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଜମିକୁ ଭଲ ଭାବରେ ଚାଷକରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ଥାୟୋମେଥୋକ୍ସାମ୍ ୨୫ ଏସ୍‌ଜି ୧୦୦ ଗ୍ରାମ୍/ହେକ୍ଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

## ଆଳୁଚାଷରେ ଜଳସେଚନ



ମାଟିର ଆବଶ୍ୟକତାକୁ ଚାହିଁ ଆଳୁ କିଆରିରେ ୮-୧୦ ଦିନ ଅନ୍ତରରେ ପାଣି ମଡ଼ାନ୍ତୁ । ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଉଚିତ । ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ । ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୧.୫ କି.ଗ୍ରା. କାର୍ବେଣ୍ଡାଜିମ୍ ୧୨% ସହ ମାଙ୍କୋଜେବ୍ ୬୩% ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ । ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍‌ସିଲ ୮ % ସହ ମାନ୍‌କୋଜେବ୍ ୬୪% ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ । ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ । ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ ଓ ସେହି ସମୟରେ ହୁଡ଼ା ଟେକା ପୂର୍ବରୁ ବିଷ ପ୍ରୟୋଗ କରନ୍ତୁ ।

## ଆଖୁ ବିହନ ଚୟନ



ଆଖୁ ବିହନ ୬ ରୁ ୮ ମାସ ହୋଇଯାଇଥିଲେ ତାକୁ ବିହନ ରୂପେ ବ୍ୟବହାର କରନ୍ତୁ । ଆଖୁଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ହେକ୍ଟର ପିଛା ୭୫ ରୁ ୧୦୦ କୁଇଣ୍ଟାଲ ଆଖୁ ବିହନ ଆବଶ୍ୟକ । ମୂଳିଫସଲରୁ ବିହନ ବ୍ୟବହାର କରନ୍ତୁ ନାହିଁ ଏବଂ ପୋକରା ଫସଲକୁ ମଧ୍ୟ ବ୍ୟବହାର କରନ୍ତୁ ନାହିଁ । ଲଗାଇବା ପୂର୍ବରୁ ଆଖୁଗୁଳାକୁ ଶତକଡ଼ା ୦.୧ ଭାଗ କାର୍ବେଣ୍ଡାଜିମ୍ ମିଶାଯାଇଥିବା ପାଣିରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇଲେ ଭଲ ଗଜା ବାହାରେ । ଧାଡ଼ିକୁ ଧାଡ଼ି ସଅଳ କିସମ ୬୦ ସେ.ମି., ମଧ୍ୟମ କିସମ ୭୫ ସେ.ମି., ବିଳମ୍ବ କିସମ ୯୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ଓ ଆଖୁକୁ ଗଭୀର ଖାଇ କରି ପୋତନ୍ତୁ ।

ଧରିତ୍ରୀ 52 Years

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୭/୨୦୨୬ Bhubaneswar, Wednesday, January 7/ 2026

Dr. Juneja's ® ପେଟ ସଫା। Natural Laxative Granules & Tablets

ଯଦି ଆପଣ କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଏସିଡିଟି କାରଣରୁ ବିବ୍ରତ ଅଛନ୍ତି, ତେବେ ଆଜି ହିଁ ନିଅନ୍ତୁ 'ପେଟ ସଫା' ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ/ଟାବ୍‌ଲେଟ୍ସ । ପେଟ ସଫା ପ୍ରଥମ ରାତିରୁ ପ୍ରଭାବ ଦେଖାଏ ଏବଂ ଏହା ଅଭ୍ୟାସରେ ମଧ୍ୟ ପରିଣତ ହୁଏନାହିଁ ।

20% EXTRA TABLETS

ରାତିରେ ଗୋଟିଏ ଚାମଚ ଖାଅ ସକାଳେ ଫ୍ରେଶ୍ ହୋଇଯାଅ...

କୋଷ୍ଠକାଠିନ୍ୟ ଗ୍ୟାସ୍ ଏସିଡିଟି

ପେଟ ସଫା....... ତ ସବୁ ରୋଗ ଦଫା।

Divisa www.divisastore.com

24x7 Helpline: 91197 88888 www.petsaffa.com

# ସିଏମ୍ ଟ୍ରଫି: କବାଡ଼ି, ଖୋ ଖୋ, ଭଲିବଲ ସାମିଲ

**ଭୁବନେଶ୍ୱର, ୬।୧ (ତପନ ସ୍ୱାଇଁ)**

ତୃଣମୂଳସ୍ତରରୁ ପ୍ରତିଭା ଅନ୍ୱେଷଣ ଏବଂ କ୍ରୀଡ଼ାର ବିକାଶ ଉଦ୍ଦେଶ୍ୟରେ ଗତବର୍ଷ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ସିଏମ୍ ଟ୍ରଫିର ଦ୍ୱିତୀୟ ସଂସ୍କରଣ ଲାଗି କ୍ଷେତ୍ର ପ୍ରସ୍ତୁତ। ପ୍ରତିଭା ଅନେକ, ଲକ୍ଷ୍ୟ ଏକ ସଂକଳ୍ପ ସହ ୨୦୨୫ରେ ସଫଳତାର ସହ ସମ୍ପନ୍ନ ହୋଇଥିବା ଏହି ପ୍ରତିଯୋଗିତା ଏଥର 'ପଡ଼ିଆରୁ ପୋଡିୟମ' ଲକ୍ଷ୍ୟରେ ଆୟୋଜନ ହେବ। ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ କେବଳ ବାଳକ ଫୁଟ୍‌ବଲକୁ ସାମିଲ କରାଯାଇଥିଲା।



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ ନିର୍ଦ୍ଦେଶକ ୟେଦୁଲା ବିଜୟ।

- **ଫୁଟବଲକୁ ମିଶାଇ ୪ ଇଭେଣ୍ଟରେ ହେବ ପ୍ରତିଯୋଗିତା**
- **୩୨,୦୦୦ରୁ ଅଧିକ ଯୁବ ଖେଳାଳିଙ୍କ ଅଂଶଗ୍ରହଣ ସମ୍ଭାବନା**
- **ଜାନୁଆରୀ ୭ରୁ ୧୪ ପଞ୍ଜୀକରଣ ପ୍ରକ୍ରିୟା**

ଏଥର ଏଥିରେ ଭଲିବଲ୍ ଏବଂ ୨ଟି ସ୍ୱଦେଶୀ କ୍ରୀଡ଼ା କବାଡ଼ି ଓ ଖୋ ଖୋକୁ ସାମିଲ କରାଯାଇଛି। ତୃଣମୂଳସ୍ତରରୁ ପ୍ରତିଭାବାନ୍ ଖେଳାଳିଙ୍କୁ ଚୟନକରି ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଏହି ଅଭିନବ ପ୍ରୟାସର ମୂଳ ଲକ୍ଷ୍ୟ। ଏହି ପ୍ରତିଯୋଗିତା ମାଧ୍ୟମରେ ରାଜ୍ୟର ତୃଣମୂଳସ୍ତରରେ କ୍ରୀଡ଼ାବିତ୍‌ମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ସୁଦୃଢ଼ ମଞ୍ଚ ପ୍ରଦାନ କରାଯାଇପାରିବ ବୋଲି ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ରାଜ୍ୟ କ୍ରୀଡ଼ା ସଂଘ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥର ଉଭୟ ବାଳିକା ଓ ବାଳକ ବର୍ଗରେ ପ୍ରତିଯୋଗିତା ହେବ, ଯାହା କ୍ରୀଡ଼ାକ୍ଷେତ୍ରରେ ସମାନତା ଏବଂ ସମାବେଶୀ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ପ୍ରକାଶଯୋଗ୍ୟ, ଗତବର୍ଷ ପ୍ରଥମ ସଂସ୍କରଣରେ କେବଳ ବାଳକ ଫୁଟ୍‌ବଲରେ ପ୍ରତିଭା ଅନ୍ୱେଷଣ ହୋଇଥିଲା। ଏଥର ଉଭୟ ବାଳିକା ଓ ବାଳକ ବର୍ଗରେ ୧୪ ବର୍ଷରୁ କମ୍ ବଲିବଲ, ୧୫ ବର୍ଷରୁ କମ୍ ଫୁଟ୍‌ବଲ ଏବଂ ୧୪ ବର୍ଷରୁ କମ୍ ଭଲିବଲ ଓ ଖୋ ଖୋକୁ ସାମିଲ କରାଯାଇଛି।

ପ୍ରତିଯୋଗିତା ବହୁସ୍ତରୀୟ ପ୍ରକ୍ରିୟାରେ ପରିଚାଳିତ ହେବ। ପ୍ରଥମେ ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାଙ୍କୁ ଚୟନ କରାଯାଇ ଜିଲାସ୍ତର, ଜୋନାଲ୍ ଏବଂ ଶେଷରେ ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ୨୦୨୬ ଜାନୁଆରୀ ୭ରୁ ୧୪ ମଧ୍ୟରେ ଆଶାୟୀ କ୍ରୀଡ଼ାବିତ୍‌ମାନେ ସିଏମ୍ ଟ୍ରଫି ଚାମ୍ପିୟନଶିପ୍ ପାଇଁ ପଞ୍ଜୀକରଣ କରିପାରିବେ। ମେଧାଭିତ୍ତିରେ ଜିଲାସ୍ତରରେ ବାଳକ ବର୍ଗରେ ୧୦ଟି ଏବଂ ବାଳିକା ବର୍ଗରେ ୬ଟି ଟିମ୍ ଗଠନ କରାଯିବ। ସମଗ୍ର ରାଜ୍ୟରୁ ପ୍ରାୟ ୫୦୦ଟି ଦଳ ଏବଂ ୩୨,୦୦୦ ଯୁବ କ୍ରୀଡ଼ାବିତ୍ ଏଥିରେ ସାମିଲ ହେବା ଆଶା କରାଯାଉଛି। ପ୍ରତିଯୋଗିତା ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଜାନୁଆରୀ – ଫେବୃଆରୀ ମଧ୍ୟରେ ହେବାପରେ ଦ୍ୱିତୀୟ ପର୍ଯ୍ୟାୟ ମେ'ରୁ ଆରମ୍ଭ ହେବ। ସେମିଫାଇନାଲ୍ ଏବଂ ଫାଇନାଲ୍‌ଗୁଡ଼ିକ ମେ'ରେ ଆୟୋଜନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ କ୍ରୀଡ଼ା ସଂଘଗୁଡ଼ିକ ଖେଳାଳିଙ୍କ ପଞ୍ଜୀକରଣ, ଟ୍ରାଏଲ୍ ପରିଚାଳନା, ବୈଷୟିକ ଅଧିକାରୀଙ୍କ ନିଯୁକ୍ତି ଏବଂ ମ୍ୟାଚ୍ ଆୟୋଜନ ପରି ବୈଷୟିକ ଦିଗଗୁଡ଼ିକର ଦାୟିତ୍ୱ ନେବେ। କ୍ରୀଡ଼ା ଓ ଯୁବସେବା ବିଭାଗ ସମଗ୍ର କାର୍ଯ୍ୟକ୍ରମର ଯୋଜନା ଏବଂ ପରିଚାଳନା ଦିଗ ଉପରେ କାର୍ଯ୍ୟ କରିବ। ଓଡ଼ିଶାର ଏହି 'ସିଏମ୍ ଟ୍ରଫି ଚାମ୍ପିୟନ୍‌ଶିପ' ଆଗାମୀ ଦିନରେ ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଉପସ୍ଥିତ ଥିଲେ।

# ଅପରାଜିତାଙ୍କୁ ଆଉ ଏକ ଗୁରୁଦାୟିତ୍ୱ

**ଭୁବନେଶ୍ୱର, ୬।୧ (ତପନ ସ୍ୱାଇଁ)**

## ଟାଟା ଷ୍ଟିଲ୍ ଚେସ୍‌ରେ ଫେୟାର ପ୍ଲେ ଅଫିସର



ଚଳିତ ମାସ ୭ରୁ ୧୧ ପର୍ଯ୍ୟନ୍ତ ଟାଟା ଷ୍ଟିଲ୍ ଚେସ୍ ଟୁର୍ନାମେଣ୍ଟ କୋଲ୍‌କାତାର ଧନୋ ଧାନ୍ୟୋ ଅଡିଟୋରିୟମରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ତଥା ଆର୍ବିଟର ଅପରାଜିତା ଗୋଚ୍ଛିକାର ଫେୟାର ପ୍ଲେ ଅଫିସର ନିଯୁକ୍ତ ହୋଇଛନ୍ତି। ଟାଟା ଷ୍ଟିଲ୍ ଚେସ୍ ଭାରତର ଅନ୍ୟତମ ବଡ଼ ଚେସ୍ ଟୁର୍ନାମେଣ୍ଟ। ସର୍ବଭାରତୀୟ ଚେସ୍ ଫେଡେରେଶନ ଏବଂ ବିଶ୍ୱ ଚେସ୍ ଫେଡେରେଶନ (ଫିଡେ)ର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଶ୍ୱର ନାମୀ ଖେଳାଳିଙ୍କ ମଧ୍ୟରେ ଓପନ ବର୍ଗରେ ସୁପର ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ, ଅର୍ଜ୍ଜୁନ ଇରିଗାସି, ଆର୍. ପ୍ରଜ୍ଞାନନ୍ଦ, ଭିଦିତ ଗୁଜରାଟି, ୱେସଲି ସୋ ଏବଂ ମହିଳା ବର୍ଗରେ ଦିବ୍ୟା ଦେଶମୁଖ, ବୈଶାଳୀ ଓ ଡି ହାରିକାଙ୍କ ପରି ଖେଳାଳି ଅଂଶଗ୍ରହଣ କରିବେ। ଟାଟା ଷ୍ଟିଲ୍ ଚେସ୍‌ର ପରବର୍ତ୍ତୀ ପର୍ଯ୍ୟାୟ ନେଦରଲାଣ୍ଡର ୱିକ୍ ଆନ୍ ଜିରେ ଆସନ୍ତା ୧୬ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏପରି ବଡ଼ ଟୁର୍ନାମେଣ୍ଟରେ ଫେୟାର ପ୍ଲେ ଅଫିସର ପରି ଗୁରୁଦାୟିତ୍ୱ ପାଇଥିବାରୁ ଖୁସି ଜାହିର କରିଛନ୍ତି ଅପରାଜିତା। ତାଙ୍କ ପାଇଁ ଏହି ଦାୟିତ୍ୱ ଯଦିଓ ନୂଆ ନୁହେଁ, ତଥାପି ଆଗାମୀ ଟୁର୍ନାମେଣ୍ଟରେ ସେ ନିଜର ଶ୍ରେଷ୍ଠ ଅଭିଜ୍ଞତାକୁ ଉପଯୋଗ କରିବାକୁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ଶୃଙ୍ଖଳିତଭାବେ ଆୟୋଜନ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

# ଫେବୃଆରୀ ୧୪ରୁ ଆଇଏସ୍ଏଲ୍

**ନୂଆଦିଲ୍ଲୀ,୬।୧(ପି.ଟି.)**

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍)ର ୨୦୨୫-୨୬ ସଂସ୍କରଣ ଆସନ୍ତା ଫେବୃଆରୀ ୧୪ରୁ ଆରମ୍ଭ ହେବ। ଏ ନେଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ମଙ୍ଗଳବାର ଘୋଷଣା କରିଛନ୍ତି। କମର୍ସିଆଲ ପାର୍ଟନରଙ୍କ ଅଭାବରୁ ସ୍ଥଗିତ ରଖାଯାଇଥିବା ଆଇଏସ୍ଏଲ୍‌ର ଏହି ସଂସ୍କରଣରେ ସମସ୍ତ ୧୪ କ୍ଲବ ଭାଗନେବେ। ସେହିଭଳି ଆଇ-ଲିଗ୍ ମଧ୍ୟ ପାଖାପାଖି ସମାନ ସମୟରେ ହେବ, ଯେଉଁଥିରେ ସମସ୍ତ ୧୧ କ୍ଲବ୍ ଅଂଶଗ୍ରହଣ କରିବେ।

ଆଇଏସ୍ଏଲ୍‌କୁ ନେଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା କରାଯାଉଥିଲା। କିନ୍ତୁ ମଙ୍ଗଳବାର ସରକାର, ଫୁଟ୍‌ବଲ ଫେଡେରେଶନ ଓ ୧୪ କ୍ଲବ୍ ପ୍ରତିନିଧି ଏକ ବୈଠକରେ ସାମିଲ ହୋଇ ଫେବୃଆରୀ ୧୪ରୁ ଆଇଏସ୍ଏଲ୍ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ସମସ୍ତ କ୍ଲବ ଭାଗନେବେ ବୋଲି ମାଣ୍ଡବ୍ୟ କହିଛନ୍ତି। ହୋମ୍ ଆଣ୍ଡ ଆୱେ ଫର୍ମାଟ୍‌ରେ ଆଇଏସ୍ଏଲ୍‌ରେ ମୋଟ ୯୧ ମ୍ୟାଚ୍ ଖେଳାଯିବ। ସେହିଭଳି ଆଇ-ଲିଗ୍‌ରେ ୫୫ ମ୍ୟାଚ୍ ଖେଳାଯିବ। କେବଳ ଆଇଏସ୍ଏଲ୍‌ର ପରିଚାଳନା ଲାଗି ୨୫ କୋଟି ଟଙ୍କାର ସେଣ୍ଟ୍ରାଲ ପୁଲ୍ ବ୍ୟବସ୍ଥା କରାଯାଇଛି। ଏଥିରୁ ୧୦ ପ୍ରତିଶତ ପାଣ୍ଠି ଏଆଇଏଫ୍ଏଫ୍ ଯୋଗାଇବ। ୩୦ ପ୍ରତିଶତ ପାଣ୍ଠି କମର୍ସିଆଲ ପାର୍ଟନରଙ୍କଠାରୁ ଆସିବ। କିନ୍ତୁ ଆମ ପାଖରେ ବର୍ତ୍ତମାନ କୌଣସି କମର୍ସିଆଲ ପାର୍ଟନର ନାହାନ୍ତି। ଏଣୁ ଏହି ଖର୍ଚ୍ଚ ମଧ୍ୟ ଫେଡେରେଶନ ଉଠାଇବ। ନୂଆ କମର୍ସିଆଲ ପାର୍ଟନର ନ ମିଳିବା ପର୍ଯ୍ୟନ୍ତ ଏଆଇଏଫ୍ଏଫ୍ ମୋଟ ଉପରେ ଆଇଏସ୍ଏଲ୍ ଲାଗି ୧୪ କୋଟି ଓ ଆଇ-ଲିଗ୍ ପାଇଁ ୩.୨ କୋଟି ଟଙ୍କା ଦେବ। ଲିଗ୍ ପରିଚାଳନା କରିବା ପାଇଁ ଏକ ଗଭର୍ନିଂ କାଉନ୍‌ସିଲ ବୋର୍ଡ ଗଠନ କରାଯିବ, ଯାହା ପାଖରେ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତା ରହିବ ବୋଲି ଏଆଇଏଫ୍ଏଫ୍ ମୁଖ୍ୟ କଲ୍ୟାଣ ଚୌବେ କହିଛନ୍ତି।

## ଏସିଆ ସ୍କୁଲ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍

# ଭାଗନେବେ କିସ୍‌ର ବାଳିକା, ବାଳକ ଦଳ

**ଭୁବନେଶ୍ୱର,୬।୧ (ବିଜୟ ରଣା)**

ଜାନୁଆରୀ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ହେବଏସିଆ ସ୍କୁଲ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍। ଏଥିରେ ଭାରତକୁ ପ୍ରତିନିଧିତ୍ୱ କରିବେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍ (କିସ୍)ର ଉଭୟ ବାଳକ ଓ ବାଳିକା ରଗବୀ ଦଳ। ଏହି ଚାମ୍ପିୟନଶିପ୍‌ରେ ବିଭିନ୍ନ ଏସୀୟ ଦେଶର ସ୍କୁଲ ଓ କଲେଜ ଦଳ ଅଂଶଗ୍ରହଣ କରିବେ। ଥାଇ ରଗବୀ ୟୁନିୟନ ଦ୍ୱାରା ଆୟୋଜିତ ଏହି ଇଭେଣ୍ଟରେ ଆୟୋଜକ ଥାଇଲାଣ୍ଡ ବ୍ୟତୀତ ଲାଓସ୍, ମାଲେସିଆ, ପାକିସ୍ତାନ, ଚାଇନିଜ୍ ତାଇପେ ଭଳି ଦେଶ ଅଂଶଗ୍ରହଣ କରୁଛନ୍ତି। ବିଦ୍ୟାଧର ମାଝିଙ୍କୁ ୧୪ ଜଣିଆ କିସ୍ ଇଣ୍ଡିଆ ବାଳକ ଦଳର ଅଧିନାୟକ ମନୋନୀତ କରାଯାଇଛି। ଯଶୋବନ୍ତ କୁମୁରା ଦଳର ପ୍ରଶିକ୍ଷକ ଓ କନ୍ଦନ ମୁର୍ମୁ ମ୍ୟାନେଜର ରହିଛନ୍ତି। ସେହିପରି ମାମାଲି ସିଂହଙ୍କୁ ୧୪ ଜଣିଆ କିସ୍ ଇଣ୍ଡିଆ ବାଳିକା ଦଳର ଅଧିନାୟିକା କରାଯାଇଥିବା ବେଳେ ହିରାନୋ ମିକିନୋରି ଦଳର ପ୍ରଶିକ୍ଷକ ଓ ନିର୍ମାଲ୍ୟ ରାଉତଙ୍କୁ ମ୍ୟାନେଜର କରାଯାଇଛି। ଦଳ ୭ ତାରିଖରେ ଥାଇଲାଣ୍ଡ ଅଭିମୁଖେ ଯାତ୍ରା କରିବ। ଏହି ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଚାମ୍ପିୟଶିପ୍‌ରେ ଉଭୟ ଦଳର ସଫଳତା କାମନା କରିଛନ୍ତି। ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିୟନ୍ ଓ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନର କର୍ମକର୍ତ୍ତାଗଣ ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ରଗ୍‌ବୀ ଫୁଟବଲ୍ ଆସୋସିଏଶନର ଉପସଭାପତି ଉପେନ୍ଦ୍ର ମହାନ୍ତ, କିଟ୍‌ର କ୍ରୀଡ଼ା ଏବଂ ଯୋଗ ସ୍କୁଲ ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ହେଡ୍, ସ୍ମିଥ୍‌ଙ୍କ ଶତକ: ଅଷ୍ଟ୍ରେଲିଆ- ୫୧୮/୭

**ସିଡ୍‌ନୀ,୬।୧(ପି.ଟି.)**



ଶତକ ହାସଲ ପରେ ଷ୍ଟିଭ୍ ସ୍ମିଥ୍।

ଏଠାରେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଆଶେସ୍ ଟେଷ୍ଟର ତୃତୀୟ ଦିନ ଶେଷସୁଦ୍ଧା ଅଷ୍ଟ୍ରେଲିଆ ଆଗରେ ରହିଛି। ପ୍ରଥମ ଇନିଂସ୍‌ରେ ଇଂଲଣ୍ଡର ୩୮୪ ରନ୍‌ର ଜବାବରେ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ଅପରାଜିତ ଶତକ ବଳରେ ତୃତୀୟ ଦିନ ଶେଷସୁଦ୍ଧା ୭ ଉଇକେଟ ହରାଇ ୫୧୮ ରନ୍ କରିଛି। ଫଳରେ ଦଳ ହାତରେ ୩ ଉଇକେଟ ରଖି ୧୩୪ ରନ୍‌ରେ ଆଗରେ ରହିଛି। ମ୍ୟାଚ୍ ଜରିଆରେ ସ୍ମିଥ୍ କ୍ୟାରିୟରର ୩୭ତମ ଟେଷ୍ଟ ଶତକ ହାସଲ କରିଛନ୍ତି। ଏଥିସହ ସେ ସର୍ବାଧିକ ସଂଖ୍ୟକ ଟେଷ୍ଟ ଶତକ ହାସଲ କରିଥିବା ବ୍ୟାଟରଙ୍କ ତାଲିକାରେ ଥିବା ଭାରତର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ୍‌ଙ୍କୁ ପଛରେ ପକାଇଛନ୍ତି।

ମଙ୍ଗଳବାର ଅଷ୍ଟ୍ରେଲିଆ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋର ୧୬୬/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଟ୍ରାଭିସ୍ ହେଡ୍ ଓ ନାଇଟ୍ ୱାଚ୍‌ମ୍ୟାନ ମାଇକେଲ ନେସର ଦିନର ପ୍ରଥମ ସେସନରେ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ଦୁହେଁ ୩ୟ ଉଇକେଟରେ ୭୨ ରନ୍ ଯୋଡ଼ିଥିଲେ। ନେସର ୨୪ ରନ୍‌କରି ଆଉଟ୍ ହେବା ପରେ ଅଧିନାୟକ ସ୍ମିଥ୍ କ୍ରିଜ୍‌କୁ ଓହ୍ଲାଇଥିଲେ। ସ୍ମିଥ୍‌ଙ୍କ ସହ ଚତୁର୍ଥ ଉଇକେଟରେ ୫୪ ରନ୍ ଯୋଡ଼ିବା ପରେ ହେଡ୍ ୧୬୩ ରନ୍ କରି ଆଉଟ ହୋଇଥିଲେ। ଏହି ମ୍ୟାଚ୍ ଜରିଆରେ କ୍ରିକେଟ୍‌ରୁ ଅବସର ନେବାକୁ ଯାଉଥିବା ଅଷ୍ଟ୍ରେଲିଆନ୍ ବ୍ୟାଟର ଉସ୍ମାନ୍ ଖ୍ୱାଜା ଉପସ୍ଥିତ ଦର୍ଶକଙ୍କ କରତାଳି ଓ କୋଳାହଳ ମଧ୍ୟରେ କ୍ରିଜ୍‌କୁ ଓହ୍ଲାଇଥିଲେ। ସେ ୪୯ଟି ବଲ୍‌ରେ ୧୭ ରନ୍ କରିଥିଲେ। ସ୍ମିଥ୍ ଓ ନଂ.୯ରେ ବ୍ୟାଟିଂ କରିବାକୁ ଆସିଥିବା ୱେବ୍‌ଷ୍ଟର ଭ୍ରମଣକାରୀ ଦଳର ବୋଲରଙ୍କୁ ଆଉ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ଅବିଭାଜିତ ଅଷ୍ଟମ ଉଇକେଟରେ ୮୧ ରନ୍ ଯୋଡ଼ିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ୱେବ୍‌ଷ୍ଟର ୪୨(୪ ଚୌକା) ଓ ସ୍ମିଥ୍ ୧୨୯(୧୫ ଚୌକା, ୧ ଛକା) ରନ୍‌ରେ ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୪/ଅଲ୍‌ଆଉଟ୍। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୧୮/୭ (ଟ୍ରାଭିସ୍ ହେଡ୍-୧୬୩, ଷ୍ଟିଭ ସ୍ମିଥ-୧୨୯*, ବ୍ୟୁ ୱେବ୍‌ଷ୍ଟର-୪୨*, ବ୍ରାଇଡନ କାର୍ସ-୩/୧୦୮, ବେନ୍ ଷ୍ଟୋକ୍ସ-୨/୮୭)।

# ଅଲ୍ ଓଡ଼ିଶା ଉତ୍କଳ ଓପନ ଟେନିସ ୯ରୁ

**ଭୁବନେଶ୍ୱର, ୬।୧ (ତପନ ସ୍ୱାଇଁ)**

## ଜର୍ସି ଉନ୍ମୋଚିତ

ଏସ୍. ଟେନିସ୍ କ୍ଲବ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ୍‌ର ଟେନିସ୍ କମ୍ପ୍ଲେକ୍ସରେ ଦ୍ୱାଦଶ ଅଲ୍ ଓଡ଼ିଶା ଉତ୍କଳ ଓପନ୍ ଟେନିସ୍ ଟୁର୍ନାମେଣ୍ଟ ଚଳିତମାସ ୯ରୁ ଆରମ୍ଭ ହେବ। ୧୧ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ମୋଟ ୮ଟି ବର୍ଗରେ ଅନୁଷ୍ଠିତ ହେବ। ପୁରୁଷ ସିଙ୍ଗଲ୍ସ, ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ସିଙ୍ଗଲ୍ସ ଏବଂ ମହିଳା ସିଙ୍ଗଲ୍ସ ଲାଗି ୭୦୦ ଟଙ୍କାର ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଛି। ସେହିପରି ପୁରୁଷ ଡବଲ୍ସ ଏବଂ ଭେଟେରାନ ବର୍ଗରେ ୪୦+, ୫୦+ ଓ ୬୦+ ଡବଲ୍ସ ଲାଗି ୧୦୦୦ ଟଙ୍କା ଏଣ୍ଟ୍ରି ଫି' ରଖାଯାଇଛି। ଅଂଶଗ୍ରହଣ ଲାଗି ଇଚ୍ଛୁକ ଖେଳାଳିମାନେ ୮ ତାରିଖ ସନ୍ଧ୍ୟା ୬ଟା ପୂର୍ବରୁ ସେମାନଙ୍କ ନାମ ପଞ୍ଜୀକୃତ କରିବାକୁ ପଡ଼ିବ ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ଅଧ୍ୟକ୍ଷ ଡ. ବିଶ୍ୱଜିତ୍ ମିଶ୍ର ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ଲାଗି ୩,୫୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। କ୍ୱାର୍ଟର ଫାଇନାଲିଷ୍ଟଙ୍କଠାରୁ ଆରମ୍ଭକରି ଚାମ୍ପିୟନ ପର୍ଯ୍ୟନ୍ତ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟି-ଶାର୍ଟ, ମୋମେଣ୍ଟୋ ଓ ଅର୍ଥରାଶି ପ୍ରଦାନ କରାଯିବ। ଚାମ୍ପିୟନଙ୍କୁ ଟ୍ରଫି ସହ ୧୨,୦୦୦ ଓ ରନରଅପ୍‌ଙ୍କୁ ୮,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ଇମର୍ଜିଂ ପ୍ଲେୟର, ସ୍ପୋର୍ଟ୍ସମ୍ୟାନ ସ୍ପିରିଟ, ୱେଲ୍-ଡ୍ରେସ୍‌ଡ୍ ଏବଂ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ବର୍ଗରେ ସ୍ୱତନ୍ତ୍ର ପୁରସ୍କାର ରଖାଯାଇଛି। ସର୍ବଭାରତୀୟ ଟେନିସ୍ ଆସୋସିଏଶନର ନିୟମକୁ କଡ଼ାକଡ଼ି ଭାବେ ଅନୁପାଳନ କରାଯିବ। ଆୟୋଜକ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ। ୪୦+କୁ ଛାଡ଼ି ଅନ୍ୟ ସମସ୍ତ ଭେଟେରାନ ବର୍ଗର ମ୍ୟାଚ୍ କ୍ଲେ-କୋର୍ଟରେ ଅନୁଷ୍ଠିତ ହେବ। ଅନ୍ୟ ମ୍ୟାଚ୍ ଗୁଡ଼ିକ ସିନ୍ଥେଟିକ୍ ଏବଂ କ୍ଲେ କୋର୍ଟରେ ଆୟୋଜନ କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଉକ୍ତ ସମ୍ମିଳନୀରେ କ୍ଲବ ସମ୍ପାଦକ ନଭରତନ ବୋଥ୍ରା, କାର୍ଯ୍ୟକାରିଣୀ ସଦସ୍ୟ ଡ. ଧିରଜ ପଣ୍ଡା, ଲକ୍ଷ୍ମଣ ନାଥ, ଦୀପକ କୁମାର ନାୟକ, ପ୍ରଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ଲାଗି ଜର୍ସି ଉନ୍ମୋଚନ କରିଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରତିଯୋଗିତାର ଜର୍ସି ଉନ୍ମୋଚନ କରୁଛନ୍ତି।

# ଓଡ଼ିଶାର ଶୋଚନୀୟ ପରାଜୟ

**ବେଙ୍ଗାଲୁରୁ,୬।୧**

## ବିଜୟ ହଜାରେ ଟ୍ରଫି


କ୍ୟାପ ଗ୍ରହଣ କରୁଛନ୍ତି ତୁଫେଲ ଅହମଦ।

ଚଳିତ ବିଜୟ ହଜାରେ ଟ୍ରଫି ଦିନିକିଆ ଘରୋଇ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୨୩୩ ରନ୍‌ର ଏକ ବଡ଼ ବ୍ୟବଧାନରେ ଗୁଜରାଟଠାରୁ ପରାସ୍ତ ହୋଇଛି। ଏହି ମ୍ୟାଚ୍ ଜରିଆରେ ସୟେଦ ତୁଫେଲ ଅହମଦ ତାଙ୍କର ଲିଷ୍ଟ-ଏ' କ୍ୟାରିୟର ଆରମ୍ଭ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥବା ଗୁଜରାଟକୁ ଆର୍ଯ୍ୟା ଦେଶାଇ (୫୪ ରନ୍, ୭ ଚୌକା ଓ ୧ ଛକା) ଓ ଉର୍ଭିଲ ପଟେଲ (୬୪ ରନ, ୮ ଚୌକା ଓ ୧ ଛକା) ୧୧୮ ରନ୍‌ର ଭଲ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ତୃତୀୟ କ୍ରମରେ ଆସିଥିବା ଆହାନ ପୋଦ୍ଦାର ୬୪(୫ ଚୌକା) ରନ୍ କରିଥିବା ବେଳେ ଅକ୍ଷର ପଟେଲ ସର୍ବାଧିକ ୭୩ (୮ ଚୌକା ଓ ୨ ଛକା) ଓ ସୌରଭ ଚୌହାନ ୪୪ (୭ ଚୌକା) ରନ୍ କରିଥିଲେ। ଗୁଜରାଟ ୫୦ ଓଭରରେ ୬ ଉଇକେଟ ହରାଇ ୩୩୩ ରନ୍ କରିଥିଲା। ଓଡ଼ିଶାର ଅଧିନାୟକ ବିପ୍ଳବ ସାମନ୍ତରାୟ ୨ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୮.୧ ଓଭରରେ ୧୦୦ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳର ୪ ଜଣଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଗୁଜରାଟ ପକ୍ଷରୁ ଅଧିନାୟକ ଚିନ୍ତନ ଗାଜା ସର୍ବାଧିକ ୬ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ: ୫୦ ଓଭରରେ ୩୩୩/୬(ଅକ୍ଷର ପଟେଲ-୭୩, ଉର୍ଭିଲ ପଟେଲ-୬୪, ଆହାନ ପୋଦ୍ଦାର-୬୪, ବିପ୍ଳବ ସାମନ୍ତରାୟ-୨/୩୩)। ଓଡ଼ିଶା: ୨୮.୧ ଓଭରରେ ୧୦୦/ଅଲଆଉଟ୍ (ବିପ୍ଳବ ସାମନ୍ତରାୟ-୨୨, ଚିନ୍ତନ ଗାଜା-୬/୩୧,ଜୟପଞ୍ଚାଭଟ୍ଟ-୨/୨୨)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ